Dharitri 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୪/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 14/2026 | Page 16 | ₹ 7.00

୫୨ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 108 | ମୂଲ୍ୟ ₹୭/-





**ଡୁପ୍ଲାଣ୍ଟିସ୍‌ଙ୍କ କୀର୍ତ୍ତିମାନ**

ସ୍ୱିଡିଶ୍ ପୋଲ୍ ଭଲ୍ଟର ଅର୍ମାଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ୍ ୬.୩୧ ମିଟର ଉଚ୍ଚତା କ୍ଲିଅର କରି ୧୫ ଥର ପାଇଁ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। **୧୬**

**୦୨** **ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଲେ ନୀନା**

୬୬ ବର୍ଷୀୟା ଅଭିନେତ୍ରୀ ନୀନା ଗୁପ୍ତା ଗର୍ଭବତୀ ଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। ଲୋକଙ୍କ ମାନସିକତାରୁ ଏଭଳି ଗୁଜବ ହୋଇଥିବା ସେ କହିଛନ୍ତି।






ଇରାନ୍ ପକ୍ଷରୁ ଶୁକ୍ରବାର କରାଯାଇଥିବା ମିଶାଇଲ୍ ମାଡ଼ରେ ଉତ୍ତର ଇସ୍ରାଏଲ୍‌ର ଜର୍‌ଜିର ସହରସ୍ଥିତ ଏକ କୋଠା ବିଧ୍ୱସ୍ତ ହୋଇଯାଇଥିବାବେଳେ ଉଦ୍ଧାରକାରୀ ଦଳ ନିରୀକ୍ଷଣ କରୁଛନ୍ତି। (ଫଟୋ: ଏ.ପି.)

# ୨% ଖସିଲା ପୁଞ୍ଜି ବଜାର

- **ସେନ୍‌ସେକ୍ସ ୧୪୭୦, ନିଫ୍ଟି ୪୮୮ ପଏଣ୍ଟ ହ୍ରାସ**
- **ସପ୍ତାହରେ ନିବେଶକ ହରାଇଲେ ୧୯ ଲକ୍ଷ କୋଟି ଟଙ୍କା**

**ପଶ୍ଚିମ ଏସିଆରେ ସଂଘର୍ଷ ବ୍ୟାପକ ହେବାରେ ଲାଗିଥିବାବେଳେ ବିଶ୍ୱ ଅର୍ଥନୀତିରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଭାରତରେ ମଧ୍ୟ ଆର୍ଥିକ ଅସ୍ଥିରତାର କାରଣ ହୋଇଛି। କ୍ରୁଡ୍ ମୂଲ୍ୟ ପୁଣି ଥରେ ୧୦୦ ଡଲାର ଅତିକ୍ରମ କରି ମୁଦ୍ରାସ୍ଫୀତିଜନିତ ଚାପ ସୃଷ୍ଟି କରିଛି। ଏଥିଯୋଗୁ ଭାରତୀୟ ବଜାରରେ ସେଲିଂ ପ୍ରେସର ବଢ଼ିବାରେ ଲାଗିଛି। ଇକ୍ୱିଟି ବେଞ୍ଚମାର୍କ ସେନ୍‌ସେକ୍ସ ଏବଂ ନିଫ୍ଟି୫୦ରେ କେବଳ ଶୁକ୍ରବାର ପ୍ରାୟ ୨% ହ୍ରାସ ପରିଲକ୍ଷିତ ହୋଇଛି। ନିବେଶକମାନେ ଏହି ଟ୍ରେଡିଂ ସେସନ୍‌ରେ ୯.୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଚଳିତ ସପ୍ତାହରେ ଇନ୍‌ଭେଷ୍ଟର୍ସ ୧୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିଲେଣି। ୪ ବର୍ଷ ମଧ୍ୟରେ ଏହା ସେନ୍‌ସେକ୍ସ ଏବଂ ନିଫ୍ଟିର ସବୁଠୁ ଖରାପ ପ୍ରଦର୍ଶନ ବୋଲି କୁହାଯାଉଛି। ଇତିମଧ୍ୟରେ ଟଙ୍କା ଆହୁରି ଦୁର୍ବଳ ହେବାରେ ଲାଗିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨.୪୫ରେ ପହଞ୍ଚିଛି। ଇରାନ୍ ସହ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଥମିବାର ଆଶା ଦିଶୁ ନ ଥିବାରୁ ଭାରତୀୟ ବଜାର ପାଇଁ ଆହୁରି ବଡ଼ ସଙ୍କଟ ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି।**

ମୁମ୍ବାଇ, ୧୩।୩(ପି.ଟି.)

ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇସ୍ରାଏଲ୍‌ର ଇରାନ୍ ବିରୋଧୀ ଯୁଦ୍ଧ ଶୁକ୍ରବାର ୧୪ତମ ଦିବସରେ ପହଞ୍ଚିଛି। ଯୁଦ୍ଧ ଘନଘଟା ଭାରତୀୟ ପୁଞ୍ଜି ବଜାରକୁ ଧରାଶାୟୀ କରିଦେଇଛି। ସେଲିଂ ପ୍ରେସର ବୃଦ୍ଧି, ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ଷ୍ଟକ୍ସ ବିକ୍ରି ସହ ପୁଞ୍ଜି ପ୍ରତ୍ୟାହାର, ଅଶୋଧିତ ତୈଳ ଦର ବୃଦ୍ଧି ଓ ଟଙ୍କାର ଅବମୂଲ୍ୟାୟନ ନିବେଶକଙ୍କ ସେଣ୍ଟିମେଣ୍ଟ (ଭାବାବେଗ)ରେ କ୍ଷତ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ଭାରତର ସବୁଠୁ ବଡ଼ ୩୦ କମ୍ପାନୀର ବାସ୍କେଟ ବିଏସ୍‌ଇ ସେନ୍‌ସେକ୍ସ ଶୁକ୍ରବାର ୧.୯୩% ଅର୍ଥାତ୍ ୧୪୭୦ ପଏଣ୍ଟ ହ୍ରାସ ପାଇ ୭୪,୫୬୩କୁ ଖସିଛି। ଏହି ସେସନ୍‌ରେ ସେନ୍‌ସେକ୍ସ ୧୫୭୯.୮୨ ପଏଣ୍ଟ (୨%) ପର୍ଯ୍ୟନ୍ତ

**୧ ଡଲାର=୯୨.୪୫ ଟଙ୍କା**

ଖସିଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ ନଗଣ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ମୋଟ ୩,୩୪୮ ଷ୍ଟକ୍ସ ନିମ୍ନଗାମୀ ହୋଇଥିବାବେଳେ ୯୪୧ରେ ଅଗ୍ରଗତି ଦେଖାଯାଇଛି। ବିଏସ୍‌ଇର ୧୩୨ ଷ୍ଟକ୍ସ ଅପରିବର୍ତ୍ତିତ ରହିଛି। ସେହିପରି ୫୦ ବୃହତ୍ କମ୍ପାନୀର ଶେୟାର ନିଫ୍ଟି୫୦ ମଧ୍ୟ ୪୮୮ ପଏଣ୍ଟ ବା ୨.୦୬% ହ୍ରାସ ପାଇ ୨୩,୧୫୧କୁ ଖସିଛି।

ବଜାର ଏଭଳି ନିମ୍ନଗାମୀ ହେବା ପଛରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ମୁଖ୍ୟତଃ ଦାୟୀ କରାଯାଉଛି। ଯୁଦ୍ଧ ଉତ୍ତେଜନା ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନକାରୀ ଜାହାଜଗୁଡ଼ିକ ଭାରତ ପହଞ୍ଚିବାରେ ବାଧା ଉପୁଜିଥିବାରୁ ଦେଶରେ ନାହିଁ ନ ଥିବା ସ୍ଥିତି ଉପୁଜିଛି। ବିଶ୍ୱ ତୈଳ ବଜାରରେ କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୧୦୧ ଡଲାର ଟପିଛି। ଭାରତ ଭଳି ଶକ୍ତି ଆମଦାନୀକାରୀ ଅର୍ଥନୀତି ପାଇଁ ଘରୋଇ ବଜାର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଥିବା ଲାଇଭ୍ ଲଙ୍ଗ୍ ୱେଲ୍‌ଥ ପ୍ରତିଷ୍ଠାତା ତଥା ରିସର୍ଚ୍ଚ ଆନାଲିଷ୍ଟ ☞ପୃଷ୍ଠା-୪

# ମୋଜତବାଙ୍କୁ ଧରାଇଦେଲେ ୧୦ ନିୟୁତ ଡଲାର

ୱାଶିଂଟନ୍, ୧୩।୩

ଇରାନ୍‌ର ନୂଆ ସୁପ୍ରିମ ଲିଡର ମୋଜତବା ଖାମେନେଇ ଓ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର ବରିଷ୍ଠ



ମୋଜତବା ଖାମେନେଇ

ନେତାମାନଙ୍କ ସମ୍ପର୍କରେ ସୂଚନା ଦେଲେ ସମ୍ପୃକ୍ତ ସୂଚନାଦାତାଙ୍କୁ ଆମେରିକା ୧୦ ନିୟୁତ ଡଲାର (ପ୍ରାୟ ୯୨,୪୭,୪୮,୦୦୦ ଟଙ୍କା) ପୁରସ୍କାର ଦେବ। ଆମେରିକା ନ୍ୟାୟ

**ପୁରସ୍କାର ଘୋଷଣା କଲା ଆମେରିକା**

ଷ୍ଟେଟ୍ ଡିପାର୍ଟମେଣ୍ଟର ରିୱାର୍ଡ୍ସ ଫର୍ ଜଷ୍ଟିସ୍ ପ୍ରୋଗ୍ରାମ ଅଧୀନରେ ଏହି ଅର୍ଥରାଶି ପ୍ରଦାନ କରାଯିବ ବୋଲି ଶୁକ୍ରବାର ଘୋଷଣା କରାଯାଇଛି। ଏହି ବ୍ୟକ୍ତିମାନେ ଆଇଆର୍‌ଜିସିର ବିଭିନ୍ନ ତତ୍ତ୍ୱଙ୍କୁ ପ୍ରତ୍ୟକ୍ଷ ଭାବେ ନିୟନ୍ତ୍ରଣ କରିବା ସହ ନିର୍ଦ୍ଦେଶ ଦେଇଥାନ୍ତି, ଯେଉଁମାନେ କି ସାରା ବିଶ୍ୱରେ ଆତଙ୍କବାଦୀ କାର୍ଯ୍ୟକଳାପର ଯୋଜନା, ଆୟୋଜନ ଓ ସମ୍ପାଦନ କରିଥାନ୍ତି ବୋଲି କୂଟନୈତିକ ନିରାପତ୍ତା ସେବା ଅଧୀନରେ ପରିଚାଳିତ ରିୱାର୍ଡ୍ସ ଫର୍ ଜଷ୍ଟିସ୍ ପ୍ରୋଗ୍ରାମ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏଥିରେ ମୋଜତବାଙ୍କ ସହ ସୁପ୍ରିମ ଲିଡରଙ୍କ ☞ପୃଷ୍ଠା-୪

# ଫଙ୍ଗୋଲରେ ଡବଲ ମର୍ଡର

**ସମ୍ପତ୍ତି ଲୋଭ: ମା', ଭାଇଙ୍କୁ ହତ୍ୟା**

ନିଶ୍ଚିନ୍ତକୋଇଲି, ୧୩।୩
(ଅଶୋକ କୁମାର ମହାପାତ୍ର)

ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଫଙ୍ଗୋଲ ଗ୍ରାମରେ ଶୁକ୍ରବାର ଡବଲ ମର୍ଡର ଘଟିଛି। ଜଣେ ବ୍ୟକ୍ତି ନିଜ ମା' ଓ ବଡ଼ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକମାନେ ହେଲେ କୁଲସୁନ ବିବି (୮୦) ଓ ତାଙ୍କ ବଡ଼ ପୁଅ ସେକ୍ ସମ୍‌ସେର(୫୦)। ଅଭିଯୁକ୍ତ ହେଲେ କୁଲସୁନଙ୍କ ସାନ ପୁଅ ସେକ୍ ପପୁ(୩୫)। ଖବରପାଇ ସାଲେପୁର ଆଇଆଇସି ମହେଶ୍ୱର ବେହେରା ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ପପୁଙ୍କୁ ଗିରଫ କରିଛନ୍ତି। ଏଥିସହ ପୋଲିସ ପପୁଙ୍କ ଜଣେ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଗ୍ୟାସ୍ ସିଲିଣ୍ଡର ଓ କୋଦାଳକୁ ପୋଲିସ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି। ପରେ କୁଲସୁନ ଓ ସମ୍‌ସେରଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏ ସମ୍ପର୍କରେ ମୃତ ସମ୍‌ସେର୍‌ଙ୍କ ପୁଅ ସେକ୍ ସାଜନ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୫୭/୨୦୨୬) ରୁଜୁକରିଛି।

ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେଲା ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଦୁଇ ଭାଇ ସମ୍‌ସେର ଓ ପପୁଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଶୁକ୍ରବାର ରମଜାନ ମାସ ଯୋଗୁ ଗାଁ ଲୋକେ ନିଜନିଜ ଘରେ ଥିଲେ। ଏହି ସମୟରେ ୨ ଭାଇଙ୍କ ମଧ୍ୟରେ ନୂତନ ଗୃହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ରାଲିରେ ବୈଷୟିକ ତ୍ରୁଟି

# ଏକ ମାସର ଶିଶୁକନ୍ୟା ପାଇଲେ ନୂତନ ଜୀବନ

**ଶିଶୁଭବନରେ ବିରଳ ଅସ୍ତ୍ରୋପଚାର**

କଟକ, ୧୩।୩ (ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଶିଶୁର ଶରୀରରୁ ସାକ୍ରୋକକ୍ସିଜିଆଲ ଟେରାଟୋମା ନାମକ ଟ୍ୟୁମର ଅସ୍ତ୍ରୋପଚାର କରାଯାଇ ବାହାର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଶିଶୁର ସଫଳ ଅସ୍ତ୍ରୋପଚାର କରାଯାଇଛି। ଶିଶୁ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ପରେ ଶୁକ୍ରବାର ଅପରାହ୍ନରେ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଡାଲଡ଼ିହି ଅଞ୍ଚଳର ନାରୀ ଦେଉରୀଙ୍କ ଏକ ମାସର ଶିଶୁ କନ୍ୟା ଜନ୍ମରୁ ମେରୁଦଣ୍ଡ ତଳ ପାର୍ଶ୍ୱରୁ ଗୋଡ଼ ଆକୃତିର ମାଂସ ପିଣ୍ଡୁଳା ବାହାରିଥିଲା। ଫଳରେ ଶିଶୁ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ତାଙ୍କୁ ପ୍ରଥମେ ☞ପୃଷ୍ଠା-୪







**ପାକିସ୍ତାନୀ ସାମରିକ କେନ୍ଦ୍ରରେ ଆଫଗାନିସ୍ତାନର ଆକ୍ରମଣ**

ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ୍ ଯୁଦ୍ଧ ଜୋର୍‌ଦାର ହୋଇଥିବାବେଳେ ଏହାର ପୂର୍ବଭାଗରେ ଆଉ ଏକ ଯୁଦ୍ଧ ମୁଣ୍ଡ ଟେକୁଛି। ପାକିସ୍ତାନ ଗୁରୁବାର ଆଫଗାନିସ୍ତାନରେ ପଶି ଏୟାରଷ୍ଟ୍ରାଇକ୍ କରିଥିବାବେଳେ ଏହାର ଜବାବରେ ଆଫଗାନିସ୍ତାନ ପାକିସ୍ତାନୀ ସାମରିକ କେନ୍ଦ୍ରକୁ ଟାର୍ଗେଟ କରିଥିବା ତାଲିବାନ ସରକାରଙ୍କ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଏହି ଆକ୍ରମଣରେ ପାକିସ୍ତାନ ସେନାର ବ୍ୟାପକ ମାନବୀୟ ଓ ଭୌତିକ କ୍ଷତି ଘଟିଛି।



ପଶ୍ଚିମ ଏସିଆ ଯୁଦ୍ଧ ଚାଲିଥିବାବେଳେ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇ ଜମ୍ମୁ-କଶ୍ମୀରର ବଡଗାମ୍ ଜିଲା ଅନ୍ତର୍ଗତ ମାଗାମ୍‌ଠାରେ ମହିଳାମାନେ ଶୁକ୍ରବାର ୟୋଉମ୍-ଇ-କୁଡ୍‌ସ ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ସିଇସିଙ୍କ ବହିଷ୍କାର ଦାବିରେ ନୋଟିସ ଦେଲେ ବିରୋଧୀ

**ନୂଆଦିଲ୍ଲୀ, ୧୩।୩**

**ଜ୍ଞାନେଶ କୁମାରଙ୍କ ବିରୋଧରେ ୭ ଅଭିଯୋଗ**



ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଦାବିରେ ବିରୋଧୀ ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟର ଉଭୟ ଗୃହରେ ନୋଟିସ ଦାଖଲ କରିଛନ୍ତି। ଉକ୍ତ ନୋଟିସରେ ଲୋକ ସଭାର ୧୩୦ ଏବଂ ରାଜ୍ୟ ସଭାର ୬୩ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଣ୍ଡିଆ ବ୍ଲକ୍‌ର ସବୁ ସହଯୋଗୀ ଦଳର ଏମ୍‌ପିଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି ସାଂସଦ ରହିଛନ୍ତି। କେତେଜଣ ସ୍ୱାଧୀନ ଏମ୍‌ପି ନୋଟିସରେ ସ୍ୱାକ୍ଷର କରିଥିବାବେଳେ ଅନ୍ୟ କେତେଜଣ ଏହି ପ୍ରକ୍ରିୟାର ଭାଗନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପଦବୀରେ ଥିବା ଜଣେ ସିଇସିଙ୍କୁ ବହିଷ୍କାର କରିବା ଲାଗି ପାର୍ଲାମେଣ୍ଟରେ ନୋଟିସ ଅଣାଯିବା ଏହା ପ୍ରଥମ ଘଟଣା।

ସୂତ୍ର ଅନୁଯାୟୀ, ୧୦ ପୃଷ୍ଠାର ନୋଟିସରେ ସିଇସିଙ୍କ ବିରୋଧରେ ପକ୍ଷପାତ ଓ ଭେଦଭାବପୂର୍ଣ୍ଣ ଆଚରଣ, ଇଲେକ୍ଟୋରାଲ ପାଣ୍ଠି ତଦନ୍ତରେ ଜାଣିଶୁଣି ପ୍ରତିବନ୍ଧକ ସୃଷ୍ଟି କରିବା ଏବଂ ବହୁସଂଖ୍ୟାରେ ଲୋକଙ୍କୁ ମତାଧିକାରରୁ ବଞ୍ଚିତ କରିବା ଆଦି ୭ଟି ଅଭିଯୋଗ ରଖାଯାଇଛି। ବିଭିନ୍ନ ସମୟରେ ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ସିଇସି ଶାସକ ଭାଜପାକୁ ସହାୟତା କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପରିଚାଳନାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନିର୍ବାଚନ କମିଶନ ବାସ୍ତବ ଭୋଟରମାନଙ୍କ ନାମ ତାଲିକାରୁ କାଟିଦେଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।

# ଏଲ୍‌ପିଜି ସଙ୍କଟ: ପାର୍ଲାମେଣ୍ଟରେ ବିକ୍ଷୋଭ

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

ଏଲ୍‌ପିଜି ସଙ୍କଟକୁ ନେଇ ବିରୋଧୀ ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ପୁରୀଙ୍କଠାରୁ ଜବାବ ମାଗିଛନ୍ତି। ପ୍ରଥମେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିମାନେ ସଂସଦ ଭବନ ବାହାରେ ପୋଷ୍ଟର ଧରି ଓ ଏଲ୍‌ପିଜି ସଙ୍କଟ ସ୍ଲୋଗାନ ଦେଇ ବିକ୍ଷୋଭ ଆରମ୍ଭ କରିଥିବାବେଳେ ଗ୍ୟାସ୍ ସିଲିଣ୍ଡର ଯାଉଛି କୁଆଡ଼େ ବୋଲି ପ୍ରଶ୍ନ କରିଥିଲେ। ବିକ୍ଷୋଭରେ କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକର ସାଂସଦମାନେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଗ୍ୟାସ୍ ସିଲିଣ୍ଡର ନେଇ ଉଭାନ ହୋଇଯାଇଥିବା ଓ ଆତ୍ମସମର୍ପଣ କରିଥିବା ସେମାନେ ଅଭିଯୋଗ କରିଥିଲେ।

ଦେଶର ବିଭିନ୍ନ ଭାଗରେ ଏଲ୍‌ପିଜି ଅଭାବ ଅଭିଯୋଗ ହେଉଥିବାବେଳେ ଏହାର ସମାଧାନ ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେବାକୁ ବିରୋଧୀ ଦାବି କରିଥିଲେ। ଅନ୍ୟପକ୍ଷରେ ଶାସକ ମେଣ୍ଟର ନେତାମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମର୍ଥନ ଦେବା ସହ ଏଲ୍‌ପିଜି ପ୍ରସଙ୍ଗରେ ବିରୋଧୀ ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଛନ୍ତି।

ରନ୍ଧନ ଗ୍ୟାସ୍‌ର ଅତ୍ୟଧିକ ଅଭାବ ଦେଖାଦେଇଥିବାରୁ ଲୋକେ ଆତଙ୍କିତ ବୋଲି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗର ମୁଖ୍ୟ ଡିଷ୍ଟ୍ରିବ୍ୟୁଟରଙ୍କ ସିଷ୍ଟମ୍ କ୍ରାସ୍ ଯୋଗୁ ଏଲ୍‌ପିଜି ବୁକିଂ ହୋଇପାରୁ ନାହିଁ। ଶତାଧିକ ଲୋକ ସିଲିଣ୍ଡର ବୁକିଂ ପାଇଁ ଧାଡ଼ିରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷାରେ ରହୁଛନ୍ତି। ସେପଟେ ଏଲ୍‌ପିଜିର ଅଭାବ ନାହିଁ, ଅଢ଼େଇ ଦିନ ମଧ୍ୟରେ ସିଲିଣ୍ଡର ମିଳିଯିବ ବୋଲି ସରକାର ପ୍ରତିଶ୍ରୁତି ଦେଉଛନ୍ତି। ତେବେ ବୁକିଂର ଅଢ଼େଇ ଦିନ ପରେ ଲୋକେ ସିଲିଣ୍ଡର ପାଉଛନ୍ତି କି ନାହିଁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନେ ଯାଇ ତଦାରଖ କରନ୍ତୁ ବୋଲି ମହୁଆ ଚ୍ୟାଲେଞ୍ଜ କରିଛନ୍ତି। ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ କରିବା ସହ ଏଲ୍‌ପିଜି ପାଇବାର ୨୫ ଦିନ ପରେ ଆଉ ଏକ ସିଲିଣ୍ଡର ବୁକ୍ କରାଯାଇପାରିବ ବୋଲି କହୁଛନ୍ତି। ଏସବୁ ମିଛ। ପ୍ରଧାନମନ୍ତ୍ରୀ ଗତ ୫ ଦିନ ହେଲା ପାର୍ଲାମେଣ୍ଟକୁ ଆସୁନାହାନ୍ତି। ଏହା ବଦଳରେ ସେ ଭୋଟ ପ୍ରଚାର ପାଇଁ ନିର୍ବାଚନ ମେଶିନ୍ ପାଲଟିଛନ୍ତି, ଯାହାକି ଲଜ୍ଜାର ବିଷୟ ବୋଲି ମହୁଆ କହିଛନ୍ତି।

ପଶ୍ଚିମ ଏସିଆ ସଙ୍କଟ ଓ ଭାରତ ଉପରେ ଏହାର ପ୍ରଭାବ ପ୍ରସଙ୍ଗରେ ସବିଶେଷ ଆଲୋଚନା ପାଇଁ ବିରୋଧୀ ଦାବିକରି ଆସୁଛନ୍ତି। ଲୋକେ ଭୟଭୀତ ହୁଅନ୍ତୁ ନାହିଁ, ସର୍ବସାଧାରଣ ସ୍ୱାର୍ଥର ସୁରକ୍ଷା ହେବ ବୋଲି ପ୍ରଧାନମନ୍ତ୍ରୀ ବୁଧବାର ପ୍ରତିଶ୍ରୁତି ଦେଇଥିଲେ। ଏଲ୍‌ପିଜି ସଙ୍କଟର ସମାଧାନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ବ୍ୟବସାୟିକ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଦେଶର ହୋଟେଲ ସେକ୍ଟର ପଙ୍ଗୁ ହୋଇଯାଇଥିବା ବିରୋଧୀ ଏମ୍‌ପିମାନେ ଅଭିଯୋଗ କରିଛନ୍ତି।




ଏଲ୍‌ପିଜି ସଙ୍କଟକୁ ନେଇ ପାର୍ଲାମେଣ୍ଟ ପରିସରରେ ଶୁକ୍ରବାର ଟିଏମ୍‌ସି ଏମ୍‌ପି ଜୁନ୍ ମାଲିଆ, ଦୋଲ ସେନ୍, ମହୁଆ ମୋଇତ୍ର, ସାଗରିକା ଘୋଷ, ଏନ୍‌ସିପି (ଏସ୍‌ପି)ର ସୁପ୍ରିୟା ସୁଲେ ଏବଂ ଅନ୍ୟ ବିରୋଧୀ ଏମ୍‌ପିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍: ଭାରତୀୟ ଜାହାଜକୁ ଅନୁମତି ଦେଇନି ଇରାନ

**ତେହରାନ/ନୂଆଦିଲ୍ଲୀ, ୧୩।୩**

ଇରାନ୍ ଉପକୂଳର ହର୍ମୁଜ୍ ଷ୍ଟ୍ରେଟ୍ (ସଙ୍କୀର୍ଣ୍ଣ ସାମୁଦ୍ରିକ ପଥ)କୁ ତେହରାନ୍ ବନ୍ଦ କରିଦେଇଥିବାବେଳେ ବିଶ୍ୱର ବିଭିନ୍ନ ଭାଗକୁ ଉପସାଗରୀୟ ଦେଶଗୁଡ଼ିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ଏବେ ସାରା ବିଶ୍ୱରେ ତୈଳ ସଙ୍କଟ ଘନେଇଛି। ଉକ୍ତ ଷ୍ଟ୍ରେଟ୍ ଦେଇ ଭାରତୀୟ ଜାହାଜଗୁଡ଼ିକୁ ଇରାନ ଛାଡ଼ିବ ବୋଲି ଗୁରୁବାର ଭାରତ ସରକାରଙ୍କ ସୂତ୍ରରୁ କୁହାଯାଇଥିଲା। ତେବେ ଦେଶ ବାହାରେ ଥିବା ଇରାନୀୟ ସୂତ୍ର ଏହାକୁ ଖଣ୍ଡନ କରିଛି। ଏପରି କିଛି ଚୁକ୍ତି ହୋଇ ନ ଥିବା ତେହରାନ ପକ୍ଷରୁ କୁହାଯାଇଥିବା ରଏଟର୍ସ ପ୍ରକାଶ କରିଛି। ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ଜାହାଜକୁ ପ୍ରବେଶ ଅନୁମତି ଦେବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଇରାନ ସହ କଥାବାର୍ତ୍ତା ଚଳାଇଥିବା ବ୍ଲୁମ୍‌ବର୍ଗରେ ପ୍ରକାଶ ପାଇଥିଲା। ୨ ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଇତିମଧ୍ୟରେ ୩ ଥର ଆଲୋଚନା କଲେଣି। ଏହା ସତ୍ତ୍ୱେ ଭାରତୀୟ ଜାହାଜକୁ ପ୍ରବେଶ ଅନୁମତି ସମ୍ପର୍କରେ ଏବେ କିଛି କହିବା ଉଚିତ ହେବ ନାହିଁ ବୋଲି ବହିର୍ବ୍ୟାପାର ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର ଖବରଦାତା ସମ୍ମିଳନୀରେ କହିଥିଲେ। ସାଉଦି ଆରବରୁ ଆସିଥିବା ତୈଳବାହୀ ଜାହାଜ 'ସେନ୍‌ଲଙ୍ଗ୍ ସୁଏଜମାକ୍ସ' ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବୁଧବାର ମୁମ୍ବାଇରେ ପହଞ୍ଚିଥିଲା। ଏହି ଜାହାଜଟି ଡାର୍କ ମୋଡ୍‌ରେ ହର୍ମୁଜ୍ ଷ୍ଟ୍ରେଟ୍ ଅତିକ୍ରମ କରିଥିଲା। ଏହାଦ୍ୱାରା ଜାହାଜର ପରିଚୟ ଏବଂ ଅବସ୍ଥିତିକୁ ଗୋପନୀୟ ରଖାଯାଇପାରିଥିଲା।

ଇତିମଧ୍ୟରେ ଭାରତ ଅଭିମୁଖେ ଆସୁଥିବା ଏକ ଏଲ୍‌ପିଜି ଟ୍ୟାଙ୍କର ଶୁକ୍ରବାର ଅପରାହ୍ନରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଥିବା ସମ୍ପର୍କିତ ଖବର କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହାର ସତ୍ୟାସତ୍ୟ ଜଣାପଡ଼ିନାହିଁ। ପ୍ରକାଶିତ ରିପୋର୍ଟ ଅନୁସାରେ ଏଲ୍‌ପିଜି ଟ୍ୟାଙ୍କର ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ଆସୁଥିବାବେଳେ କ୍ରୁଡ୍ ଅଏଲ୍ ପରିବହନକାରୀ ସାଉଦି ଆରବର ଅନ୍ୟ ଏକ ଜାହାଜ ଶନିବାର ଭାରତରେ ପହଞ୍ଚିପାରେ। ଉକ୍ତ ଜାହାଜ ମାର୍ଚ୍ଚ ୧ରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଥିବା ଲୟଡ୍ ଲିଷ୍ଟ ଇଣ୍ଟେଲିଜେନ୍ସର ଶିପ୍ ଟ୍ରାକିଂ ତଥ୍ୟରୁ ଜଣାପଡ଼ିଥିବା ଏଥିରେ ଉଲ୍ଲେଖ କରାଯାଇଛି।

# ଖସିଲା ଫରେକ୍ସ ରିଜର୍ଭ

**ମୁମ୍ବାଇ, ୧୩।୩(ପି.ଟି.)**

ଭାରତର ବିଦେଶୀ ମୁଦ୍ରା ପାଣ୍ଠି ୭୧୬.୮୧୦ ବିଲିୟନ୍ ଆମେରିକୀୟ ଡଲାରକୁ ଖସିଛି। ମାର୍ଚ୍ଚ ୬ରେ ଶେଷ ହୋଇଥିବା ସପ୍ତାହରେ ଫରେକ୍ସ ରିଜର୍ଭରେ ୧୧.୬୮୩ ବିଲିୟନ୍ ଡଲାର ହ୍ରାସ ଘଟିଛି। ଏହା ପୂର୍ବ ସପ୍ତାହରେ ଦେଶର ଫରେକ୍ସ ରିଜର୍ଭରେ ୪.୮୮୫ ବିଲିୟନ୍ ଡଲାର ବୃଦ୍ଧି ପାଇ ସର୍ବକାଳୀନ ରେକର୍ଡ ୭୨୮.୪୯୪ ବିଲିୟନ୍ ଡଲାରକୁ ଛୁଇଁଥିଲା। ପରେ ଫରେକ୍ସ ରିଜର୍ଭରେ ଏପରି ଉଣା ଦେଖିବାକୁ ମିଳିଥିବା ଆର୍‌ବିଆଇ ତଥ୍ୟରୁ ଜଣାପଡ଼ିଛି।

# ରୁଷୀୟ ତୈଳ କ୍ରୟ ପାଇଁ ଅନ୍ୟ ଦେଶକୁ ଅନୁମତି

**ୱାଶିଂଟନ, ୧୩।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ତୈଳ ଦର ବଢ଼ିଚାଲିଥିବାବେଳେ ସାମ୍ପ୍ରତିକ ସ୍ଥିତିରେ ସମୁଦ୍ରରେ ଅଟକି ରହିଥିବା ରୁଷୀୟ ତୈଳ କିଣିବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଅନ୍ୟ ଦେଶଗୁଡ଼ିକୁ ସାମୟିକ ଅନୁମତି ଦେଇଛନ୍ତି। ଇରାନ ଯୁଦ୍ଧ ତୁରନ୍ତ ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉ ନାହିଁ। ତେଣୁ ତୈଳ ଦରକୁ ସୀମିତ ରଖିବା ପାଇଁ ଆମେରିକା ଭାରତକୁ ପୂର୍ବରୁ ରୁଷୀୟ ତୈଳ କିଣିବା ପାଇଁ ଅନୁମତି ଦେଇଥିଲା। ବିଶ୍ୱ ଇନ୍ଧନ ବଜାରରେ ସ୍ଥିରତା ରକ୍ଷା କରିବା ପାଇଁ ଆମେରିକା ରାଷ୍ଟ୍ରପତି ନିର୍ଣ୍ଣାୟକ ପଦକ୍ଷେପ ନେଉଥିବା ଏହାର ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି। ଗତ ୫ ତାରିଖରେ ଆମେରିକା ଭାରତକୁ ରୁଷିଆରୁ ତୈଳ କିଣିବା ପାଇଁ ୩୦ ଦିନିଆ ଅନୁମତି ପ୍ରଦାନ କରିଥିଲା। ସାରା ବିଶ୍ୱକୁ ତୈଳ ଯୋଗାଣ ବଢ଼ାଇବା ନିମନ୍ତେ ଆମେରିକା ଟ୍ରେଜେରି ଅନ୍ୟ ଦେଶଗୁଡ଼ିକୁ ରୁଷିଆରୁ ତେଲ କିଣିବା ପାଇଁ ଅନୁମତି ପ୍ରଦାନ କରିଥିବା ବେସେଣ୍ଟ କହିଛନ୍ତି।

# ଓମାନରେ ଆକ୍ରମଣ: ୨ ଭାରତୀୟ ମୃତ

**ନୂଆଦିଲ୍ଲୀ, ୧୩।୩**

ଓମାନ୍ ଶିଳ୍ପାଞ୍ଚଳରେ ଶୁକ୍ରବାର ଡ୍ରୋନ୍ ଆକ୍ରମଣରେ ୨ ଭାରତୀୟ ନିହତ ଓ ୧୦ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଫେବୃଆରୀ ୨୮ରେ ଇରାନ୍-ଆମେରିକା ଯୁଦ୍ଧ ଆରମ୍ଭ ହେବାଠାରୁ ପଶ୍ଚିମ ଏସୀୟ ଦେଶରେ ଭାରତୀୟଙ୍କ ମୃତ୍ୟୁ ଏହା ପ୍ରଥମ ଘଟଣା। ସୋହାର ସହରର ଅଲ୍ ଅୱାହି ଶିଳ୍ପାଞ୍ଚଳରେ ଡ୍ରୋନ୍ ଆକ୍ରମଣ ହୋଇଥିଲା।

# ନିରନ୍ତର ଏଲ୍‌ପିଜି ଯୋଗାଣ ପ୍ରତିଶ୍ରୁତି ଦେଲା କେନ୍ଦ୍ର

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

ଏଲ୍‌ପିଜି ବୁକିଂକୁ ନେଇ ଭୟ କରିବା ଆବଶ୍ୟକ ନାହିଁ। ପରିବାରଗୁଡ଼ିକୁ ନିରନ୍ତର ଏଲ୍‌ପିଜି ଯୋଗାଣ ସୁନିଶ୍ଚିତ କରାଯାଇଛି ବୋଲି କେନ୍ଦ୍ର ସରକାର ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଗଣମାଧ୍ୟମକୁ କହିଛନ୍ତି, ଏଲ୍‌ପିଜିର ଘରୋଇ ଉତ୍ପାଦନ ଗତ ୫ ତାରିଖରୁ ୩୦ ପ୍ରତିଶତ ବଢ଼ାଯାଇଛି। ତେଣୁ ବୁକିଂକୁ ନେଇ ଭୟ କରିବାର କାରଣ ନାହିଁ। କୌଣସି ଏଲ୍‌ପିଜି ଡିଲରଙ୍କ ପାଖରେ ରନ୍ଧନ ଗ୍ୟାସ୍ ସଙ୍କଟ ହୋଇନାହିଁ ବୋଲି ଶର୍ମା କହିଛନ୍ତି।

ଯୁଦ୍ଧ ପୂର୍ବରୁ ହାରାହାରି ଏଲ୍‌ପିଜି ବୁକିଂ ୫୫.୭ ଲକ୍ଷ ଥିବାବେଳେ ଏବେ ତାହା ୭୫.୭ ଲକ୍ଷକୁ ବୃଦ୍ଧି ପାଇଥିବାରୁ ଲୋକେ ଭୟଭୀତ ଥିବା ସ୍ପଷ୍ଟ ହେଉଛି। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଇରାନ ଇନ୍ଧନ ପରିବହନର ଗୁରୁତ୍ୱପୂର୍ଣ୍ଣ ପଥ ହର୍ମୁଜ୍ ଷ୍ଟ୍ରେଟ୍‌କୁ ଅବରୋଧ କରିଥିବାରୁ ଅଶୋଧିତ ତୈଳ ଓ ପେଟ୍ରୋଲିୟମ୍ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଭାରତ ଆବଶ୍ୟକତାର ୮୮ ପ୍ରତିଶତ ଅଶୋଧିତ ତୈଳ, ୫୦ ପ୍ରତିଶତ ଏଲ୍‌ଏନ୍‌ଜି ଏବଂ ୬୦ ପ୍ରତିଶତ ଏଲ୍‌ପିଜି ଆମଦାନୀ କରୁଥିବାବେଳେ ଏହାର ଅଧିକାଂଶ ଭାଗ ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଆସିଥାଏ।

# ଇରାକ୍‌ରେ ଖସିଲା ଆମେରିକା ବିମାନ: ୬ ମୃତ

**ଦୁବାଇ, ୧୩।୩(ଏ.ପି.)**

ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାର ସାମରିକ ବିମାନଗୁଡ଼ିକୁ ତୈଳ ଯୋଗାଉଥିବା ଏକ କେସି-୧୩୫ ଏୟାରକ୍ରାଫ୍ଟ ପଶ୍ଚିମ ଇରାକ୍‌ରେ ଖସିପଡ଼ିଛି। ବିମାନରେ ନିଆଁ ଲାଗିଯିବାରୁ ସେଥିରେ ଥିବା ସମସ୍ତ ୬ କ୍ରିଉ ମେମ୍ବର ପ୍ରାଣ ହରାଇଛନ୍ତି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ନଜର ରଖିଥିବା ଆମେରିକାର ସେଣ୍ଟ୍ରାଲ କମାଣ୍ଡ୍ ପକ୍ଷରୁ ଶୁକ୍ରବାର ଜାରି ଏକ ବିବୃତିରେ କୁହାଯାଇଛି, ଆକାଶରେ ଗୋଟିଏ ବିମାନରେ କେସି-୧୩୫ ଏୟାରକ୍ରାଫ୍ଟ ତୈଳ ଭର୍ତ୍ତି କରୁଥିବାବେଳେ ଏହା ଖସିପଡ଼ିଥିଲା। ଏହି ଅଘଟଣର କାରଣ ସ୍ପଷ୍ଟ ହୋଇନାହିଁ। ଏପରି କାହିଁକି ଘଟିଲା ସେନେଇ ତଦନ୍ତ ଚାଲିଛି। ତେବେ ଶତ୍ରୁପକ୍ଷର ଆକ୍ରମଣ ଯୋଗୁ ଏହା ଖସିପଡ଼ିନାହିଁ। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଆମେରିକୀୟ ବିମାନ ଖସିବାରେ ଏହା ହେଉଛି ଚତୁର୍ଥ ଘଟଣା। ଅନ୍ୟପକ୍ଷେ ତୈଳ ଭର୍ତ୍ତି କରାଯାଇଥିବା ଅନ୍ୟ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିବା ଆମେରିକା ବାୟୁସେନା ସ୍ପଷ୍ଟ କରିଛି। କେସି-୧୩୫ ଷ୍ଟ୍ରାଟୋଟ୍ୟାଙ୍କର ହେଉଛି ଆମେରିକା ବାୟୁସେନାର ଏକ ଏୟାରକ୍ରାଫ୍ଟ, ଯାହାକି ଆକାଶରେ ଅନ୍ୟ ଦୂରଗାମୀ ବିମାନଗୁଡ଼ିକୁ ତୈଳ ଯୋଗାଇଥାଏ। ଏପରି କି ଯୁଦ୍ଧ ସମୟରେ ଆହତ ସୈନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରି ଆମେରିକାକୁ ନେବା ସହ ସର୍ଭିଲାନ୍ସ ମିଶନରେ ନିୟୋଜିତ ହୋଇଥାଏ। ବୋଇଂ ୭୦୭ ବିମାନଟି ୬୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଆମେରିକା ବାୟୁସେନାରେ କାର୍ଯ୍ୟରତ ଥିଲା। ୧୯୬୦ ଦଶକରେ ଏହାର ଶେଷ ବିମାନ ନିର୍ମାଣ କରାଯାଇଥିଲା ବୋଲି ଦକ୍ଷିଣ କୋରିଆର ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପଲିସି ଷ୍ଟଡିଜ୍‌ର ସୁରକ୍ଷା ବିଶେଷଜ୍ଞ ୟାଙ୍ଗ୍ ଉକ୍ ସୂଚନା ଦେଇଛନ୍ତି।



ପ୍ରତୀକାତ୍ମକ ଫଟୋ- ସୌଜନ୍ୟ ରଏଟର୍ସ।

# ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଲେ ନୀନା




**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ଆଜିକାଲି ଚର୍ଚ୍ଚାରେ ଅଛନ୍ତି। କେହି କେହି କହୁଛନ୍ତି ସେ କୁଆଡ଼େ ଗର୍ଭବତୀ ଅଛନ୍ତି। ଏସବୁ ଚର୍ଚ୍ଚା ମଧ୍ୟରେ ନୀନା ମୁହଁ ଖୋଲିଛନ୍ତି। ଏତିକି ଶୁଣିବା ବାକି ଥିଲା। ଏଥିରୁ ଆମ ସମାଜର ପ୍ରଗତି କେଉଁଆଡ଼କୁ ଯାଉଛି ତାହା ଜଣାପଡୁଛି। କିଛି ଦିନ ପୂର୍ବରୁ ନୀନା ହାଇଦ୍ରାବାଦରେ ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡାଙ୍କ ଦ୍ୱାରା ଆୟୋଜିତ ବିବାହ ରିସେପଶନରେ ଯୋଗ ଦେଇଥିଲେ। ଏହାର କିଛି ସମୟ ପରେ ଇଣ୍ଟରନେଟରେ ଖବର ପ୍ରସାରିତ ହେବା ଆରମ୍ଭ ହେଲା ୬୬ ବର୍ଷୀୟା ନୀନା ଗର୍ଭବତୀ ଅଛନ୍ତି। କାରଣ ସେ ତାଙ୍କ ପେଟରେ ହାତ ରଖି ପୋଜ ଦେଉଥିବାର ଦେଖାଯାଇଥିଲା। ଏସବୁ ଚର୍ଚ୍ଚାକୁ ନେଇ ନୀନା କୁହନ୍ତି, ମୁଁ ପିନ୍ଧିଥିବା ଶାଢ଼ିର କପଡ଼ା ବହୁତ ମୋଟା ଥିଲା। ତେଣୁ ଭୁଲ୍ ବୁଝାମଣା ସୃଷ୍ଟି କରିଥିଲା। ମୋ ବୟସରେ ଗର୍ଭଧାରଣ ଚର୍ଚ୍ଚା ପ୍ରକୃତରେ ମଜାଦାର ଲାଗିଥିଲା। ଏହା ସୂଚାଇ ଦିଏ ଯେ ଆମ ଲୋକଙ୍କ ମାନସିକତା କେଉଁଆଡ଼କୁ ଗତି କରୁଛି।

ନୀନା ବେଶ୍ ସ୍ପଷ୍ଟବାଦୀ। ୧୯୮୦ ଦଶକରେ ସେ ପ୍ରସିଦ୍ଧ ୱେଷ୍ଟଇଣ୍ଡିଜ କ୍ରିକେଟର ଭିଭିଆନ ରିଚାର୍ଡସଙ୍କ ସହିତ ସମ୍ପର୍କରେ ଥିଲେ। ସେହି ସମୟରେ ତାଙ୍କ ଝିଅ ମସାବା ଜନ୍ମ ହୋଇଥିଲେ। ୨୦୦୮ରେ ସେ ଦିଲ୍ଲୀର ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିବେକ ମେହରାଙ୍କୁ ବିବାହ କରିଥିଲେ।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୪/୨୦୨୬ | Bhubaneswar, Saturday, March 14/2026 



ନ୍ୟାୟ ଦାବିରେ ବିଂଝୁଆ ଅଞ୍ଚଳବାସୀ ବହଳଦା-ତିରିଂ ସଂଯୋଗ କରୁଥିବା ୨୨୦ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିବାବେଳେ ବୁଝାଶୁଝା କରିବାକୁ ଆସିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣ କରୁଛନ୍ତି। (ନୀଳାଦ୍ରି ବିହାରୀ ଦଣ୍ଡପାଟ)

# ନାବାଳିକାଙ୍କୁ ଅସଦାଚରଣ ନେଇ ତୁମୁଳକାଣ୍ଡ

## ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା, ପୋଲିସକୁ ମରଣାନ୍ତକ ଆକ୍ରମଣ

**ନାବାଳିକାଙ୍କ ସାଇକେଲକୁ ଯୁବକଙ୍କ ସାଇକେଲ ଧକ୍କା ଦେଇଥିଲା। ଏତିକିରୁ ୨ଜଣଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଯୁବକଜଣକ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହେବା ପରେ ମୟୂରଭଞ୍ଜ ଜିଲା ବିଂଝୁଆ ଅଞ୍ଚଳରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ଗୁରୁବାର ରାତିରେ ଯୁବକଙ୍କ ଘର ପୋଡ଼ିଦେଇଥିଲେ। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ପ୍ରଶାସନିକ ଉଦ୍ୟମ ହୋଇଥିବାବେଳେ ଶୁକ୍ରବାର ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ସହ ଉତ୍ୟକ୍ତ ଲୋକେ ପୋଲିସକୁ ଗୋଡ଼ାଇ ପିଟିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି।**

ବାରିପଦା, ୧୩।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ତିରିଂ ଥାନା ବିଂଝୁଆ ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଗୁରୁବାର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକଙ୍କ ଅସଦାଚରଣକୁ ନେଇ ଲଙ୍କାକାଣ୍ଡ ଘଟିଛି। ନାବାଳିକାଙ୍କ ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ରାତି ଅଧରେ ଉକ୍ତ ଯୁବକଙ୍କ ଘରକୁ ଯାଇ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ଯୁବକଜଣକ ଭୁଲ୍ ମାଗିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡି ନ ଥିଲା। ପୋଲିସ ଯୁବକଙ୍କୁ ଉଦ୍ଧାର କରି ଆଣିବା ପରେ ଲୋକେ ଉତ୍ତେଜିତ ହୋଇ ତାଙ୍କ ଘରକୁ



### ୯ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ

ଭଙ୍ଗାରୁଜା କରିବା ସହ ଗ୍ୟାସ ଟାଙ୍କି ଖୋଲି ନିଆଁ ଲଗାଇଦେଇଥିଲେ। ଏପରିକି ଦମକଳ ଗାଡିକୁ ମଧ୍ୟ ନିଆଁ ଲିଭାଇବାକୁ ଦେଇ ନ ଥିଲେ। ଏହି ଘଟଣା ଶୁକ୍ରବାର ଉଗ୍ରରୂପ ଧାରଣ କରିଛି। ଅଞ୍ଚଳବାସୀ ଆଦିବାସୀମାନଙ୍କୁ ଏକାଠି କରି ନ୍ୟାୟ ଦାବିରେ ବହଳଦା-ତିରିଂ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୨୦କୁ ଅବରୋଧ କରିଥିଲେ। ଖବରପାଇ ବହଳଦା ତହସିଲଦାର ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସମୟରେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଲୋକେ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ପୋଲିସ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ କରି ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଆକ୍ରମଣରେ ୯ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିବା ବେଳେ କନଷ୍ଟେବଲ ପ୍ରଶାନ୍ତ ମହାନ୍ତିଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଜିଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ☞ପୃଷ୍ଠା-୪

# ଋତୁସ୍ରାବକାଳୀନ ଛୁଟି ନୀତି ଆଣିଲେ ମହିଳାଙ୍କୁ କେହି ଚାକିରି ଦେବେନି

## ପିଆଇଏଲ୍‌ର ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୩(ପି.ଟି.)

ମହିଳା କର୍ମଚାରୀଙ୍କୁ ସବୈତନିକ ଋତୁସ୍ରାବକାଳୀନ ଛୁଟି ପ୍ରଦାନ ଲାଗି ଦେଶବ୍ୟାପୀ ଏକ ନୀତି ପ୍ରଣୟନ ନିମନ୍ତେ ନିବେଦନ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁଣାଣି ପାଇଁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏଭଳି ସ୍ଥିତିରେ ମହିଳାମାନଙ୍କୁ କେହି ନିଯୁକ୍ତି ଦେବେ ନାହିଁ ଏବଂ ଏପରି ବ୍ୟବସ୍ଥା ଅଜାଣତରେ ଲିଙ୍ଗଗତ ରୁଢ଼ିବାଦୀ ଧାରଣାକୁ ଦୃଢ଼ କରିବ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀଙ୍କ ପିଟିଶନକୁ ବିଚାରକୁ ନେଇ ଷ୍ଟେକ୍‌ହୋଲ୍ଡରଙ୍କ ସହ ପରାମର୍ଶ କରି ଋତୁସ୍ରାବକାଳୀନ ଛୁଟି ପାଇଁ ନୀତି ପ୍ରଣୟନର ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରିବାକୁ ଅଦାଲତ କେନ୍ଦ୍ର ସରକାର ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଥିଲେ, ଆବେଦନ ପଛର ଉଦ୍ଦେଶ୍ୟ ନିଶ୍ଚୟ ମଙ୍ଗଳକୈନ୍ଦ୍ରିକ। ତେବେ ନିଯୁକ୍ତି ବଜାରର ବାସ୍ତବ ସ୍ଥିତି ଯାହା ମହିଳାଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ, ତାହା ଓଲଟା ସେମାନଙ୍କ କ୍ୟାରିୟର ପାଇଁ କ୍ଷତିକାରକ ହୋଇପାରେ। ଭୟ ସୃଷ୍ଟି କରିବା, ମହିଳାଙ୍କୁ ଅନୁନ୍ନତ ଦର୍ଶାଇବା ଏବଂ ଋତୁସ୍ରାବ ସେମାନଙ୍କ ପାଇଁ ଏକ ଖରାପ ଘଟଣା ବୋଲି ଜଣାଇବା ଲାଗି ଏଭଳି ପିଟିଶନ ଦାଏର କରାଯାଉଛି। ଏହା ସକାରାତ୍ମକ ଦାବି ହେଲେ ମଧ୍ୟ ଯେଉଁ ନିଯୁକ୍ତିଦାତା ସବେତନ ଛୁଟି ଦେବେ, ତାଙ୍କ କଥା ଚିନ୍ତା କରାଯାଉ ବୋଲି ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଏମ୍.ଆର୍. ଶମ୍‌ସାଦ କହିଥିଲେ, କର୍ଣ୍ଣାଟକ ସରକାର ଋତୁସ୍ରାବକାଳୀନ ଛୁଟି ଦେବା ପାଇଁ ନୀତି ପ୍ରସ୍ତୁତ କରିଛନ୍ତି। କେତେକ ଘରୋଇ ସଂସ୍ଥା ମଧ୍ୟ ଏହି ସୁବିଧା ଦେଉଛନ୍ତି। ଏହାର ଜବାବରେ ଖଣ୍ଡପୀଠ କହିଥିଲେ, ସ୍ୱେଚ୍ଛାକୃତ ଭାବେ ସେମାନେ ଯଦି ଦେଉଥାନ୍ତି, ତାହେଲେ ବହୁତ ଭଲ କଥା। ତେବେ ଆଇନରେ ଯଦି ବାଧ୍ୟତାମୂଳକ ସର୍ତ୍ତ ରଖାଯାଏ, ତେବେ ତାହା ମହିଳାଙ୍କ କ୍ୟାରିୟର ପ୍ରତି କ'ଣ କ୍ଷତି ପହଞ୍ଚାଇବ, ତାହା ଆପଣମାନେ ଜାଣନ୍ତି ନାହିଁ। ସେମାନଙ୍କୁ କେହି ଦାୟିତ୍ୱ ଦେବେନାହିଁ, ଏପରିକି ନ୍ୟାୟିକ ସେବାରେ ମଧ୍ୟ ନୁହେଁ ବୋଲି ସିଜେଆଇ କହିଛନ୍ତି।

# ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ଜୀବନପ୍ରଦୀପ

ବାଲେଶ୍ୱର, ୧୩।୩(ବାଞ୍ଛାନିଧି ଦେ)

ଭାଜପାରେ ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଯୋଗଦାନ ପରେ ବାଲେଶ୍ୱର ଜିଲାରେ ଭାଜପାରେ ହଲଚଲ ଦେଖିବାକୁ ମିଳିଛି। ରବୀନ୍ଦ୍ରଙ୍କ ଯୋଗଦାନକୁ ନେଇ ଅସନ୍ତୁଷ୍ଟ ହୋଇ ଦଳ ଛାଡ଼ିଛନ୍ତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ। ଶୁକ୍ରବାର ରାଣୀପାଟଣାସ୍ଥିତ ଆମନ୍ତ୍ରଣ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଓଡ଼ିଶାରେ ୨୦୨୪ ନିର୍ବାଚନରେ ଦଳ କ୍ଷମତାକୁ ଆସିଲା ପରେ ଏହାର ଯେଉଁ ନୈତିକ ପତନ ହୋଇଛି, ମୁଁ ନିଜକୁ ସେଥିରେ ସହମତ କରିପାରୁନାହିଁ। ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତ, ଯାହାଙ୍କ ଉପରେ ସିବିଆଇ କେସ୍ ଚାଲିଛି, ଯିଏ ଜାମିନରେ


ଖବରଦାତା ସମ୍ମିଳନୀରେ ଜୀବନପ୍ରଦୀପ ଦାସ।

ଅଛନ୍ତି, ତାଙ୍କୁ ଦଳରେ ସାମିଲ କରି ଦଳ ତା'ର 'ମୂଲ୍ୟବୋଧ ରାଜନୀତି' ବିଚାରଠାରୁ ବହୁ ଦୂରକୁ ଚାଲିଯାଇଛି। ଅହଙ୍କାରର ବଶବର୍ତ୍ତୀ ହୋଇ ରାଜ୍ୟ ନେତୃବୃନ୍ଦ ସମଗ୍ର ନୈତିକତା ହରାଇଛନ୍ତି। ସେହିପରି ଆଗାମୀ ରାଜ୍ୟ ସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ☞ପୃଷ୍ଠା-୪

# ଗ୍ରାମାଞ୍ଚଳରେ ଏଲ୍‌ପିଜି ବୁକିଂ ୪୫ ଦିନକୁ ବୃଦ୍ଧି

## ଚାହିଦାର ୨୦% ମିଳିବ ବ୍ୟବସାୟିକ ଗ୍ୟାସ୍, ୩୦% ବୁକିଂ ଡ୍ରପ୍

ଭୁବନେଶ୍ୱର, ୧୩।୩(ରବିନାରାୟଣ ଜେନା)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ପେଟ୍ରୋଲିୟମ ସାମଗ୍ରୀ ଓ ଏଲ୍‌ପିଜିର ଅଭାବ ଦେଖିବାକୁ ମିଳିଛି। ଓଡ଼ିଶାରେ ଲୋକେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫଳରେ ଶୁକ୍ରବାର କେତେକ ଲୋକ ଓ ରାଜନୈତିକ ଦଳ ପକ୍ଷରୁ ଏନେଇ ପ୍ରତିବାଦ, ରାସ୍ତାରୋକୋ କରିଥିବା ଦେଖିବାକୁ ମିଳିଛି। ଏଭଳିସ୍ଥଳେ

### ବିଭିନ୍ନ ସ୍ଥାନରେ ବିକ୍ଷୋଭ, ରାସ୍ତାରୋକୋ

କମର୍ସିଆଲ ଏଲ୍‌ପିଜି (ବ୍ୟବସାୟିକ ଗ୍ୟାସ୍) ଉପରେ ଅଙ୍କୁଶ ଲଗାଯାଇଛି। ତଦନୁଯାୟୀ ପୂର୍ବରୁ କମର୍ସିଆଲ ଗ୍ୟାସ ଯେତିକି ବ୍ୟବହାର ହେଉଥିଲା, ତା'ର ଚାହିଦାର ମାତ୍ର ୨୦% ବର୍ତ୍ତମାନ ପ୍ରଦାନ କରାଯିବ। ସେହିପରି ଗ୍ରାମାଞ୍ଚଳରେ ଏଲ୍‌ପିଜି ଡେଲିଭରି ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି ବୋଲି ଦେଶରେ ରନ୍ଧନ ଗ୍ୟାସ୍(ଏଲ୍‌ପିଜି)ର ଉପଲବ୍ଧତା ଓ ସୁରୁଖୁରୁରେ ବିତରଣ ସଂକ୍ରାନ୍ତରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଆଭାସି ବୈଠକରୁ ଜଣାଯାଇଛି। ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ଏବଂ ଉପଭୋକ୍ତା ବ୍ୟାପାର ବିଭାଗ ସଚିବଙ୍କ ☞ପୃଷ୍ଠା-୪

## ରନ୍ଧନ ଗ୍ୟାସ୍‌ର ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୩।୩(ରବିନାରାୟଣ ଜେନା)

ରାଜ୍ୟରେ ରନ୍ଧନ ଗ୍ୟାସ୍‌ର ଅଭାବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରନ୍ଧନ ଗ୍ୟାସ୍‌କୁ ନେଇ ରାଜ୍ୟରେ ଦେଖାଦେଇଥିବା ଅଭାବନୀୟ ସ୍ଥିତିକୁ ପରଖି ଶୁକ୍ରବାର ମନ୍ତ୍ରୀ କହିଛନ୍ତି, ଜନସାଧାରଣ ଭୟଭୀତ ହୁଅନ୍ତୁ ନାହିଁ, ପର୍ଯ୍ୟାପ୍ତ ପରିମାଣର ଗ୍ୟାସ୍ ଓଡ଼ିଶାରେ ମହଜୁଦ୍ ରହିଛି। ମନ୍ତ୍ରୀ ସାଧାରଣ ଲୋକଙ୍କୁ ନିବେଦନ କରି କହିଛନ୍ତି, ଭୟାତୁର ନ ହୋଇ ଆବଶ୍ୟକ ଅନୁସାରେ ଗ୍ୟାସ୍ ବୁକିଂ ☞ପୃଷ୍ଠା-୪

# ଏଲ୍‌ପିଜି ପାଇଁ ଅପେକ୍ଷାରତ ବୃଦ୍ଧଙ୍କ ହୃଦ୍‌ଘାତରେ ମୃତ୍ୟୁ

ଚଣ୍ଡିଗଡ଼, ୧୩।୩

ଇରାନ ଯୁଦ୍ଧକୁ ନେଇ ରନ୍ଧନ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ ଦେଶର ବିଭିନ୍ନ ଭାଗରେ ଏଲ୍‌ପିଜି ପାଇବା ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଶୁକ୍ରବାର ସକାଳେ ପଞ୍ଜାବର ବର୍ନାଲା ଜିଲା ଅନ୍ତର୍ଗତ ସେହନାଠାରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପାଇଁ ଧାଡ଼ିରେ ଅପେକ୍ଷାରତ ଜଣେ ୬୬ ବର୍ଷୀୟ ବୃଦ୍ଧଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସେହନା ଗ୍ରାମର ଭୂଷଣ କୁମାର ମିତ୍ତଲ। ସେ ଗତ ୨/୩ ଦିନ ହେଲା ସିଲିଣ୍ଡର ପାଇବାକୁ ଉଦ୍ୟମ କରିଆସୁଥିଲେ। ଶୁକ୍ରବାର ସକାଳ ୭ଟାରୁ ସେ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ସିଲିଣ୍ଡର ପାଇଁ ତାଙ୍କୁ ୨୫ ନମ୍ବର ଟୋକନ୍ ମିଳିଥିଲା। ୨ ଘଣ୍ଟାର ଅପେକ୍ଷା ପରେ ମିତ୍ତଲ କ୍ଳାନ୍ତ ହୋଇ ଏକ ସିଲିଣ୍ଡର ଉପରେ ବସିବାକୁ ଯାଉଥିବାବେଳେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ତୁରନ୍ତ ପାଖ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# +୨ ପରୀକ୍ଷା: ଗଣିତ ବିଷୟରେ ସିଲାବସ୍ ବାହାରୁ ପ୍ରଶ୍ନ

### ଅଭିଯୋଗ ଆସି ନ ଥିବା କହିଲେ ପରୀକ୍ଷା ନିୟନ୍ତ୍ରକ

ବଲାଙ୍ଗୀର, ୧୩।୩(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତବର୍ଷ ସିଏଚଏସ୍‌ଇର ଯୁକ୍ତ୨ ବିଜ୍ଞାନ ଗଣିତ ପ୍ରଶ୍ନପତ୍ରରେ ସିଲାବସ୍ ବାହାରୁ ୧୮ ମାର୍କର ପ୍ରଶ୍ନ ଆସିଥିବାରୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ଛାତ୍ରୀଛାତ୍ର ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଶୁକ୍ରବାର ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଗଣିତ ବିଷୟ ପରୀକ୍ଷା ଥିଲା। ପରୀକ୍ଷା ହଲ୍‌ରେ ଛାତ୍ରୀଛାତ୍ରମାନେ ଠିକ୍ ସମୟରେ ପହଞ୍ଚିଥିଲେ। ପ୍ରଶ୍ନପତ୍ର ଦିଆଯିବା ପରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ☞ପୃଷ୍ଠା-୪



## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା; ୨ ଚାଳକ ମୃତ

ଅତାବିରା,(ଯୁଧିଷ୍ଠିର ମହାପାତ୍ର): ବରଗଡ଼-ସମ୍ବଲପୁର ଜାତୀୟ ରାଜପଥର ଅତାବିରା ମାରୱାଡି ଧର୍ମଶାଳା ଛକରେ ଗୁରୁବାର ବିଳମ୍ବିତ ରାତ୍ରିରେ ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ବିହାର ରାଜ୍ୟର ମହମଦ ଇସ୍ମାଇଲ ଓ ମଧ୍ୟପ୍ରଦେଶର ବିକାଶ ଗନ୍ଧର(୨୭)। ଏହି ଦୁର୍ଘଟଣାରେ ଜଣେ ହେଲ୍‌ପର ଆହତ ହୋଇଛନ୍ତି। ଏନେଇ ଅତାବିରା ପୋଲିସ ଏକ ମାମଲା(ନଂ.୧୦୨/୨୦୨୬) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରକାଶ କର୍ଣ୍ଣ ସୂଚନା ଦେଇଛନ୍ତି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଶ୍ରୀ ସାଇବାବା ଚରଣ ପାଦୁକା ଦର୍ଶନ ସମାରୋହ ଅବସରରେ ଶୋଭାଯାତ୍ରା, ସ୍ଥାନ:ସ୍ୱସ୍ତି ପ୍ରିମିୟମ ନିକଟ,ସମୟ: ସକାଳ ୮ଟା।
- ସଫାଇ ମିତ୍ର ସୁରକ୍ଷା ଶିବିର, ସ୍ଥାନ: ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପୋଖରୀପୁଟ, ସମୟ: ସକାଳ ୯ଟା।
- ଏମ୍‌ସିଏଲ୍ ଷ୍ଟାର୍ଟଅପ୍ କାର୍ନିଭାଲ୍-୨୦୨୬, ସ୍ଥାନ: ସୂର୍ଯ୍ୟାଂଶ ହୋଟେଲ ଆଣ୍ଡ ରିସର୍ଟ, ସମୟ: ସକାଳ ୯ଟା।
- ଡିପାର୍ଟମେଣ୍ଟ ଅଫ୍ ବିଜିନେସ ଆଡମିନିଷ୍ଟ୍ରେଶନ ପକ୍ଷରୁ ଜାତୀୟ ସେମିନାର, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପକ୍ଷରୁ ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହଯୋଗରେ ଏକଦିବସୀୟ ଆଲୋଚନାଚକ୍ର, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇୟୁସିର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସମ୍ଭାବୀ ପୁରସ୍କାର ଉତ୍ସବ, ସ୍ଥାନ: କ୍ରିଷ୍ଟାଲ୍ ହଲ୍, ମେଫେୟାର କନଭେନଶନ, ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ସମୟ: ପୂର୍ବାହ୍ନ ୧୧ଟା।
- ଭାଷାଋଷି ପଦ୍ମଶ୍ରୀ ଡ.ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ୯୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମ୍ବର୍ଦ୍ଧନା ସଭା, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- କବି ରବୀନ୍ଦ୍ରନାଥ ରାଉତରାୟଙ୍କ କବିତା ପୁସ୍ତକ 'ପ୍ରିୟାର ପଣତ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭା ଗୃହ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ବିଶିଷ୍ଟ ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ସ୍ମୃତି ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାୟନ ପକ୍ଷରୁ ୪ର୍ଥ ମୀରା ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଲୋକ ଅଧିକାର ଯାତ୍ରା ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶିଶୁଭବନ ଛକ, ସମୟ: ସନ୍ଧ୍ୟା ୭ଟା ୦୨।
- ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ ଅସୀମ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଦଶ ଦୋଳ ମେଳଣର ଷଷ୍ଠଦଶ ବାର୍ଷିକୀ ସମାରୋହରେ ଦିଅଁ ମେଳଣ, ସ୍ଥାନ: ବିଷ୍ଣୁ ମନ୍ଦିର ପରିସର,ଶହୀଦ ନଗର, ସମୟ: ରାତି ୮ଟା।

### କଟକ

- ସାମାଜିକ କର୍ମୀ ତଥା ରାଜନୀତିଜ୍ଞ ଦେବରାଜ ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଶୋକା ଟକିଜ କ୍ୟାମ୍ପସ, ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ଟା।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ କୁନ୍ତଳା କୁମାରୀ ସ୍ମୃତି ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।
- କଟକ କଳା ବିକାଶ କେନ୍ଦ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

### ପୁରୀ

- ଲୋକ ଅଧିକାର ଯାତ୍ରାର ସ୍ୱାଗତ ସମାରୋହ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ଚେତନା ଓ ସଂସ୍କୃତି ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଜଗନ୍ନାଥ ବେଦ ଓ କର୍ମକାଣ୍ଡ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହରଚଣ୍ଡୀ ସାହି ଓ ବାଲିସାହି ଆଖଡ଼ାର ମିଳିତ ଶାନ୍ତି କମିଟି ବୈଠକ, ସ୍ଥାନ: ଜମିଖୁଣ୍ଟିଆ ଜାଗା, ସମୟ: ସନ୍ଧ୍ୟା ୭ଟା।
- ସାରସ୍ୱତ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ପୌରସଦନ, ସମୟ: ଅପରାହ୍ନ ୪ଟା୩୦।

### ବାଲେଶ୍ୱର

- ଏଫ୍‌ଏମ୍‌ୟୁରେ ଆନ୍ତର୍ଜାତୀୟ ସମ୍ମେଳନ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ପଞ୍ଚମ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ

- ଟିଲୋ କପ୍‌ର ୨ୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦୁଝର

- ବାର ଆସୋସିଏଶନର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ସ୍ଥାନ: ବାର ଆସୋସିଏଶନ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।
- ପଖାଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନିଳାଦ୍ରୀ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ ଟା। ଏଲଆଇସି ଡିଓଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଟାଉନହଲ, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ ଟା।

### ମୟୂରଭଞ୍ଜ

- ବର-ଅଶ୍ୱସ୍ଥ ଗଛର ବାହାଘର, ସ୍ଥାନ: ଚିତ୍ରଡ଼ା କଲଣି ସାହି, ମୋରଡ଼ା, ସମୟ: ପୂର୍ବାହ୍ନ ୯ ଟା
- ପ୍ରଣାମ ଚିତ୍ରଡାର ତୃତୀୟ ଅଧିବେଶନ, ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

### ବ୍ରହ୍ମପୁର

- ଏଣ୍ଡୋକ୍ରାଇନ ଓ ମଧୁମେହ ସମ୍ମିଳନୀ, ସ୍ଥାନ: ଆଇଏମଏ ହଲ,ସମୟ: ରାତି ୮ଟା।

### ଗଞ୍ଜାମ

- ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ନେତୃତ୍ୱ ବୈଠକ, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୩ଟା।

### ଢେଙ୍କାନାଳ

- କିଡନୀ ରୋଗ ପରୀକ୍ଷଣ ଶିବିର, ସ୍ଥାନ: ବିନୋଦ ଭବନ, ଢେଙ୍କାନାଳ ବସଷ୍ଟାଣ୍ଡ, ସମୟ: ସକାଳ ୯ଟା।

### ଅନୁଗୋଳ

- ମା ବିନିକେୟୀଙ୍କ ଅଷ୍ଟଦୋଳ ଯାତ୍ରା ପୂର୍ଣ୍ଣାହୁତି ପୂଜା, ସ୍ଥାନ: ଆଠମଲ୍ଲିକ ଦରୁହାସ୍ଥିତ ମା' ବିନିକେୟୀ ଶକ୍ତିପୀଠ, ସମୟ: ସକାଳ ୧୦ଟା।

### କେନ୍ଦ୍ରାପଡ଼ା

- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର

- ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନ ମ୍ୟାଚ୍, ସ୍ଥାନ: ଯାଜପୁର ଇଣ୍ଡୋର ଷ୍ଟାଡିୟମ ପରିସର, ସମୟ: ଅପରାହ୍ନ ୫ଟା।

### ନୟାଗଡ଼

- ବିଶ୍ୱ ଗ୍ରାହକ ଅଧିକାର ଦିବସ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।

### ନବରଙ୍ଗପୁର

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: କୋଣ୍ଡାଗାଁ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

### ମାଲକାନଗିରି

- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଏମ୍‌ଭି-୧୬ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।

### ସମ୍ବଲପୁର

- ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ସକାଳ ୯ଟା।

### ବଲାଙ୍ଗୀର

- ଫୁଟ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ।

### ରାଉରକେଲା

- ପ୍ରଥମ ଲୋକ ଅଦାଲତ, ସ୍ଥାନ: ରାଉରକେଲା ବିରଜାପାଲି କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।

### ବରଗଡ଼

- ସାଇବର ଅପରାଧ ସଚେତନତା ଅଭିଯାନ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼, ସମୟ: ଅପରାହ୍ନ ୪ଟା ।

### କଳାହାଣ୍ଡି

- ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଭବାନୀପାଟଣା ଜିଲା ଓ ଦୌରା ଜଜ୍ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜିଲା ନ୍ୟାୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ ସମାରୋହ, ସ୍ଥାନ: ସୋନପୁର ବ୍ଲକ ଡୁଙ୍ଗୁରିପାଲିସ୍ଥିତ କୁଶଳେଶ୍ୱର ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୩ଟା।

### ନୂଆପଡ଼ା

- ସୁଭଦ୍ରା ଶକ୍ତି ମେଳା ପଞ୍ଚମ ଦିବସ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

### ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ହରେକୃଷ୍ଣପୁର ନାମମଣ୍ଡପ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୃହସ୍ପତି କ୍ଷେତ୍ରସ୍ଥ ଚନ୍ଦ୍ର ଭଲ କାମରେ ଖର୍ଚ୍ଚାନ୍ତ କରାଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଅସ୍ଥିରତା କ୍ରମଶଃ ଦୂରେଇଯିବ। ଯାନବାହନ ଚଳାଚଳରେ, ଆଲୋଚନା କ୍ଷେତ୍ରରେ, ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟାଦିରେ ସୁଫଳ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ କଥାକୁ ବିଶ୍ୱାସ କରି ପରେ ଅନୁତାପ କରିପାରନ୍ତି।

**ବୃଷ**
ଏକାଧିକ ଗ୍ରହଙ୍କ ସନ୍ନିବେଶରୁ ରାଜଯୋଗ ପ୍ରଭାବରେ ସାମଗ୍ରିକ ଦିଗରୁ ସୁବିଧା, ସୁଯୋଗ ସହ କାର୍ଯ୍ୟ ସାଧନ କରିବେ। ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ର ଓ ପରିବାରରେ ଧୀରମନ୍ଥର ଗତିରେ କାମ କରିବାକୁ ବାଧ ହେବେ। ସାହିତ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ପତିଆରା ଜାହିର୍ କରିପାରିପାରନ୍ତି।

**ମିଥୁନ**
ଚେଷ୍ଟା କରୁଥିବା କାମ ଶୃଙ୍ଖଳିତ ନ ହେବାରୁ ହଇରାଣ ହୋଇପାରନ୍ତି। ବ୍ୟବସାୟକୁ ବଢ଼ାଇ ଦେଇ ପାରନ୍ତି କିମ୍ବା ନୂତନ ଭାବେ କିଛିଟା ଆରମ୍ଭ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ସାହାଯ୍ୟ କରିବେ। ବାହାର ସ୍ଥାନରେ ଅଜଣା ଅଶୁଣା ଲୋକମାନଙ୍କ ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ**
ଗ୍ରାହକଙ୍କ ସହିତ ମୂଲ୍ୟବାନ୍ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଲାଗିପାରେ। କର୍ମକ୍ଷେତ୍ରରେ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସକ୍ରିୟ ସହଯୋଗରୁ ବଦଳି ସମସ୍ୟା ସମାଧାନ ହୋଇଯିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହୋଇପାରିବେ।

**ସିଂହ**
ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍‌ଫୁଲ୍ଲିତ ହୋଇ ନିଜ ପାଇଁ ସମସ୍ୟାକୁ ଡାକି ଆଣିପାରନ୍ତି। ହଠାତ୍ କୌଣସି ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ପଛ କଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବା ବିଜ୍ଞତାର କାମ ହେବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ପରିସ୍ଥିତି ସୁଧୁରିଯିବା ଆଶା କରି କେତେକାଂଶରେ ଖୁସି ହେବେ।

**କନ୍ୟା**
ସବୁ ସୁବିଧା ଥାଇ ମଧ୍ୟ ଆଳସ୍ୟ, ଅବହେଳା ଓ କାଳକ୍ଷେପଣ ନୀତି ଯୋଗୁ କାର୍ଯ୍ୟଟିରେ ବିଳମ୍ବ ଘଟିବ। ଅଫିସ୍ କାମରେ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେବ। ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ତୁଳା**
ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ କାମ ଅଟକିବ ନାହିଁ ଏବଂ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟିରୁ ପ୍ରତ୍ୟୁଷ ଯାତ୍ରା ବିଳମ୍ବ ହୋଇପାରେ। ବନ୍ଧୁଙ୍କ ଆହ୍ୱାନରେ ନିଜ ପରିସରରେ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ।

**ବିଛା**
ସମୟର ପ୍ରତିକୂଳତା ପ୍ରଭାବରେ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବଢ଼ିପାରେ। ବନ୍ଧୁ ସ୍ୱାର୍ଥବାଦୀ ହୋଇ ଆପଣଙ୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିର ଆଶଙ୍କା ରହିଛି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବାର ସୂଚନା ରହିଛି।

**ଧନୁ**
ସହକର୍ମୀଙ୍କ ଦ୍ୱାରା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ନିଜ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ନିକଟ ସମ୍ପର୍କୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିବାକୁ ପଡ଼ିପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କାରଣରୁ ଏକ ପକାର ଆଶ୍ୱସ୍ତି ଲାଭ କରିବେ।

**ମକର**
ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସହକର୍ମୀଙ୍କ ସହାୟତାରୁ ସରକାରୀ କ୍ଷେତ୍ରରୁ ସାହାଯ୍ୟ ଲାଭର ଆଶା ରହିଛି। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବାର ସୂଚନା ରହିଛି।

**କୁମ୍ଭ**
ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ସାହାଯ୍ୟର ଆଶା ନିରର୍ଥକ ହେବନାହିଁ। ସହଯୋଗୀଙ୍କ ସହାୟତାରେ ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ଅନ୍ୟମାନଙ୍କ କାନକୁହା କଥାକୁ ବିଶ୍ୱାସ କରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସକୁ ନେଇ ଆଗକୁ ମାଡ଼ିଚାଲନ୍ତୁ, ଅବଶ୍ୟ ସଫଳତା ପାଇବେ।

**ମୀନ**
ବିବାଦୀୟ ସ୍ଥିତି ଲାଗି ରହିଥିବାରୁ କର୍ମକ୍ଷେତ୍ରରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ବନ୍ଧୁ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। କଠିନ ଶ୍ରମ କିମ୍ବା ଅନିଦ୍ରା ହେତୁକ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ସୁଯୋଗ ହାତପାହାନ୍ତାରେ ପାଇଲେ ମଧ୍ୟ କାମ ହାସଲ କରିବାରେ ଅସମର୍ଥ ହେବେ।

ଅଦ୍ୟ ମାର୍ଚ୍ଚ ୧୪ ତାରିଖ, ମାସାନ୍ତ, ଚୈତ୍ର କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ଶନିବାର। ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୦୯।୩୨ମି. ଗତେ, ମକର ଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୬ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୭ ଗତେ ଘ.୧୦।୨୬ ମଧ୍ୟେ ରାହୁକାଳ।

## ଭାଜପା ଛାଡ଼ିଲେ...

ନ ଥିବା ସମୟରେ ଘୋଡ଼ା ବେପାରକୁ ପ୍ରଶ୍ରୟ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି। ଏଥିସହ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା ବାବଦରେ କୌଣସି ନିଷ୍ପତ୍ତି ନେଇନାହାନ୍ତି ବୋଲି ପ୍ରଦୀପ କହିଛନ୍ତି। ସୂଚନା ଯେ, ଜୀବନପ୍ରଦୀପ ୨୦୦୦-୨୦୦୫ ବାଲେଶ୍ୱରରୁ ଭାଜପାରୁ ବିଧାୟକ ହୋଇଥିଲେ। ପରେ ବିଜେଡିରୁ ୨୦୦୯-୧୪ ଓ ୨୦୧୪-୧୯ ପର୍ଯ୍ୟନ୍ତ ବିଧାୟକ ଥିଲେ। ୨୦୧୯ ନିର୍ବାଚନରେ ସେ ଭାଜପା ବିଧାୟକ ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ଠାରୁ ପରାଜିତ ହୋଇଥିଲେ। ପରେ ୨୦୨୦ରେ ଦଳ ଜୀବନପ୍ରଦୀପଙ୍କ ପରିବର୍ତ୍ତେ ସ୍ୱରୂପ ଦାସଙ୍କୁ ପ୍ରାର୍ଥୀ କରିବା ପରେ ସେ ଉପନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ସେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ନିଲମ୍ବନ ପରେ ୨୦୨୧ରେ ସେ ପୁଣି ଭାଜପାକୁ ଫେରିଥିଲେ।

## ଫଗୋଳରେ ଡବଲ ...

ନିର୍ମାଣକୁ କେନ୍ଦ୍ରକରି କଥା କଟାକଟି ହେଉଥିଲା। ମା' ଏହାକୁ ବାରଣ କରିବାରୁ ପପୁ ଏକ ଗ୍ୟାସ୍ ସିଲିଣ୍ଡରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କୁଲସୁନିଙ୍କ ମୃତ୍ୟୁ ଘଟିଥିଲା। ଏହା ଦେଖି ବଡ଼ପୁଅ ସମ୍‌ସେର ପ୍ରତିବାଦ କରିବାରୁ ପପୁ ଏକ କୋଦାଳରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସମ୍‌ସେରଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଗାଁ ଲୋକଙ୍କ ଭିଡ଼ ଜମିଥିଲା। ପରେ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିଥିଲା। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଶିମ୍ବ ଅଢ଼େଇ ଦିନ**
**ଛାତି ଦମ୍ଭକରି ମଣିଷ ଚିହ୍ନ।**

ଦୁଃଖ ଓ ଅଭାବ ସମୟରେ ପ୍ରକୃତ ହିତାକାଂକ୍ଷୀଙ୍କୁ ଚିହ୍ନିବା ସହଜ ହୋଇଥାଏ। ମଣିଷ ଏବଂ ମଣିଷ ମଧ୍ୟରେ ସୁସମ୍ପର୍କ ରଖିବାକୁ ହେଲେ ପରସ୍ପରର ଚାରିତ୍ରିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ହୋଇଥାଏ। ନଶ୍ୱର ସମ୍ପଦରେ ଉନ୍ମତ୍ତ ହୋଇ ବନ୍ଧୁ ବାନ୍ଧବଙ୍କୁ ଭୁଲି ନ ଯିବା ଲାଗି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଆଟିକା ଭିତରେ ସୋରିଷ**
**କେତେ ରଙ୍ଗେ ଫୁଟଇ**
**କେତେ ଟୁପୁ ଟୁପୁ ହେଉଛ**
**ମୋତେ ସବୁ ଶୁଭଇ।**

ଶୋରିଷ ଫୁଟିଲେ ଶୁଭେ। କାନ୍ଥର ବି କାନ ଥାଏ ବୋଲି କୁହାଯାଇଥାଏ। ବେଳେ ବେଳେ ଚୁପଚାପ କଥା ମଧ୍ୟ କାନକୁ ଶୁଭିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ୨% ଖସିଲା ...

କେ. ହରିପ୍ରସାଦ କହିଛନ୍ତି। ଫେବୃଆରୀ ୨୭ ପରଠୁ ବିଏସ୍‌ଇ ୮.୨୭% ଖସିଥିବାବେଳେ ଏଥିରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମାର୍କେଟ ଭାଲ୍ୟୁଏଶନ୍ ୩୩,୬୮,୪୧୯ କୋଟି ହ୍ରାସ ପାଇଲାଣି। କେବଳ ଚଳିତ ସପ୍ତାହରେ ନିବେଶକମାନେ ୧୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଶୁକ୍ରବାର ଭାରତୀୟ ଟଙ୍କା ୨୦ ପଇସା ଦୁର୍ବଳ ହୋଇ ଅବମୂଲ୍ୟାଙ୍କନର ପୁଣି ଏକ ରେକର୍ଡ ଭାଙ୍ଗିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୨.୪୫ ରହିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଭାରତୀୟ ଟଙ୍କା ୯୨.୩୩ରେ ଖୋଲିଥିବାବେଳେ ଦିନର ସର୍ବନିମ୍ନ ସ୍ତର ୯୨.୪୭ ରହିଥିଲା। ଶେଷରେ ଟଙ୍କା ୨୦ ପଇସା ହରାଇ ୯୨.୪୫ରେ ବନ୍ଦ ହୋଇଥିଲା। ଏହା ପୂର୍ବରୁ ଗୁରୁବାର ସେସନ୍‌ରେ ଟଙ୍କା ୨୪ ପଇସା ଦୁର୍ବଳ ହୋଇ ୯୨.୨୫ରେ କ୍ଲୋଜ୍ ହୋଇଥିଲା। ଘରୋଇ ବଜାରରେ ଦୁର୍ବଳତା ଏବଂ ଡଲାର ସବଳ ହେବା ଏହାର ଅନ୍ୟତମ ପ୍ରମୁଖ କାରଣ ବୋଲି ଶେରଖାନ୍ ମିରାଏ ଆସେଟ୍ ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ ସୂଚନା ଦେଇଛନ୍ତି। ସାମ୍ପ୍ରତିକ ଭୂରାଜନୈତିକ ଉତ୍ତେଜନା ଲାଗି ରହିଲେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ ବୋଲି ସେ କହିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତ ସମେତ ବିଶ୍ୱ ପୁଞ୍ଜିବଜାର ଦୋହଲି ଯାଇଥିବାବେଳେ ଇସ୍ରାଏଲ୍ ଉପରେ ଏହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଇସ୍ରାଏଲ୍‌ର ମୁଖ୍ୟ ଷ୍ଟକ୍ ମାର୍କେଟ ସୂଚକାଙ୍କ ଟିଏ-୧୨୫ ଶୁକ୍ରବାର ରିପୋର୍ଟ ପ୍ରସ୍ତୁତ ସୁଦ୍ଧା ୪୧୧୮ ପଏଣ୍ଟ (୦.୫୫%) ଉପରକୁ ଉଠିଛି।

## ଏକ ମାସର ଶିଶୁକନ୍ୟା ...

କେନ୍ଦୁଝର ମେଡିକାଲରେ ଚିକିତ୍ସା ପରେ ଫେବୃଆରୀ ୧୮ରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁ ଭବନର ପେଡିଆଟ୍ରିକ୍ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇ ସମସ୍ତ ପରୀକ୍ଷା କରାଯାଇଥିଲା। ପରେ ଫେବୃଆରୀ ୨୦ରେ ଅସ୍ତ୍ରୋପଚାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଡା. ଅବିନାଶ କୁମାର ପଣ୍ଡା, ଡା. କିରଣ କୁମାର କର, ଆନାସ୍ଥେସିଆ ବିଭାଗ ଡା. ଦେବବ୍ରତ ପଣ୍ଡା ଅସ୍ତ୍ରୋପଚାରରେ ନିୟୋଜିତ ଥିବାବେଳେ ଶିଶୁ ଭବନର ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସହଯୋଗ କରିଥିଲେ। ଅସ୍ତ୍ରୋପଚାର ୨ ଘଣ୍ଟା ଧରି ଚାଲିଥିଲା। ପରେ ଶିଶୁଟିକୁ ସର୍ଜିକାଲ ୱାର୍ଡରେ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଥିଲା। ୨୦ ଦିନ ମେଡିକାଲରେ ଚିକିତ୍ସା ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହେବାରୁ ଶିଶୁକୁ ଡିସ୍‌ଚାର୍ଜ କରାଯାଇଛି। ଏନେଇ ବିଭାଗୀୟ ମୁଖ୍ୟ ଡା. ପ୍ରଶାନ୍ତ କୁମାର ତ୍ରିପାଠୀ କହିଛନ୍ତି, ଏହା ଏକ ବିରଳ ଅସ୍ତ୍ରୋପଚାର। ପ୍ରାୟ କେତେକ ଘଟଣାରେ ଏପରି ଟ୍ୟୁମର ଅସାମାନ୍ୟ ଆକୃତି ନେଇଥାଏ, କିନ୍ତୁ ଏହି ଟ୍ୟୁମରଟି ଗୋଡ଼ ସଦୃଶ ଦେଖାଯାଇଥିଲା। ହଜାରେ ଶିଶୁଙ୍କ ମଧ୍ୟରୁ ଏହା ଏକ ଦୁର୍ଲଭ କେସ୍ ରହିଥିଲା। ସାଧାରଣ ଶିଶୁଙ୍କ ପରି ସେ ଶୋଇପାରୁ ନ ଥିଲେ। ମାଂସ ପିଣ୍ଡୁଳା ଝୁଲି ରହିବାରୁ ଏହା ସଂକ୍ରମିତ ହୋଇଯାଇଥିଲା। ଅସ୍ତ୍ରୋପଚାର ପରେ ଏବେ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ଶିଶୁଟି ଏବେ ସାଧାରଣ ଶିଶୁଙ୍କ ପରି କାର୍ଯ୍ୟ କରିପାରିବ। ଶିଶୁଟିକୁ ୧୫ ଦିନକୁ ଥରେ ଡାକ୍ତରଙ୍କୁ ଦେଖାଇବାକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି।

## ମୋଜତବାଙ୍କୁ ଧରାଇଦେଲେ ...

ଅଫିସର ଚିଫ୍ ଅଫ୍ ଷ୍ଟାଫ୍ ଅଲୀ ଅସ୍‌ଘର ହେଜାଜି ଓ ଇରାନ୍ ସିକ୍ୟୁରିଟି ଚିଫ୍ ଅଲୀ ଲାରିଜାନିଙ୍କ ନାମ ଉଲ୍ଲେଖ ରହିଛି। କେତେଜଣ ନେତାଙ୍କ ଫଟୋ ଉପଲବ୍ଧ ନ ଥିବାରୁ ସେମାନଙ୍କ ଫଟୋ ଉକ୍ତ ତାଲିକାରେ ଦିଆଯାଇନାହିଁ। ଏହି ବ୍ୟକ୍ତିମାନଙ୍କ କିମ୍ବା ଆଇଆର୍‌ଜିସିର ଅନ୍ୟ ପ୍ରମୁଖ ନେତାମାନଙ୍କ ସମ୍ପର୍କରେ କାହା ପାଖରେ ସୂଚନା ଥିଲେ ଟୋର୍‌ଭିତ୍ତିକ ଟିପ୍‌ଲାଇନ୍ କିମ୍ବା ସିଗ୍ନାଲ ଜରିଆରେ ତଥ୍ୟ ପ୍ରେରଣ ପାଇଁ ଆହ୍ୱାନ ଦିଆଯାଇଛି। ଇରାନ୍ ବିରୋଧୀ ଯୁଦ୍ଧ ତୃତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସେନା ଆଗାମୀ ଦିନରେ ତେହରାନ୍‌ର ବିଭିନ୍ନ ସ୍ଥାନରେ ଅକ୍ରମଣକୁ ଆହୁରି ତୀବ୍ରତର କରାଯିବ ବୋଲି ଏକ ସାକ୍ଷାତ୍‌କାରରେ ଚେତାବନୀ ଦେଇଛନ୍ତି। ସାକ୍ଷାତ୍‌କାର ପରେ ଉକ୍ତ ତାଲିକା ଜାରି କରାଯାଇଥିବାରୁ ଏହା ବିଶେଷ ଗୁରୁତ୍ୱ ବହନ କରେ। ମୋଜତବା ଖାମେନେଇ ଏୟାରଷ୍ଟ୍ରାଇକ୍‌ରେ ଗୋଟିଏ ଗୋଡ଼ ହରାଇବା ସହ କୋମାରେ ଥାଇପାରନ୍ତି ବୋଲି ବ୍ରିଟିଶ ଖବରକାଗଜ ଦି ସନ୍ ଖବର ପ୍ରକାଶ କରିଛି।

## ନାବାଳିକାଙ୍କୁ ଅସଦାଚରଣ...

କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସନ୍ଧ୍ୟା ପୂର୍ବରୁ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ୪୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ବିକ୍ଷୋଭକାରୀଙ୍କୁ ଅଟକ ରଖିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଟିଗିଂ ଥାନା ବିଂଝିଆ ବଜାର ଦେଇ ଜଣେ ନାବାଳିକା ସାଇକେଲରେ ଘରକୁ ଯାଉଥିଲେ। ଏହି ସମୟରେ ସାଇକେଲରେ ଆସୁଥିବା ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ନାବାଳିକାଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଏହାକୁ ନେଇ ଆରମ୍ଭ ହୋଇଥିଲା ତୁମୁଳକାଣ୍ଡ। ଉତ୍ତେଜନା ବଢ଼ିବାରୁ ଘଟଣାସ୍ଥଳରୁ ଯୁବକଜଣକ ଖସି ପଳାଇଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ଯୁବକଙ୍କ ଘରକୁ ଯାଇ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଯୁବକଜଣକ କ୍ଷମା ମାଗିବା ପରେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ି ନ ଥିଲା। ଉତ୍ତ୍ୟକ୍ତ ଲୋକେ ଯୁବକଙ୍କୁ ଘଟଣାସ୍ଥଳରେ ପହଞ୍ଚି ଭୁଲ ମାଗିବାକୁ ନିଜ ଜିଦ୍‌ରେ ଅଡି ବସିଥିଲେ। ଖବରପାଇ ଟିଗିଂ ଓ ବହଳଦା ଥାନାର ଅଧିକାରୀ, କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହାପରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ତେବେ ରାତି ୧୨ଟା ପରେ କେତେକ ଲୋକ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ଭଙ୍ଗାରୁଜା କରିବା ସହ ଗ୍ୟାସ ଟାଙ୍କି ଖୋଲି ନିଆଁ ଲଗାଇଦେଇଥିଲେ। ତେବେ କୌଣସି ପ୍ରକାରେ ନିଆଁକୁ ପରିବାର ଲୋକେ ଆୟତ୍ତ କରିଥିଲେ। ତେବେ ଶୁକ୍ରବାର ରାସ୍ତା ଅବରୋଧସ୍ଥଳକୁ ବୁଝାଶୁଝା କରିବାକୁ ଯାଇଥିବା ତହସିଲଦାର, ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଲୋକେ ଆକ୍ରମଣ କରିଥିଲେ। ତେବେ ସମ୍ପୃକ୍ତ ଯୁବକ ଜଣକ ଦିବ୍ୟାଙ୍ଗ(ମାନିସକ ବିକୃତ) ଥିବାରୁ ସାଇକେଲ ଚଳାଇବା ସମୟରେ ଏଭଳି ଅଘଟଣ ଘଟିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନେ ଆଦିବାସୀମାନଙ୍କୁ ପ୍ରବର୍ତ୍ତାଇ ଏଭଳି ଅଶାନ୍ତ ପରିବେଶ ସୃଷ୍ଟି କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିଂଝିଆ ଗ୍ରାମରେ ପୋଲିସ ପହଞ୍ଚି ଥିବା ବେଳେ ଗାଁ ଏବେ ଜନଶୂନ୍ୟ ହୋଇପଡ଼ିଛି।

## ଗ୍ରାମାଞ୍ଚଳରେ ଏଲ୍‌ପିଜି...

ଅଧକ୍ଷତାରେ ସବୁ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବମାନଙ୍କ ମଧ୍ୟରେ ଅନୁଷ୍ଠିତ ଆଭାସି ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଓ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକର ସୂଚନା ଅନୁଯାୟୀ, ଦେଶରେ ରନ୍ଧନ ଗ୍ୟାସ୍‌ର ଠିକ୍ ବିତରଣ ଓ ସ୍ୱଚ୍ଛତାର ସହ କରିବାକୁ ଗୁରୁତ୍ୱ ଦିଆଯାଇଛି। କଳାବଜାର ରୋକିବାକୁ ଓଟିପି ମାଧ୍ୟମରେ ବୁକିଂ ଓ ଡେଲିଭରି ଉପରେ ଗୁରୁତ୍ୱ ଦିଆଯିବାକୁ କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ତେବେ ଅତ୍ୟଧିକ ବୁକିଂ ଯୋଗୁ ସର୍ଭର ଗତି ଧୀର ହୋଇଯାଇଛି। ଏଥିରେ ବାଧା ନ ହେବା ନିମନ୍ତେ ସର୍ଭର ସ୍ପିଡ୍ ବଢ଼ାଇବା କାର୍ଯ୍ୟ ଚାଲୁ ରହିଛି। ସମ୍ପ୍ରତି ପ୍ରାୟ ୩୦ ପ୍ରତିଶତ ବୁକିଂ କଲ୍ ଡ୍ରପ୍ ହେଉଛି, ଯାହାର ରେକର୍ଡ ରହୁଛି। ସେହିପରି ଗ୍ରାମାଞ୍ଚଳରେ ଡେଲିଭରି ଅବଧି ୪୫ ଦିନକୁ ବୃଦ୍ଧି କରାଯାଇଛି। ଗ୍ୟାସ୍ ବିତରଣ ପ୍ରକ୍ରିୟାକୁ ନେଇ ସବୁ ରାଜ୍ୟ ଓ ଜିଲାସ୍ତରରେ ଦୃଢ଼ ପଦକ୍ଷେପ ନିଆଯାଉଛି। ଏଲ୍‌ପିଜି ଗ୍ୟାସ୍‌ର ଅବୈଧ ଗଚ୍ଛିତ ଓ ସଂଗ୍ରହ ଉପରେ ପ୍ରତ୍ୟେକ ଜିଲାସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟୋଜିତ ରହି କଳାବଜାର ଉପରେ ତୀକ୍ଷ୍ଣ ନଜର ରଖିଛି। ରନ୍ଧନ ଗ୍ୟାସ୍‌କୁ ନେଇ ବିବ୍ରତ ନ ହେବାକୁ ଜନସାଧାରଣଙ୍କୁ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ରୋଷେଇ ଗ୍ୟାସ ମିଳିବାରେ ସମସ୍ୟାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ବିକ୍ଷୋଭ ଦେଖିବାକୁ ମିଳିଛି। ନୟାଗଡ଼ ସହର ଓଡଗାଁ ଛକଠାରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଶୁକ୍ରବାର ଗ୍ୟାସ ଅଭାବ ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାଜପୁର ଟାଉନ୍ ଗରିଆପୁର ସ୍କୁଲ ପାର୍ଶ୍ୱରେ ଥିବା ଇଣ୍ଡେନ ଗ୍ୟାସ ଏଜେନ୍ସି ଅଫିସରେ ତାଲା ପକାଯାଇ ଗ୍ୟାସ ନାହିଁ ବୋଲି ପୋଷ୍ଟର ମରାଯାଇଛି। ଏହାକୁ ନେଇ ପୂର୍ବାହ୍ନରେ ଗ୍ୟାସ ଏଜେନ୍ସି ଅଫିସ ନିକଟ ରାସ୍ତା ଉପରେ ଉପଭୋକ୍ତାମାନେ ଖାଲି ଗ୍ୟାସ୍ ସିଲିଣ୍ଡର ରଖି ପ୍ରତିବାଦ କରିଛନ୍ତି। ସେହିପରି ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଜାରକା ଫ୍ଲାଏଓଭର ତଳେ ପ୍ରତିବାଦ କରାଯାଇଛି। ସେହିପରି କେନ୍ଦୁଝର ସହର ଧାଙ୍ଗଡପଡ଼ାରେ ଲୋକେ ରାସ୍ତାରୋକୋ କରିଛନ୍ତି। ବୁକିଂ କରି ଦୀର୍ଘଦିନ ଧରି ଗ୍ୟାସ ମିଳୁ ନ ଥିବା ଏବଂ ହୋମ୍ ଡେଲିଭରି ଠିକ୍ ଭାବରେ ହେଉ ନ ଥିବାରୁ ଅସନ୍ତୋଷ ଲାଗି ରହିଥିଲା। ସମସ୍ୟା ସମାଧାନ ନ ହେବାରୁ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ସେହିପରି ଏଲ୍‌ପିଜି ସିଲିଣ୍ଡର ଓ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରି ରୋକିବା, ଗଚ୍ଛିତ ଓ କୃତ୍ରିମ ଅଭାବ ଉପରେ କଡା ନଜର ରଖିବା, ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ, ଖାଦ୍ୟସାମଗ୍ରୀ ମୂଲ୍ୟ ସ୍ଥିର ରଖିବା ପାଇଁ ପଦକ୍ଷେପ, ଏଲ୍‌ପିଜି ସିଲିଣ୍ଡର ଉପଲବ୍ଧତା ଓ ଯୋଗାଣ ଭଳି ୭ଦଫା ନେଇ ଶୁକ୍ରବାର ନୂଆପଡ଼ା ଜିଲା କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଥିଲା। କଂଗ୍ରେସ କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ୟାସ୍ ସିଲିଣ୍ଡର ରଖି କାଠଚୁଲିରେ ଚା' ତିଆରି କରି ପଥିକ ଓ ଯାନବାହନ ଅଟକାଇ ଯାତ୍ରୀଙ୍କୁ ଚା' ଦେଇଥିଲେ। ଏହାସହ ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ।

## ରନ୍ଧନ ଗ୍ୟାସ୍‌ର...

କରନ୍ତୁ, ଅଧିକ କରନ୍ତୁ ନାହିଁ। ଗୁରୁବାର ଗ୍ୟାସ୍ କମ୍ପାନୀଗୁଡ଼ିକ ସହ ଏ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ରାଜ୍ୟରେ ଯେତିକି ଗ୍ୟାସ୍‌ର ଚାହିଦା ଅଛି ତାହାଠାରୁ ଅଧିକ ମହଜୁଦ୍ ରହିଛି। ମାତ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧର ଭୟାବହତାକୁ ନେଇ ଲୋକେ ଅଧିକ ଚାହିଦା କରିବା ଯୋଗୁ ସର୍ଭର ଉପରେ ଚାପ ପଡୁଛି। ମାତ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଓଡ଼ିଶା ଉପରେ ବିଶେଷ ଭାବେ ପଡ଼ିବ ନାହିଁ। ଗ୍ୟାସ୍ କଳାବଜାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## +୨ ପରୀକ୍ଷା...

ଦେଖି ବଲାଙ୍ଗୀର ଅଞ୍ଚଳର ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଥିଲେ। ଶୁକ୍ରବାର ଅନୁଷ୍ଠିତ ପରୀକ୍ଷାର ସେଟ୍ 'ସି'ରେ ୨ ନମ୍ବର ପ୍ରଶ୍ନ(ସି)ରେ କୋପ୍ଲାନରରୁ ୨ ମାର୍କ, ୩ ନମ୍ବର ପ୍ରଶ୍ନ(ଏ)ରେ ଡିଟରମିନାଣ୍ଟ ପ୍ରପର୍ଟିରେ ୩ ମାର୍କ, (କେ)ରେ ଡିଟରମିନାଣ୍ଟ ପ୍ରପର୍ଟିରେ ୩ ମାର୍କ, ୪ନମ୍ବର ପ୍ରଶ୍ନର(ଏ)ରେ ଏଲିମେଣ୍ଟାରିର ଅପରେଶନ୍ସରୁ ୫ ମାର୍କ ଏବଂ ପ୍ରଶ୍ନ (ବି)ରେ ଡିଟରମିନାଣ୍ଟ ପ୍ରପର୍ଟିରେ ୫ ମାର୍କର ପ୍ରଶ୍ନ ସିଲାବସ୍ ବାହାରୁ ଆସିଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେହିଭଳି ଅନ୍ୟ ପ୍ରଶ୍ନପତ୍ର ସେଟ୍‌ରେ ମଧ୍ୟ ଏଭଳି ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ଛାତ୍ରୀଛାତ୍ର ଦେଖିବାକୁ ପାଇଥିଲେ। ଚଳିତବର୍ଷ ଯୁକ୍ତ୨ ପରୀକ୍ଷା ଠିକ୍‌ଠାକ୍ ଚାଲିଥିବା ବେଳେ ଗଣିତ ପରୀକ୍ଷାରେ ସିଲାବସ୍ ବାହାରୁ ପ୍ରଶ୍ନ ଆସିଥିବା ନେଇ ବଲାଙ୍ଗୀର ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଏଣୁ ଗ୍ରେସ୍ ମାର୍କ ଦେବାକୁ ଅଭିଭାବକମାନେ ପରୀକ୍ଷା ନିୟନ୍ତ୍ରକଙ୍କୁ ଅନୁରୋଧ କରିଛନ୍ତି। ତେବେ ଏ ସମ୍ପର୍କରେ ସିଏଚଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି, ଗଣିତ ବିଷୟରେ ସିଲାବସ୍ ବାହାରୁ ଆସିଥିବା ପ୍ରଶ୍ନପତ୍ର ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ।




# ୧୬ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ମୋବାଇଲରେ ଲାଗିବ ଅଙ୍କୁଶ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୩।୩
(ରବିନାରାୟଣ ଜେନା)

ରାଜ୍ୟରେ ୧୬ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ର ମୋବାଇଲ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି। ଏଥିଯୋଗୁ ସେମାନଙ୍କ ଓ ତାଙ୍କ ପରିବାର ଉପରେ କୁପ୍ରଭାବ ପଡୁଛି। ଏହାକୁ ରୋକିବା ପାଇଁ କେତେକ ନିଷେଧାଦେଶ ଜାରି ଲାଗି ରାଜ୍ୟ ସରକାର ବିଚାର କରୁଛନ୍ତି ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ବିଜେଡି ସଦସ୍ୟା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗଣ୍ଡ କହିଛନ୍ତି, ମୋବାଇଲ ନିଷେଧାଦେଶ ପାଇଁ ବିଦ୍ୟାଳୟଗୁଡ଼ିକରେ ସ୍ୱତନ୍ତ୍ର ସଚେତନ କାର୍ଯ୍ୟକ୍ରମ କରାଯାଉଛି। ଅଭିନୟ, ଲୋକନୃତ୍ୟ, ଚିତ୍ରାଙ୍କନ, ଗଳ୍ପଲିଖନ, ସୃଜନାତ୍ମକ ଲିଖନ, ପ୍ରବନ୍ଧ ଲିଖନ, ତର୍କ ଭଳି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଦଶମ ଶ୍ରେଣୀର କୌଶଳୀ ପାଠ୍ୟକ୍ରମରେ ଡିଜିଟାଲ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା ସ୍ମାର୍ଟଫୋନ୍ ସୁରକ୍ଷା ଏବଂ ସୋସିଆଲ ମିଡିଆରେ ସାଇବର ସୁରକ୍ଷା ନାମରେ ପରିଚିତ। ଏହା ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଡିଜିଟାଲ ଅଭ୍ୟାସ ଏବଂ ସ୍କ୍ରିନ୍ ଟାଇମ୍ ଉପରେ ଆତ୍ମଚିନ୍ତନ କରିବାକୁ ଉତ୍ସାହିତ କରିଥାଏ। ବିଦ୍ୟାଳୟଗୁଡ଼ିକରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସାଇବର ସିକ୍ୟୁରିଟି ଉପରେ ପିଲାମାନଙ୍କୁ ସଚେତନ କରାଯାଉଛି। ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଢୁଥିବା ଚାପ ହ୍ରାସ ନିମନ୍ତେ କେତେକ ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇଛି। ‘ପରୀକ୍ଷା ପେ ଚର୍ଚ୍ଚା’ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ ଆଲୋଚନା କରି ପରୀକ୍ଷାକୁ ଭୟ ନ କରି ତାହାକୁ ଶିକ୍ଷାର ଏକ ପର୍ବରେ ପରିଣତ କରିବାକୁ ପରାମର୍ଶ ଦେଉଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ସୁବାସିନୀଙ୍କ ସହ ସଦସ୍ୟ ଦିବ୍ୟଶଙ୍କର ମିଶ୍ର ଓ ଦୁର୍ଗାପ୍ରସନ୍ନ ନାୟକ ବିଭିନ୍ନ ବିଦ୍ୟାଳୟରେ ଇଣ୍ଟରନେଟ୍ ଓ ବିଦ୍ୟୁତ୍ ସେବା କେବେ ହେବ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟ ଜାରି ରହିଛି ଏବଂ ପର୍ଯ୍ୟାୟକ୍ରମେ କରାଯିବ। ସଦସ୍ୟ ସାରଦା ପ୍ରଧାନ ପୂର୍ବ ସରକାର ସମୟରେ ଛାତ୍ରୀଛାତ୍ର ଅଭାବରୁ ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ନେଇ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ସୁପାରିସ୍ ଆସିଲେ ସରକାର ନିଶ୍ଚିତ ଭାବେ ବିଚାର କରିବେ। ସଦସ୍ୟ ତାରାପ୍ରସାଦ ବାହିନୀପତି କୋରାପୁଟର ବିଭିନ୍ନ ବିଦ୍ୟାଳୟର ପାହାଡ଼ିଆ ଓ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ସଦସ୍ୟା ସୋଫିଆ ଫିର୍ଦ୍ଦୋସ କଟକର ବିଭିନ୍ନ ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ, ଡିଜିଟାଲ ଶିକ୍ଷା ନେଇ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଥିଲେ, ଏନେଇ ସରକାର ନିଶ୍ଚିତ ଭାବେ ଦୃଷ୍ଟି ଦେବେ। ଭିତ୍ତିଭୂମି ସୁଦୃଢ଼ ଲାଗି ପଞ୍ଚାୟତିରାଜ ବିଭାଗକୁ ପାଣ୍ଠି ହସ୍ତାନ୍ତର କରାଯାଇଛି।

# କୁଆଡ଼େ ଗଲେ ଦାଶରଥି

- ରହିଲେନି ୬ ବିଧାୟକ, ବିଜେଡି ଛାଡ଼ିବେନି ଶପଥ କଲେ ୨ ପ୍ରାର୍ଥୀ
- ପାଣ୍ଡିଆନଙ୍କ ଲୋକ ଏଜେଣ୍ଟ ହେଲେ କଂଗ୍ରେସ ଫସିବ
- ଆଜି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଟ୍ରେନିଂ କାର୍ଯ୍ୟକ୍ରମ
- ୧୬ରେ ସମସ୍ତେ ବିଧାନସଭାରେ ରହିବାକୁ ସରକାରୀ ଦଳର ହ୍ୱିପ୍

ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନ ପାଇଁ ମଝିରେ ମାତ୍ର ୨ ଦିନ ରହିଲା। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ସବୁ ପ୍ରକାର ବଳ ଲଗାଇ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ନିଜ ୮ ବିଧାୟକଙ୍କୁ ନେଇ ବେଙ୍ଗାଲୁରୁ ଚାଲି ଯାଇଛନ୍ତି। ମାତ୍ର ବାକି ୬ ଜଣ ବିଧାୟକ ଓଡ଼ିଶାରେ ଅଛନ୍ତି। ସେମାନେ ହେଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସାଗର ଦାସ, ଦାଶରଥି ଗମାଙ୍ଗ ଏବଂ ସୋଫିଆ ଫିର୍ଦ୍ଦୋସ ଓଡ଼ିଶାରେ ଅଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ବିଧାୟକ ଦାଶରଥି ଗମାଙ୍ଗ କଂଗ୍ରେସର କୌଣସି ନେତାଙ୍କୁ ଧରାଛୁଆଁ ଦେଉନାହାନ୍ତି। ଟେଲିଫୋନ୍ ଯୋଗେ ମଧ୍ୟ ଦଳର ନେତୃତ୍ୱଙ୍କ ସହିତ ସେ ଯୋଗାଯୋଗ ରଖୁ ନ ଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଜଣେ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦାଶରଥିଙ୍କ ସହ ଦଳ ପକ୍ଷରୁ କୌଣସି ଯୋଗାଯୋଗ ହୋଇପାରୁ ନ ଥିବାବେଳେ ସେ କେଉଁଠାରେ ଅଛନ୍ତି କାହାକୁ ଜଣାନାହିଁ। ଦଳର ୨ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଜେନା ତାଙ୍କ ବିଷୟରେ ଜାଣିଥିଲେ ସୁଦ୍ଧା ସେମାନେ ନ ଜାଣିବା ଭଳି ଅଭିନୟ କରୁଥିବା ସେ କହିଛନ୍ତି।

ଅନ୍ୟପଟେ କଂଗ୍ରେସ ପକ୍ଷରୁ ଶୁକ୍ରବାର, ଶନିବାର ଏବଂ ରବିବାର ୩ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ନ ଛାଡ଼ିବା ଲାଗି ଗୁରୁବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ହ୍ୱିପ୍ ଜାରି କରିଥିଲେ। ମାତ୍ର କାଡାମଙ୍କ ହ୍ୱିପ୍‌କୁ ଭାଙ୍ଗି ଭକ୍ତ ୮ ବିଧାୟକଙ୍କୁ କାହିଁକି ରାଜ୍ୟ ବାହାରକୁ ନେଇକି ଗଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପଟେ ତାରାପ୍ରସାଦ ବାହିନୀପତି ବିଧାୟକମାନେ ନିଜ ଇଚ୍ଛାରେ ବୁଲିବାକୁ ଯାଇଥିବା କହିଛନ୍ତି। ସୋଫିଆ କହିଛନ୍ତି ଏ ବିଷୟରେ ତାଙ୍କୁ କିଛି କୁହାଯାଇନି ସେ ଗଣମାଧ୍ୟମରୁ ଯାହା ଶୁଣିବାକୁ ପାଇଛନ୍ତି। କାଡାମ କହିଛନ୍ତି, ଘୋଡ଼ାବେପାର ପାଇଁ ଭାଜପା ଚେଷ୍ଟା କରିବା କାରଣରୁ କଂଗ୍ରେସ ବିଧାୟକମାନଙ୍କୁ ବାହାରକୁ ନିଆଯାଇଛି। ଅନ୍ୟପଟେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ବେଙ୍ଗାଲୁରୁରେ ଥିବା ରାଜ୍ୟ କଂଗ୍ରେସ ବିଧାୟକମାନଙ୍କ ସହିତ ସାକ୍ଷାତ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ରାଜ୍ୟ ସଭା ନିର୍ବାଚନ ପାଇଁ କଂଗ୍ରେସ ବିଧାୟକମାନଙ୍କୁ କିଣିବାକୁ ଭାଜପା ସରକାର ଚେଷ୍ଟା କରୁଥିଲେ। ସେମାନଙ୍କ ଜୀବନ ପ୍ରତି ବିପଦ ଥିଲା। ତେଣୁ ସେମାନଙ୍କୁ କର୍ଣ୍ଣାଟକ ଅଣାଯାଇଥିବା ଶିବକୁମାର କହିଛନ୍ତି। ଏଥିରୁ ଗୋଟିଏ କଥା ବୁଝାପଡୁଛି କଂଗ୍ରେସ ନେତାମାନଙ୍କ କଥାବାର୍ତ୍ତାରେ ତାଳମେଳର ଘୋର ଅଭାବ ରହିଛି। କଂଗ୍ରେସର ୮ ବିଧାୟକ କାହିଁକି ବେଙ୍ଗାଲୁରୁ ଯାଇଛନ୍ତି ତାକୁ ନେଇ ସବୁ ନେତା ଭିନ୍ନ ଭିନ୍ନ ମତ ରଖୁଛନ୍ତି, ଯେପରି କାହାର କାହା ସହିତ ଭଲ ସମ୍ପର୍କ ନାହିଁ। ରାଜ୍ୟ ସଭା ନିର୍ବାଚନ ଦିନ ଏହାର ଫାଇଦା ଉଠାଇବାକୁ ଭାଜପା ଏକ ନୂଆ ଯୋଜନା କରିପାରେ ବୋଲି କଂଗ୍ରେସର ଜଣେ ବରିଷ୍ଠ ନେତା କହିଛନ୍ତି। ତାଙ୍କ କହିବା ମୁତାବକ, ଯିଏ ରାଜ୍ୟ ସଭା ନିର୍ବାଚନରେ ବିଜେଡିର ଏଜେଣ୍ଟ ହେବେ ସିଏ ଯଦି ପାଣ୍ଡିଆନଙ୍କ ଘନିଷ୍ଠ ହୋଇଥିବେ ତାହା ହେଲେ କଥା ଅଲଗା ହେବ। ବିଜେଡିର କେତେଜଣ କ୍ରସ୍ ଭୋଟିଂ କରିବା ସତ୍ତ୍ୱେ ସେ ଏକଥା ଲୁଚାଇବା


ଦାଶରଥି ଗମାଙ୍ଗ

ସହିତ କଂଗ୍ରେସ ମୁଣ୍ଡରେ ସେହି ଦୋଷ ଚାଲିଯାଇପାରେ ବୋଲି ସେ କହିଛନ୍ତି। ତେଣୁ ବିଜେଡିର ଏଜେଣ୍ଟ କିଏ ହେବେ ତା’କୁ ନେଇ ଚର୍ଚ୍ଚା ରହିଛି।

ସେହିପରି ବିଜେଡିର ୩ ଦିନିଆ ଟ୍ରେନିଂ କାର୍ଯ୍ୟକ୍ରମ ମଧ୍ୟରୁ ପ୍ରଥମ ଦିନ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ୪୮ ବିଧାୟକଙ୍କ ମଧ୍ୟରୁ ୬ ଜଣ ଯଥା ସାରଦା ନାଏକ, ସୁଦର୍ଶନ ହରିପାଲ, ଚକ୍ରମଣି କହଁର, ସୌଭିକ ବିଶ୍ୱାଳ, ମନୋହର ରନ୍ଧାରୀ ଏବଂ ନବ କିଶୋର ମଲିକ ଅନୁପସ୍ଥିତ ଥିଲେ। ଏହି ୬ଜଣଙ୍କ ମଧ୍ୟରୁ ଜଣେ ବିଧାୟକ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ଜଣାଶୁଣା ଏକ ଘରୋଇ ହୋଟେଲରେ କିଛି ଆଲୋଚନା କରିଥିବା ବିଜେଡିର ଅନ୍ୟନେତାମାନେ ସନ୍ଦେହ କରି ପ୍ରଚାର କରୁଛନ୍ତି। ସୌଭିକ ଏବଂ ତାଙ୍କ ବାପା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ବୁଝାଇବା ଲାଗି ଶୁକ୍ରବାର ବିଜେଡିର ୧୩ ଜଣ ବିଧାୟକ କଟକ ଯାଇଥିଲେ। ପ୍ରଥମେ ବିଧାୟକ ତୁଷାରକାନ୍ତି ବେହେରା ଯାଇ ପାଖାପାଖି ୩ ଘଣ୍ଟା ସେମାନଙ୍କ ସହିତ ଆଲୋଚନା କରିଥିବା ବେଳେ ସେ ଫେରିବା ପରେ ଆହୁରି ୧୨ ଜଣ ଯାଇଥିବା ଜଣାପଡ଼ିଥିଲା। ଏତେଜଣ ବୁଝାଇବା ପରେ ସୁଦ୍ଧା ସୌଭିକ ନବୀନ ନିବାସ ନ ଆସିବା କାରଣରୁ ୧୩ ବିଧାୟକ ତାଙ୍କ ମନ ପରିବର୍ତ୍ତନ କରିବାରେ ସଫଳ ହୋଇପାରି ନ ଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରାରମ୍ଭିକ ଭାଷଣ ରଖିଥିବା ବେଳେ ଅରୁଣ କୁମାର ସାହୁ ଭୋଟିଂ ନେଇ ଟ୍ରେନିଂ ଦେଇଥିଲେ। ଏହି ଅବସରରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଦୁଇ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଏବଂ ସଂତୃପ୍ତ ମିଶ୍ରଙ୍କୁ ଶପଥ କରାଇଥିଲେ। ଦୁଇ ପ୍ରାର୍ଥୀ ଶପଥ କରି କହିଥିଲେ ଭବିଷ୍ୟତରେ ସେମାନେ ବିଜୟୀ ହେଲେ ଆଉ ସୁଜିତ କୁମାର, ମମତା ମହନ୍ତ ଏବଂ ଅମର ପଟ୍ଟନାୟକଙ୍କ ଭଳି ଦଳ ଛାଡି ଯିବୁନାହିଁ। କେତେଜଣ ବିଧାୟକଙ୍କୁ ନେଇ ଶୁକ୍ରବାର ରାତିରେ ବିଧାୟକ ବିଶ୍ୱ ରଞ୍ଜନ ମଲିକଙ୍କ ସରକାରୀ ବାସଭବନରେ ଏକ ଭୋଜି ଆୟୋଜିତ ହୋଇଥିବା ଜଣାପଡ଼ିଛି।

ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଶାସକ ଦଳର ସବୁ ବିଧାୟକଙ୍କୁ ହ୍ୱିପ୍ ଜାରି କରି ସମସ୍ତେ ଆସନ୍ତା ୧୬ ତାରିଖରେ ବିଧାନସଭାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଅପରାହ୍ନ ୩ଟା ସମୟରେ ସବୁ ବିଧାୟକଙ୍କୁ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବାକୁ କୁହାଯାଇଛି। ସମସ୍ତଙ୍କ ପାଇଁ ରାଜ୍ୟ ସଭା ନେଇ ଏକ ଟ୍ରେନିଂ ପ୍ରୋଗ୍ରାମର ଆୟୋଜନ କରାଯାଇଛି। ତେବେ ଭାଜପା ବିଧାୟକମାନେ ପାରାଦୀପର ଏକ ହୋଟେଲରେ ଶନିବାରଠାରୁ ଯାଇ ରହିବେ ବୋଲି ଚାଲିଥିବା ଚର୍ଚ୍ଚା ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇ ନ ଥିବା ଜଣେ ବିଧାୟକଙ୍କ ସୂତ୍ରରୁ ଜଣାପଡ଼ିଛି।


ବେଙ୍ଗାଲୁରୁର ଏକ ଘରୋଇ ରିସୋର୍ଟରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାରଙ୍କ ସହିତ ଓଡ଼ିଶାରୁ ଯାଇଥିବା କଂଗ୍ରେସର ୮ଜଣ ବିଧାୟକ, ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ ଏବଂ ଅନ୍ୟମାନେ।

**ଝାଡ଼ଖଣ୍ଡ ସୁରକ୍ଷା କ୍ଷେତ୍ରରେ ବଡ଼ ପଦକ୍ଷେପ**

# ଥାନାକୁ ମିଳିବ ୩୦୦୦ ନୂଆ ଗାଡ଼ି





## ପ୍ରଥମ ପର୍ଯ୍ୟାୟରେ ୬୩୬ ଚାରିଚକିଆ, ୮୫୯ ଦୁଇଚକିଆ ହସ୍ତାନ୍ତର

ରାଞ୍ଚି, ୧୩।୩

ଝାଡ଼ଖଣ୍ଡର ସାଧାରଣ ଜନତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ‘ଅବୁଆ ସରକାର’ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ଥାନାକୁ ଆଧୁନିକ ସମ୍ବଳରେ ସଜ୍ଜିତ କରିବା ପାଇଁ ସରକାର ପ୍ରାୟ ୩ ହଜାର ଗାଡ଼ି ଯୋଗାଇବା ବ୍ୟବସ୍ଥା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୋଲିସ ବିଭାଗ ପାଇଁ ଝାଡ଼ଖଣ୍ଡ ସରକାର ସମୁଦାୟ ୧,୨୫୫ଟି ଚାରିଚକିଆ ଏବଂ ୧,୬୯୭ଟି ଦୁଇଚକିଆ ଯାନ ମଞ୍ଜୁର କରିଛନ୍ତି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୬୩୬ଟି ଚାରିଚକିଆ ଏବଂ ୮୫୯ଟି ଦୁଇଚକିଆ ଗାଡ଼ି ବିଭିନ୍ନ ଥାନାକୁ ଝାଡ଼ଖଣ୍ଡ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହସ୍ତାନ୍ତର କରାଯାଇଛି। ଏହାଦ୍ୱାରା ପୋଲିସର ପାଟ୍ରୋଲିଂ କ୍ଷମତା ବୃଦ୍ଧି ପାଇବ ଏବଂ ଅପରାଧ ନିୟନ୍ତ୍ରଣରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ସରକାର ଆଶା ରଖିଛନ୍ତି। କେବଳ ଗାଡ଼ି ନୁହେଁ, ପୋଲିସିଂ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ରାଜ୍ୟର ୧୨ ଜିଲାରେ ଅତ୍ୟାଧୁନିକ ‘ସମନ୍ୱିତ ଥାନା’ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସୋରେନ୍ ଆଭାସୀ ଜରିଆରେ ଶିଳାନ୍ୟାସ କରିଛନ୍ତି। ଏହି ଅତ୍ୟାଧୁନିକ ଥାନା ପରିସରରେ ୪ଟି ବିଶେଷ ୟୁନିଟ୍ କାର୍ଯ୍ୟ କରିବ। ସେଗୁଡ଼ିକ ହେଲା ମହିଳା ଥାନା, ସାଇବର ଥାନା, ମାନବ ଚାଲାଣ ବିରୋଧୀ ୟୁନିଟ୍ (ଏଏଚ୍‌ଟିୟୁ) ଓ ଏସ୍‌ସି/ଏସ୍‌ଟି ଥାନା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୋରେନ କହିଛନ୍ତି ଯେ, ‘ଆପଣଙ୍କ ସୁରକ୍ଷା, ଆମର ଦାୟିତ୍ୱ। ପୀଡ଼ିତ-କେନ୍ଦ୍ରିତ ପୋଲିସିଂ ବ୍ୟବସ୍ଥା ମାଧ୍ୟମରେ ସାଧାରଣ ଲୋକଙ୍କୁ ଯେପରି ନ୍ୟାୟ ପାଇଁ ବିଭିନ୍ନ ସ୍ଥାନକୁ ଦୌଡ଼ିବାକୁ ନ ପଡ଼େ, ସେଥିପାଇଁ ସରକାର ଏହି ମଡେଲ ଆପଣାଇଛନ୍ତି।’

# ହିଟ୍ ୱେଭ୍: ଝାରସୁଗୁଡ଼ା, ସମ୍ବଲପୁରକୁ ରେଡ୍ ଆଲର୍ଟ

ଭୁବନେଶ୍ୱର, ୧୩।୩
(ବନ୍ଦନା ସେଠୀ)

**ରବିବାରଠୁ ଝଡ଼ବର୍ଷା**

ରାଜ୍ୟରେ ଏବେ ତାପମାତ୍ରା ବଢ଼ିବା ସହ ଗ୍ରୀଷ୍ମ ପ୍ରବାହ ବା ହିଟ୍ ୱେଭ୍ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ରାଜ୍ୟରେ ଏବେ ହିଟ୍ ୱେଭ୍ ଜାରି ରହିଥିବାରୁ ଭାରତୀୟ ପାଣିପାଗ ବିଭାଗ ସତର୍କ କରିଛି। ଶନିବାର ଝାରସୁଗୁଡା ଏବଂ ସମ୍ବଲପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ରେଡ଼ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଶୁକ୍ରବାର ରାଜ୍ୟର ୧ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀ କିମ୍ବା ତା’ଠାରୁ ଅଧିକ ରହିଥିଲା। ୪୦.୬ ଡିଗ୍ରୀ ସହିତ ଝାରସୁଗୁଡା ପୁଣି ଥରେ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ହୀରାକୁଦରେ ୪୦.୨ ଡିଗ୍ରୀ, ସମ୍ବଲପୁର ୩୯.୯ ଡିଗ୍ରୀ, ସୁନ୍ଦରଗଡ଼ ୩୯.୫ ଡିଗ୍ରୀ, ସୋନପୁର ୩୮.୮ ଡିଗ୍ରୀ, ବରଗଡ଼ ୩୮.୮ ଡିଗ୍ରୀ, ଭବାନୀପାଟଣାରେ ୩୮.୫ ଡିଗ୍ରୀ, ନୂଆପଡା ୩୮.୫ ଡିଗ୍ରୀ, ଟିଟିଲାଗଡ ୩୮.୫ ଡିଗ୍ରୀ, ବଲାଙ୍ଗୀର ୩୮ ଡିଗ୍ରୀ, ବାରିପଦା ୩୮ ଡିଗ୍ରୀ, ତାଳଚେର ୩୮ ଡିଗ୍ରୀ, ଅନୁଗୋଳ ୩୭.୭ ଡିଗ୍ରୀ ଏବଂ ଢେଙ୍କାନାଳରେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିଲା। ତେବେ ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୮.୬ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଶୁକ୍ରବାର ଏଥିରେ ହ୍ରାସ ପାଇ ୩୪.୨ ଡିଗ୍ରୀ ରେକର୍ଡ ହୋଇଛି।

ଅପରପକ୍ଷେ ରବିବାର ଓ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାନେଇ ସୂଚନା ଦିଆଯାଇଛି। କେନ୍ଦୁଝର, ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଏବଂ ନବରଙ୍ଗପୁର ଆଦି ଜିଲାରେ ବର୍ଷା ହେବ। ତେବେ ରବିବାର କେନ୍ଦୁଝର ଏବଂ ମୟୂରଭଞ୍ଜକୁ ଘଡ଼ଘଡ଼ି ସହ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ସୋମବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।



କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା

-ମାସାନ୍ତ, ଶରଣ ଆରମ୍ଭ



# ରାଲିରେ ବୈଷୟିକ ତ୍ରୁଟି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଜସ୍ଥାନ ବାଂଶୱାଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲିରେ ଦଶ ମିନିଟ୍‌ର ଏକ ବୈଷୟିକ ତ୍ରୁଟି ଯୋଗୁ ସ୍କ୍ରିନ୍ କିଛି ସମୟ ପାଇଁ ଶୂନ୍ୟ ହୋଇଯାଇଥିଲା। ଏହି ଘଟଣା ଏତେ ଗମ୍ଭୀର ଥିଲା ଯେ, ବରିଷ୍ଠ ଆଇଏଏସ୍ ଅଧିକାରୀ ଅର୍ଚ୍ଚନା ସିଂହଙ୍କୁ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଯୋଗ ସଚିବ ପଦ ହରାଇବାକୁ ପଡ଼ିଲା। ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଯେତେବେଳେ ପ୍ରଯୁକ୍ତିବିଦ୍ୟା ବିଫଳ ହୁଏ, ସେତେବେଳେ କେହି ଜଣେ ଏଥିପାଇଁ ଉତ୍ତରଦାୟୀ ହେବାକୁ ପଡ଼ିବ। କିନ୍ତୁ ଏହି ଅଧ୍ୟାୟକୁ ନେଇ ଅଜବ ପ୍ରଶ୍ନ ଉଠିଛି। ଯଦି ୧୦ ମିନିଟ୍‌ର ଡିଜିଟାଲ ସମସ୍ୟା ଏତେଶୀଘ୍ର ଏକ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିପାରେ, ତେବେ ସରକାରଙ୍କ ଡିଜିଟାଲ ପୋର୍ଟାଲରେ କରଦାତାମାନେ ବର୍ଷ ବର୍ଷ ଧରି ସହ୍ୟ କରୁଥିବା ବୈଷୟିକ ଯନ୍ତ୍ରଣାକୁ ଆମେ କ'ଣ କହିବା ? ଏହିକ୍ରମରେ ଆୟକର ପୋର୍ଟାଲ ଆରମ୍ଭରୁ ବ୍ୟବସାୟୀ ଏବଂ ବୃତ୍ତିଧାରୀମାନେ ଲଗ୍‌ଇନ୍ ବିଫଳତା, ପେମେଣ୍ଟ ତ୍ରୁଟି, ଧୀର ପ୍ରକ୍ରିୟାକରଣ ଏବଂ ଶେଷ ତାରିଖରେ ସିଷ୍ଟମରେ ତ୍ରୁଟିକୁ ଲଗାତର ସହ୍ୟ କରିଆସିଛନ୍ତି। ପୋର୍ଟାଲ ସହଯୋଗ ନ କରିବାରୁ କରଦାତାମାନେ ଫାଇଲିଂ କିମ୍ବା ପେମେଣ୍ଟ କରିପାରି ନଥିଲେ। ତଥାପି ନିର୍ଦ୍ଧାରିତ ସମୟ ପରେ ଜରିମାନା ଜାରି ରହିଥିଲା। ଜିଏସ୍‌ଟି ପୋର୍ଟାଲର 'ଅସ୍ଥାୟୀ ବୈଷୟିକ ସମସ୍ୟା'ର ଏକ ଲମ୍ବା ଇତିହାସ ଅଛି। ଏମ୍‌ସିଏ ପୋର୍ଟାଲରେ ମଧ୍ୟ ୟୁଜରମାନେ ସମୟ ସମୟରେ ତ୍ରୁଟି ଦେଖିବାକୁ ପାଆନ୍ତି। କୋର୍ଟଙ୍କୁ ଏକାଧିକ ଥର ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଛି। ବୃତ୍ତିଗତ ସଂସ୍ଥାଗୁଡ଼ିକ ସମୟସୀମା ବୃଦ୍ଧି ପାଇଁ ଅନୁରୋଧ କରିଆସିଛନ୍ତି। ତେବେ ଲଗାତର ଦେଖାଯାଉଥିବା ଏପରି ତ୍ରୁଟି ସବୁ ବାଂଶୱାଡ଼ା ଭଳି ଦାୟିତ୍ୱବୋଧତା କ୍ଷେତ୍ରରେ କମ୍ ଦେଖିବାକୁ ମିଳେ। ନିଷ୍କର୍ଷ ହେଉଛି, ଟେକ୍ନୋଲୋଜି ବିଫଳତା ସେତେବେଳେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ଯେତେବେଳେ ସେସବୁ ରାଜନୈତିକ ଲଜ୍ଜା ସୃଷ୍ଟି କରନ୍ତି, ବରଂ କରଦାତାଙ୍କୁ ଅସୁବିଧାରେ ପକାଇବା ସମୟରେ ନୁହେଁ।

### ସିଏଟିଙ୍କ କଟକଣା

ବାବୁସାମ୍ରାଜ୍ୟରେ ବିବାଦ କେବେକେବେ ନାଟକୀୟ ଭାବେ ଖବରର ଶିରୋନାମା ହେଉଥିଲେ ବି ବେଳେବେଳେ ଆଇନଗତ ନାଟକ ସୃଷ୍ଟି କରେ। ଏବେ କେରଳରେ ଏଭଳି ଅଧ୍ୟାୟ ସାମ୍ନାକୁ ଆସିଛି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ରାଜ୍ୟ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ, ସିଭିଲ୍ ସର୍ଭିସ ପରିଚାଳନା କରୁଥିବା ନିୟମଗୁଡ଼ିକୁ ଅଦରକାରୀ ବୋଲି ବିବେଚନା କରାଯିବା ଉଚିତ ନୁହେଁ। ନିକଟରେ ଆଇଏଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ କେରଳର ଅବକାରୀ କମିଶନ ପଦବୀରେ ଜଣେ ଆଇପିଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯିବାରୁ ସମସ୍ୟା ଉପୁଜିଥିଲା। ଆଇଏଏସ୍ କ୍ୟାଡର ଏହାକୁ ବିରୋଧ କରି ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା। ସିଏଟି କ୍ୟାଡର ନିୟମଗୁଡ଼ିକୁ ଅନୁଧ୍ୟାନ କରିବା ପରେ କହିଥିଲେ ଯେ, ଏକ ଆଇଏଏସ୍ କ୍ୟାଡର ପଦବୀ କେବଳ ଜଣେ ଆଇଏଏସ୍ ଅଧିକାରୀ ଦ୍ୱାରା ପୂରଣ କରାଯାଇପାରିବ। ଟ୍ରିବ୍ୟୁନାଲ ପୁନଶ୍ଚ ଦର୍ଶାଇଛନ୍ତି ଯେ, ଅନ୍ୟାନ୍ୟ ପଦବୀ ଯଥା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଇନ୍ ଗଭର୍ନମେଣ୍ଟ (ଆଇଏମ୍‌ଜି)ର ମହାନିର୍ଦ୍ଦେଶକ ଏବଂ କେରଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲୋକାଲ ଆଡ୍‌ମିନିଷ୍ଟ୍ରେଶନ (କେଆଇଏଲ୍ଏ)ର ନିର୍ଦ୍ଦେଶକ ପଦବୀ ଆଇଏଏସ୍ କ୍ୟାଡର ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଅଣ-ଆଇଏଏସ୍ ଅଧିକାରୀ କିମ୍ବା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯାଇପାରିବ ନାହିଁ। କ୍ୟାଡର ନିୟମଗୁଡ଼ିକ ସଂସ୍ଥାଗତ ସନ୍ତୁଳନ ରକ୍ଷାକରିବା, କ୍ୟାରିୟରର ପ୍ରଗତି ସୁନିଶ୍ଚିତ କରିବା ଏବଂ ବରିଷ୍ଠ ପଦବୀରେ ଅଦଳବଦଳକୁ ନିୟନ୍ତ୍ରଣ ପାଇଁ ଗଠନ କରାଯାଇଛି। ତେବେ ବିଶ୍ୱସ୍ତ ଅଧିକାରୀଙ୍କ କ୍ଷେତ୍ରରେ ସରକାର ପ୍ରାୟତଃ ଟିକିଏ କୋହଳ ମନୋଭାବ ପୋଷଣ କରିଥାନ୍ତି। ଏହି ସମୟରେ ସିଭିଲ ସର୍ଭିସେସ କ୍ୟାଡର ନିୟମ ପୁସ୍ତିକାର କଥା ଉଠାଇଥାନ୍ତି। ସେଥିପାଇଁ ସିଏଟି ଏହାକୁ ଲାଗୁ କରିବାକୁ ଚାହିଁଛନ୍ତି।

### ସଚ୍ଚୋଟତା ପରୀକ୍ଷା

ଯେତେବେଳେ ଜଣେ ମୁଖ୍ୟମନ୍ତ୍ରୀ ବାବୁମାନଙ୍କୁ 'ସଚ୍ଚୋଟ ମତାମତ' ମାଗନ୍ତି, ସେତେବେଳେ ଏହା ଗଣତାନ୍ତ୍ରିକ ସ୍ୱଶାସନର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ପ୍ରତୀୟମାନ ହୋଇଥାଏ। ଏହା ପ୍ରାୟତଃ ଏକ ବୈପ୍ଳବିକ ପଦକ୍ଷେପ ବୋଲି ମନେହୁଏ । କିନ୍ତୁ ଆମ ପ୍ରଶାସନିକ ସଂସ୍କୃତିରେ 'ସଚ୍ଚୋଟ ମତାମତ' ଭଳି ଖଣ୍ଡବାକ୍ୟ ସଚିବାଳୟରେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ତେଲଙ୍ଗାନାରେ ଏଭଳି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସରକାରଙ୍କ ପ୍ରଦର୍ଶନ ଉପରେ ସ୍ପଷ୍ଟ ମତାମତ ଦେବାକୁ କହିଥିଲେ। ଏହାର ଉଦ୍ଦେଶ୍ୟ ହେଉଛି ପ୍ରଶାସନ ଆଗକୁ ବଢ଼ୁଥିବା ସମୟରେ ପ୍ରଗତିର ମୂଲ୍ୟାଙ୍କନ ଏବଂ ଶାସନକୁ ସୁନିୟନ୍ତ୍ରିତ କରିବାରେ ସାହାଯ୍ୟ କରିବା। ବ୍ୟବସ୍ଥା ଠିକ୍ ଏହିପରି କାମ କରିବା କଥା। ଉତ୍ତରାଧିକାରୀ ଭାବରେ ଭାରତ ପାଇଥିବା ପାର୍ଲାମେଣ୍ଟାରୀ ସରକାର ମଡେଲ ଏହି ନୀତି ଉପରେ ଗଢ଼ିଉଠିଥିଲା, ଯେଉଁଠି ବାବୁମାନେ ବ୍ୟକ୍ତିଗତ ଭାବରେ ସ୍ପଷ୍ଟ ଭାବରେ କଥା ହୁଅନ୍ତି, ମନ୍ତ୍ରୀମାନେ ସର୍ବସାଧାରଣରେ ନିଷ୍ପତ୍ତି ନିଅନ୍ତି। ବର୍ଷ ବର୍ଷ ଧରି ବାବୁମାନେ ମଧ୍ୟ ଫାଇଲରେ ସତର୍କତାର ସହିତ ମନ୍ତବ୍ୟ, ସୁପାରିସ ଆଦିରେ ସମନ୍ୱୟ ରକ୍ଷା କରିଆସିଛନ୍ତି। ସ୍ପଷ୍ଟତା, ଯଦିଓ ପ୍ରଶଂସନୀୟ, କେତେକ ସମୟରେ କ୍ୟାରିଅର ସ୍ଥିରତା ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ତେବେ ସ୍ପଷ୍ଟ ମୂଲ୍ୟାଙ୍କନ ପାଇଁ ରେଭନ୍ତ ରେଡ୍ଡୀଙ୍କ ଆହ୍ୱାନ ବାସ୍ତବରେ ପ୍ରଶାସନକୁ ଉନ୍ନତ କରିବା ଏବଂ ପ୍ରମୁଖ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଏକ ବ୍ୟାପକ ପ୍ରୟାସର ଅଂଶ ମନେହୁଏ। ତେଲଙ୍ଗାନାର ନେତୃତ୍ୱ ମହତ୍ତ୍ୱାକାଂକ୍ଷୀ ନିବେଶ ଏବଂ ବିକାଶ ଯୋଜନାଗୁଡ଼ିକୁ ଅନୁସରଣ କରିବା ସହିତ ଦ୍ରୁତ କାର୍ଯ୍ୟାନ୍ୱୟନ ଏବଂ ଉତ୍ତମ ପ୍ରଶାସନିକ ସମନ୍ୱୟ ଚାହୁଁଛି। କିନ୍ତୁ ଏଠାରେ ପ୍ରକୃତ ପରୀକ୍ଷା ହେଉଛି ସଂସ୍କୃତିଗତ, ପ୍ରକ୍ରିୟାଗତ ନୁହେଁ। ବାବୁମାନେ କ'ଣ ପ୍ରକୃତରେ ନିଜ ମତାମତ ଦେବେ ? ବ୍ୟବସ୍ଥା କ'ଣ ଦଣ୍ଡିତ କରିବା ପରିବର୍ତ୍ତେ ଅସତ୍ୟକୁ ଗ୍ରହଣ କରିବ ?

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | 4 |
| | | | | | 4 | | 8 | |
| | | | | | | | 7 | |
| | 8 | 7 | | | 9 | 2 | | |
| 2 | | | | 1 | | 8 | 5 | |
| 6 | | 1 | | 2 | | | | |
| | | 2 | 3 | 4 | 1 | | | 7 |
| | | 6 | | | 8 | | | |
| | | | 7 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 1 | 3 | 5 | 2 | 7 | 4 | 6 |
| 5 | 6 | 7 | 8 | 4 | 1 | 9 | 2 | 3 |
| 2 | 3 | 4 | 6 | 7 | 9 | 8 | 5 | 1 |
| 4 | 1 | 8 | 9 | 2 | 3 | 6 | 7 | 5 |
| 6 | 2 | 5 | 4 | 1 | 7 | 3 | 9 | 8 |
| 3 | 7 | 9 | 5 | 6 | 8 | 4 | 1 | 2 |
| 1 | 9 | 2 | 7 | 3 | 6 | 5 | 8 | 4 |
| 7 | 4 | 6 | 2 | 8 | 5 | 1 | 3 | 9 |
| 8 | 5 | 3 | 1 | 9 | 4 | 2 | 6 | 7 |

ଗତକାଲିର ଉତ୍ତର

# ଜଳ ହିଁ ଜୀବନ



ବୈକୁଣ୍ଠନାଥ ମିଶ୍ର

ଜଳର ଅନ୍ୟ ନାମ ଜୀବନ। ମଣିଷପାଇଁ ଉପଲବ୍ଧ ଅତ୍ୟାବଶ୍ୟକ ପ୍ରାକୃତିକ ଉପାଦାନ ମଧ୍ୟରେ ଜଳ ଅନ୍ୟତମ। କେବଳ ମଣିଷ ନୁହେଁ, ସମଗ୍ର ପ୍ରାଣୀ ଓ ଉଦ୍ଭିଦଜଗତ ପାଇଁ ଜଳ ଏକ ଶ୍ରେଷ୍ଠ ପ୍ରାକୃତିକ ଉପାଦାନ। ନିକଟ ଭବିଷ୍ୟତରେ ଏହି ଦୁର୍ଲଭ ଉପାଦାନଟି ଏକ ବୃହତ୍ ସଙ୍କଟରୂପେ ଉଭା ହେବାକୁ ଯାଉଛି। ପୃଥିବୀର ୭୨ ଭାଗ ଅଞ୍ଚଳ ଜଳପୂର୍ଣ୍ଣ ଥିଲେ ମଧ୍ୟ ପ୍ରାଣୀ ଆବଶ୍ୟକ କରୁଥିବା ଜଳର ପରିମାଣ ମାତ୍ର ଶତକଡା ୩ ଭାଗ। ସେଥିରୁ ୨ ପ୍ରତିଶତ ଜଳ ହିମତୁଷାର ଆକାରରେ ଥିବାବେଳେ ମାତ୍ର ଶତକଡା ୧ ଭାଗ ଜଳ ମନୁଷ୍ୟର ବ୍ୟବହାରରେ ଲାଗୁଛି। ଏହି ଏକଭାଗ ଜଳ ନଦୀ, ଝରଣା, ପୁଷ୍କରିଣୀ ଓ ଭୂତଳରେ ଗଚ୍ଛିତ ଅଛି। ଭୂତଳ ଜଳରାଶିର ବ୍ୟାପକ ଅବକ୍ଷୟ ଘଟିଚାଲିଛି। ଭୂତଳ ଜଳସ୍ତରରେ ୧୮ ଭାଗ ଜଳ ଭୂତଳଗାମୀ ହୋଇ ନ ପାରି ସମୁଦ୍ରକୁ ବହିଯାଉଛି। ଗତ ଶତାବ୍ଦୀର ୮୦ ଦଶକ ସୁଦ୍ଧା ନଦୀମାନଙ୍କରେ ପ୍ରବାହିତ ଜଳଧାରାର ୭୦ ପ୍ରତିଶତରୁ ଅଧିକ ବର୍ତ୍ତମାନ ହ୍ରାସ ପାଇଛି। ବର୍ଷ ତମାମ ଯେତିକି ବୃଷ୍ଟି ହେବା କଥା, ବର୍ତ୍ତମାନ ପ୍ରାୟତଃ ସମାନ ପରିମାଣର ବୃଷ୍ଟିପାତ ହେଉଥିଲେ ମଧ୍ୟ ଅକାଳ ଓ ଅନାବଶ୍ୟକ ବୃଷ୍ଟି ଉପକାର ପରିବର୍ତ୍ତେ ଅଧିକ ଅପକାର କରୁଛି।

ଯେତେ ପରିମାଣର ମଧୁର ଜଳ ଉପଲବ୍ଧ ହେଉଛି, ତାହା ପୂର୍ଣ୍ଣମାତ୍ରାରେ ମଣିଷର ବ୍ୟବହାରରେ ଆସୁନାହିଁ। ପାନୀୟ ଜଳକ୍ରମେ ବିଷାକ୍ତ ହେବାରେ ଲାଗିଛି। ନିକଟରେ ମଧ୍ୟପ୍ରଦେଶର ଇନ୍ଦୋରରେ ପ୍ରଦୂଷିତ ଜଳପାନ କରି ୧୬ଜଣଙ୍କ ମୃତ୍ୟୁ ଘଟଣା ଆଧୁନିକ ମଣିଷ ପାଇଁ ଏକ ଚେତାବନୀ। ଆମ ରାଜ୍ୟର ଆଠଗଡ଼ ସମେତ ବହୁ ଅଞ୍ଚଳରେ ଭୂତଳ ଜଳରେ ମାତ୍ରାଧିକ ଫ୍ଲୋରାଇଡ୍ ଥିବାର ପ୍ରମାଣ ମିଳିଛି। ଏହି ଜଳପାନ କରିବା ଫଳରେ ଲିଭର କିଡ୍‌ନୀ ଜନିତ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଗଙ୍ଗା ଓ ଯମୁନାର ଜଳ ବିଷାକ୍ତ ହେବାରେ ଲାଗିଛି। ମଣିଷ ଯେଉଁ ଟ୍ୟାପ ଜଳ ବ୍ୟବହାର କରୁଛି, ତାହା ଆଦୌ ବିଶୋଧିତ ନୁହେଁ। ଘରେ ସଂଯୁକ୍ତ ନଳ ଓ ଟ୍ୟାପ୍‌କୁ ନିୟମିତ ବ୍ୟବଧାନରେ ସଫା କରିବା କଥା। କିନ୍ତୁ ତାହା ପ୍ରାୟତଃ ହେଉନାହିଁ। ମଣିଷ ବଜାରରେ ଉପଲବ୍ଧ ପ୍ଲାଷ୍ଟିକ ବୋତଲରେ ବିଭିନ୍ନ ବ୍ରାଣ୍ଡର ଜଳକୁ କ୍ରୟ କରି ପାନ କରୁଛି। ଆମର ଏକ ଧାରଣା ଯେ, ବଜାରରେ ଉପଲବ୍ଧ ବୋତଲ ପାଣି ବିଶୁଦ୍ଧ, କିନ୍ତୁ ତାହା ଠିକ୍ ନୁହେଁ। ବୋତଲ ପିଛା ଦଶଟଙ୍କାଠାରୁ ଆରମ୍ଭ କରି ହଜାର ଟଙ୍କିଆ କାଚ ବୋତଲରେ



ସ୍ପାର୍କଲିଙ୍ଗ ୱାଟର ବଜାରରେ ଉପଲବ୍ଧ ହେଲାଣି।

ପାନୀୟ ଜଳକୁ ଦିନେ ପ୍ରକୃତିର ମାଗଣା ଉପହାର ମନେକରାଯାଉଥିଲା। କିନ୍ତୁ ସମ୍ପ୍ରତି ତାହା ଏକ ବିଶାଳ ବ୍ୟବସାୟିକ କ୍ଷେତ୍ରରେ ପରିଣତ ହୋଇ ସାରିଲାଣି। ଇତିହାସ କହେ ମୋଗଲ ସମ୍ରାଟ୍ ଆକବର ଉଚ୍ଚ ପାର୍ବତ୍ୟାଞ୍ଚଳରେ ପ୍ରବାହିତ ଗଙ୍ଗା ଜଳକୁ ପ୍ରତ୍ୟହ ସଂଗ୍ରହ କରାଇ ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକତା ମେଣ୍ଟାଉଥିଲେ। ଆଜି କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସାଧାରଣ ଜଳ ପରିବର୍ତ୍ତେ ବିଦେଶୀ ଓ ପ୍ରାକୃତିକ ଭାବେ ପ୍ରବାହମାନ ଝରଣାର ଜଳକୁ ଧନୀ ତଥା ସମ୍ଭ୍ରାନ୍ତ ଶ୍ରେଣୀୟ ଲୋକମାନେ ହଜାର ହଜାର ଟଙ୍କା ବିନିମୟରେ କ୍ରୟ କରୁଛନ୍ତି। ଏହା କେବଳ ତୃଷା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ ନୁହେଁ; ବରଂ ନିଜ ଆଭିଜାତ୍ୟପୂର୍ଣ୍ଣ ଜୀବନଶୈଳୀ ତଥା ସ୍ୱାସ୍ଥ୍ୟ ପ୍ରତି ପ୍ରଗାଢ଼ ସଚେତନତା ବୋଲି ଅନ୍ୟକୁ ଦେଖାଇ ଦେବାର ଏକ କୃତ୍ରିମତାଭରା ପ୍ରୟାସ ମାତ୍ର। ଲୋକଙ୍କର ଆବଶ୍ୟକତାକୁ ଅନୁଭବ କରି ବହୁରାଷ୍ଟ୍ରୀୟ କମ୍ପାନୀମାନେ ବୈଜ୍ଞାନିକ ପଦ୍ଧତିରେ ସାଧାରଣ ଜଳକୁ ବିଶୁଦ୍ଧ କରି ପ୍ରାକୃତିକ ଜଳ ନାମରେ ବ୍ୟବସାୟ କରି ବେଶ୍ ଲାଭବାନ ହେଉଛନ୍ତି। ଏଠାରେ ଗୋଟିଏ କଥା ସ୍ପଷ୍ଟ କରିଦିଆଯାଇପାରେ ଯେ, ବୋତଲ ମାଧ୍ୟମରେ ବଜାରରେ ଉପଲବ୍ଧ ବିଭିନ୍ନ ବ୍ରାଣ୍ଡ୍‌ର ଜଳ ମଧ୍ୟରୁ ୧୮ଟି ବ୍ରାଣ୍ଡ୍‌ର ଜଳ ଅସୁରକ୍ଷିତ ଏବଂ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଦ୍ୱିତୀୟ କଥା ପ୍ଲାଷ୍ଟିକ ବୋତଲରେ ଜଳଧାରଣ ଏବଂ ତାହା ପୁଣି ଦିନଦିନ ଧରି ଆବଦ୍ଧ ରହିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ସାଧାରଣ ଲୋକଙ୍କ ପାଖରେ ଜଳର ନମୁନା ପରୀକ୍ଷା କରିବାର କୌଣସି ସାଧନ ଉପଲବ୍ଧ ନ ଥିବାରୁ ସେ ଏହାକୁ କିଣିନେଇ ଆଗ୍ରହରେ ପାନ କରୁଛି। ନିକଟରେ ଓଡ଼ିଶା ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଚଳିତବର୍ଷ ୨୯ଟି ଜଳ ନମୁନା ପରୀକ୍ଷା କରାଯାଇଥିଲା, ଯେଉଁଥିରୁ ୮ଟି ନମୁନା ଅସୁରକ୍ଷିତ ବୋଲି ଜଣାପଡ଼ିଥିଲା। ଏକଥା ମଧ୍ୟ ପ୍ରକାଶ କରିଛନ୍ତି ଯେ, ବିଗତ ଚାରିବର୍ଷରେ ୬୮ଟି ପାନୀୟଜଳର ନମୁନା ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୧୮ଟି ନମୁନା ପାନୀୟଯୋଗ୍ୟ ନୁହେଁ ବୋଲି ଜଣାପଡ଼ିଛି।

ଅପରପକ୍ଷେ ବିଶ୍ୱକଥା ଚିନ୍ତାକଲେ ଜଣାଯାଏ ଯେ, ବିଶ୍ୱର ଜଳ ସ୍ଥିତି ଉଦ୍‌ବେଗଜନକ। ବିଶ୍ୱ ବର୍ତ୍ତମାନ ଜଳ ସଂକଟର ଦ୍ୱାରଦେଶରେ ଉପନୀତ। ଜାତିସଂଘ ଜଳ ସମ୍ମିଳନୀରେ ଜଳ ସଂକଟ ଉପରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। କୁହାଯାଇଥିଲା ଯେ, ପ୍ରକୃତିର ସହନୀୟତାଠାରୁ ଅଧିକ ଜଳ ବ୍ୟବହାର ଯୋଗୁ ବିଶ୍ୱରେ ଜଳାଭାବର ଭୟଙ୍କର ସ୍ଥିତି ଉପୁଜିଛି। ପୃଥିବୀର ପ୍ରାୟ ଅର୍ଦ୍ଧେକ ଲୋକ ବର୍ଷକରେ ଅନ୍ୟୂନ ଏକମାସ ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ନଦୀ ଅବବାହିକାମାନଙ୍କରେ ବ୍ୟାପକ ବୃକ୍ଷଛେଦନ ଯୋଗୁ ବୃଷ୍ଟିଜଳ ଭୂଗର୍ଭକୁ ନ ଯାଇପାରି ନଦୀ ଓ ଝରଣା ମାଧ୍ୟମରେ ତତ୍‌କ୍ଷଣାତ୍ ନିମ୍ନକୁ ଗଡ଼ିଯାଉଛି। ନଦୀର ଉପରମୁଣ୍ଡରେ ବ୍ୟାପକ ବୃକ୍ଷ ସମ୍ଭାର ଥିଲେ ବୃଷ୍ଟିଜଳ ତତ୍‌କ୍ଷଣାତ୍ ନିମ୍ନକୁ ନିର୍ଗତ ନ ହୋଇ ଧୀରେଧୀରେ ଭୂତଳଗାମୀ ହୁଅନ୍ତା। ଫଳରେ ଝରଣା ଓ ନଦୀଗୁଡ଼ିକରେ ବର୍ଷତମାମ ଜଳଧାରା ପ୍ରବାହିତ ହୋଇ କୃଷିକର୍ମଣଠାରୁ ଆରମ୍ଭ କରି ମନୁଷ୍ୟର ନାନାବିଧ ଆବଶ୍ୟକତା ପୂରଣ ହୋଇ ପାରନ୍ତା। ବର୍ଷାଦିନେ ନଦୀ ଝରଣା ଜଳ ପ୍ଳାବିତ ହେଉଥିବା ବେଳେ ବର୍ଷର ଅନ୍ୟ ସମୟରେ ଶୁଷ୍କ ହୋଇ ପଡ଼ିରହୁଛି। ଏ ସବୁ କେବଳ ମଣିଷର ଦୂରଦୃଷ୍ଟିହୀନତାର ପରିଚୟ। ମନେ ଅଛି ଗ୍ରେଟା ଥନ୍‌ବର୍ଗ ଜଣେ ସ୍ୱଳ୍ପବୟସ୍କା ସ୍କୁଲଛାତ୍ରୀ ହୋଇ ମଧ୍ୟ କିପରି ଜାତିସଂଘ ଅଧିବେଶନରେ ବିଶ୍ୱର ତୁଙ୍ଗ ନେତୃମଣ୍ଡଳୀକୁ ପ୍ରଶ୍ନ କରିଥିଲେ- ତୁମେ ଆମ ଭବିଷ୍ୟତ ସହ କ'ଣ କରୁଛ ? ଜାତିସଂଘର ଜଳବାୟୁ ସଂକ୍ରାନ୍ତୀୟ ବୈଠକରେ ଅତି ଦୃଢ଼ତାର ସହ ପଚାରିଥିଲେ- ତୁମେ ଆମ ଭବିଷ୍ୟତ ସହ ଖେଳିବାକୁ କିପରି ସାହସ କରୁଛ ? । ଥନ୍‌ବର୍ଗଙ୍କ ପ୍ରଶ୍ନରେ ଯେଉଁ ଯାଦୁକରୀ ଶକ୍ତିଥିଲା ତା'ର ମର୍ମାଂଶ ହେଲା ତୁମେମାନେ ପୃଥିବୀର କ୍ଷତିକୁ ରୋକିବାକୁ ଏବେଠୁଁ ଉଦ୍ୟମ ଜାରିରଖ। ନଚେତ୍ ଭବିଷ୍ୟତ ବଂଶଧର ତୁମକୁ କ୍ଷମା ଦେବେ ନାହିଁ।

ଜଳ ସମ୍ମିଳନୀର ଶେଷକଥା ଥିଲା ଯେ, ଜଳ ପରିଚାଳନାରେ ଓ ବ୍ୟବହାରରେ କିପରି ମିତବ୍ୟୟିତା ଅବଲମ୍ବନ କରାଯାଇ ପାରିବ, ସେ ବିଷୟରେ ଚିନ୍ତା କରିବାର ସମୟ ଉପଗତ। ଜଳ ଆଉ ପ୍ରକୃତିର ମୁକ୍ତ ଉପାଦାନ ହୋଇ ନାହିଁ ପାହାଡ଼, ପର୍ବତ, ଜଙ୍ଗଲମାନଙ୍କ ପରି ଜଳ ଉତ୍ସଗୁଡ଼ିକ ମନୁଷ୍ୟର ଦୌରାତ୍ମ୍ୟର ଶିକାର ହୋଇଛି। ମଣିଷ ଯେତେବେଳେ ନିଜର ଆବଶ୍ୟକତା ଅନୁଭବ କରିବ ଓ ଜଳ ବ୍ୟବହାର ଉପରେ ସଂଯମ ହେବ, ସେତେବେଳେ ଯାଇ ଜଳ ସଙ୍କଟରୁ ଉଦ୍ଧାର ପାଇବାର ମାର୍ଗ ଅନୁସନ୍ଧାନ କରିବ। ନିଜେ ନ ଭୋଗିଲେ କଷ୍ଟର ଗଭୀରତା ବୁଝିହୁଏ ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ଧୈର୍ଯ୍ୟ, କ୍ଷମା ଲୋଡ଼ା



ଡ. କମଳା ପ୍ରସାଦ ମହାପାତ୍ର

ହୃଦୟରେ ଅନ୍ୟ ପ୍ରତି ଏପରିକି ପରମ ଶତ୍ରୁ ପ୍ରତି କୌଣସି ପରିସ୍ଥିତିରେ ଘୃଣାଭାବ ପୋଷଣ ନ କରି କ୍ଷମା, ଅନୁକମ୍ପା, କରୁଣା, ତିତିକ୍ଷା, ଦୟା ଭାବ ପ୍ରଦର୍ଶନକରିବା ଆବଶ୍ୟକ। ଏହାର ଅନେକ ଦୃଷ୍ଟାନ୍ତ ପୁରାଣ ଶାସ୍ତ୍ର ଓ ଇତିହାସରୁ ମିଳିଥାଏ। ଏହି ପରିପ୍ରେକ୍ଷୀରେ ସନ୍ଥ ଏକନାଥଙ୍କ ଧୈର୍ଯ୍ୟ ଓ କ୍ଷମା ପ୍ରଦର୍ଶନର ଏକ ରୋଚକ ଘଟଣା ମନକୁ ଆସେ। ଦିନକର କଥା। ସନ୍ଥ ଏକନାଥ ଗୋଦାବରୀ ନଦୀରୁ ଶୌଚ,ସ୍ନାନ ଓ ତର୍ପଣ ସାରି ଫେରିବା ରାସ୍ତାରେ ଜଣେ ଚଣ୍ଡାଳ ସମ୍ପ୍ରଦାୟର ବ୍ୟକ୍ତି ତାଙ୍କ ଉପରକୁ କାଦୁଅପାଣି ପକାଇଲେ। ସେ ଭାବିଥିଲେ ସାଧୁ ଏକନାଥ ତା' ଉପରେ କ୍ଷୁବ୍ଧ ହୋଇ ଅଭିଶାପ ଦେବେ। ମାତ୍ର ସେପରି କିଛି ହେଲାନାହିଁ। ସାଧୁ ମହାତ୍ମା ଫେରିଯାଇ ପୁଣି ଥରେ ନଦୀରେ ସ୍ନାନକରି ଆସନ୍ତେ ସେହି ଚଣ୍ଡାଳ ପୁଣି କାଦୁଅପାଣି ନିକ୍ଷେପ କଲେ। ଚଣ୍ଡାଳ ଯେତେଥର ମଇଳାପାଣି ପକାଉଥାଏ ଏକନାଥ ସେତେଥର ନଦୀକୁ ଯାଇ ଗାଧୋଇ ଫେରୁଥାନ୍ତି। ଏହି ପ୍ରକ୍ରିୟା ୧୦୮ ଥର ହେବା ପରେ ଚଣ୍ଡାଳର ଧୈର୍ଯ୍ୟଚ୍ୟୁତି ଘଟିଲା। ଚଣ୍ଡାଳ ପଚାରିଲେ ହେ ମହାଭାଗ, ମୁଁ ଆପଣଙ୍କୁ ଏତେ ଥର ଅପବିତ୍ରକରି ଅପମାନିତକଲି ମାତ୍ର ଆପଣ ମୋ ଉପରେ ରୋଷ ପ୍ରକଟ କଲେନାହିଁ। ଏହାର ରହସ୍ୟ କ'ଣ ? ଏକନାଥ କହିଲେ, ମୁଁ ତୁମ ପାଖରେ କୃତଜ୍ଞ, କାରଣ ତୁମର ଏହି ଆଚରଣ ମୋତେ ପରୋକ୍ଷରେ ୧୦୮ ଥର ପବିତ୍ର ଗୋଦାବରୀ ନଦୀରେ ସ୍ନାନକରି ଧର୍ମ ଅର୍ଜନ କରିବାର ସୁଯୋଗ ପ୍ରଦାନ କଲା। ଏକନାଥ ପରିଶେଷରେ ଚଣ୍ଡାଳର ଆଚରଣ ଶୁଦ୍ଧି ପାଇଁ କହିଲେ, ବସ୍ ! ଜଣେ ବ୍ୟକ୍ତିର ଧୈର୍ଯ୍ୟ ଓ କ୍ଷମା ଗୁଣ ତା'ର ଅନ୍ତର୍ନିହିତ ମଣିଷ ପଣିଆକୁ ପ୍ରଦର୍ଶିତ କରିଥାଏ। ଏକନାଥଙ୍କୁ ଚଣ୍ଡାଳ କ୍ଷମା ଭିକ୍ଷାକଲେ।

କେହି ଆମର ତ୍ରୁଟି ବା ଦୁର୍ବଳତାକୁ ଅତିରଞ୍ଜିତ କରି ସର୍ବସାଧାରଣରେ ଅପମାନିତ, ନିନ୍ଦିତ କଲାବେଳେ ଆମେ ରାଗିଯାଇ ପ୍ରତିଶୋଧ ପରାୟଣ ହୋଇଥାଉ। ମାତ୍ର ଆମେ ସେଇଠି ଅଜାଣତରେ ଭୁଲ୍ କରିବସୁ । ପ୍ରତିଶୋଧ ଅପେକ୍ଷା ବରଂ ଅସୀମ ଧୈର୍ଯ୍ୟ ସହ କ୍ଷମା ଗୁଣ ପ୍ରଦର୍ଶନକଲେ ଶତ୍ରୁକୁ ଦମନ କରାଯାଇପାରିବ। ବିପଦ,ଅପମାନ,ବିରୋଧ,ସମାଲୋଚନା ସମୟରେ ଧୈର୍ଯ୍ୟ ମନରେ ସ୍ଥିରତା ଆଣିଥାଏ, ନିଜକୁ ପ୍ରତିକୂଳ ପରିସ୍ଥିତିରେ ସମ୍ଭାଳିବାର କ୍ଷମତା ପ୍ରଦାନ କରିଥାଏ। କ୍ଷମା ହେଉଛି ଉଦାରତା, କରୁଣା, ମହାନୁଭବତା ଯାହା ଜଣେ ବ୍ୟକ୍ତିର ଶକ୍ତିର ପରିଚୟ ଦେଇଥାଏ। ଯେଉଁ ବ୍ୟକ୍ତି ଅନ୍ୟକୁ କ୍ଷମାକରେ ସେ ପରୋକ୍ଷରେ ନିଜକୁ ମୁକ୍ତକରେ। ସେହିପରି କରୁଣା ଏକ ଶ୍ରେଷ୍ଠ ମାନବୀୟ ଗୁଣ, ଯେଉଁ ବ୍ୟକ୍ତି ପାଖରେ କରୁଣା ଥାଏ ସେ ଅନ୍ୟର ଦୁଃଖକୁ ଅକ୍ଳେଶରେ ବୁଝିପାରନ୍ତି। ଆମ ପରମ୍ପରାରେ ଧୈର୍ଯ୍ୟ, କ୍ଷମା ଓ କରୁଣାକୁ ଆତ୍ମୋନ୍ନତିର ମାର୍ଗ ଭାବେ ବିବେଚନା କରାଯାଏ। ବୁଦ୍ଧଙ୍କ କରୁଣା, ମହାବୀରଙ୍କ କ୍ଷମା ଓ ଗାନ୍ଧୀଙ୍କ ଧୈର୍ଯ୍ୟ ମାନବ ସମାଜରେ ଉଚ୍ଚ ମୂଲ୍ୟବୋଧର ମାଇଲଖୁଣ୍ଟ। ଅନ୍ୟପକ୍ଷରେ ଦ୍ୱେଷ, ଘୃଣା, ହିଂସା,



ଅସହିଷ୍ଣୁତା ମଣିଷକୁ ଜଣେ ସ୍ୱାର୍ଥାନ୍ଧ ଅମଣିଷ ଭାବରେ ଗଢ଼ିତୋଳିଥାଏ। ପ୍ରଚଣ୍ଡ ଅହଂକାରର ବଶବର୍ତ୍ତୀ ହୋଇ ସେ ଅନ୍ୟମାନଙ୍କୁ ବେଖାତିର କରିବା ସହ ଭିନ୍ନମତକୁ ଶତ୍ରୁତା ବୋଲି ବିବେଚନା କରନ୍ତି।

ହିଟ୍‌ଲର ଇହୁଦୀମାନଙ୍କୁ ଅକଥନୀୟ ନିର୍ଯାତନା ଦେବା ବେଳେ ସେ ଅହଂକାର, ହିଂସା, ଅସହିଷ୍ଣୁତା, ଧର୍ମଗତ ବିଦ୍ୱେଷର ପ୍ରତିଫଳନ କରିଥିଲେ। ଧର୍ମଗତ ବିଭେଦ, ଘୃଣା, ଅସହିଷ୍ଣୁତା ଯୋଗୁ ଭାରତ ସ୍ୱାଧୀନତା ସମୟରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ହେବା ସହ ଦେଶ ବିଭାଜନ ହୋଇଥିଲା। ଶକୁନିଙ୍କ ଦ୍ୱେଷ ଓ ଈର୍ଷା ପାଇଁ ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିଲା। ଅହଂକାର ପାଇଁ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସହେବା ସହ ରାବଣର ବିନାଶ ହୋଇଥିଲା। ସେକ୍ସପିଅରଙ୍କ ଅଥେଲୋ ନାଟକରେ ଇଆଗୋର ଈର୍ଷା ପାଇଁ ଅଥେଲୋଙ୍କ ବୈବାହିକ ଜୀବନ ନଷ୍ଟ ହୋଇଯାଇଥିଲା। ଦ୍ୱେଷ ହୃଦୟକୁ ସଂକୀର୍ଣ୍ଣ କରେ, ଘୃଣା ହୃଦୟକୁ କଠୋରକରେ ଓ ହିଂସା ସମାଜରେ ଭୟ, ଅଶାନ୍ତି ବାତାବରଣ ସୃଷ୍ଟିକରେ। ମନୋବିଜ୍ଞାନୀ ଫ୍ରଏଡ୍ କହନ୍ତି, ଅବଦମିତ ଆକାଂକ୍ଷା, ଆଶାରୁ ଦ୍ୱେଷ ଓ ଘୃଣା ସୃଷ୍ଟି ହୋଇଥାଏ। ଭାରତୀୟ ଦର୍ଶନ ତତ୍ତ୍ୱରେ କାମ, କ୍ରୋଧ, ଲୋଭ, ମୋହ, ମଦ,ମାତ୍ସର୍ଯ୍ୟ ଆଦି ଷଡ଼ରିପୁ ଭବେ ବର୍ଣ୍ଣନା କରାଯାଇଛି ଏବଂ ଏହାକୁ ମଣିଷ ଦମନ କରିପାରିଲେ ଜୀବନରେ ସଫଳତା ହାସଲ କରିଥାଏ।

ଭଗବାନ୍ ଯିଶୁଙ୍କୁ ଯେତେବେଳେ କ୍ରୁଶବିଦ୍ଧ କରାଗଲା ସେ କେବଳ କହିଲେ, ହେ ପ୍ରଭୁ, ଏହି ଅଜ୍ଞ ବ୍ୟକ୍ତିମାନଙ୍କୁ କ୍ଷମାକରନ୍ତୁ ସେମାନେ ନିଜେ ଜାଣନ୍ତି ନାହିଁ ସେ କ'ଣ କରୁଛନ୍ତି। ଯିଶୁ କେବେ ତାଙ୍କ ଶତ୍ରୁଙ୍କୁ ଅଭିଶାପ ଦେଇ ନ ଥିଲେ। ମହାତ୍ମା ଗାନ୍ଧୀ ମଧ୍ୟ ଆତତାୟୀଠାରୁ ଗୁଳି ଖାଇଲା ବେଳେ କେବଳ 'ହାୟ ରାମ' କହି ଟଳି ପଡ଼ିଥିଲେ। ବିଷ୍ଣୁ ଭକ୍ତ ପ୍ରହଲ୍ଲାଦ ପିତାଙ୍କ କଠୋର ନିର୍ଯାତନା ସତ୍ତ୍ୱେ ହୃଦୟରେ ପିତା ହିରଣ୍ୟ କଶିପୁଙ୍କ ପ୍ରତି ଘୃଣା ଭାବ ପୋଷଣକରି ନ ଥିଲେ। ରାମଚନ୍ଦ୍ର ମାତା କୈକେୟୀଙ୍କ ଚକ୍ରାନ୍ତର ଶିକାର ହୋଇ ବନବାସରୁ ଅଯୋଧ୍ୟା ଫେରିବା ପରେ ମନରେ ଘୃଣା,ଦ୍ୱେଷ ବା ପ୍ରତିଶୋଧ ନ ରଖି ପ୍ରଥମେ ମାତା କୈକେୟୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଧର୍ମଗୁରୁ ମହମ୍ମଦ ଅନେକ ନିର୍ଯାତନା ପାଇବା ପରେ ମକ୍କା ବିଜୟକରି ସେଠାରେ ପହଞ୍ଚି ତାଙ୍କର ସମସ୍ତ ଶତ୍ରୁଙ୍କୁ କ୍ଷମା କରିଦେଇଥିଲେ।

ସେକ୍ସପିଅର ନାଟକ ମର୍ଚ୍ଚାଣ୍ଟ ଅଫ୍ ଭେନିସ୍‌ରେ କହିଛନ୍ତି, ଅନୁକମ୍ପା ଦ୍ୱିଗୁଣା ଆଶୀର୍ବାଦ ପ୍ରଦାନ କରିଥାଏ। ଯେଉଁ ବ୍ୟକ୍ତି ଅନୁକମ୍ପା ପ୍ରଦର୍ଶନ କରନ୍ତି ତାଙ୍କୁ ଆଶୀର୍ବାଦ ମିଳେ ଏବଂ ଯେଉଁ ବ୍ୟକ୍ତି ଅନୁକମ୍ପା ଲାଭ କରନ୍ତି ତାଙ୍କୁ ମଧ୍ୟ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ସୁତରାଂ ଦୟା, କ୍ଷମା, ଅନୁକମ୍ପା, ଧୈର୍ଯ୍ୟ ଭଳି ଗୁଣ ଆହରଣକରିବା ଦ୍ୱାରା ଜଣେ ବ୍ୟକ୍ତି ଘୃଣା, ଈର୍ଷା, ଦ୍ୱେଷ, ପ୍ରତିଶୋଧ ଭଳି ସଂକୀର୍ଣ୍ଣ ମନୋଭାବର ଊର୍ଦ୍ଧ୍ୱକୁ ଯାଇ ସମାଜରେ ଏକ ଆଦର୍ଶ ସ୍ଥାନ ହାସଲ କରିଥାନ୍ତି। ବିଜ୍ଞାନ, ସୂଚନା ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ଉନ୍ନତିରେ ଆମେ ଗର୍ବିତ, ଉଲ୍ଲସିତ, ପ୍ରଫୁଲ୍ଲିତ, ଆନନ୍ଦିତ ହେବାର ଯେତିକି ଯଥାର୍ଥତା ଅଛି; ନିଜ କାର୍ଯ୍ୟକଳାପରେ ମହନୀୟ ମାନବୀୟ ଗୁଣ ଧୈର୍ଯ୍ୟ, କ୍ଷମା, ଦୟା, ସହିଷ୍ଣୁତା ପ୍ରଦର୍ଶନକରି ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ତା'ଠାରୁ ଅଧିକ ପ୍ରାସଙ୍ଗିକ ମନେ ହୁଏ।

ମୋ: ୭୩୮୧୦୭୩୧୩୬

## ଏଇ ଭାରତରେ

ରେଲ୍‌ୱେ ସମ୍ପତ୍ତି ଓ ଏହାର ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ରେଲ୍‌ୱେ ପ୍ରୋଟେକ୍ସନ ଫୋର୍ସ(ଆର୍‌ପିଏଫ୍)ର ଦାୟିତ୍ୱ। ଆର୍‌ପିଏଫ୍ ଅଧିକାରୀ ଚନ୍ଦନା ସିଂ ଏହି ଦାୟିତ୍ୱ ତୁଲାଇବା ସହ ନିଖୋଜ ଶିଶୁଙ୍କୁ ଉଦ୍ଧାରକରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି। ଏଯାବତ୍ ସେ ଉତ୍ତରପ୍ରଦେଶର ବିଭିନ୍ନ ଷ୍ଟେଶନରୁ ୧,୫୦୦ ପିଲାଙ୍କୁ ଉଦ୍ଧାର କରିସାରିଲେଣି। କେବଳ ୨୦୨୫ରେ ସେ ୧,୦୩୨ ପିଲାଙ୍କୁ ଉଦ୍ଧାର କରିପାରିଛନ୍ତି। ବିଶେଷକରି ବିହାରରୁ ପଞ୍ଜାବ ଓ ହରିୟାଣାକୁ ଚାଲାଣ ହେଉଥିବା ପିଲାଙ୍କ ସଂଖ୍ୟା ଏମାନଙ୍କ ମଧ୍ୟରେ ବେଶି। ୨୦୨୨ରେ ଛଟ୍‌ପୂଜା ସମୟରେ ଦିଲ୍ଲୀ ରେଳଷ୍ଟେଶନରେ ଚନ୍ଦନା କର୍ତ୍ତବ୍ୟ ନିର୍ବାହ କରୁଥିବା ଜଣେ ମା'ଙ୍କଠାରୁ ପିଲା ଅଲଗା ହୋଇଯାଇଥିଲା। ପରେ ଚନ୍ଦନା ୩ ଘଣ୍ଟା ଧରି ଷ୍ଟେଶନର ବିଭିନ୍ନ ସ୍ଥାନ ଖୋଜିବା ପରେ ଶେଷରେ ପିଲାଟିକୁ ପାଇଥିଲେ। ସେବେଠାରୁ ସେ ପିଲା ନିଖୋଜ ହେଉଥିବା ତଥ୍ୟ ବିଷୟରେ ଅବଗତ ହୋଇଥିଲେ। ପରେ 'ନନ୍ହେ ଫରିସ୍ତେ' ଅଭିଯାନ ଆରମ୍ଭ କରି ଚାଲାଣ ହେଉଥିବା ଶିଶୁଙ୍କୁ ବିଭିନ୍ନ ଷ୍ଟେଶନରୁ ଉଦ୍ଧାର କରିବା ଆରମ୍ଭ କରିଥିଲେ, ଯାହାକି ପରେ ଭାରତୀୟ ରେଲ୍‌ୱେର ମିଶନ ପାଲଟିଗଲା। ଏବେ ଏହି ମିଶନର ନେତୃତ୍ୱରେ ରହିଛନ୍ତି ଚନ୍ଦନା। ଉଦ୍ଧାର ପାଇଁ ଅଧିକାରୀମାନଙ୍କୁ ପିଲାଙ୍କ ଲକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ ଷ୍ଟେଶନର ଭେଣ୍ଡର, କର୍ମଚାରୀ ଓ ଏନ୍‌ଜିଓଙ୍କୁ ନେଇ ଏକ ନେଟ୍‌ୱର୍କ କରାଯାଇଛି। ଏହି କାର୍ଯ୍ୟ ନିମନ୍ତେ ଚନ୍ଦନାଙ୍କୁ ଅତି ବିଶିଷ୍ଟ ରେଲ୍‌ସେବା ପୁରସ୍କାର ପ୍ରଦାନ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ମାର୍ଚ୍ଚ ୧୯୭୬

- ରାଜ୍ୟ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ନିର୍ବାଚନର ନିରପେକ୍ଷତା ତଦାରଖ ଲାଗି ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ।
- ଶୋରିଷ ଅଭାବରୁ ହାୱଡ଼ା ଓ କଲିକତାର ୧୯୦ଟି ତେଲ କଳର ୨୦,୦୦୦ କର୍ମଚାରୀଙ୍କୁ ବିନା ପାଉଣାରେ ଚାକିରିରୁ ବିଦାୟ କରିଦିଆଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାଙ୍କ ଅଧିକାର ସୁନିଶ୍ଚିତ କରାଯାଉ

ମହାଶୟ,

ଆଜିର ସମୟରେ ମହିଳାମାନେ ଉଭୟ ଦେଶ ତଥା ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ମହିଳାମାନେ କ୍ରୀଡ଼ାଠାରୁ ଆରମ୍ଭକରି ମନୋରଞ୍ଜନ, ରାଜନୀତିଠାରୁ ଆରମ୍ଭ କରି ସାମରିକ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ ସବୁଥିରେ ଜଡ଼ିତ ହେଉଛନ୍ତି। ତେବେ ଦେଶରେ ଅଭୂତପୂର୍ବ ବିକାଶ ସତ୍ତ୍ୱେ ଏବେ ବି ମହିଳାଙ୍କୁ ନେଇ ସମାଜରେ ଭେଦଭାବ, ହିଂସା ଏବଂ ସାମାଜିକ କଟକଣା ସାମ୍‌ନାକୁ ଆସୁଛି, ଯାହାକି ମହିଳାଙ୍କ ସମ୍ପୂର୍ଣ୍ଣ ଉନ୍ନତି ଏବଂ ବିକାଶରେ ବାଧକ ସାଜିଛି। ପରିବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ମହିଳାମାନଙ୍କ ଜୀବନରେ ସୁଧାର ଆଣିବା ଓ ସେମାନଙ୍କ ମଧ୍ୟରେ ପ୍ରତି ବିଷୟକୁ ନେଇ ସଚେତନତା ସୃଷ୍ଟି କରାଯିବା ଦରକାର। ଏହାଦ୍ୱାରା ଅଧିକାର ଓ ସୁଯୋଗର ସମାନତା ନେଇ ମହିଳାମାନେ ଅଧିକ ସଚେତନ ହୋଇପାରିବେ। ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି। ଅନେକ କ୍ଷେତ୍ରରେ ମହିଳାମାନେ ଏବେ ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇପାରିନାହାନ୍ତି। ମହିଳାଙ୍କୁ ସେମାନଙ୍କ ଅଧିକାର ଏବଂ ସମ୍ମାନ ସୁନିଶ୍ଚିତ କରାଯିବା ଆବଶ୍ୟକ, ନଚେତ୍ ଦେଶ କିମ୍ବା ବିଶ୍ୱର ପ୍ରଗତି ଅସମ୍ଭବ ହୋଇପଡ଼ିବ।

-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି ହୃଦ ଯାଏ ତାତି
ସେ କିବା ମୋହରି ଆଶେ ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ ପୀଡ଼ଇ କି ଛାତି ?
ଗୀତେ ତା'ର ପ୍ରାଣ ଉଠେ ମାତି ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମେଗା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ):** ରାଜ୍ୟ କର୍ମଚାରୀ କଲ୍ୟାଣ ଏବଂ ସହାୟକ ସମାଜ (ସେୱାସ ଓଡ଼ିଶା) ଦ୍ୱାରା ଶୁକ୍ରବାର ବିଭାଗୀୟ ମୁଖ୍ୟ ଦପ୍ତର କ୍ୟାମ୍ପସରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ଗୁରୁ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାୟ ୪୦୦ଜଣ ସରକାରୀ କର୍ମଚାରୀ ଏହି ଶିବିରରେ ଅଂଶଗ୍ରହଣ କରି ବିଭିନ୍ନ ରୋଗ ନିର୍ଣ୍ଣୟ ପରୀକ୍ଷା ଏବଂ ଡାକ୍ତରୀ ପରାମର୍ଶ ପାଇଥିଲେ।

### ତାରିଣୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ବୋଲଗଡ଼, ୧୩।୩ (ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ପୁରାତନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠିତ ମା' ତାରିଣୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଶ୍ରଦ୍ଧାଳୁମାନେ ଗ୍ରାମର ବନ୍ଧ ପୋଖରୀରୁ କଳସ ବୁଡାଇ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ଯଜ୍ଞମଣ୍ଡରେ ଜଳପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। କର୍ତ୍ତାଭାବେ ହରିବନ୍ଧୁ ସାହୁ ସପତ୍ନିକ ଉପବିଷ୍ଟ ଥିବା ବେଳେ ଲକ୍ଷ୍ମୀଧର ପଣ୍ଡା, ବାସୁଦେବ ପଟ୍ଟଯୋଶୀଙ୍କ ସମେତ ଅନ୍ୟମାନେ ସମସ୍ତ ନୀତିକାନ୍ତି ସହ ପୂଜାପାଠ କରି ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପର୍ଣ୍ଣ କରାଇଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ଭାଜପା ଉପସଭାପତି ବାସୁଦେବ ସାହୁ, ସମିତିସଭ୍ୟ ଦିଲୀପ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଅର୍ଜୁନ ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ହୋଇଥିଲା। ସାମାଜିକକର୍ମୀ ଗୌତମବୁଦ୍ଧ ମହାପାତ୍ରଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ଭଞ୍ଜ, ସଞ୍ଜୟ ସାହୁ, କାର୍ତ୍ତିକ ବେହେରା, ଭାଗବତ ବେହେରାଙ୍କ ସମେତ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

### ମନ୍ତ୍ରୀଙ୍କୁ ଭେଟିଲେ ବୁଦ୍ଧବିହାର ଆବାସିକ ସଂଘ କର୍ମକର୍ତ୍ତା

**ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ):** ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ବିହାର ଆବାସିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସାକ୍ଷାତ କାର୍ଯ୍ୟକ୍ରମରେ ବୁଦ୍ଧ ବିହାର ଆବାସିକ ପରିସରର ସମଗ୍ର ବିକାଶ, ସ୍ୱଚ୍ଛତା, ପ୍ରାଥମିକ ସୁବିଧା ବୃଦ୍ଧି ଏବଂ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହଯୋଗ କାମନା କରାଯାଇଥିଲା।

# ଚାଦର ଚଢ଼ାଇଲେ, ମଙ୍ଗଳ କାମନା କଲେ

## ବାବା ବୁଖାରିଙ୍କ 'ଉର୍ସ' ଉତ୍ସବ ଆରମ୍ଭ

**ଖୋର୍ଦ୍ଧା, ୧୩।୩ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା କାଇପଦରସ୍ଥିତ ଅନ୍ତର୍ଜାତୀୟ ସଦ୍‌ଭାବନା ସ୍ଥଳ ଭାବେ ପରିଚିତ ବାବା ବୁଖାରୀଙ୍କ ବାର୍ଷିକ 'ଉର୍ସ' ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଏହି ଉତ୍ସବରେ ଦେଶ ବିଦେଶରୁ ବିଭିନ୍ନ ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବାବାଙ୍କ ଆଶୀର୍ବାଦରୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଶ୍ରଦ୍ଧାଳୁ ଏବଂ ମାନସିକଧାରୀମାନେ ବାବାଙ୍କ ପୀଠରେ ପୂଜାର୍ଚ୍ଚନା ସହ ଚାଦର ଚଢ଼ାଇ ମଙ୍ଗଳ କାମନା କରିଥିଲେ। ଦରଘା ଉନ୍ନୟନ କମିଟି ସଭାପତି ସେକ୍ ସନା ଉଲ୍ଲା କୁହନ୍ତି, ଦୁଇଦିନ ଧରି ଏହି ଉତ୍ସବ ଚାଲିବ। ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ବାବାଙ୍କ ପୀଠରେ ଭକ୍ତଙ୍କ ଦ୍ୱାରା ଚାଦର ଚଢ଼ା କାର୍ଯ୍ୟକ୍ରମ ଜାରି ରହିବ। ଏଥିଲାଗି ପୋଲିସ, ଜିଲା ପ୍ରଶାସନର ସହଯୋଗରେ ସମସ୍ତ ବ୍ୟବସ୍ଥା କରାଯାଇଛି।

ରାଜ୍ୟ ତଥା ରାଜ୍ୟ ବାହାରୁ ହିନ୍ଦୁ ଓ ମୁସଲିମମାନେ ଏହି ପୀଠକୁ ଆସିଥାନ୍ତି। ଏହି ପୀଠ ହିନ୍ଦୁ ଏବଂ ମୁସଲମାନଙ୍କ ପାଇଁ ଭାଇଚାରାର ବାର୍ତ୍ତା ବହନ କରେ। ବିଭିନ୍ନ ଦୁରା ରୋଗରେ ପୀଡ଼ିତ ରୋଗୀ ଏବଂ



ମାନସିକଧାରୀ ମଧ୍ୟ ମାନସିକ ପୂରଣ ଲାଗି ଏଠାକୁ ଆସିଥାନ୍ତି। କୁହାଯାଏ ଏଠାକୁ ଆସୁଥିବା ଭକ୍ତ, ମାନସିକଧାରୀ ଏଠାରେ ମାନସିକ ପୂରଣ ଲାଗି ବାବାଙ୍କ ନିକଟରେ ଦରଖାସ୍ତ ଦିଅନ୍ତି। ଏକ ସାଦା କାଗଜରେ ଦରଖାସ୍ତ ଲେଖି ତାହାକୁ ପୀଠ ପରିସରରେ ଉଦ୍ଦିଷ୍ଟ ଜାଗାରେ ଝୁଲାଇ ଦିଆଯାଏ। ଏଭଳି ଦୈନିକ ଶତାଧିକ ଭକ୍ତ ଦରଖାସ୍ତ ଦେଇଥାନ୍ତି। ମାନସିକ ପୂରଣ ପରେ ବାବାଙ୍କୁ ଚାଦର ଚଢ଼ାନ୍ତି। ଏହାସହିତ କଦଳୀ ଓ ଅଟାରେ ପ୍ରସ୍ତୁତ ଶିରିଣି ଏବଂ ଖେଚୁଡ଼ି ଭୋଗ ଲାଗି କରନ୍ତି। ସେହିପରି ବାବାଙ୍କ ସମାଧିସ୍ଥଳରେ ଗୁଡ଼କୋରା ଭୋଗ ଅର୍ପଣ କରାଯାଏ। ଏହାକୁ ମାଳିଘର ପ୍ରସ୍ତୁତ କରନ୍ତି। ବାବାଙ୍କ ପୂଜାର୍ଚ୍ଚନା ଲାଗି ଦୈନନ୍ଦିନ ଆବଶ୍ୟକ ବିଭିନ୍ନ ପ୍ରକାର ଫୁଲ ଏହି ଗ୍ରାମର ମାଳି ପରିବାର ଯୋଗାଇଥାନ୍ତି। ମୁସିଲିମ ବାବାଙ୍କୁ ଗୋଲାପ ଜଳରେ ସ୍ନାନ ସହ ଚାଦର ଡାଙ୍କି ପୂଜା କରନ୍ତି।

କୁହାଯାଏ ୧୭୦୦ ମସିହାରେ ହଜରତ ବୁଖାରୀ ପୀରବାବା ନାମକ ମୁସଲିମ ସନ୍ନ୍ୟାସୀ ଏହି ଅଞ୍ଚଳକୁ ଆସିଥିଲେ। ସେତେବେଳେ ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ରହିଥିଲା। ସେ ବରୁଣେଇ ପାହାଡ଼ ପାଦଦେଶରେ ରହି ଜପତପ କରୁଥିଲେ। ଦିନେ ବାବାଙ୍କ ସଂସ୍ପର୍ଶରେ ଜଣେ ଗଉଡ଼ ଆସିଥିଲେ। ପରେ ସେ ତାଙ୍କ ଅନୁଗତ ପାଲଟିଯାଇଥିଲା। ସେ ବାବାଙ୍କ ପାଇଁ ଦୈନିକ ଖାଇବା ନେଇ ଆସନ୍ତି। ଦିନେ ସେ ଦେଖିଲେ ବାବାଙ୍କ ଚାରିପଟେ ଉଇ ହୁଙ୍କା ପାଲଟିଗଲାଣି। ପରେ ସେ ବାବାଙ୍କ କଥାରେ ତାଙ୍କ ନିକଟରେ ବସିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ଶରୀର ହୁଙ୍କାରେ ବିଲୀନ ହୋଇଯାଇଥିଲା। ସମୟକ୍ରମେ ଉଭୟ ଦେହତ୍ୟାଗ କରିଥିଲେ। ଉଭୟ ସମାଧିପୀଠ ବାବା ବୁଖାରୀ ଏବଂ ସତ୍ୟପୀରବାବା ପୀଠ ଭାବେ ପରିଚିତ। ଏକଦା ଗଜପତି ମହାରାଜା ରାମଚନ୍ଦ୍ରଦେବ ରୋଗରେ ପୀଡ଼ିତ ହୋଇ ବାବାଙ୍କ ସମ୍ପର୍କରେ ଜାଣିବା ପରେ ତାଙ୍କ ଆଶ୍ରିତ ହୋଇଥିଲେ। ବାବାଙ୍କ ଆଶୀର୍ବାଦରେ ସେ ରୋଗ ମୁକ୍ତ ହୋଇଥିଲେ ବୋଲି ଜନଶ୍ରୁତି ରହିଛି।



ମା' ତାରିଣୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ଶୁକ୍ରବାର ଅନୁଷ୍ଠିତ କଳସ ଯାତ୍ରା।

# କାଜୁ ଜଙ୍ଗଲରେ ନିଆଁ



**କଳାପଥର, ୧୩।୩ (ଗଙ୍ଗାଧର ସାହୁ)**

ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଖଜୁରିପଦାର କଙ୍କଡାଗାଡିଆ ସ୍ଥିତ କାଜୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ବହୁ କାଜୁ ଗଛ ଜଳିଯାଇଛି। ଖବରପାଇ କଳାପଥର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନାଥାଉ କି, ପଞ୍ଚାୟତର ଉନ୍ନତୀକରଣ ପାଇଁ ୫ ବର୍ଷ ପୂର୍ବେ ଜବକାର୍ଡଧାରୀଙ୍କ ସହଯୋଗରେ ପ୍ରାୟ ୪୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୫୨ଏକର ଜାଗାର କାଜୁ ଗଛ ଲଗାଯାଇଥିଲା। ଚଳିତ ବର୍ଷ ପ୍ରଥମ କରି କାଜୁ ଫଳ ଧରିବାକୁ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି। ସରପଞ୍ଚ ମମତା ମହାପାତ୍ର ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।

# ବସ୍ ଚଢ଼ିଯିବାରୁ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୩।୩ (ତ୍ରିନାଥ ମହାନ୍ତି)**

## ଉତ୍ତେଜନା, ଡ୍ରାଇଭର ଅଟକ

ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ଚଢ଼ିଯିବାରୁ ଜଣେ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୟୁନିଟ୍-୮ରେ ରହୁଥିବା ବିଜୟାଲକ୍ଷ୍ମୀ କର(୬୮)। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ବସ୍‌କୁ ଜବତ କରିବା ସହ ଫେରାର ଡ୍ରାଇଭରଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ବିଜୟାଲକ୍ଷ୍ମୀ ପରିବାର ସହ ୟୁନିଟ୍-୮ରେ ରହୁଥିବା ବେଳେ ଗୁରୁବାର ଡୁମୁଡୁମାରେ ରହୁଥିବା ଭଉଣୀ ସରୋଜିନୀ କରଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ଘରକୁ ଫେରୁଥିଲେ। ସକାଳ ପ୍ରାୟ ୯ଟା ସମୟରେ ଆଇଗିଣିଆ ଛକ ନିକଟରେ ସେ ବସ୍‌କୁ ଅପେକ୍ଷା କରିଥିଲେ। ବସ୍ ଆସିଲେ ସେ ବରମୁଣ୍ଡା ଯାଇ ସେଠାରୁ ୟୁନିଟ୍-୮ ଘରକୁ ଯାଇଥାନ୍ତେ। ଏହି ସମୟରେ ନୟାଗଡ଼ରୁ ବରମୁଣ୍ଡା ଆସୁଥିବା ଏକ ଘରୋଇ ବସ୍‌ଟି ଆଇଗିଣିଆ ଛକରେ ଅଟକି ରହିଥିଲା। ଯାତ୍ରୀମାନେ ବସ୍‌କୁ ଚଢୁଥିବାବେଳେ ବିଜୟାଲକ୍ଷ୍ମୀ ଉକ୍ତ ବସ୍ ଆଗରେ ଯାଉଥିଲେ। ହେଲେ ଡ୍ରାଇଭର ହଠାତ୍ ଗାଡି ଛାଡିଦେବା ସହ ବିଜୟାଲକ୍ଷ୍ମୀଙ୍କୁ ସମ୍ମୁଖରୁ ଧକ୍କା ଦେଇ ଚଢ଼ିଯାଇଥିଲା। ବସ୍ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ।

# ଓୟୁଟିଆର୍‌ରେ 'ଇସ୍‌ମିଟ୍ ୨୦୨୬ : ମନୋପୋଲି ସଂସ୍କରଣ'

**ଭୁବନେଶ୍ୱର, ୧୩।୩ (ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ପରିସରରେ ବାର୍ଷିକ ଇସ୍‌ମିଟ୍ ୨୦୨୬ : ମୋନୋପୋଲି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ଖଡ଼ଗପୁର, ଆଇଆଇଆଇଟି ଭୁବନେଶ୍ୱର, ପାରୁଲ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବିଜୁ ପଟ୍ଟନାୟକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ରାଜଧାନୀ ମହାବିଦ୍ୟାଳୟ ସହିତ ସାରା ଦେଶରୁ ୪୫୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମଡେଲ ଜାତିସଂଘ ଆଲୋଚନା ସଭା, ଖେଳାଳି ନିଲାମ, ନୂତନ ଉଦ୍ୟମ ପ୍ରଦର୍ଶନୀ, ଛାତ୍ର ମେଳା ଓ ଚିନ୍ତନ-ମନ୍ଥନ ପରି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍ୟୋଗୀ କାଳୀ କୁନୁଙ୍ଗୋ ନିଜର କର୍ପୋରେଟ କ୍ଷେତ୍ରରୁ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶର ଅନୁଭୂତି ଏବଂ ଆଇସ୍କ୍ରିମ ବ୍ୟବସାୟ ସଫଳତା ପାଇଁ ଦୀର୍ଘ ଯାତ୍ରା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଯୁବ ଉଦ୍ୟୋଗୀ ଅଙ୍କିତ ଅମୃତ ଦାସ କିପରି ଡେଲ୍‌ଏଟରେ କାର୍ଯ୍ୟ କରିବା ପରେ କୃତ୍ରିମ ମେଧା ଆଧାରିତ ବ୍ୟବସାୟ ଆରମ୍ଭ କରିଥିଲେ ସେ ସମ୍ପର୍କରେ ନିଜ ଅନୁଭବ ବାଣ୍ଟିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ବିଭୁତି ଭୂଷଣ ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ଉଦ୍ୟମିତା ମାର୍ଗରେ ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ। ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା ବିବରଣୀ ଉପସ୍ଥାପନଓ ଡ. ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ନ୍ୟାୟ ଦେବାରେ ମହିଳା ଆଇନଜୀବୀମାନେ ଅଧିକ ସକ୍ଷମ

**ଭୁବନେଶ୍ୱର, ୧୩।୩ (ସୌମ୍ୟରଞ୍ଜନ ରାଉତ)**

ଅଲ୍ ଓମେନ୍ସ ଆଡ୍‌ଭୋକେଟ୍ ଫୋରମ୍ ଓ ଆଖିଳ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଞ୍ଚର ମିଳିତ ଅନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାନ୍ଥ ନିବାସରେ ପାଳିତ ହୋଇଯାଇଛି। ଫୋରମ୍ ଅଧ୍ୟକ୍ଷା ଆଇନଜୀବୀ ହରପ୍ରିୟା ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ କହିଲେ, ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ମହିଳା ଅଧିକ ଉପଯୁକ୍ତ ଓ ସକ୍ଷମ। ମୁଖ୍ୟବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ କହିଲେ, ମଧୁବାବୁଙ୍କ ଯୋଗୁ ମହିଳାମାନେ ଓକିଲାତି ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ହମାରା ବଚପନ୍‌ର ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ ଯୋଗଦେଇ ମହିଳାଙ୍କ ଉନ୍ନତି




ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କୁ ଅନ୍ୟ ଅତିଥିମାନେ ସମ୍ମାନିତ କରୁଛନ୍ତି।

ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍ୱର୍ଗତ ଶାନ୍ତିପ୍ରିୟା ପଟ୍ଟନାୟକଙ୍କ ସ୍ମୃତିରେ ମହିଳା ଆଇନଜୀବୀ ଛାୟା ମିଶ୍ର, ଦିପ୍ତୀ ରେଖାନନ୍ଦ, ପ୍ରତିଭା ଦାଶ, ରତ୍ନପୂର୍ଣ୍ଣା ମହାନ୍ତି, ଶ୍ୱେତାଶର୍ମା, ଭୋପାଳ ଏମ୍‌ପି ଅନିତା ସିଂ, ସମାଜିକ କର୍ମୀ ମୃତ୍ୟୁଞ୍ଜୟ ମିଶ୍ର, ସଙ୍ଗିତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍, କଣ୍ଠଶିଳ୍ପୀ ଉମେଶ ଚନ୍ଦ୍ର ଦାସ ଓ ଆଇନଜୀବୀ ଲିଙ୍ଗରାଜ ସାହୁଙ୍କୁ 'ଅଟଳ କର୍ମବୀର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ୧୬ଜଣଙ୍କୁ ୟୁଥ୍ ଆଚିଭର୍ ଓ ମହିଳା ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁନି ପିଲାଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବିଷ୍ଣୁପ୍ରିୟା ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# 'ମହାକୁମ୍ଭପଦ୍ୟମ୍', 'ଚିତ୍ରା ଚତୁର୍ଦ୍ଦଶୀ' ପୁସ୍ତକ ଲୋକାର୍ପିତ




କବି ଡା. କୃଷ୍ଣକେଶବ ଷଡଙ୍ଗୀଙ୍କ ଦୁଇଟି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର, ୧୩।୩ (ସୌମ୍ୟରଞ୍ଜନ ରାଉତ)**

କବି ଡା. କୃଷ୍ଣକେଶବ ଷଡଙ୍ଗୀଙ୍କ ସଂସ୍କୃତ କାବ୍ୟ 'ମହାକୁମ୍ଭପଦ୍ୟମ୍' ଏବଂ ଓଡ଼ିଆ କବିତା ପୁସ୍ତକ 'ଚିତ୍ରା ଚତୁର୍ଦ୍ଦଶୀ' ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ଡ. ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ପୁସ୍ତକ ଦୁଇଟିର ଉପାଦେୟତା ବ୍ୟକ୍ତ କରିବା ସହିତ ଲେଖକ ଡା. ଷଡଙ୍ଗୀଙ୍କ ସାରସ୍ୱତ ପ୍ରତିଭାର ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ 'ନିତିଦିନ' ଖବରକାଗଜର ସମ୍ପାଦକ ମନୋଜ କୁମାର ମହାପାତ୍ର, ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଭାରତଭୂଷଣ ରଥ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ଡ. ଦେବାଶିଷ ମହାପାତ୍ର ଓ କବି ଡା. ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍କୃତ କାବ୍ୟର ହିନ୍ଦୀ ଅନୁବାଦରେ ସହଯୋଗ କରିଥିବା ନାରାୟଣ ଦାସ ମାୱତୱାଲଙ୍କ ସହିତ ଉତ୍ସାହଦାତା ନୀଳାଦ୍ରିମୋହନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୩ ଜିଲା ପାଇଁ ୯ କୋଟିର ୮୯୬ ପ୍ରକଳ୍ପ ମଞ୍ଜୁର

**ଭୁବନେଶ୍ୱର, ୧୩।୩ (ସୁଚିସ୍ମିତା ସାହୁ):** ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଚତୁର୍ଥ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୨୩ଟି ଜିଲାର ବିଭିନ୍ନ ସ୍କୁଲରେ ଭିତ୍ତିଭୂମିର ବିକାଶ ପାଇଁ ୯ କୋଟି ୪୮ ହଜାର ୬୭୮ ଟଙ୍କାର ୮୯୬ ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଛି। ପ୍ରାୟ ୪ ହଜାରରୁ ଅଧିକ ପୁରାତନ ଛାତ୍ରୀଛାତ୍ର, ବୁଦ୍ଧୀଜୀବୀ ଓ ଅନୁଷ୍ଠାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଏହି ଅର୍ଥ ଅବଦାନ ଦେଇଛନ୍ତି। ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡା ଏନ. ତିରୁମାଲା ନାୟକ ବୈଠକରେ ଅଧ୍ୟକ୍ଷତା କର ପୁରାତନ ଛାତ୍ରୀଛାତ୍ରଙ୍କ ସଂଯୋଗରେ ବିଦ୍ୟାଳୟରେ ଆସୁଥିବା ଶୈକ୍ଷିକ ଓ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ଅନେକ ନୂତନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ପାଣ୍ଠିରୁ ମିଳିଥିବା ଅବଦାନରେ ରାଜ୍ୟର ବିଭିନ୍ନ ଜିଲାରେ ୧୩୪ଟି ମଧ୍ୟାହ୍ନଭୋଜନ ହଲ ନିର୍ମାଣ ପାଇଁ ୫୪ କୋଟି ଟଙ୍କା ମଞ୍ଜୁରି ଦିଆଯାଇଛି। ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଓ ଶିଶୁ ବିକାଶ ବିଭାଗର ୧୦୦ ଅଧିକାରୀଙ୍କୁ ଏଆଇ ତାଲିମ

**ଭୁବନେଶ୍ୱର, ୧୩।୩ (ସୁଚିସ୍ମିତା ସାହୁ)**

ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ପ୍ରମ୍ପ୍ଟ ଇଞ୍ଜିନିୟରିଂ, ଡାଟା ଆନାଲିଟିକ୍ସ ଓ ଏଆଇ ମାଧ୍ୟମରେ ପିପିଟି ପ୍ରସ୍ତୁତି, ବିଭିନ୍ନ ଏଆଇ ମଡେଲ ବ୍ୟବହାର କରି ଗଭୀର ଅନୁସନ୍ଧାନ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ପ୍ରାୟ ୧୦୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ, ନିଷ୍ପତ୍ତି ଗ୍ରହଣ ପାଇଁ ଡାଟା ଆନାଲିଟିକ୍ସ ଏବଂ ଏଆଇ ଟୁଲ୍ସ ବ୍ୟବହାର କରି ପ୍ରେଜେଣ୍ଟେଶନ ପ୍ରସ୍ତୁତି ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିସହ ବିଭିନ୍ନ ଏଆଇ ପ୍ଲାଟ୍‌ଫର୍ମ ବ୍ୟବହାରର ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରାଯାଇଥିଲା। ଏହି ଜ୍ଞାନକୌଶଳ ଅଧିକାରୀଙ୍କୁ ରିପୋର୍ଟ ପ୍ରସ୍ତୁତି, ତଥ୍ୟ ବିଶ୍ଳେଷଣ, ଅନୁସନ୍ଧାନ ଏବଂ ଉପସ୍ଥାପନାକୁ ଅଧିକ ଦ୍ରୁତ ଓ ସଂଗଠିତ କରିବାରେ ସାହାଯ୍ୟ କରିପାରିବ। ସରକାରୀ ସେବାଗୁଡ଼ିକ ଲୋକଙ୍କ ପାଖରେ ଅଧିକ ଠିକ୍ ଓ ଶୀଘ୍ର ପହଞ୍ଚିପାରିବ। ପ୍ରଶାସନିକ ପ୍ରକ୍ରିୟାକୁ ସହଜ କରିବା ଓ ଲୋକଙ୍କ ପାଖରେ ସେବାକୁ ଅଧିକ ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଧିକାରୀମାନେ।

# ଶିକ୍ଷକମାନେ ଦେଶର ଭବିଷ୍ୟତ ନିର୍ମାଣ କରନ୍ତି: ରାଜ୍ୟପାଳ

## ଏନ୍‌ପିଏସ୍‌ଟି ଓ ଏନ୍‌ଏମ୍‌ଏମ୍ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୩।୩ (ସୁଚିସ୍ମିତା ସାହୁ)**

ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି। ଭାରତର ପ୍ରାଚୀନ ଗୁରୁଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ତ୍ୱକୁ ପ୍ରତିପାଦନ କରେ । ବର୍ତ୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ହେଉଥିବାରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ସମୟୋଚିତ ଭାବେ ପରିବର୍ତ୍ତିତ ହେବା ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଇଆଇଟି ଭୁବନେଶ୍ୱରରେ



ଆୟୋଜିତ ନ୍ୟାଶନାଲ ପ୍ରଫେସନାଲ ଷ୍ଟାଣ୍ଡାର୍ଡସ ଫର୍ ଟିଚର୍ସ (ଏନପିଏସଟି) ଓ ନ୍ୟାଶନାଲ ମିଶନ ଫର୍ ମେଣ୍ଟରିଙ୍ଗ (ଏନଏମଏମ)ର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତଧାରୀଙ୍କ କ୍ଷମତାବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ର ଉଦ୍‌ଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ ଆହୁରି ମଧ୍ୟ କହିଲେ, ଶିକ୍ଷା ସଂସ୍କାର କେବଳ ନୀତିରେ ସୀମିତ ନୁହେଁ; ଶିକ୍ଷକମାନେ ସଶକ୍ତ ହେଲେ ହି ପ୍ରକୃତ ପରିବର୍ତ୍ତନ ସମ୍ଭବ। ପ୍ରକୃତ ପରିବର୍ତ୍ତନ କେବଳ ଶିକ୍ଷକଙ୍କୁ ଆବଶ୍ୟକ ଦକ୍ଷତା, ମାନଦଣ୍ଡ ଏବଂ ବୃତ୍ତିଗତ ସହାୟତା ପ୍ରଦାନ କରାଯିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏଥିପାଇଁ ଏହି ସମ୍ମିଳନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତର ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି, ଯେଉଁଥିରେ ଶିକ୍ଷକ ବିକାଶ, ବୃତ୍ତିଗତତା ଏବଂ ନିରନ୍ତର ଶିକ୍ଷଣକୁ ଜାତୀୟ ପରିବର୍ତ୍ତନର କେନ୍ଦ୍ରବିନ୍ଦୁରେ ରଖାଯାଇଛି ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଭିଡ଼ିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଆଇଆଇଟି ଭୁବନେଶ୍ୱରର କଣ୍ଟିନ୍ୟୁଇଂ ଏଜୁକେଶନର ଡିନ୍ ପ୍ରଫେସର ଭି. ପାଣ୍ଡୁରଙ୍ଗା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଏକାଡ଼େମିକ ଉପଦେଷ୍ଟା ଡି.କେ.ଚତୁର୍ବେଦୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ଓ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ପଙ୍କଜ ଆରୋରା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଆଇଟି ଭୁବନେଶ୍ୱରର କୋଅର୍ଡିନେଟର ଡ. ଭେନୁଗୋପାଳ ଆରୁମୁରୁ ଧନ୍ୟବାଦ ଦେଇଥିଲେ।

**୧୮ରୁ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଢେଙ୍କାନାଳ, ଅନୁଗୋଳ ଗସ୍ତ**

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସସିପିସିଆର)ର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟ ମନସ୍ମିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ଆସନ୍ତା ୧୮ ତାରିଖରେ ଢେଙ୍କାନାଳ ଏବଂ ୧୯ରେ ଅନୁଗୋଳ ଗସ୍ତ କରିବେ। ସେମାନେ ଆଶ୍ରମ ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିବା ସହିତ ଜିଲାରେ ଶିଶୁନିର୍ଯାତନା, ବାଲ୍ୟ ବିବାହ, ଶିଶୁ ବଳାତ୍କାର ଘଟଣା ଏବଂ ମହିଳା ଓ ଶିଶୁଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବେ। ଓଏସସିପିସିଆର ପକ୍ଷରୁ ଜିଲାପାଳ, ଜିଲା ମାଜିଷ୍ଟ୍ରେଟ ଏବଂ ଜିଲା ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଛି। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି।



# ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ)

ରାଜ୍ୟ କର୍ମଚାରୀ କଲ୍ୟାଣ ଏବଂ ସହାୟକ ସମାଜ (ସେୱାସ ଓଡ଼ିଶା) ଦ୍ୱାରା ଶୁକ୍ରବାର ବିଭାଗୀୟ ମୁଖ୍ୟ ଦପ୍ତର କ୍ୟାମ୍ପସରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ଗୁରୁ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାୟ ୪୦୦ଜଣ ସରକାରୀ କର୍ମଚାରୀ ଏହି ଶିବିରରେ ଅଂଶଗ୍ରହଣ କରି ବିଭିନ୍ନ ରୋଗ ନିର୍ଣ୍ଣୟ ପରୀକ୍ଷା ଏବଂ ଡାକ୍ତରୀ ପରାମର୍ଶ ପାଇଥିଲେ। ଅନୁଷ୍ଠାନର ସଭାପତି ନଳିନକାନ୍ତ ଶର୍ମା, ଉପସଭାପତି ଅବିନାଶ ସାଗର ଏବଂ ଜନ୍ମେଜୟ ପ୍ରଜାପତି, ସମ୍ପାଦକ ପରେଶ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ଜିତେଶ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ବର୍ଜ୍ୟରୁ ସମ୍ପଦ’ ପ୍ରସ୍ତୁତ କଲେ ସ୍ୱଚ୍ଛକର୍ମୀ, ଛାତ୍ରୀଛାତ୍ର

## ଆକର୍ଷଣ ସାଜିଲା ଛଡାଫୁଲରୁ ପ୍ରସ୍ତୁତ ଧୂପକାଠି, ଅବିର

ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ)



ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ପରେ ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟ ଅତିଥିମାନେ ପ୍ରଦର୍ଶିତ ହସ୍ତଶିଳ୍ପ ସାମଗ୍ରୀ ବୁଲି ଦେଖୁଛନ୍ତି।

ଅଦରକାରୀ ତଥା ବର୍ଜ୍ୟରୁ ଘର ସଜାଇବା ପାଇଁ ପ୍ରସ୍ତୁତ ହୋଇଛି ସୁନ୍ଦର ସୁନ୍ଦର କଳାକୃତି। ସ୍ୱଚ୍ଛକର୍ମୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ତିଆରି ଏହି କଳାକୃତି ଅତି ଆକର୍ଷଣୀୟ ହେବା ସହ ସମାଜକୁ ସ୍ୱଚ୍ଛତା ଓ ଇନୋଭେଶନର ନିଆରା ବାର୍ତ୍ତା ଦେଇଛି। ଶୁକ୍ରବାର ‘ନାରୀ ଲିଡ୍‌ସ ସ୍ୱଚ୍ଛତା’ ଅଭିଯାନ ପରିପ୍ରେକ୍ଷୀରେ ବିଏମ୍‌ସି ମୁଖ୍ୟାଳୟରେ ଏହି କଳାକୃତି ଗୁଡ଼ିକୁ ନେଇ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀର ଶୀର୍ଷକ ଥିଲା ‘ବର୍ଜ୍ୟରୁ ସମ୍ପଦ ବା ୱେଷ୍ଟ ଟୁ ୱେଲ୍‌ଥ’। ସ୍ୱଚ୍ଛ ସର୍ବେକ୍ଷଣ ଅନ୍ତର୍ଗତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୧୧ଟି ଷ୍ଟଲ ଖୋଲା ଯାଇଥିଲା। ବିଭିନ୍ନ ବର୍ଜ୍ୟ ଯଥା ଅଦରକାରୀ ପ୍ଲାଷ୍ଟିକ ଚାମଚ, କତା, କାଚ ବୋତଲ, ବୋତଲ ଠିପି, ଦିଆସିଲ କାଠି, ବିଭିନ୍ନ ପ୍ରକାର ଅଦରକାରୀ ବିଦ୍ୟୁତ୍ ସାମଗ୍ରୀକୁ ନେଇ ସୁନ୍ଦର ସୁନ୍ଦର ପଶୁପକ୍ଷୀ, ପା’ପୋଛ, ମନ୍ଦିର, ଭଳିକ ଭଳି ଫୁଲଦାନୀ, ଗଛଲତା, ଜଗନ୍ନାଥଙ୍କର ବିଭିନ୍ନ ପ୍ରକାର ବେଶ, ଗଣେଶଙ୍କ ମୂର୍ତ୍ତି, ପୋଷାକ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ତେବେ ବିଏମ୍‌ସି ପକ୍ଷରୁ ଛଡା ଫୁଲରୁ ପ୍ରସ୍ତୁତ ସୁଗନ୍ଧିତ ଧୂପକାଠି ଓ ଅବିର ପ୍ରଦର୍ଶନୀର ଆକର୍ଷଣ ସାଜିବା ସହ ସର୍ବାଧିକ ବିକ୍ରି ହୋଇଥିଲା। ପ୍ରଦର୍ଶନୀକୁ ମେୟର ସୁଲୋନଚା ଦାସ ଉଦ୍‌ଘାଟନ କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସଙ୍କ ସହ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, ବହୁ କର୍ପୋରେଟର, ବିଏମସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପରିମଳ ଉପାୟୁକ୍ତ ଏନ. ଗଣେଶ ବାବୁ।

# ସିଭିଲ ସର୍ଭିସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ସଫଳତା

## ଅମୃତ ମହାପାତ୍ର ଦ୍ୱିତୀୟ ରାଜ୍ୟ ଟପ୍ପର

ଭୁବନେଶ୍ୱର, ୧୩।୩ (ଅନୁରାଧା ମହାରଣା)



ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୫ରେ ବାଜିରାଓ ଆଇଏଏସ୍ ଏକାଡେମୀର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଏହି ପରୀକ୍ଷାରେ ଏକାଡେମୀର କ୍ଲାସ୍‌ରୁମ୍ ଛାତ୍ର ଅମୃତ ମହାପାତ୍ର ସର୍ବଭାରତୀୟ ସ୍ତରରେ ୧୨୧ତମ ସ୍ଥାନ ହାସଲ କରିବା ସହ ଓଡ଼ିଶାର ଦ୍ୱିତୀୟ ସର୍ବଶ୍ରେଷ୍ଠ ଟପ୍ପର ହୋଇପାରିଛନ୍ତି। ଅମୃତଙ୍କ ଏହି ସଫଳତା ବାଜିରାଓ ଆଇଏଏସ୍ ଏକାଡେମୀର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛି। ସେହିଭଳି ବାଜିରାଓ ଏକାଡେମୀର ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ସଫଳତା ଲାଭ କରିଛନ୍ତି। ଏମାନଙ୍କ ମଧ୍ୟରେ ନିକିତା ବର୍ମା ୩୦ତମ ସ୍ଥାନରେ ରହିଥିବାବେଳେ ଗର୍ଭ ଗର୍ଗ ୧୯୨ତମ, ଅମନ କୁମାର ୬୦୩ତମ, ସତୀଶ କୁମାର ୬୯୬ତମ ସ୍ଥାନରେ ରହିଛନ୍ତି। ଏହି ଅବସରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବାଜିରାଓ ଆଇଏଏସ୍ ଏକାଡେମୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ରାଂଶୁ ଶେଖର ଓଝା ସମ୍ବର୍ଦ୍ଧିତ କରିଥିଲେ। ଏବେ ଶିକ୍ଷାନୁଷ୍ଠାନରେ ଭାରତୀୟ ତଥା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୬-୨୭ ପାଇଁ ଫାଉଣ୍ଡେଶନ ସହ ଆଡ୍‌ଭାନ୍ସ ଲେଭଲ ପାଠ୍ୟକ୍ରମ ଉପଲବ୍ଧ ରହିଛି। ନିର୍ଦ୍ଦେଶକ ଦିଲୀପ କୁମାର କୃତୀ ପ୍ରାର୍ଥୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟାଉନ୍ ପ୍ଲାନିଂ ପାଇଁ ୩ ଏକର ଜମି ଜବରଦଖଲମୁକ୍ତ

ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ)

ମଳିପଡ଼ା ଟାଉନ ପ୍ଲାନିଂ (ଟିପି) ସ୍କିମ୍ ପାଇଁ ୬୦ରୁ ଊର୍ଦ୍ଧ୍ୱ ଘର ମାଟିରେ ମିଶିଛି। ବସ୍ତିବାସିନ୍ଦାଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଶୁକ୍ରବାର ବିଡିଏ ପକ୍ଷରୁ ହୋଇଥିବା ଉଚ୍ଛେଦରେ ୩ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ମଳିପଡ଼ା ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନଂ. ୩୦୭ରେ ୬ ଏକର ୧୮ ଡିସିମିଲ ଜମି ଓ ପ୍ଲଟ ନଂ. ୧୩୫ରେ ୪୫.୮୪ ଏକର ଅନାବାଦୀ କିସମ ଜମି ରହିଥିବାବେଳେ ସେହି ପ୍ଲଟରେ ବେଆଇନ ଭାବେ ଘର ଗଢ଼ି ଉଠିଥିଲା। ଏନେଇ ସୂଚନା ମିଳିବା ପରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ଉଚ୍ଛେଦକୁ ବସ୍ତିବାସିନ୍ଦା ତୀବ୍ର ବିରୋଧ କରିବା ସହିତ ପୋଲିସ ଉପସ୍ଥିତିରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧ ସତ୍ତ୍ୱେ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦରେ ୪୮ଟି ନୂତନ ଆଜବେଷ୍ଟସ ଘର, ୨୦ଟି ନିର୍ମାଣଧୀନ ଘର, ୫ଟି ପାଣି ଟାଙ୍କି, ପ୍ଲଟ ନଂ. ୩୦୭ରୁ ପ୍ରାୟ ୧୦୦ ଫୁଟ ଲମ୍ବର କାନ୍ଥ, ପ୍ଲଟ ନଂ. ୧୩୫ରେ ହୋଇଥିବା ୧୫ଟି ଆଜବେଷ୍ଟସ ଘର ଓ ୧୦ଟି ନିର୍ମାଣାଧୀନ ଘରକୁ ଭଙ୍ଗା ଯାଇଥିଲା। ଏଥିରେ ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହାକ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଟାଉନ ପ୍ଲାନିଂ ଯୋଜନାର ଭୂମି ଅଧିକାରୀ ଲିପ୍ସା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିକାରଭିତ୍ତିକ ବିକାଶ, ନୈତିକ ଶାସନ ପରିଚାଳନାକୁ ଗୁରୁତ୍ୱ




ଜାତୀୟ ମାନବାଧିକାର ସମ୍ମିଳନୀରେ ଏନଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀଙ୍କ ସହ ଅନ୍ୟ ଅତିଥିମାନେ।

## ରାଜଧାନୀରେ ଜାତୀୟ ମାନବାଧିକାର ସମ୍ମିଳନୀ

ଭୁବନେଶ୍ୱର, ୧୩।୩ (ତ୍ରିନାଥ ମହାନ୍ତି)

ହିଣ୍ଡାଲ୍‌କୋ ପକ୍ଷରୁ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ସହଯୋଗରେ ଜାତୀୟ ମାନବାଧିକାର ସମ୍ମିଳନୀ ଶୁକ୍ରବାର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାରା ଦେଶରୁ ନୀତି ପ୍ରସ୍ତୁତକାରୀ ଆଇନଜ୍ଞ, କର୍ପୋରେଟ ବ୍ୟକ୍ତିବିଶେଷ ଏବଂ ନାଗରିକ ସମାଜର ପ୍ରତିନିଧିବୃନ୍ଦ ଯୋଗଦେଇ ଅଧିକାରଭିତ୍ତିକ ବିକାଶ ଏବଂ ନୈତିକ ଶାସନ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ନୀତି ବ୍ୟବସାୟିକ ପରିଚାଳନାରେ ସମନ୍ୱିତ କରିବା ଏବଂ ଜାତୀୟ ଓ ଆନ୍ତର୍ଜାତିକ ଆଶା ଆକାଂକ୍ଷାଗୁଡ଼ିକ ସହିତ ମେଳ ଖାଉଥିବା କର୍ପୋରେଟ ଦାୟବଦ୍ଧତା ବିଧି ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସର୍ବୋମ କାର୍ଯ୍ୟାଭ୍ୟାସଗୁଡ଼ିକ ସମ୍ପର୍କରେ ଜ୍ଞାନର ଅଂଶୀଦାର କରିବାକୁ ଏଭଳି ପ୍ରୟାସ ଉତ୍ସାହିତ କରିଥିଲା। ବିଭିନ୍ନ କ୍ଷେତ୍ର ମଧ୍ୟରେ ସହଯୋଗୀତାକୁ ସମର୍ଥନ କରାଇ ଏହି ସମ୍ମିଳନୀ ଆପଦଗୁଡ଼ିକୁ ଚିହ୍ନଟ କରିବା, ତାରତମ୍ୟ ଦୂର କରିବା ଏବଂ ଦାୟିତ୍ୱସମ୍ପନ୍ନ ବ୍ୟବସାୟ ପରିଚାଳନା ପ୍ରତି ପ୍ରତିବଦ୍ଧ ମଜଭୁତ, ମାନବାଧିକାର-ସମ୍ବେଦୀ ସଂଗଠନଗୁଡ଼ିକର ବିକାଶକୁ ସମର୍ଥନ କରିବାକୁ ଚାହିଁଥିଲା। ଉଦ୍‌ଘାଟନୀ ଅଧିବେଶନରେ ଏନଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ଓଏଚ୍‌ଆର୍‌ସିର ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ, ଓଏଚ୍‌ଆର୍‌ସି ସଦସ୍ୟ ଅସିମ ଅମିତାଭ ଦାସ, କଳାହାଣ୍ଡି ଭବାନୀପାଟଣାର ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ଏବଂ ସମିକ ବସୁ, ହିଣ୍ଡାଲକୋର ଟି.ଏମ୍.ପ୍ରକାଶ ଉପସ୍ଥିତି ଥିଲେ।

# ଜିଲାସ୍ତରୀୟ ସମବାୟ ସମ୍ମିଳନୀ

ବାଲିପାଟଣା, ୧୩।୩ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ସରାଟ ସମବାୟ ସମିତି ସମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ସମବାୟ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଏମ୍‌ଏସ୍ ବୋର୍ଡ ମେମ୍ବର ପ୍ରମୋଦ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମିଳନୀରେ ଖୋର୍ଦ୍ଧା ଜିଲା ଡିଆର୍‌ସିଏସ୍ ଅଳକା ନନ୍ଦା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ସମବାୟ ଚାଷୀଙ୍କ ଆର୍ଥିକ ସମ୍ବଳ ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଇଫକୋର ଡେପୁଟି ଫିଲ୍ଡ ମ୍ୟାନେଜର ସୌମ୍ୟ ରଞ୍ଜନ ହାତୀ ସାଧନ ପରାମର୍ଶଦାତା ଭାବେ ଯୋଗଦେଇ ରାସାୟନିକ ସାର ପରିବର୍ତ୍ତେ କିପରି ଡ୍ରୋନ ସାହାଯ୍ୟରେ ନାନୋ ୟୁରିଆ, ଡିଏପି ପ୍ରୟୋଗ କରାଯାଇ କମ ଖର୍ଚ୍ଚରେ ଅଧିକ ଆର୍ଥିକ ସୁଧାର ଆସିପାରିବ ତାହା ଉପରେ ଆଲୋକପାତ କରିଥିଲେ। ସିନିୟର ଏଆର୍ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ସରାଟ ସମବାୟ ସମିତିକୁ ଡ୍ରୋନ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ୍ ନିଶିକାନ୍ତ ଦାସ, ସରାଟ ସମବାୟ ସମିତି ସଭାପତି ଭାରତ ଭୂଷଣ ମହାନ୍ତି, ଗାରେଡିପାଞ୍ଚଣ ସମବାୟ ସମିତି ସଭାପତି ଅଭିମନ୍ୟୁ ନାୟକ, ସମବାୟ ଆଞ୍ଚଳିକ ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନ, ଆଞ୍ଚଳିକ ଅଧିକାରୀ ଅମିୟ ଖୁଣ୍ଟିଆ, ପ୍ରକାଶ ସେଠୀ, ଆରସିଏମ୍‌ଏସ୍ ସମ୍ପାଦକ ନିରଞ୍ଜନ ନାଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ।

# ୱାୟୁଟିଆର୍‌ରେ ‘ଇସ୍‌ମିଟ୍ ୨୦୨୬’



ଭୁବନେଶ୍ୱର, ୧୩।୩ (ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ପରିସରରେ ବାର୍ଷିକ ଇସ୍‌ମିଟ୍ ୨୦୨୬: ମୋନୋପୋଲି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି ଖଡ଼ଗପୁର, ଆଇଆଇଆଇଟି ଭୁବନେଶ୍ୱର, ପାରୁଲ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବିଜୁ ପଟ୍ଟନାୟକ ସ୍ୱାୟତ୍ତ ମହାବିଦ୍ୟାଳୟ ଓ ରାଜଧାନୀ ମହାବିଦ୍ୟାଳୟ ସହିତ ସାରା ଦେଶରୁ ୪୫୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଉଦ୍ୟୋଗୀ କାଳୀ କୁନୁଙ୍ଗୋ ନିଜର କର୍ପୋରେଟ କ୍ଷେତ୍ରରୁ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶର ଅନୁଭୂତି ଏବଂ ଆଇସ୍କ୍ରିମ ବ୍ୟବସାୟୀ ସଫଳତା ପାଇଁ ଦୀର୍ଘ ଯାତ୍ରା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଯୁବ ଉଦ୍ୟୋଗୀ ଅଙ୍କିତ ଅମୃତ ଦାସ କିପରି ଡେଲ୍‌ଏଟରେ କାର୍ଯ୍ୟ କରିବା ପରେ କୃତ୍ରିମ ମେଧା ଆଧାରିତ ବ୍ୟବସାୟ ଆରମ୍ଭ କରିଥିଲେ ସେ ସମ୍ପର୍କରେ ନିଜ ଅନୁଭବ ବାଣ୍ଟିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ବିଭୁତି ଭୂଷଣ ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ଉଦ୍ୟମିତା ମାର୍ଗରେ ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ। ପ୍ରଫେସର ମୀରା ବିଶ୍ୱବନ୍ଧ୍ୟା ବିବରଣୀ ଉପସ୍ଥାପନଓ ଡ. ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଟୋକିଓରେ ଓଡ଼ିଶା ଛାତ୍ରୀଛାତ୍ରଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଆମେ ଗୌରବାନ୍ୱିତ: ମନ୍ତ୍ରୀ

ଭୁବନେଶ୍ୱର, ୧୩।୩ (ସୁଚିସ୍ମିତା ସାହୁ)

ଟୋକିଓ ବୈଶ୍ୱିକ ବିତ୍ତ ଫୋରମରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଛାତ୍ରୀଛାତ୍ର ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଟୋକିଓରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ଆମ ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ଆମେ ଗର୍ବିତ। ଉଚ୍ଚଶିକ୍ଷାରେ ଜେନେରାଲ ଷ୍ଟ୍ରିମ୍‌ରେ ଅଧ୍ୟୟନରତ ପିଲାମାନେ ଯେ କେବଳ ଡ଼ିଗ୍ରୀ ପାଇଁ ପାଠ ପଢୁଛନ୍ତି ତାହା ନୁହେଁ, ବରଂ ନିଜର ସୃଜନଶୀଳତା ମାଧ୍ୟମରେ ଲୋକଙ୍କ ସମସ୍ୟାକୁ ସମାଧାନ କରିବାର ପ୍ରୟାସ କରୁଛନ୍ତି। ନୂତନ ପ୍ରକଳ୍ପକୁ ବୈଶ୍ୱିକ ବିତ୍ତ ଫୋରମରେ ପ୍ରଦର୍ଶିତ କରି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛନ୍ତି। ଏହା ସମସ୍ତ ଯୁବବର୍ଗଙ୍କୁ ନିଶ୍ଚିତ ରୂପେ ପ୍ରେରିତ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ-ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡ଼ିଜିଟାଲ ଫାଇନାନ୍ସ ଏବଂ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍‌ନୋଲୋଜି ନେଟ୍‌ୱର୍କର ମିଳିତ ସହଭାଗିତାରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଫିନ୍‌ଟେକ ଓ ଇନ୍‌ସ୍ୟୁରଟେକ ସାର୍ଟିଫିକେଟ ପ୍ରୋଗ୍ରାମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ୧୯୫ଜଣ ଛାତ୍ରୀଛାତ୍ର ବିଭିନ୍ନ କ୍ୟାପଷ୍ଟୋନ ପ୍ରକଳ୍ପ ଉପରେ କାମ କରିଥିବାବେଳେ ପ୍ରଥମ ସ୍ଥାନ ହାସଲ କରି ଚୟନ ହୋଇଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବି. ସିମ୍ରନ, ରାଜେଶ୍ୱରୀ ବେହେରା, ପୁଷ୍ପାଞ୍ଜଳି ବେହେରା, ମନୀଷା ଲେଙ୍କା, ସୌମ୍ୟ ରଞ୍ଜନ ବୈଥାଲୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଶିବାଂଶୀ ନାୟକ, ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅନିର୍ବାଣ କର ନିଜ ଫିନ୍‌ଟେକ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ୍ତ ଫୋରମରେ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ।

# ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ବୁଦ୍ଧ ବିହାର ଆବାସିକ ସଂଘ କର୍ମକର୍ତ୍ତା



ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ବିହାର ଆବାସିକ ସଂଘର ନବନିର୍ବାଚି କର୍ମକର୍ତ୍ତା ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସାକ୍ଷାତ କାର୍ଯ୍ୟକ୍ରମରେ ବୁଦ୍ଧ ବିହାର ଆବାସିକ ପରିସରର ସମଗ୍ର ବିକାଶ, ସ୍ୱଚ୍ଛତା, ପ୍ରାଥମିକ ସୁବିଧା ବୃଦ୍ଧି ଏବଂ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହଯୋଗ କାମନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇ କହିଲେ ଯେ, ଆବାସିକ ସଂଘମାନେ ସମାଜର ସମନ୍ୱିତ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ସମସ୍ତେ ଏକତା ମନୋଭାବ ନେଇ କାର୍ଯ୍ୟ କଲେ ସଂଘ ଆହୁରି ସୁଦୃଢ଼ ହେବା ସହ ଅଞ୍ଚଳର ସମସ୍ୟାଗୁଡ଼ିକର ସମାଧାନ ଓ ସମଗ୍ର ଉନ୍ନତି ସମ୍ଭବ ବୋଲି ପରାମର୍ଶ ଦେଇଥିଲେ। ସାକ୍ଷାତ ସମୟରେ ସ୍ଥାନୀୟ କର୍ପୋରେଟର ଯଶୋଧାରା ପ୍ରଧାନଙ୍କ ସହ ଆବାସିକ ସଂଘର ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ, ଉପସଭାପତି ମନୋଜ କୁମାର ସ୍ୱାଇଁ, ସମ୍ପାଦକ ସୁକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ନ୍ୟାୟ ଦେବାରେ ମହିଳା ଆଇନଜୀବୀ ଅଧିକ ସକ୍ଷମ

ଭୁବନେଶ୍ୱର, ୧୩।୩ (ସୌମ୍ୟରଞ୍ଜନ ରାଉତ)




ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କୁ ଅନ୍ୟ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଅଲ୍ ଓମେନ୍ସ ଆଡ୍‌ଭୋକେଟ୍ ଫୋରମ୍ ଓ ଅଖିଳ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଞ୍ଚର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାନ୍ଥନିବାସରେ ପାଳିତ ହୋଇଯାଇଛି। ଫୋରମ୍ ଅଧ୍ୟକ୍ଷା ଆଇନଜୀବୀ ହରପ୍ରିୟା ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ କହିଲେ, ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ମହିଳା ଅଧିକ ଉପଯୁକ୍ତ ଓ ସକ୍ଷମ। ମୁଖ୍ୟବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ କହିଲେ, ମଧୁବାବୁଙ୍କ ଯୋଗୁ ମହିଳାମାନେ ଓକିଲାତି ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ହମାରା ବଚପନ୍‌ର ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ ଯୋଗଦେଇ ମହିଳାଙ୍କ ଉନ୍ନତି ସମ୍ପର୍କରେ କହିଥିଲେ। ଏହି ଅବସରରେ ସ୍ୱର୍ଗତ ଶାନ୍ତିପ୍ରିୟା ପଟ୍ଟନାୟକଙ୍କ ସ୍ମୃତିରେ ମହିଳା ଆଇନଜୀବୀ ଛାୟା ମିଶ୍ର, ଦୀପ୍ତିରେଖା ନନ୍ଦ, ପ୍ରତିଭା ଦାଶ, ଋତୁପୂର୍ଣ୍ଣା ମହାନ୍ତି, ଶ୍ୱେତାଶର୍ମା, ଭୋପାଳ ଏମ୍‌ପି ଅନିତା ସିଂ, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ୍, କଣ୍ଠଶିଳ୍ପୀ ଉମେଶ ଚନ୍ଦ୍ର ଦାସ ଓ ଆଇନଜୀବୀ ଲିଙ୍ଗରାଜ ସାହୁଙ୍କୁ ‘ଅଟଳ କର୍ମବୀର ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସେହିପରି ୧୬ଜଣଙ୍କୁ ୟୁଥ୍ ଆଚିଭର୍ ଓ ମହିଳା ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁନି ପିଲାଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବିଷ୍ଣୁପ୍ରିୟା ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ମଣିଷର ମାନସିକତା ଆଗକୁ ବଢ଼ିବାରେ ସହାୟକ ହୁଏ

## ସୋଆ ପ୍ରକ୍ସିମା ୨୦୨୬

ଭୁବନେଶ୍ୱର, ୧୩।୩ (ଅନୁରାଧା ମହାରଣା)



ସଫଳତା ହାସଲ କରିବା କ୍ଷେତ୍ରରେ ଦକ୍ଷତା ଓ କାର୍ଯ୍ୟ କୁଶଳତା ହିଁ ମାପଦଣ୍ଡ ବୋଲି ଅନେକଙ୍କର ଚିନ୍ତାଧାରା ରହିଛି। ମାତ୍ର ପ୍ରକୃତରେ ମଣିଷର ମାନସିକତା ହିଁ ତାକୁ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ ବୋଲି ବିଶିଷ୍ଟ ପ୍ରେରଣାଦାୟୀ ବକ୍ତା ତଥା ‘ୟୁ କ୍ୟାନ୍ ହାବ୍ ଇଟ୍ ଅଲ୍’ ପୁସ୍ତକର ଲେଖକ ଗୌର ଗୋପାଳ ଦାସ କହିଛନ୍ତି। ଶୁକ୍ରବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ୩ଦିନିଆ ଆନୁଆଲ ଟ୍ୟାଲେଣ୍ଟ ଏନ୍‌ଗେଜମେଣ୍ଟ ଉତ୍ସବ ‘ସୋଆ ପ୍ରକ୍ସିମା ୨୦୨୬’କୁ ଉଦ୍‌ଘାଟନ କରି ଲେଖକ ଦାସ କହିଲେ, ଦକ୍ଷ ଓ କାର୍ଯ୍ୟ କୁଶଳତା ସମ୍ପନ୍ନ ବ୍ୟକ୍ତିଙ୍କୁ କର୍ପୋରେଟ ଜଗତ ଅଧିକ ପସନ୍ଦ କରିଥାଏ। ସଫଳତା ପ୍ରତି ଅଧିକ ଆସକ୍ତି ରଖୁ ନ ଥିବା ଚିନ୍ତାଧାରାର ବ୍ୟକ୍ତି ବିଶେଷ ହିଁ ପ୍ରକୃତରେ ନିଜ ଜୀବନରେ ଉନ୍ନତି କରିଥାନ୍ତି। କିନ୍ତୁ ମୋତେ ଯଦି କାହାକୁ ନିଯୁକ୍ତି ଦେବାକୁ କୁହାଯାଏ, ତେବେ ମୁଁ ଦକ୍ଷତା ଓ କାର୍ଯ୍ୟ କୁଶଳତା ପ୍ରତି ଧ୍ୟାନ ନ ଦେଇ ସେହି ବ୍ୟକ୍ତିର ଅନ୍ତର୍ନିହିତ ବିଶେଷତ୍ୱକୁ ଅଧିକ ପ୍ରାଧାନ୍ୟ ଦେବି। ସଫଳତା ହାସଲ କରିବା ନିମନ୍ତେ କଠିନ ପରିଶ୍ରମର ଆବଶ୍ୟକତା ରହିଥିବା ସେ କହିଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ (କର୍ପୋରେଟ ଆଫେୟାର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ କନେକ୍ଟ) ଦୀପ୍ତି ରଞ୍ଜନ ଦାଶ ବକ୍ତବ୍ୟ ରଖିଥିଲେ। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ସନ୍ଥ ଗୌର ଗୋପାଳ ଦାସଙ୍କୁ ସ୍ୱାଗତ କରିଥିଲେ। ସନ୍ଥ ଦାସ ତାଙ୍କୁ ସ୍ୱଲିଖିତ ପୁସ୍ତକ ଉପହାର ଦେଇଥିଲେ। କାର୍ଯ୍ୟକ୍ରମର ସ୍ୱତନ୍ତ୍ର ପର୍ଯ୍ୟାୟ ‘ସେଲିବ୍ରେଶନ ଅଫ୍ ଏକ୍ସିଲେନ୍ସ’ ଅବସରରେ କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଅନ୍ତର୍ଗତ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କାଜୁ ଜଙ୍ଗଲରେ ନିଆଁ



କଳାପଥର, ୧୩।୩(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଖଜୁରିପଦାର କଙ୍କଡାଗାଡିଆ ସ୍ଥିତ କାଜୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ବହୁ କାଜୁ ଗଛ ଜଳିଯାଇଛି। ଖବରପାଇ କଳାପଥର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନାଥାଉ କି, ପଞ୍ଚାୟତର ଉନ୍ନତ୍ତୀକରଣ ପାଇଁ ୫ ବର୍ଷ ପୂର୍ବେ ଜବକାର୍ଡଧାରୀଙ୍କ ସହଯୋଗରେ ପ୍ରାୟ ୪୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୫୨ଏକର ଜାଗାର କାଜୁ ଗଛ ଲଗାଯାଇଥିଲା। ଚଳିତ ବର୍ଷ ପ୍ରଥମ କରି କାଜୁ ଫଳ ଧରିବାକୁ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ, ୧୩।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସହର ଅନ୍ତର୍ଗତ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଅଭୟପାଦ ଆଧ୍ୟାତ୍ମିକ ଚେତନା ଅନୁଷ୍ଠାନ ଓ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷାବିତ୍ ତଥା କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅଭୟପାଦ ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କଂଗ୍ରେସ ରଣା, ପ୍ରକୃତିବନ୍ଧୁ ଦୀପକ କୁମାର ସାମନ୍ତରା ଓ ମହେଶ ନାୟକ ଯୋଗଦେଇଥିଲେ। କଟକ ରୋଟାରୀ ଚିକିତ୍ସାଳୟର ଡାକ୍ତର ଗାୟତ୍ରୀ ଦାସ ଓ ଝରାସ୍ମିତା ସାହୁ ରୋଗୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଶିବିରରେ ୨୬ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୋତିଆବିନ୍ଦୁ ଅପରେଶନ ପାଇଁ କଟକ ଜେପିଏମ୍ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଶିବିରକୁ ଅନିରୁଦ୍ଧ ପଣ୍ଡା ପରିଚାଳନା କରିଥିଲେ।

### ବସ୍ ଚଢ଼ିଯିବାରୁ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ

#### ଉତ୍ତେଜନା, ଡ୍ରାଇଭର ଅଟକ

ଭୁବନେଶ୍ୱର, ୧୩।୩(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ଚଢ଼ିଯିବାରୁ ଜଣେ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୟୁନିଟ୍-୮ରେ ରହୁଥିବା ବିଜୟାଲକ୍ଷ୍ମୀ କର(୬୮)। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ବସ୍‌କୁ ଜବତ କରିବା ସହ ଫେରାର ଡ୍ରାଇଭରଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ବିଜୟାଲକ୍ଷ୍ମୀ ପରିବାର ସହ ୟୁନିଟ୍-୮ରେ ରହୁଥିବା ବେଳେ ଗୁରୁବାର ଡୁମୁଡୁମାରେ ରହୁଥିବା ଭଉଣୀ ସରୋଜିନୀ କରଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ଘରକୁ ଫେରୁଥିଲେ। ସକାଳ ପ୍ରାୟ ୯ଟା ସମୟରେ ଆଇଗିଣିଆ ଛକ ନିକଟରେ ସେ ବସ୍‌କୁ ଅପେକ୍ଷା କରିଥିଲେ। ବସ୍ ଆସିଲେ ସେ ବରମୁଣ୍ଡା ଯାଇ ସେଠାରୁ ୟୁନିଟ୍-୮ ଘରକୁ ଯାଇଥାନ୍ତେ। ଏହି ସମୟରେ ନୟାଗଡ଼ରୁ ବରମୁଣ୍ଡା ଆସୁଥିବା ଏକ ଘରୋଇ ବସ୍‌ଟି ଆଇଗିଣିଆ ଛକରେ ଅଟକି ରହିଥିଲା। ଯାତ୍ରୀମାନେ ବସ୍‌କୁ ଚଢୁଥିବାବେଳେ ବିଜୟାଲକ୍ଷ୍ମୀ ଉକ୍ତ ବସ୍ ଆଗରେ ଯାଉଥିଲେ। ହେଲେ ଡ୍ରାଇଭର ହଠାତ୍ ଗାଡି ଛାଡିଦେବା ସହ ବିଜୟାଲକ୍ଷ୍ମୀଙ୍କୁ ସମ୍ମୁଖରୁ ଧକ୍କା ଦେଇ ଚଢ଼ିଯାଇଥିଲା। ବସ୍ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ।

# ଅବଧି ଶେଷ, ନିର୍ମାଣ ସରିଲାନି

କଟକ, ୧୩।୩(କୁମାରଶ୍ରୀ)



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଭିନ୍ନକ୍ଷମ ଛାତ୍ରଙ୍କ ନିମନ୍ତେ ଏକ ଉତ୍ସର୍ଗୀକୃତ ଛାତ୍ରାବାସ ନିର୍ମାଣ କରାଯାଉଛି। ୨୦୨୪ ଜାନୁଆରୀରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଦେଢ଼ବର୍ଷରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିବା ବେଳେ ଏଯାଏ ଅଧା କାମ ବି ଶେଷ ହୋଇପାରିନାହିଁ। ଛାତ୍ରାବାସ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସଇପିଡି) ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପାଣ୍ଠି ଘୋଷଣା କରାଯାଇଥିଲା। ତେବେ ସାମ୍ପ୍ରତିକ ପରିସ୍ଥିତିରେ ବିଭାଗ ଟଙ୍କା ମଞ୍ଜୁର କରୁ ନ ଥିବାରୁ କୋଠା ନିର୍ମାଣ ଅଧାପନ୍ତରିଆ ଭାବେ ପଡିରହିଥିବା ଜଣାପଡ଼ିଛି।

ଅନ୍ୟ ଶିକ୍ଷାନୁଷ୍ଠାନ ତୁଳନାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଉଭୟ କନିଷ୍ଠ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମିଶାଇ ରେଭେନ୍‌ଶାରେ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ଏହି ୪ ମହଲା ଛାତ୍ରାବାସରେ ୨୦୦ଜଣ ଛାତ୍ରୀଛାତ୍ର ରହିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଠାରେ ସ୍ୱତନ୍ତ୍ର ରାମ୍ପ ବ୍ୟବସ୍ଥା ସହ ୨ଟି ଲିଫ୍ଟ, ଫାୟାର୍ ସେଫଟି, ସିସିଟିଭି ବ୍ୟବସ୍ଥା, ଶୌଚାଳୟ ସହ ପାଠ ପଢିବା ପାଇଁ ରିଡିଂ ସ୍ପେସ୍ ଓ ୱାଇଫାଇ ସୁବିଧା କରିବା ପାଇଁ ଯୋଜନା ରହିଛି। ଛାତ୍ରାବାସ ନିର୍ମାଣ ପାଇଁ ମୋଟ ୧୫ କୋଟି ୭୮ ଲକ୍ଷ ୯୮ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଛି। କେନ୍ଦ୍ର ସରକାରଙ୍କ ଜଳଶକ୍ତି ବିଭାଗ ଦ୍ୱାରା ଅଧିକୃତ 'ୱାପକସ ଲିମିଟେଡ୍' ସଂସ୍ଥା ହଷ୍ଟେଲ ନିର୍ମାଣ ଦାୟିତ୍ୱ ନେଇଛି। ଏସ୍‌ଏସଇପିଡି ବିଭାଗ ସହ ୱାପକସ୍‌ର ଏମଓୟୁ ମଧ୍ୟ ସ୍ୱାକ୍ଷର ହୋଇଛି। ଏଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ନେଇ ପାରୁନାହାନ୍ତି। କୋଠା ଅଧାପନ୍ତରିଆ ଭାବେ ପଡି ରହିଥିଲେ ମଧ୍ୟ ଏହା କେବେ ଶେଷ ହେବ ତାହା ସ୍ପଷ୍ଟ କରି ପାରୁନାହାନ୍ତି। ଏଭଳି ଘଟଣାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏସ୍‌ଏସଇପିଡି ବିଭାଗ ସହ ଏ ବାବଦରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

**ରେଭେନ୍‌ଶାରେ ଉତ୍ସର୍ଗୀକୃତ ଭିନ୍ନକ୍ଷମ ଛାତ୍ରାବାସ**
- ଏସ୍‌ଏସଇପିଡି ବିଭାଗରୁ ମଞ୍ଜୁର ହେଉନି ଟଙ୍କା
- ୨୦୨୪ରେ ଆରମ୍ଭ ହୋଇଥିଲା ନିର୍ମାଣ କାର୍ଯ୍ୟ

# ଟିଗିରିଆରେ ମିଳୁନି ବାଣିଜ୍ୟିକ ଗ୍ୟାସ: କଳାବଜାରିରେ ୩ ହଜାର ଟଙ୍କା

ଟିଗିରିଆ, ୧୩।୩(ଜାଫର ଖାଁ)

ପଶ୍ଚିମ ଏସିଆର ପ୍ରମୁଖ ତୈଳ ଓ ପ୍ରାକୃତିକ ଗ୍ୟାସ ଉତ୍ପାଦନ କରୁଥିବା ଦେଶ ଇରାନ୍ ସହ ଇସ୍ରାଏଲ ଓ ଆମେରିକାର ଯୁଦ୍ଧର ପ୍ରଭାବ ସାରା ବିଶ୍ୱରେ ପଡ଼ିଥିବା ବେଳେ କଟକ ଜିଲା ଟିଗିରିଆ ବ୍ଲକ ମଧ୍ୟ ଏଥିରୁ ବାଦ ପଡିନାହିଁ। ବ୍ଲକରେ ବର୍ତ୍ତମାନ ମୁଖ୍ୟତଃ ବାଣିଜ୍ୟିକ ଗ୍ୟାସ ମିଳୁ ନ ଥିବାରୁ ଛୋଟବଡ଼ ସମସ୍ତ ହୋଟେଲ ବ୍ୟବସାୟୀ, କ୍ୟାଟରିଂ ସଂସ୍ଥା ଆଦି ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ବ୍ଲକର ସମସ୍ତ ୩ ଗ୍ୟାସ ବିତରକ ସଂସ୍ଥାଙ୍କ ପାଖରେ ବାଣିଜ୍ୟିକ ଗ୍ୟାସ୍ ମହଜୁଦ ନ ଥିବା ଜଣାପଡ଼ିଛି। ଫଳରେ ବ୍ୟବସାୟୀମାନେ ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର କଳା ବଜାରୀଙ୍କଠାରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦେଇ କିଣିବାକୁ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ଏପରି ସ୍ଥିତି ବଜାୟ ରହିଲେ ଆଗାମୀ କିଛିଦିନ ମଧ୍ୟରେ ବ୍ଲକର ହୋଟେଲ, ଜଳଖିଆ ଦୋକାନ ସମେତ ଗ୍ୟାସ ସିଲିଣ୍ଡର ଉପରେ ନିର୍ଭରଶୀଳ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ତାଲା ପଡିବା ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ବର୍ତ୍ତମାନ ସମୟରେ ବ୍ଲକରେ ଘରୋଇ ଗ୍ୟାସ ସିଲିଣ୍ଡର ଯଥେଷ୍ଟ ପରିମାଣରେ ମହଜୁଦ ରହିଥିଲେ ମଧ୍ୟ ଗ୍ରାହକମାନେ ଯୁଦ୍ଧ ଭୟରେ ଏକକାଳୀନ ଗ୍ୟାସ ସିଲିଣ୍ଡର ବୁକ କରିଥିବାରୁ ସମସ୍ତଙ୍କୁ ସମୟ ମଧ୍ୟରେ ଯୋଗାଇବାରେ ଅସୁବିଧା ହେଉଥିବା ଗ୍ୟାସ ଯୋଗାଣ କାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।ଏଥିପାଇଁ ଗ୍ରାହକଙ୍କୁ ବୁକିଂର ପ୍ରାୟ ୫ ଦିନରୁ ଉର୍ଦ୍ଧ୍ୱ ସମୟ ପରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ପ୍ରତ୍ୟେକ ଗ୍ୟାସ ସିଲିଣ୍ଡର ଯୋଗାଣକାରୀ ସଂସ୍ଥା କାର୍ଯ୍ୟାଳୟ ନିକଟରେ ଗ୍ରାହକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ଘରୋଇ ଗ୍ୟାସ ସିଲିଣ୍ଡର ଯଥେଷ୍ଟ ପରିମାଣରେ ମହଜୁଦ୍ ଥିବା ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ଆଗାମୀ ଦିନରେ ଯଦି ଯୁଦ୍ଧ ବନ୍ଦ ନହୁଏ ତେବେ ସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି। ଏଥିସହ ଗ୍ୟାସ୍ ବୁକିଂ ପାଇଁ ଗ୍ୟାସ ଯୋଗାଣକାରୀ ସଂସ୍ଥା ପକ୍ଷରୁ ଗ୍ରାହକଙ୍କୁ ଦିଆଯାଇଥିବା ମୋବାଇଲ ନମ୍ବର ଅନେକ ସମୟରେ ଲାଗୁ ନ ଥିବାରୁ ଗ୍ୟାସ ସିଲିଣ୍ଡର ବୁକିଂ ପାଇଁ ଗ୍ରାହକମାନେ ଅନେକ ସମସ୍ୟା ଭୋଗୁଛନ୍ତି। ଫଳରେ ବ୍ଲକରେ କଳାବଜାରୀମାନଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି।

ଏ ସମ୍ପର୍କରେ ଉପଖଣ୍ଡ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡାଙ୍କୁ ପଚାରିବାରେ, ବାଣିଜ୍ୟିକ ଗ୍ୟାସ ଚଳିତ ମାସ ୧ ତାରିଖରୁ ଆସି ନଥିବା ପ୍ରକାଶ କରିଥିବା ବେଳେ ଟିଗିରିଆରେ ଗ୍ୟାସ କଳା ବଜାରୀ ନେଇ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି।

# ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦେବ'



ଅତିଥିମାନେ ବାର୍ଷିକ ପତ୍ରିକା ଶ୍ରୋତସ୍ୱିନୀ ଉନ୍ମୋଚନ କରୁଛନ୍ତି।

## ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଆଠଗଡ, ୧୩।୩(ସତ୍ୟ ପ୍ରସାଦ ରଥ)

ତ୍ରୁଟିପୂର୍ଣ୍ଣ ଜାତୀୟ ଶିକ୍ଷାନୀତି ବୌଦ୍ଧିକ ବିକାଶ ପରିବର୍ତ୍ତେ ଶିକ୍ଷାର ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦେବ। ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିବ। ଏନେଇ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିକଳ୍ପ ଶିକ୍ଷା ଓ ଅର୍ଥନୀତି ପାଇଁ ସଚେତନ ହେବା ଆବଶ୍ୟକ ବୋଲି ଆଠଗଡ ସହରସ୍ଥିତ ଗୋପବନ୍ଧୁ ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ସ୍ୱାଇଁ କହିଥିଲେ ଯେ, ପଡ଼ୋଶୀ ରାଜ୍ୟମାନେ ଶିକ୍ଷାର ବିକାଶ ପାଇଁ ବଜେଟରେ ୧୫ଶତକଡା ବ୍ୟୟବରାଦ କରୁଥିବାଳେ ରାଜ୍ୟ ସରକାର ୧୩.୫ ଶତକଡା ବ୍ୟୟବରାଦ କରି ୫୦ଭାଗ ଖର୍ଚ୍ଚ କରି ପାରୁନାହାନ୍ତି। ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରେ ୨୮୫ରୁ ୨୪୩ ପ୍ରାଧ୍ୟାପକ ପଦବୀ ଖାଲି ରହିଛି। ସେହିପରି ସହ ପ୍ରଧାପକ ୫୭୮ପଦବୀରୁ ୪୩୬, ସହକାରୀ ପ୍ରାଧ୍ୟାପକ ୧୧୪୩ରୁ ୬୫୪ ଏବଂ ଅଧାପକ ପଦବୀ ୧୩୩୨ଟି ଖାଲି ରହିଛି। ସେହିପରି ଗଣଶିକ୍ଷା ବିଭାଗରେ ମୋଟରେ ୬୩ହଜାର ପଦବୀ ଖାଲିରହିଛି ବୋଲି କହିଥିଲେ।

ଏହି ଅବସରରେ ବିଧାୟକ ସ୍ୱାଇଁ ମହାବିଦ୍ୟାଳୟ ପରିସରରେ ୫-ଟି ଅନୁଦାନରେ ୫୦ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ବିଭାଗର ଲାବ୍ରୋଟୋରୀ ଓ ପାଠାଗାର ପାଇଁ ଆସିଥିବା ଅନୁଦାନର ତୁରନ୍ତ ବିନିଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ବାର୍ଷିକ ପତ୍ରିକା ଶ୍ରୋତସିନୀର ୪ର୍ଥ ସଂସ୍କରଣ ଉନ୍ମୋଚନ ହୋଇଥିଲା। ମହାବିଦ୍ୟାଳୟ ର ଅଧକ୍ଷା ସଙ୍ଗୀତା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାକୁ ଇଂଲିଶ୍ ବିଭାଗର ଅଧ୍ୟାପିକା ବବିତା ସାହୁ ପରିଚାଳନା କରିଥିଲେ। ଶ୍ରୋତସିନୀର ସମ୍ପାଦିକା ତଥା ଇତିହାସ ବିଭାଗର ଅଧ୍ୟାପିକା ସୂର୍ଯ୍ୟକାନ୍ତି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ସରିତା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶିଶିର କୁମାର ଉଦୟସିଂହ, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା ସଂଯୁକ୍ତା ମହାପାତ୍ର, ଆଠଗଡ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରତିମା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ଦୁର୍ଘଟଣାରେ ଗୁରୁତର ଯୁବକ ମୃତ

ଟିଗିରିଆ, ୧୩। ୩(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଅମିନ ଗୋଛିଙ୍କ ପୁତ୍ର କାଳିଆ ହୋଲି ଦିନ ଏକ ବାଇକ ଦୁର୍ଘଟଣାରେ ଗୁରୁତର ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର କାଳିଆଙ୍କ ମୃତ୍ୟୁ ଘଟିଛି।ଶୁକ୍ରବାର ଅପରାହ୍ନରେ କାଳିଆଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଆୟୁର୍ବେଦ ଦାତବ୍ୟ ସ୍ୱାସ୍ଥ୍ୟ ଶିବିର

ବାଙ୍କୀ, ୧୩।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ଶ୍ରୀ ସୁବୁଦ୍ଧେଶ୍ୱର ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଆୟୁର୍ବେଦ ହସ୍ପିଟାଲ ଓ ସୁବୁଦ୍ଧେଶ୍ୱର ମନ୍ଦିର ଉନ୍ନୟନ ପରିଚାଳନା କମିଟି ଆନୁକୂଲ୍ୟରେ ଏକ ଦାତବ୍ୟ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନରେନ୍ଦ୍ର କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଡା. ରମାକାନ୍ତ ରାଉତ, ଡା. ଦେବାଶିଷ ଶତପଥୀ, ଡା. ଅଜୟ କୁମାର ଧର୍ମବତ୍, ଆକାଶ ସାମନ୍ତରାୟ, ସନ୍ତୋଷ କୁମାର କମଲା ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରମୋଦ କୁମାର ମୁଦୁଲି, ଗୌରାଙ୍ଗ ଚରଣ ସାହୁ, ବିଶ୍ୱଜିତ୍ ରାଉତ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ରମଜାନ ମାସର ଶେଷ ନମାଜ ଜୁମା ପାଠ

ଟିଗିରିଆ, ୧୩।୩( ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଲ ଜାମା ମସଜିଦଠାରେ ଶୁକ୍ରବାର ପବିତ୍ର ରମଜାନ ମାସର ଅନ୍ତିମ ଜୁମା ନମାଜ ମହିଳା ଓ ପୁରୁଷମାନେ ପାଠ କରିଛନ୍ତି। ଜାମା ମସ୍‌ଜିଦ ମୌଲାନା ସେକ୍ ନାସିରୁଦ୍ଦିନ ଉପସ୍ଥିତ ହୋଇ ମହିଳା ଓ ପୁରୁଷଙ୍କୁ ରମଜାନ ମାସର ପବିତ୍ରତା ଓ ଏ ମାସରେ କ'ଣ କରାଯିବା କଥା କହିଥିଲେ। ସେହିପରି ଆମେରିକା ଓ ଇରାନ୍ ମଧ୍ୟରେ ଲାଗିଥିବା ଯୁଦ୍ଧ ଆମ ସମସ୍ତଙ୍କୁ ତୃତୀୟ ବିଶ୍ୱ ଯୁଦ୍ଧ ଆଡକୁ ଟାଣି ନ ନେଉ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଦରକାର ବୋଲି ମତପ୍ରକାଶ ପାଇଥିଲା।

### ନାଟ୍ୟସଂଘ କଳାକାରଙ୍କ ଅଯୋଧ୍ୟା ଯାତ୍ରା



ଟିଗିରିଆ, ୧୩।୩(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତର ଅଚଳକୋଟ ଗ୍ରାମଗଡ ସାହି ରଘୁନାଥଜୀଉ ରାମଲୀଳା ନାଟ୍ୟସଂଘର କଳାକାରମାନେ ଶୁକ୍ରବାର ଅଯୋଧ୍ୟାସ୍ଥିତ ରାମ ମନ୍ଦିର ଗସ୍ତ କରିଛନ୍ତି। ସଂଘ ସଭାପତି କୃଷ୍ଣଚନ୍ଦ୍ର ନାୟକ, ଉପସଭାପତି ଶ୍ୟାମ ସୁନ୍ଦର ମହାନ୍ତି ପ୍ରମୁଖ ଜଟି ଖଟୁଆଙ୍କ ପରିଚାଳନାରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି । ଏଥିରେ ୫୦ରୁ ଉର୍ଦ୍ଧ୍ୱ କଳାକାର ସାମିଲ ହୋଇଛନ୍ତି।

ସେମାନଙ୍କ ମଧ୍ୟରେ ବରିଷ୍ଠ ଗୁରୁ ତ୍ରିଲୋଚନ ପରିଡ଼ା, ଶିବକୃଷ୍ଣ ଧଳ, ବରିଷ୍ଠ ସଦସ୍ୟ ଯୁଗଳ ପରିଡ଼ା, ମଙ୍ଗୁଳିଚରଣ ଜେନା, ଭାସ୍କର ମଲ୍ଲିକ, ସୁବାସ ମଲ୍ଲିକ ପ୍ରମୁଖ ରହିଛନ୍ତି। ଏହି ଅବସରରେ କଳାକାରମାନେ ପ୍ରଥମେ ଗ୍ରାମର ଆରାଧ୍ୟ ଦେବୀ ମା'ମହାଶ୍ୟାମଳା ଓ ଗ୍ରାମର ସମସ୍ତ ଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରି ଯାତ୍ରା କରିଥିଲେ।

# 'ସାଲେପୁରକୁ ସାବତପୁଅ ଭଳି ଦେଖୁଛନ୍ତି ସରକାର'



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଶ୍ରୀରାମ ସେବା ସମିତିର ନେତୃମଣ୍ଡଳୀ।

ସାଲେପୁର, ୧୩।୩(ଅରବିନ୍ଦ ଭୂୟାଁ)

ଶ୍ରୀରାମ ସେବା ସମିତି ସାଲେପୁର ପକ୍ଷରୁ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମ ଦିବସ ପବିତ୍ର ଶ୍ରୀରାମ ନବମୀରେ ହେବାକୁ ଥିବା ଶୋଭାଯାତ୍ରା ଉଦ୍ଦେଶ୍ୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଲେପୁରସ୍ଥିତ କେଶବ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀରାମ ସେବା ସମିତି ସଭାପତି ରଶ୍ମିରଞ୍ଜନ ଲେଙ୍କା ଯୋଗଦେଇ ମାର୍ଚ୍ଚ ୨୭ ଶ୍ରୀରାମ ନବମୀ ଜଗତ୍‌ପୁରଠାରୁ କୁଳିଆ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭକ୍ତ ଯୋଗ ଦେବାକୁ ସେ ଅନୁରୋଧ କରିଛନ୍ତି। ଶୋଭାଯାତ୍ରା କିଭଳି ଶାନ୍ତିଶୃଙ୍ଖଳା ସହ ସମାପନ ହେବ ସେଥିପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି। ଏହି ଅବସରରେ ସେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବ୍ୟବସ୍ଥା ବିଷୟରେ ବର୍ଷିଥିଲେ। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକତାଠାରୁ କମ୍ ଡାକ୍ତର ଅଛନ୍ତି। ଏଥିପାଇଁ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ପଦବୀ ଖାଲି ରହିଥିବାବେଳେ, ବର୍ତ୍ତମାନ ଯିଏ ବୁଝାବୁଝି କରୁଛନ୍ତି ସେ ପ୍ରକୃତରେ ଦାୟିତ୍ୱରେ ନ ଥିବା ରଶ୍ମିରଞ୍ଜନ ଲେଙ୍କା ପ୍ରକାଶ କରିଥିଲେ। ସରକାର ସାଲେପୁରକୁ ସାବତ ପୁଅ ଭଳି ଦେଖୁଥିବା କହି ଲେଙ୍କା କ୍ଷୋଭ ପ୍ରକାଶ କରିଥିଲେ। ଏହି ଖବରଦାତ ସମ୍ମିଳନୀରେ ବରିଷ୍ଠ ଭାଜପା ନେତା କୁଞ୍ଜ ମୋହନ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ଜେନା, ହିନ୍ଦୁ ମହାସଂଘର ରାଜ୍ୟ ସଭାପତି ଶରତ କୁମାର ପରିଡା, ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

# ଆବର୍ଜନାରେ ପରିପୂର୍ଣ୍ଣ କଚେରି ପୋଖରୀ

ବାଙ୍କୀ , ୧୩।୩ (ଶୁଭେନ୍ଦୁ ମହାପାତ୍ର)



ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବାଙ୍କୀ କୋର୍ଟ ପରିସର ନିକଟ ଚର୍ଚ୍ଚିକା ମୌଜା ପ୍ଲଟ ନଂ.୯୬୦, ୯୬୧ ଏହି ଦୁଇ ପ୍ଲଟରେ ଏକ ଏକର ଅଣଚାଷ ପରିମିତ ବୃତ୍ତି ଉପରେ ବାଙ୍କୀ କଚେରି ପୋଖରୀ ଅବସ୍ଥିତ। ଏହି ଜଳାଶୟଟି ଆବର୍ଜନାରେ ପୂର୍ଣ୍ଣ ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହି ଜଳାଶୟର ଗୋଟିଏ ପାଖରେ ସିଭିଲ କୋର୍ଟ ଓ ବିଚାର ବିଭାଗୀୟ ଅଦାଲତ, ଉପଖଣ୍ଡ କାର୍ଯ୍ୟାଳୟ, ତହସିଲ ଅଫିସ, ସବ୍‌ଟ୍ରେଜେରୀ, ସବ୍‌ରେଜିଷ୍ଟ୍ରାର, ବାଙ୍କୀ ବ୍ଲକ -୧ ଅବସ୍ଥିତ ଥିଲେ ମଧ୍ୟ ଏକ ପାଖରେ ବାଙ୍କୀ ମହୋତ୍ସବ ମଣ୍ଡପ ରହିଛି। ଆଉ ପାଖରେ ଅର୍ଦ୍ଧନିର୍ମିତ କଲ୍ୟାଣ ମଣ୍ଡପ ରହିଛି। ବାଙ୍କୀ ଉପଖଣ୍ଡ ତଥା ବିଭିନ୍ନ ଅଞ୍ଚଳରୁ ଦୈନିକ ଶତାଧିକ ଜନସାଧାରଣ କଚେରୀ ସେବା ଓ ପ୍ରଶାସନିକ ସେବା ପାଇଁ କଚେରୀ ଓ ସମସ୍ତ କାର୍ଯ୍ୟାଳୟକୁ ଆସିଥାନ୍ତି।

୩୧।୮।୨୦୨୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କଚେରୀ ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଦେବିରଞ୍ଜନ ତ୍ରିପାଠି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତତ୍କାଳୀନ ଉପଜିଲାପାଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏପର୍ଯ୍ୟନ୍ତ ଏହାର ସୌଧର୍ଯ୍ୟକରଣ ହୋଇପାରିନାହିଁ। ଅପରପକ୍ଷେ ଅଳିଆ, ଆବର୍ଜନାରେ ପରିପୂର୍ଣ୍ଣ ହୋଇଯାଇଛି। ଉପଜିଲାପାଳ କାର୍ଯ୍ୟାଳୟକୁ ବିଭିନ୍ନ ରାଜନୈତିକ ଦଳ ବିଭିନ୍ନ ଦାବି ନେଇ ଆସୁଥିଲେ ମଧ୍ୟ ଏହି ପୋଖରି ଉପରେ କୌଣସି ନେତାଙ୍କ କିପରି ଦୃଷ୍ଟି ପଡୁନାହିଁ। ଅନ୍ୟପଟେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଫିସ ଠାରୁ ମାତ୍ର ଏକ କିଲୋମିଟର ନିକଟରେ ଏହି ପୋଖୋରିଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ତଳେ ବାଙ୍କୀ ଏନଏସି ତରଫରୁ ପୋଖରୀ ହୁଡା ଉପରେ ସକାଳେ ଓ ସନ୍ଧ୍ୟାରେ ବିଶ୍ରାମ ନେବା ପାଇଁ ସ୍ଥାୟୀ ଚେୟାର ପକାଇଥିଲେ। ମାତ୍ର ନିମ୍ନମାନର କାମ ଯୋଗୁ ଏହା ନଷ୍ଟ ହୋଇଗଲାଣି । ଏହି ଜଳକୁ ବ୍ୟବହାର କରିବା ପାଇଁ ଜନସାଧାରଣଙ୍କ ନିମନ୍ତେ ପାହାଚ ଓ ସାଇଡ ବାଡ଼ ତିଆରି କରିଥିଲେ ମଧ୍ୟ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଏହାକୁ ତୁରନ୍ତ ଉଦ୍ଧାର କରି ପରିବେଶକୁ ସୁଧାରି ପାରିଲେ ଜଳାଶୟଟି ତାର ମୂଲ୍ୟ ରଖିପାରନ୍ତା ବୋଲି ବୁଦ୍ଧିଜୀବୀ ପରିଷଦର ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ କହିଛନ୍ତି। ଏସମ୍ପର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ ପଚାରିବାରେ ପୂର୍ବରୁ କାମ ନେଇଥିବା ଠିକାଦାରମାନେ ମନଇଛା କାର୍ଯ୍ୟ କରିଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି ।ଆଗାମୀ ଦିନରେ ଆକ୍ସନ ପ୍ଲାନରେ ପୋଖରୀ ପୁନରୁଦ୍ଧାର ପ୍ରୋଜେକ୍ଟ ଦିଆଯିବ। ଅର୍ଡର ହୋଇ ଆସିବା ପରେ ପୁନରୁଦ୍ଧାର ସହ ଆଲୋକୀକରଣ କରାଯାଇ ସୌନ୍ଦର୍ଯ୍ୟ କରଣ କରାଯିବ ବୋଲି ଅଧିକାରୀ ବିଶ୍ୱାଳ କହିଛନ୍ତି।

**ଫଳକରେ ସୀମିତ ସୌନ୍ଦର୍ଯ୍ୟକରଣ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୩।୨୦୨୬

| | |
|---|---|
| ୪,୮୭,୩୧୬ ଟଙ୍କା | |
| ସୁନା | ୮ ଗ୍ରାମ୍ |
| ରୁପା | ୨୧୬.୫୦୦ ଗ୍ରାମ୍ |

# ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ଏବଂ ଖାଉଟିଙ୍କ ଆବଶ୍ୟକତା ଅନୁଯାୟୀ ଯୋଗାଣ ନ ହେବା ଓ ବିଳମ୍ବିତ ଯୋଗାଣ ବିରୋଧରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ବିରୋଧରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଉପସ୍ଥିତ ରହି କଚେରି ଛକରୁ ଏକ ପଦଯାତ୍ରାରେ ବାହାରି ସମୁଦ୍ରକୂଳ ଥାନା, ଆଚାର୍ଯ୍ୟ ହରିହର ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗ୍ୟାସ୍ ସିଲିଣ୍ଡର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଇରାନ, ଆମେରିକା, ଇସ୍ରାଏଲ ଯୁଦ୍ଧ କାରଣରୁ ତଥା ଆମେରିକାର ସିଧାସଳଖ ଭାରତ ସରକାରଙ୍କୁ ତାଗିଦ କାରଣରୁ ଭାରତ ଅନ୍ୟ ରାଷ୍ଟ୍ରରୁ ତୈଳ ତଥା ଗ୍ୟାସର ଆମଦାନୀ ନ କରିବା ଆମ ଦୁର୍ବଳ ବୈଦେଶିକ ନୀତିକୁ ଦର୍ଶାଉଛି। ସରକାର ଆମେରିକାର ଚାଟୁକାରିତା ନ କରି ତୁରନ୍ତ ତୈଳ ତଥା ଗ୍ୟାସ ର ଆମଦାନୀ ଉପରେ ନୀତି ନିର୍ଦ୍ଧାରଣ କରନ୍ତୁ ଏବଂ ଗ୍ୟାସ୍ ସିଲିଣ୍ଡର ସରଳ ଉପଲବ୍ଧ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।




ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଶରତ ରଥ, ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ବିଶ୍ୱଭୂଷଣ ଦାସ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ପ୍ରମୋଦ କୁମାର ପ୍ରଧାନ, ପୁଷ୍କର ମହାପାତ୍ର, ସୁଧାକର ଦଳାଇ, ପ୍ରସନ୍ନ କୁମାର ପାତ୍ର, ରିଶାନ କୁମାର ଦାଶ, ସୁନୀଲ କୁମାର ପ୍ରଧାନ, ଦେବାଶିଷ ସାହୁ, ସଦାଶିବ ରାଉତ, ଅରବିନ୍ଦ ଦାସ, ରଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଚୋର ସନ୍ଦେହରେ ଅଣଓଡ଼ିଆ ଯୁବକଙ୍କୁ ନିସ୍ତୁକ ମାଡ଼

**ମାଡ଼ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ଥାନାଧିକାରୀ**

ଗୋପ, ୧୩।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ବାୟାକୁଦା ଛକ ନିକଟରେ ପିଲାଚୋର ସନ୍ଦେହରେ ଜଣେ ଅଣଓଡ଼ିଆ ଯୁବକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି। ଖବରପାଇ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ମହିଳା ଥାନା ଏସ୍‌ଆଇ ଦେବସ୍ମିତା ସିଂ ଓ ଏଏସ୍‌ଆଇ ଶିବରାମ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ଯୁବକଙ୍କୁ ନିକଟସ୍ଥ କେନାଲ ଭିତରୁ ଉଦ୍ଧାର କରିଛନ୍ତି। ମାଡ଼ ମାରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, କିଛିଦିନ ତଳେ ମାନସିକ ବିକାରଗ୍ରସ୍ତ ଏହି ଯୁବକ ଜଣଙ୍କ ପୁରୀ କୋଣାର୍କ ଅଞ୍ଚଳରେ ବୁଲାବୁଲି କରୁଥିଲେ। ଶୁକ୍ରବାର ଏହି ଯୁବକ ଜଣଙ୍କ ବାୟାକୁଦା ଛକ ନିକଟସ୍ଥ କେନାଲ ବନ୍ଧରେ ଯାଉଥିବା ବେଳେ କେତେକ ଛୋଟ ଛୋଟ ପିଲାମାନେ ଯାଉଥିଲେ। ଏହି ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଜଣଙ୍କୁ କେତେକ ସ୍ଥାନୀୟ ଅଞ୍ଚଳର ଲୋକମାନେ ସନ୍ଦେହ କରି ପ୍ରଥମେ ପଚରାଉଚରା କରୁଥିବା ବେଳେ ଆଉ କେତେକ ଯୁବକ ମାଡ଼ ମାରିଥିଲେ। ପରେ ଶତାଧିକ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଏହି ଅଣଓଡ଼ିଆ ଯୁବକଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏପରିକି ବିଅର ବୋତଲରେ ମାଡ଼ ମାରିଥିଲେ। ଏହି ମାଡ଼ମରା ଭିଡିଓ ଏବେ ସୋସିଆଲ ମିଡିଆରେ ବୁଲୁଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି, ଏହି ଅଣଓଡ଼ିଆ ଯୁବକଙ୍କୁ ଚିକିତ୍ସା ପରେ ଯାହା କିଛି କରାଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ମଦ ଜବତ, ଅଭିଯୁକ୍ତ ଗିରଫ

ବଳଙ୍ଗା, ୧୩।୩(କେଦାରେଶ୍ୱର ନନ୍ଦ)

ଗୋଡ଼ିମାଳ ଛକରେ ବଳଙ୍ଗା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲା ସେହି ଗ୍ରାମର ସିପକ ସାହାଣୀ। ସୂଚନା ମୁତାବକ, ସିପକ ଗୋଡ଼ିମାଳ ଛକରେ ଥିବା ଘରେ ବିପୁଳ ପରିମାଣର ମଦ ରଖି ଚୋରା କାରବାର କରୁଥିବା ନେଇ ଶୁକ୍ରବାର ପୂର୍ବାହ୍ନରେ ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ଉ କରି ସିପକକୁ ଗିରଫ କରି ତା ନିକଟରୁ ୪୫ ଲିଟର ଦେଶି ମଦକୁ ଜବତ କରାଯାଇଥିଲା। ଏ ସମ୍ପର୍କରେ ଥାନାରେ ୮୫/୨୬ରେ ଏକ ଅବକାରୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା।

### ସ୍ୱାସ୍ଥ୍ୟକେନ୍ଦ୍ରରୁ ଲୁହା ଟେବୁଲ୍ ଚୋରି, ୨ ଗିରଫ

ବଳଙ୍ଗା, ୧୩।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଲୁହା ଟେବୁଲ୍ ଚୋରି ଅଭିଯୋଗରେ ବଳଙ୍ଗା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ କୋଠସାହି ଗ୍ରାମର ରାଜେଶ ପାତ୍ର ଓ ଅନ୍ୟ ଜଣେ ତରଜଙ୍ଗ ଗ୍ରାମର ରଞ୍ଜନ କାଣ୍ଡି। ଏନେଇ ପୋଲିସ କେସ ନମ୍ବର ୮୪/୨୬ରେ ମାମଲା ରୁଜୁ କରି ଗିରଫ କରିଛି। ସୂଚନା ମୁତାବକ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୁକ୍ତ ମେଡିକାଲ ପରିସର ପୁରୁଣା ଗୃହରେ ଥିବା ଲୁହା ଟେବୁଲ୍ ଚୋରି କରିନେଇଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଫାର୍ମାସିଷ୍ଟ ସନ୍ତୋଷ କୁମାର ରଥଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା ବେଳେ ଏହି ଘଟଣାରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ନେଇ ଥାନା ଅଧିକାରିଣୀ ସୁସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଗୁରୁବାର ରାତିରେ ପୋଲିସ ଟିମ୍ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଗ୍ରାମରୁ ଗିରଫ କରି ତାଙ୍କ ନିକଟରୁ ଚୋରି ଟେବୁଲକୁ ଜବତ କରାଯାଇଥିଲା।

# ଜିଲାସ୍ତରୀୟ ଆଶା ସମ୍ମିଳନୀ




ପୁରୀ ପୌରସଦନ ପରିସରରେ ରାଜ୍ୟସ୍ତରୀୟ ଆଶାକର୍ମୀ ସମ୍ମିଳନୀରେ ସମ୍ମାନିତ ହୋଇଥିବା ଆଶାକର୍ମୀମାନେ।

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଶୁକ୍ରବାର ପୌରସଦନ ଠାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅନ୍ୟତମ ଅତିଥି ଭାବେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏବଂ ଅତିରିକ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲାର ସମସ୍ତ ଏଡିପିଏଚ୍‌ଓ ଏବଂ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଶା ସଂଯୋଜକ ଅଶୋକ କୁମାର ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ବେହେରା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଶାକର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୮ଜଣ ଆଶାକର୍ମୀ, ୧୨ଟି ଗାଁ କଲ୍ୟାଣ ସମିତି, ୧୧ଟି ଉପକେନ୍ଦ୍ର ଜନଆରୋଗ୍ୟ ସମିତି, ୩୩ଟି ମହିଳା ଆରୋଗ୍ୟ ସମିତିକୁ ଅର୍ଥ ପ୍ରଦାନ ସହ ଟ୍ରଫି ଓ ମାନପତ୍ର ଦିଆଯାଇଥିଲା। କୁଇଜ୍ ପ୍ରତିଯୋଗିତା କରାଯାଇ ସଠିକ ଉତ୍ତର ଦେଇଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ମନାପଡ଼ା ସ୍କୁଲ୍‌ରେ ଶିକ୍ଷକ ଅଭାବ, ପାଠପଢ଼ାରେ ବାଧାପ୍ରାପ୍ତ

ଯୋଗେଶ୍ୱରପୁର, ୧୩।୩
(ରଶ୍ମି ରଞ୍ଜନ ସାହୁ)

ନୟାହାଟ ନିକଟସ୍ଥ ବୀରତୁଙ୍ଗ ପଞ୍ଚାୟତର ମନାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ପିଲା ପଢୁଥିବା ବେଳେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଥିବା ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ସରକାରୀ ନିୟମ ହିସାବରେ ପ୍ରତି ୩୦ଜଣ ପିଲାରେ ଜଣେ ଶିକ୍ଷକ ରହିବା ନିୟମ ଥିବାବେଳେ ଏଠାରେ ମାତ୍ର ୨ଜଣ ଶିକ୍ଷକ ଥିବାରୁ ତୃତୀୟ ଶିକ୍ଷକ ଭାବେ ନିରଞ୍ଜନ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ଅନ୍ୟତ୍ର ବଦଳି କରାଯିବାର ୪ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏହାଦ୍ୱାରା ପିଲାଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ହେଉଛି। ଏଦିଗରେ ଗୋପ ବ୍ଲକ ଶିକ୍ଷାଧିକାରିଣୀ ଦୃଷ୍ଟିଦେବାକୁ ପୂର୍ବତନ ସରପଞ୍ଚ ପରିଡ଼ା ଦାବି କରିଛନ୍ତି।

# କଣାସରେ ଜାଳେଣି ଗ୍ୟାସ ଅଭାବ

କଣାସ, ୧୩।୩ (ବିଭୂତି ଭୂଷଣ ତ୍ରିପାଠୀ)

ଯୁଦ୍ଧ ଯୋଗୁ ଜାଳେଣି ଗ୍ୟାସ ଆଗକୁ ଅଭାବ ହେବ। ସେଥିପାଇଁ ଗ୍ୟାସ ବ୍ୟବହାର କରୁଥିବା ପରିବାର ପୁରୀ ଜିଲା କଣାସ ବ୍ଲକରେ ୭ଦିନ ହେଲା ଗ୍ୟାସ ଡିପୋକୁ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ସକାଳୁ ଆସି ସନ୍ଧ୍ୟାକୁ ନିରାଶ ହୋଇ ଫେରୁଥିବା ଅଭିଯୋଗ କରୁଛନ୍ତି।

ଏ ସମ୍ପର୍କରେ କଣାସ ବଜାରରେ ଥିବା ଭାରତ ଗ୍ୟାସ ଡିଲର ସୁରେନ୍ଦ୍ର ଚମ୍ପତି କହିଛନ୍ତି, ଗ୍ୟାସର କିଛି ଅଭାବ ନାହିଁ। ଲୋକମାନଙ୍କ ସଚେତନା ଅଭାବରୁ ଦୈନନ୍ଦିନ ହଜାର ହଜାର ଲୋକ ଗ୍ୟାସ ପାଇଁ ଆସୁଛନ୍ତି, ପ୍ରତ୍ୟେକ ଦିନ ଜଟଣୀ ଗ୍ୟାସ ଡିପରୁ ଗୋଟିଏ ଗୋଟିଏ ଟ୍ରକ ଗ୍ୟାସ ଆସୁଛି। କିନ୍ତୁ ଗୋଟିଏ ଗୋଟିଏ ପରିବାର ୨ରୁ ୪ଟି ଲେଖାଏ ଗ୍ୟାସ ସିଲିଣ୍ଡର ବାପା, ମା ଓ ପୁଅ ନାମରେ କରି ରଖିଛନ୍ତି। ଯୁଦ୍ଧ ପାଇଁ ସେମାନେ ବ୍ୟାକୁଳ ହୋଇ ପ୍ରତିଦିନ ସିଲିଣ୍ଡର ଧରି ଡିପକୁ ଦଉଡ଼ିଥିବାରୁ ଡିପୋ ଜାମ୍ ରହୁଛି। ଅନେକ ପରିବାର ଅଧିକ ସିଲିଣ୍ଡର୍ ନେଉଥିବରୁ ଜଳଖିଆ ଦୋକାନୀ ଓ ହୋଟେଲଗୁଡ଼ିକଙ୍କ ଚଢ଼ାଦରରେ ବିକ୍ରି କରୁଛନ୍ତି। ଏପରିକି ଗୋଟିଏ ପରିବାର ଦୁଇ ତିନି ମାସରେ ଗୋଟିଏ ଲେଖାଏ ଗ୍ୟାସ ସିଲିଣ୍ଡର ନେଉଥିବା ବେଳେ ଉକ୍ତ ପରିବାର ବର୍ତ୍ତମାନ ୩ଟି ଗ୍ୟାସ ସିଲିଣ୍ଡର ନେଉଥିବା ଦେଖାଯାଇଛି।

# ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ଲାଇଫ୍ ଗାର୍ଡଙ୍କୁ ଜ୍ୟାକେଟ୍ ବଣ୍ଟନ



ଜଣେ ପୋଲିସ ଅଧିକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି ।

**କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ**

କୋଣାର୍କ, ୧୩।୩(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ଭାରପ୍ରାପ୍ତ ଥାନାଧିକାରୀ ସରସ୍ୱତୀ ସାହୁଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ, କୋଣାର୍କ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ, ସୁତନ ସରପଞ୍ଚ ମେନକା ବେହେରା, ଜିଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ଫରେଷ୍ଟର ରାକେଶ କୁମାର ପତି ପ୍ରମୁଖ ଯୋଗଦେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପରିସୀମା ମଧ୍ୟରେ ଥିବା ସାଧାରଣ ଲୋକ, ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହିତ ଲୋକଙ୍କୁ ତ୍ୱରିତ ଆଇନ ସେବା ପ୍ରଦାନ କରି ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହ ଜନତାଙ୍କୁ ପୋଲିସର ବନ୍ଧୁ ଭାବେ ଆତିଥ୍ୟ ପ୍ରଦାନ କରିବା ଜରୁରି ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଥାନା ଅଧୀନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସଂପ୍ରଦାୟର ୨୫ ସ୍ୱେଚ୍ଛାସେବୀଙ୍କୁ ଲାଇଫ ଜ୍ୟାକେଟ ପ୍ରଦାନ କରାଯାଇଥିଲା ବେଳେ ସଂକୀର୍ତ୍ତନ ଦଳଗୁଡ଼ିକୁ ବାଦ୍ୟଯନ୍ତ୍ର ଓ ସଂକୀର୍ତ୍ତନ ସାମଗ୍ରୀ ପ୍ରଦାନ କରାଯାଇଛି।

# ରଥଯାତ୍ରା ପାଇଁ ଦ୍ୱିତୀୟ ସମୀକ୍ଷା ବୈଠକ

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ପାଇଁ ଦ୍ୱିତୀୟ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସର୍କିଟ୍ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜିଲାପାଳ ସମ୍ପୃକ୍ତ ବିଭାଗ ତଥା ୱାର୍କୋ, ଓପିଟିସିଏଲ ପୌରସଂସ୍ଥା ଅଧିକାରୀମାନଙ୍କୁ ୧ମାସ ଭିତରେ ମାଷ୍ଟର ପ୍ଲାନ କରି ସମ୍ପୂର୍ଣ୍ଣ ଟେଣ୍ଡର କାର୍ଯ୍ୟ ସମ୍ପାଦନ କରି ୩୧.୦୫.୨୦୨୬ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦେବେ ବୋଲି କହିଥିଲେ। ମନ୍ଦିର ପ୍ରଶାସନକୁ ପବ୍ଲିକସିଷ୍ଟମ ଆରେଞ୍ଜମେଣ୍ଟ, ଭଲ ଭାବରେ ଯେପରି ହେବ ଜିଲା ଲୋକ ସଂପର୍କ ବିଭାଗ ସହିତ ସହଯୋଗ ରଖି କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିସମୟରେ ମୁଖ୍ୟ ଗାଡ଼ି ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ଭାବେ ପାଇଖାନା ବ୍ୟବସ୍ଥା, ଭକ୍ତମାନଙ୍କ ରହଣି ସୁବିଧା, ଯାତାୟାତ ଉପରେ ଧ୍ୟାନ ଦେବା ଓ ଖାଦ୍ୟପେୟ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ପାଇଁ ପୌରସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ରଥଯାତ୍ରା ପାଇଁ ଦ୍ୱିତୀୟ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ କୁମାର ସିଂ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟକଲ) ନୀଳମାଧବ ଭୋଇ, ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ପୌର ଅଧିକାରୀ ଅଭିମନ୍ୟୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତିଙ୍କ ସମେତ ଜିଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗ ଦେଇଥିଲେ।

# ୨ ଦିନିଆ ଅନ୍ତର୍ଜାତୀୟ ସଂଗୋଷ୍ଠୀ ଉଦ୍‌ଯାପିତ

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରସ୍ଥ ହିନ୍ଦୁ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ସଂଗୋଷ୍ଠୀ ଗୁରୁବାର ଶେଷ ହୋଇଛି। 'ବିଶ୍ୱବନ୍ଧୁତ୍ୱ ସଂସ୍ଥାପନେ ହିନ୍ଦୁଧର୍ମସ୍ୟ ପ୍ରାସଙ୍ଗିକତା' ଶୀର୍ଷକ ଏହି ସଂଗୋଷ୍ଠୀରେ ଦେଶବିଦେଶର ବିଶିଷ୍ଟ ବିଦ୍ୱାନମାନେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇ ମାନବିକତା ଓ ବିଶ୍ୱଶାନ୍ତି କ୍ଷେତ୍ରରେ ହିନ୍ଦୁଧର୍ମର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ପରିସରର ଜୟଦେବ ସଭାଗୃହରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ କହିଛନ୍ତି, ହିନ୍ଦୁଧର୍ମ କେବଳ ଏକ ଉପାସନା ପଦ୍ଧତି ନୁହେଁ ବରଂ ଏହା ଏକ ପରିପୂର୍ଣ୍ଣ ଜୀବନ ଦର୍ଶନ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଗଙ୍ଗାଧର ପତି, ଆଲୋକ ବାବା ଏବଂ ବିଶିଷ୍ଟ ସମାଜସେବୀ ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ସାରସ୍ୱତ ଅତିଥି ଭାବେ ପ୍ରଫେସର ଜ୍ଞାନୀନ୍ଦ୍ର ମିଶ୍ର ଏବଂ ପ୍ରଫେସର ଖଗେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଦାଶିବ ପରିସରର ନିର୍ଦ୍ଦେଶକ ତଥା ସଂଗୋଷ୍ଠୀର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ନିଜ ଅଭିଭାଷଣରେ 'ବସୁଧୈବ କୁଟୁମ୍ବକମ୍'ର ଚିନ୍ତାଧାରା ଆଜିର ଯୁଗରେ ଅଧିକ ପ୍ରାସଙ୍ଗିକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡ. ଜିତେନ୍ଦ୍ର ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅମିତ କୁମାର ଉପାଧ୍ୟାୟ ମାନପତ୍ର ପାଠ କରିଥିଲେ। ସିଦ୍ଧାର୍ଥ ଶଙ୍କର ଦାଶ ସଂଗୋଷ୍ଠୀର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଡ. ନନ୍ଦିଘୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଜଣେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# 'ଓଡ଼ିଶା ଶିକ୍ଷା ସର୍ବେକ୍ଷଣର' ଜିଲାସ୍ତରୀୟ ସମୀକ୍ଷା

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ ପରିସରରେ 'ଓଡ଼ିଶା ଶିକ୍ଷା ସର୍ବେକ୍ଷଣ'ର ଜିଲାସ୍ତରୀୟ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯେଉଁ ପିଲାମାନେ ଅଧାରୁ ପାଠ ଛାଡ଼ିଥିଲେ, ବିଭିନ୍ନ କାରଣରୁ ମୂଳରୁ ଆଡମିଶନ କରି ନ ଥିଲେ ଓ ଯେଉଁ ଭିନ୍ନକ୍ଷମ ପିଲା ସମାଜରେ ଅଣଦେଖା ହୋଇ ପଢୁ ନ ଥିଲେ ସେମାନଙ୍କୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସିଆର୍‌ସିସିଙ୍କ ଦ୍ୱାରା ଚିହ୍ନଟ କରାଯାଇ ଜିଲାର ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇବା ସହ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯାଇଛି। ସେହି ପିଲାଙ୍କ ମଧ୍ୟରୁ ବିଭିନ୍ନ ଶ୍ରେଣୀର ପ୍ରାୟ ୬୦ ଛାତ୍ରୀଛାତ୍ର, ଅଭିଭାବକ ଓ ସେମାନଙ୍କୁ ଚିହ୍ନଟ କରାଇ ମୁଖ୍ୟସ୍ରୋତରେ ସାମିଲ କରାଇଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ସିଆର୍‌ସିସିଙ୍କୁ ନେଇ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଶିକ୍ଷାର ଯୁଗ୍ମ ନିର୍ଦ୍ଦେଶକ ଜୀବନ କୁମାର ଓ କୌଶଳେନ୍ଦ୍ର ପ୍ରତାପ ସିଂହ, ଓସେପାର ସହାୟକ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ସମୀକ୍ଷକ ରୂପେ ଯୋଗ ଦେଇଥିଲେ। ସେମାନେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଠାରୁ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ, ସିଆର୍‌ସିସି ଓ ଅଭିଭାବକଙ୍କ ଠାରୁ ମଧ୍ୟ ପିଲାମାନଙ୍କ ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପିପିଟି ମାଧ୍ୟମରେ ଏ ସମ୍ପର୍କରେ ସମଗ୍ର ଜିଲାର ତଥ୍ୟ ବିଶଦ ଭାବେ ଉପସ୍ଥାପନ କରିଥିଲେ। ଏହାର ସାମଗ୍ରିକ ପ୍ରସ୍ତୁତି ଡିପିସି ଓ ଡିଇଓଙ୍କ କାର୍ଯ୍ୟାଳୟ ତରଫରୁ କରାଯାଇଥିଲା।



ଓଡ଼ିଶା ଶିକ୍ଷା ସର୍ବେକ୍ଷଣ ପ୍ରୋଗ୍ରାମର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସିମାନେ ।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ପୁରୀ ଜିଲା ସ୍କୁଲର ମଞ୍ଜୁଲତା ସାମନ୍ତରାୟ, ବିଶ୍ୱଜିତ୍ ବାନାର୍ଜୀ, ଜିଲା ସ୍କୁଲ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ରାୟ, ଆଲୁମ୍ନି କମିଟି ସଭାପତି ରାଜକିଶୋର ପାତ୍ର, ପୁରୀ ଜିଲାର ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ସମସ୍ତ ସିଆର୍‌ସିସି ଓ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଇଚାରାର ବାର୍ତ୍ତା ଦିଏ ଜରିପୁଟ ମେଳଣ

**ଖୋର୍ଦ୍ଧା, ୧୩।୩(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି ଦଶ ଦୋଳ ମେଳଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ଦିନ ଧରି ପାଳନ ହେବ। ଆଖପାଖ ୧୫ଟି ଗାଁର ଠାକୁର ଏକାଠି ହୋଇଛନ୍ତି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ପରମ୍ପରା ଅନୁସାରେ ରାତିରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ବାଦ୍ୟ ବାଜଣା, ପାରମ୍ପରିକ ଲୋକନୃତ୍ୟ ମଧ୍ୟରେ ବିଶାଳ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ମେଳଣ ପଡ଼ିଆରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦୋଳ ମଣ୍ଡପରେ ବିଜେ କରିଥିଲେ। ଚନ୍ଦ୍ରଶେଖର ମହାଦେବଙ୍କ ପଛରେ ନିମନ୍ତ୍ରିତ ଅନ୍ୟ ଗାଁର ଠାକୁରମାନେ ଶୋଭାଯାତ୍ରାରେ ସାମିଲ ହୋଇ ମେଳଣ ପଡିଆରେ ପ୍ରବେଶ କରି ନିଜ ଆସନରେ ବିଜେ କରିଥିଲେ। ଏହି ମେଳଣ ଉତ୍ସବରେ ଶିଆଳିଆର ମଦନ ମୋହନ, କଦଳିବାଡ଼ିର ଭଗବତ ବାସୁଦେବ, ଦେଉଳଟାଙ୍ଗୀର ସୋମନାଥ ଦେବ, ଦଧିମାଛଗାଡ଼ିଆର ରାଧାମୋହନ ଦେବ, ଭାଟପଡ଼ାର ସୋମନାଥ, ଜରିପୁଟର ରଘୁନାଥ, ଗୋପୀନାଥ, କଙ୍କଡ଼ାହାଡ଼ର ଐଶାନେଶ୍ୱର, ପାଟପୁରର ରାଧାକୃଷ୍ଣ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡ଼ିର ରାଧାକାନ୍ତ, କଲ୍ୟାଣପୁରର ସ୍ୱପ୍ନେଶ୍ୱର, ଜକରାର ଲୋକନାଥ ଏବଂ ବୋତଲମା ଗ୍ରାମର ଧବଳେଶ୍ୱର ମହାଦେବ ଏକାଠି ହୋଇଛନ୍ତି। ଏହି ମେଳଣ ଏକ ଭାଇଚାରାର ବାର୍ତ୍ତା ଦେଇଥାଏ।

## ଚିଲିକା ନୂଆପଡ଼ା ଦଶ ଦୋଳ ମହୋତ୍ସବ ଆଜି

କୃଷ୍ଣପ୍ରସାଦ, ୧୩।୩ (କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ନୂଆପଡା ଦଶଦୋଳ ଯାତ୍ରା ପଡିଆରେ ଶନିବାରଠାରୁ ଆରମ୍ଭ ହୋଇ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ୫୮ତମ ଦଶ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଚିଲିକା ନୂଆପଡା ଗ୍ରାମ୍ୟ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମେଳଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ନଳିନୀକାନ୍ତ ଜେନାଙ୍କ ପୌରୋହିତ୍ୟରେ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ମହୋତ୍ସବର ପ୍ରତ୍ୟହ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଭାରତଲୀଳା, ପାଇକ ଆଖଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାତିରେ ଗଣନାଟ୍ୟ ଯାତ୍ରା ପରିବେଷଣ କରିବେ ବୋଲି ନିଷ୍ପତ୍ତି ହୋଇଛି। କମିଟି ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ।



କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚଦୋଳ ମେଳଣ ଉଦ୍‌ଯାପନୀ ଦିବସରେ ଶ୍ରଦ୍ଧାଳୁଙ୍କ ସମାଗମ।

# ସରିଲା ମାଲୁଦ ପଞ୍ଚଦୋଳ ମେଳଣ

**କୃଷ୍ଣପ୍ରସାଦ, ୧୩।୩ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ମାଲୁଦର ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୩ଠାକୁର ପଞ୍ଚଦୋଳ ପଡ଼ିଆରେ ନିଜ ଆସ୍ଥାନ ଉପରେ ବିଜେ ହୋଇଥିଲେ। ଆକର୍ଷଣ ସାଜିଥିଲା ୧୨ଠାକୁର ଚିଲିକା ଜଳରାଶି ଦେଇ ଆଗମନ କରିବା। ସଂକୀର୍ତ୍ତନ, ଘୋଡ଼ା ନାଚ, ବାଘ ନାଚ, ପାଇକ ଆଖଡ଼ା, ଆଦିବାସୀ ବାଦ୍ୟ ଏବଂ ଶ୍ରଦ୍ଧାଳୁଙ୍କ ନୃତ୍ୟର ତାଳେତାଳେ ପଡ଼ିଆରେ ଠାକୁରମାନେ ପହଞ୍ଚି ଆସନ ଗ୍ରହଣ କରିଥିଲେ। ଦୁଇଟି ଗଣନାଟ୍ୟ ଖୋଲାମଞ୍ଚରେ ନାଟ୍ୟ ପରିବେଷଣ କରିଥିଲେ। ଉକ୍ତ ଯାତ୍ରା ପଡ଼ିଆରେ ଠାକୁରମାନଙ୍କର ନିୟମିତ ନୀତି ପାଳନ ହୋଇଥିଲା। ୪ର୍ଥ ଦିନ ସମସ୍ତ ଠାକୁର ଭୋରରୁ ଏକତ୍ରିତ ହୋଇ ଯାତ୍ରା ପଡ଼ିଆର ନିର୍ଦ୍ଦିଷ୍ଟ ସ୍ଥାନରେ ୭ଥର ବୁଲିବା ପରେ ସ୍ୱ ମନ୍ଦିର ଅଭିମୁଖେ ଫେରିଥିଲେ। ଏହି ମେଳଣରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ୨୪ମୌଜା ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକ, ୨୪ ମୌଜା ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ଶରତ କୁମାର ମହାପାତ୍ର, ଯୁବ ସଙ୍ଗଠନ ସଭାପତି ଅଜୟ ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ପଲେଇଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ ଏବଂ ପ୍ରତି ଗ୍ରାମର ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# କୁଦିଆରୀ ଦଶଦୋଳ ମେଳଣ ଆରମ୍ଭ



ମା' ଝାଡ଼େଶ୍ୱରୀ ପୂଜା କମିଟି ପକ୍ଷରୁ ଆୟୋଜିତ ବଲିଉଡ୍ ନାଇଟ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବାବୁଲ ସୁପ୍ରିୟୋ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଜଟଣୀ, ୧୩।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀରେ ଶୁକ୍ରବାର ରାତିରୁ ଜମାଣ ଉତ୍ସବରୁ ଆରମ୍ଭ ହୋଇଛି କୁଦିଆରୀ ଦଶଦୋଳ ମେଳଣ। ଏହି ମେଳଣ ଉପଲକ୍ଷେ ମା' ଝାଡ଼େଶ୍ୱରୀ ପୂଜା କମିଟି ପକ୍ଷରୁ ବଲିଉଡ୍ ନାଇଟ ଏବଂ ମୁକୁଳା ଆକାଶ ଯୁବ ସଙ୍ଗଠନ ପକ୍ଷରୁ ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଜମାଣ ଉତ୍ସବରେ ସମସ୍ତ ନୀତିକାନ୍ତି ପରେ ରାତି ୧୨ଟାରେ ମନ୍ଦିରରୁ ଶ୍ରୀପତିତପାବନ ଓ ଚନ୍ଦ୍ରଶେଖର ଦେବ ଘଣ୍ଟଘଣ୍ଟା, ଭେରି, ତୁରି, ଆଲଟ ଚାମର, ପାରମ୍ପରିକ ନୃତ୍ୟ, ରୋଶଣିରେ ପଥରଚକଡ଼ା ସାହି ଦେଇ ଗ୍ରାମର ମୁଖ୍ୟ ରାସ୍ତା ଓ ନୀଳକଣ୍ଠେଶ୍ୱର ସାହି ହୋଇ ମେଳଣ ପଡିଆରେ ଖୁଣ୍ଟି ଲାଗି ହୋଇଥିଲେ। ପରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ୪୦ରୁ ଉର୍ଦ୍ଧ୍ୱ ଠାକୁର ଦୋଳ ବିମାନରେ ଆସି ଖୁଣ୍ଟିଲାଗି ହୋଇଥିଲେ। ଜନସାଧାରଣଙ୍କ ଗହଳିକୁ ଦୃଷ୍ଟିରେ ରଖି ଆୟୋଜକ ମେଳଣ ପରିଚାଳନା କମିଟି, ଗ୍ରାମବାସୀ, ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଠେଙ୍ଗାହାଟ, ମୁକୁନ୍ଦପ୍ରସାଦରେ ଏକାଠି ହେଲେ ୩୧ ଠାକୁର

**ଖୋର୍ଦ୍ଧା, ୧୩।୩(ପ୍ରଭାତ ପାଣିଗ୍ରାହୀ)**

ଠେଙ୍ଗାହାଟ ଦଶ ଦୋଳ ମେଳଣ ଶୁକ୍ରବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି। ଠେଙ୍ଗାହାଟ ମେଳଣ କମିଟି ଆନୁକୂଲ୍ୟରେ ଏହି ଉତ୍ସବ ୩ଦିନ ଧରି ହୋଇଥାଏ। ସାମନ୍ତପୁରସ୍ଥିତ ଶ୍ରୀସିଦ୍ଧେଶ୍ୱର ହେଉଛନ୍ତି ଥାନପତି। ଥାନପତିଙ୍କଠାରୁ ଆମନ୍ତ୍ରଣ ପାଇ ମଧୁସୂଦନନଗରର ଶ୍ରୀଜଗନ୍ନାଥ, ଶାଗୁଆନ ବଗିଚାର ଭଗବତ ଦେବ, ଗୁଡ଼ିପୋଖରୀର ରାମନାଥ, କାହ୍ନୁ ସାଗରର ସୋମନାଥ, ଡାକ୍ତର ସାହିର ଲକ୍ଷ୍ମୀନାରାୟଣ, ଟିଏଲ୍‌ସିର ତାରକେଶ୍ୱର, ରାଧାବଲ୍ଲଭ ସାହିର ରାଧାବଲ୍ଲଭ, ବରାଡ଼ର ବାଲୁଙ୍କେଶ୍ୱର, ଗୋପୀନାଥ ଉପରସାହିର ଗୋପାଳଜୀଉ, ବାଲୁଙ୍କେଶ୍ୱର, ହାବେଳି ପଡ଼ିଆର ସ୍ୱପ୍ନେଶ୍ୱର ମହାଦେବ ଆଦି ୨୧ଠାକୁର ବିଜେ କରିଛନ୍ତି। ମଧ୍ୟରାତ୍ରିରେ ଥାନପତି ସିଦ୍ଧେଶ୍ୱର ଦେବ ଏକ ସୁସଜ୍ଜିତ ଦୋଳ ବିମାନରେ ବିଜେ କରିଥିଲେ। ସମସ୍ତ ଠାକୁର ବିମାନରେ ବିଜେ ହୋଇ ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ହରିହର ଭେଟ ଓ ଫଗୁ ଖେଳ ପରେ ମେଳଣ ସମାପନ ହେବ। ଶାନ୍ତିଶୃଙ୍ଖଳା ସହ ସମସ୍ତ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

ସେହିପରି ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡିଆରେ ଶୁକ୍ରବାର ମଧ୍ୟରାତ୍ରିରେ ଠାକୁରମାନଙ୍କ ଜମାଣ ହୋଇଥିଲା। ତିନିଦିନ ଧରି ମେଳଣ ପଡ଼ିଆ ଲୋକାରଣ୍ୟ ହୋଇଉଠେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନାବଜାର, ଘରକରଣା ସାମଗ୍ରୀ ପସରା ମେଲିଥାଏ। ବିଳମ୍ବିତ ରାତିରେ ଥାନପତି ଦଧିବାମନ ଦେବ ଏକ ସୁସଜ୍ଜିତ ବିମାନରେ ବିଜେ କରି ସ୍ୱମନ୍ଦିରରୁ ବାହାରି ମୁକୁନ୍ଦପ୍ରସାଦ ଛକରେ ପହଞ୍ଚିଥିଲେ। ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଆସିଥିଲେ। ଦଧିବାମନ ଦେବଙ୍କ ଆମନ୍ତ୍ରଣ ପାଇ ମୁକୁନ୍ଦପ୍ରସାଦର ଗୋପୀନାଥ ଦେବ, ଈଶାଣେଶ୍ୱର, ରଘୁନାଥ, ଜେମାଦେଈର ବାଲୁଙ୍କେଶ୍ୱର, ଅସୁରଢ଼ିହ ବାଲୁଙ୍କେଶ୍ୱର, ପିତାପଲ୍ଲୀର ମହାଦେବ, ପାଇକତିଗିରିଆର ମହାଦେବ, ଉପରବସ୍ତ କେଦାରେଶ୍ୱର ପ୍ରମୁଖ ୧୦ଠାକୁର ଦୋଳ ବିମାନରେ ବିଜେ ହୋଇ ପଟୁଆରରେ ମେଳଣ ପଡ଼ଆରେ ବିଜେ କରିଛନ୍ତି।

## ଜମୁଛି ଗୋଳବାଇ ଦଶଦୋଳ ମେଳଣ



**ନିରାକାରପୁର, ୧୩।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଗୋଳବାଇ ପଞ୍ଚାୟତରେ ଦଶଦୋଳ ମେଳଣ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଳମ୍ବିତ ରାତିରେ ମେଳଣର ଥାନପତି ଶ୍ରୀନୃସିଂହ ଠାକୁର ଓ ଇଷ୍ଟ ଦେବୀ ମା'ଭଗବତୀଙ୍କୁ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରି ମେଳଣ ପଡିଆକୁ ଅଣାଯାଇଥିଲା। ପାରମ୍ପରିକ ନୃତ୍ୟ ସହ ବାଦ୍ୟର ତାଳେତାଳେ ଗାଁ ପରିବେଶ ମୁଖରିତ ହୋଇପଡ଼ିଥିଲା। ନିମନ୍ତ୍ରଣ ରକ୍ଷାକରି ଗୋଡିପଡ଼ା, ଶବଳଙ୍ଗ, ଡିହଖଳା ନିରାକାରପୁର, କାଶୀପୁର ଆଦି ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଦୋଳ ବିମାନ ଏକତ୍ରିତ ହୋଇଥିଲେ। ଘଣ୍ଟ, ମୃଦଙ୍ଗ ବାଦ୍ୟ ସାଙ୍ଗକୁ ହରିବୋଲ, ହୁଳହୁଳିରେ ମେଳଣ ପଡିଆରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ବିଭିନ୍ନ ପସରା ପଡି କିଣାବିକା ଜୋର ଧରିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ମୁତୟନ ହୋଇଛନ୍ତି।

## 'ବିଦ୍ୟାର୍ଥୀଙ୍କ ପରିଚୟ ସୃଷ୍ଟି କରେ ଶିକ୍ଷା'

**ବୋଲଗଡ଼, ୧୩।୩(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବୋରିକ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଶୁକ୍ରବାର ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠାର ସହ ଶିକ୍ଷା ହାସଲ କରି ନିଜ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଭୁପ୍ରସାଦ ମହାପାତ୍ର ଓ ରବୀନ୍ଦ୍ର ନାୟକ, ସାମାଜିକ କର୍ମୀ ପ୍ରମୋଦ ବେହେରା, ସୁଶାନ୍ତ ବେହେରା, ସତ୍ୟବ୍ରତ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ବିଦ୍ୟାଳୟର ଅନୁଭୂତି କହିଥିବା ବେଳେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଓ ପଞ୍ଚସଖା ଶିକ୍ଷାସେତୁର ସମସ୍ତ ସଭ୍ୟଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀ ପ୍ରିୟା ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ପୁସ୍ତକ ମେଳା ଉଦ୍‌ଯାପିତ

**କୃଷ୍ଣପ୍ରସାଦ, ୧୩।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ମାଲୁଦଠାରେ ଚାଲିଥିବା ୭ମ ବାର୍ଷିକ ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ପୁସ୍ତକ ମେଳାକୁ ୨୪ ମୌଜା ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପୁସ୍ତକ ମେଳାରେ ବ୍ରହ୍ମପୁରର ପ୍ରଭାତ ବୁକ ଷ୍ଟୋର, ବିବେକ ବୁକ ଷ୍ଟୋର, କମଳା ପ୍ରକାଶନୀ ବାଲେଶ୍ୱର ଆଦି ବହୁ ପ୍ରକାଶକ ନିଜର ବହିଗୁଡ଼ିକ ସହିତ ମେଳାରେ ଯୋଗଦେଇଥିଲେ। ପୁସ୍ତକ ମେଳା ସଙ୍ଗଠନର ସଭାପତି ଉଲ୍ଲାସ ଚନ୍ଦ୍ର ଜେନା, ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ, କୋଷାଧ୍ୟକ୍ଷ ବିଦ୍ୟାଧର ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ସୁରେନ୍ଦ୍ର



ପ୍ରଧାନ, ଦେବରାଜ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅତିଥିଭାବେ ସାହିତ୍ୟିକ ଏମ ବାଲ୍‌ମୁରଲୀ କ୍ରିଷ୍ଣା, ଡ.ଶ୍ୟାମା ପ୍ରସାଦ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ ବାରିକ, ସାମାଜିକ କର୍ମୀ ଦୀପକ ଜେନା, ଶିକ୍ଷାବିତ୍ ବନ ବିହାରୀ ପଟ୍ଟନାୟକ, କେଶବ ଚନ୍ଦ୍ର ପ୍ରଧାନ, କବି ବିଜୟ ମିଶ୍ର, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ଲଳିତ କୁମାର ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଥମ ଏବଂ ଦ୍ୱିତୀୟ ଦିବସରେ ଦୈତାରୀ ବିଶ୍ୱାଳ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ପୁସ୍ତକ ମେଳାର ପ୍ରତିଷ୍ଠାତା ବାନାମ୍ବର ବାରିକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବ ହୋଇଥିଲା। କୃତୀ ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପୁସ୍ତକ ମେଳା ପରିଚାଳନାରେ ଅନୁଷ୍ଠାନର ୧୩୦ ସଭ୍ୟ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ସମବାୟ ସମ୍ମିଳନୀ

**ବାଲିପାଟଣା, ୧୩।୩(ଅଭିମନ୍ୟୁ ନାୟକ):** ସରାଟ ସମବାୟ ସମିତି ସମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ସମବାୟ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଏମ୍‌ଏସ୍ ବୋର୍ଡ ମେମ୍ବର ପ୍ରମୋଦ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମିଳନୀରେ ଖୋର୍ଦ୍ଧା ଜିଲା ଡିଆର୍‌ସିଏସ୍ ଅଳକା ନନ୍ଦା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ସମବାୟ ଚାଷୀଙ୍କ ଆର୍ଥିକ ସମ୍ବଳ ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଇଫକୋର ଡେପୁଟି ଫିଲ୍ଡ ମ୍ୟାନେଜର ସୌମ୍ୟ ରଞ୍ଜନ ହାତୀ ସାଧନ ପରାମର୍ଶଦାତା ଭାବେ ଯୋଗଦେଇ ରାସାୟନିକ ସାର ପରିବର୍ତ୍ତେ କିପରି ଡ୍ରୋନ ସାହାଯ୍ୟରେ ନାନୋ ୟୁରିୟା, ଡିଏପି ପ୍ରୟୋଗ କରାଯାଇ କମ ଖର୍ଚ୍ଚରେ ଅଧିକ ଆର୍ଥିକ ସୁଧାର ଆସିପାରିବ ତାହା ଉପରେ କହିଥିଲେ।

## ରାସ୍ତାରେ ହାତୀ, ଲୋକେ ଭୟଭୀତ



**ବେଗୁନିଆ, ୧୩।୩(ସନ୍ଧ୍ୟାରାଣୀ ମିଶ୍ର)**

ସିକୋ ପଞ୍ଚାୟତ ଅନ୍ତର୍ଗତ ନାରଗୋଦା ଜଙ୍ଗଲରେ ରହୁଥିବା ଏକ ହାତୀ ଶୁକ୍ରବାର ନୂଆ ଜଗନ୍ନାଥ ସଡ଼କରେ ବୁଲୁଥିବା ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପରେ ହାତୀଟି ଜଙ୍ଗଲ ଅଭିମୁଖେ ପଳାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏବେ ହଜ୍‌ରେ ଦୋଳ ଉତ୍ସବ ଚାଲିଥିବା ବେଳେ ଟାଙ୍ଗୋଳ, ସିକୋ, ନରସିଂହପୁର, ଗଉଡିଆପଡା, ଖଡ଼ିପଦର, କମାଗୁରୁ ଏବଂ ବୋତଲମା ଆଦି ଗ୍ରାମର ଲୋକମାନେ ନାରଗୋଦା ଦେଇ ହଜ୍ ଯାଉଥିବାରୁ ସତର୍କତାର ସହ ଯାତାୟାତ କରିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଦୁଇଟି ହାତୀ ଖଡ଼ିପଦର-ବେତରଜଙ୍ଗ ରାସ୍ତାରେ ବୁଲୁଥିବା ବେଳେ ଖବରଦାତା ସଞ୍ଜୟ କୁମାର ବାହୁବଳେନ୍ଦ୍ର ବନ ବିଭାଗକୁ ଏ ସଂକ୍ରାନ୍ତରେ ଜଣାଇବା ପାଇଁ ଫୋନ କରିଥିଲେ ମଧ୍ୟ କେହି ଉଠାଇ ନ ଥିଲେ ବୋଲି କହିଛନ୍ତି।

**ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି, କଳାବଜାର ପ୍ରସଙ୍ଗ**

# ଚୁଲି ଜାଳି କଂଗ୍ରେସର ପ୍ରତିବାଦ

**ଖୋର୍ଦ୍ଧା, ୧୩।୩(ପ୍ରଭାତ ପାଣିଗ୍ରାହୀ)**

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ରନ୍ଧନ ଗ୍ୟାସ୍ ଉପରେ ପଡିଛି। ବଜାରରେ ଗ୍ୟାସ ଉପଲବ୍ଧ ନ ଥିବାରୁ ସାଧାରଣ ଖାଉଟି ହଇରାଣ ହେଉଛନ୍ତି। ଗ୍ୟାସ୍ ସିଲିଣ୍ଡର ପାଇଁ ଜନସାଧାରଣଙ୍କୁ ଲମ୍ବାଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଏଥିସହିତ ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ନେଇ ଖୋର୍ଦ୍ଧା ଜିଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ଶୁକ୍ରବାର ସ୍ଥାନୀୟ ସମବାୟ ଛକରେ ଜିଲା କଂଗ୍ରେସ ପକ୍ଷରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି। ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକାଧିକ ନେତା ଓ କର୍ମୀମାନେ ସିଲିଣ୍ଡର ଥୋଇ ପ୍ରତିବାଦ କରିଥିଲେ। ସିଲିଣ୍ଡର ଅଭାବ ଦର୍ଶାଇ ରାସ୍ତାରେ ଚୁଲିରେ ଜାଳେଣି କାଠରେ ଚାହା ପ୍ରସ୍ତୁତ କରିଥିଲେ।




ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଚାହା କପ୍ ଦେବାସହ ଗ୍ୟାସ୍ ସିଲିଣ୍ଡର ଅଭାବ ନେଇ ଲୋକଙ୍କୁ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ୟାସ୍ ଦର ବୃଦ୍ଧି ଏବଂ ଅଭାବକୁ ନେଇ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ। ୨୦୨୫ରେ କେନ୍ଦ୍ର ସରକାର ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଥିବା ବେଳେ ଏବେ ପୁଣି ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୬୦ ଓ ବ୍ୟବସାୟିକ ୧୧୫ଟଙ୍କା ବୃଦ୍ଧି କରିଛନ୍ତି। ୟୁପିଏ ସରକାର ସମୟରେ ୨୦୧୪ରେ ସିଲିଣ୍ଡର ପିଛା ୪୫୦ଟଙ୍କା ଥିଲା। ଏବେ ସିଲିଣ୍ଡର ମୂଲ୍ୟ ୧ହଜାର ଟଙ୍କା ହେଲାଣି। ଏବେ ଅହେତୁକ କଳାବଜାର ବଢ଼ିଚାଲିଛି। ଯୁଦ୍ଧ ମଧ୍ୟରେ କେନ୍ଦର ସରକାରଙ୍କ ଭୁଲ ନୀତି ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଜିଲା କଂଗ୍ରେସ ସଭାପତି ପଟ୍ଟନାୟକ କହିଛନ୍ତି। ରନ୍ଧନ ଗ୍ୟାସ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବା ବେଳେ ଏହାର ଦରବୃଦ୍ଧି ଗ୍ରାହକଙ୍କୁ ବାଧିଲାଣି। ସରକାର ତୁରନ୍ତ ଏହାକୁ ନିୟନ୍ତ୍ରଣରେ ଆଣିବା ପାଇଁ କଂଗ୍ରେସ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶିଶିର ପରିଡା, ସୋନାଲି ସାହୁ, ଜୟଶ୍ରୀ ପଟ୍ଟନାୟକ, ରଞ୍ଜିତ ମହାପାତ୍ର, ସଦାଶିବ ମହାପାତ୍ର, ସୌମ୍ୟ ପଟ୍ଟନାୟକ, ସୁନୀଲ ଗାନ୍ଧୀ, ତାପସ ମିଶ୍ର, ଅଶୋକ ମଙ୍ଗରାଜ, ଶୁଭ୍ରାଂଶୁ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ବେହେରା, ଶିବୁ ନାୟକ, ହାଲିମ ଖାନ, ରସାନନ୍ଦ ପରିଡା, ଶ୍ରିୟା ସେଠୀ, ବୁଲୁ ରାଉତ, ସର୍ବେଶ୍ୱର ମଲ୍ଲିକ, ଶରତ ପ୍ରଧାନ, ମାନସ ବାହୁବଳେନ୍ଦ୍ର, ମଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକମାନେ ଦେଶର ଭବିଷ୍ୟତ ନିର୍ମାଣ କରନ୍ତି: ରାଜ୍ୟପାଳ

## ଏନ୍‌ପିଏସ୍‌ଟି ଓ ଏନ୍‌ଏମଏମ୍ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୩(ସୁଚିସ୍ମିତା ସାହୁ)

ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି। ଭାରତର ପ୍ରାଚୀନ ଗୁରୁଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ତ୍ୱକୁ ପ୍ରତିପାଦନ କରେ। ବର୍ତ୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ହେଉଥିବାରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ସମୟୋଚିତ ଭାବେ ପରିବର୍ତ୍ତିତ ହେବା ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ନ୍ୟାଶନାଲ ପ୍ରଫେସନାଲ ଷ୍ଟାଣ୍ଡାର୍ଡସ ଫର୍ ଟିଚର୍ସ (ଏନପିଏସଟି) ଓ ନ୍ୟାଶନାଲ ମିଶନ ଫର୍ ମେଣ୍ଟରିଙ୍ଗ (ଏନଏମଏମ)ର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତଧାରୀଙ୍କ କ୍ଷମତାବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ର ଉଦ୍‌ଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ ଆହୁରି ମଧ୍ୟ କହିଲେ, ଶିକ୍ଷା ସଂସ୍କାର କେବଳ ନୀତିରେ ସୀମିତ ନୁହେଁ; ଶିକ୍ଷକମାନେ ସଶକ୍ତ ହେଲେ ହି ପ୍ରକୃତ ପରିବର୍ତ୍ତନ ସମ୍ଭବ। ପ୍ରକୃତ ପରିବର୍ତ୍ତନ କେବଳ ଶିକ୍ଷକଙ୍କୁ ଆବଶ୍ୟକ ଦକ୍ଷତା, ମାନଦଣ୍ଡ ଏବଂ ବୃତ୍ତିଗତ ସହାୟତା ପ୍ରଦାନ କରାଯିବା ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏଥିପାଇଁ ଏହି ସମ୍ମିଳନୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଶିକ୍ଷା ନୀତି ୨୦୨୦ ଭାରତର ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି, ଯେଉଁଥିରେ ଶିକ୍ଷକ ବିକାଶ, ବୃତ୍ତିଗତ ଏବଂ ନିରନ୍ତର ଶିକ୍ଷଣକୁ ଜାତୀୟ ପରିବର୍ତ୍ତନର କେନ୍ଦ୍ରବିନ୍ଦୁରେ ରଖାଯାଇଛି ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଭିଡ଼ିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।



ସମ୍ମିଳନୀରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଇଆଇଟି ଭୁବନେଶ୍ୱରର କଣ୍ଟିନ୍ୟୁଇଂ ଏଜୁକେଶନର ଡିନ୍ ପ୍ରଫେସର ଭି. ପାଣ୍ଡୁରଙ୍ଗା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଏକାଡ଼େମିକ ଉପଦେଷ୍ଟା ଡି.କେ.ଚତୁର୍ବେଦୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ଓ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ପଙ୍କଜ ଆରୋରା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଆଇଟି ଭୁବନେଶ୍ୱରର କୋଅର୍ଡିନେଟର ଡ. ଭେନୁଗୋପାଲ ଆରୁମୁରୁ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗ ରାଜ୍ୟରୁ ଶିକ୍ଷାବିତ, ଶିକ୍ଷକ, ପ୍ରଶାସକ, ନୀତି ନିର୍ଦ୍ଧାରକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଛନ୍ତି।

# ମାନବ ଚାଲାଣ: ଏନ୍‌ଏଚ୍‌ଆର୍‌ସିଙ୍କ ଉଦ୍‌ବେଗ

## ୫ ରାଜ୍ୟର ମୁଖ୍ୟ ଶାସନ ସଚିବ, ଡିଜିଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର, ୧୩।୩( ତ୍ରିନାଥ ମହାନ୍ତି )

ରାଜ୍ୟରେ ମାନବ ଚାଲାଣ ଦିନକୁ ଦିନ ବଢ଼ିଚାଲିଛି, ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) । ତେଣୁ ଓଡ଼ିଶା ସମେତ ୫ ରାଜ୍ୟକୁ ରିପୋର୍ଟ ତଲବ କରିଛନ୍ତି। ଓଡ଼ିଶା, ବିହାର, ତେଲଙ୍ଗାନା, ରାଜସ୍ଥାନ ଏବଂ ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ଡିଜିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୨ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ ସେମାନଙ୍କୁ କୁହାଯାଇଛି।

୨୦୧୩ ମସିହାରୁ ବିହାରରେ ପ୍ରତିବର୍ଷ ୧୨ରୁ ୧୪ ହଜାର ନିଖୋଜ ବ୍ୟକ୍ତିଙ୍କ ମାମଲା ପଞ୍ଜୀକୃତ ହେଉଛି। ସେଥିରେ ଅଧିକାଂଶ ଶିଶୁ ରହିଛନ୍ତି। ନିଖୋଜ ଶିଶୁଙ୍କ ମଧ୍ୟରୁ ପ୍ରାୟ ଦୁଇ-ତୃତୀୟାଂଶ ଉଦ୍ଧାର ହୋଇଥିବା ଗଣମାଧ୍ୟମ ରିପୋର୍ଟ ଉପରେ ଜାତୀୟ ମାନବାଧିକାର କମିଶନ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ, ମାନବ ଚାଲାଣର ସର୍ବାଧିକ ମାମଲା ଓଡ଼ିଶା, ବିହାର, ତେଲଙ୍ଗାନା ଏବଂ ମହାରାଷ୍ଟ୍ରରେ ପଞ୍ଜୀକୃତ ହୋଇଛି। ନାବାଳକ ଚାଲାଣ ମାମଲାରେ ଓଡ଼ିଶା ପ୍ରଥମ ସ୍ଥାନରେ ଅଛି। ପରେ ବିହାର ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁଯାୟୀ, ନାବାଳିକା ଚାଲାଣରେ ରାଜସ୍ଥାନ ସର୍ବାଧିକ ମାମଲା ପଞ୍ଜୀକୃତ କରିଛି। ୨୦୨୬ ମାର୍ଚ୍ଚ ୯ ରିପୋର୍ଟ ଅନୁଯାୟୀ, ଏହି ପିଲାମାନଙ୍କୁ ଭିକ୍ଷାବୃତ୍ତି, ଶିଶୁ ଶ୍ରମିକ, ବେଶ୍ୟାବୃତ୍ତି ଏବଂ ଅନ୍ୟ ବେଆଇନ କାର୍ଯ୍ୟକଳାପ ପାଇଁ ବାଧ କରାଯାଉଥିବା ସନ୍ଦେହ କରାଯାଉଛି। କମିଶନ ହୃଦ୍‌ବୋଧ କରିଛନ୍ତି, ରିପୋର୍ଟର ବିଷୟବସ୍ତୁ ଯଦି ସତ୍ୟ, ତେବେ ପୀଡ଼ିତଙ୍କ ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ ବୋଲି ଆୟୋଗ କହିଛନ୍ତି।

## ‘ମହିଳା ଓ ଶିଶୁ ବିକାଶ ବିଭାଗର ୧୦୦ ଅଧିକାରୀଙ୍କୁ ଏଆଇ ତାଲିମ

ଭୁବନେଶ୍ୱର, ୧୩।୩(ସୁଚିସ୍ମିତା ସାହୁ): ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ପ୍ରମ୍ପ୍ଟ ଇଞ୍ଜିନିୟରିଂ, ଡାଟା ଆନାଲିଟିକ୍ସ ଓ ଏଆଇ ମାଧ୍ୟମରେ ପିପିଟି ପ୍ରସ୍ତୁତି, ବିଭିନ୍ନ ଏଆଇ ମଡେଲ ବ୍ୟବହାର କରି ଗଭୀର ଅନୁସନ୍ଧାନ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ପ୍ରାୟ ୧୦୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ, ନିଷ୍ପତ୍ତି ଗ୍ରହଣ ପାଇଁ ଡାଟା ଆନାଲିଟିକ୍ସ ଏବଂ ଏଆଇ ଟୁଲ୍ସ ବ୍ୟବହାର କରି ପ୍ରେଜେଣ୍ଟେଶନ ପ୍ରସ୍ତୁତି ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିସହ ବିଭିନ୍ନ ଏଆଇ ପ୍ଲାଟ୍‌ଫର୍ମ ବ୍ୟବହାରର ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରାଯାଇଥିଲା। ଏହି ଜ୍ଞାନକୌଶଳ ଅଧିକାରୀଙ୍କୁ ରିପୋର୍ଟ ପ୍ରସ୍ତୁତି, ତଥ୍ୟ ବିଶ୍ଳେଷଣ, ଅନୁସନ୍ଧାନ ଏବଂ ଉପସ୍ଥାପନାକୁ ଅଧିକ ଦ୍ରୁତ ଓ ସଂଗଠିତ କରିବାରେ ସାହାଯ୍ୟ କରିପାରିବ। ସରକାରୀ ସେବାଗୁଡ଼ିକ ଲୋକଙ୍କ ପାଖରେ ଅଧିକ ଠିକ୍ ଓ ଶୀଘ୍ର ପହଞ୍ଚିପାରିବ। ପ୍ରଶାସନିକ ପ୍ରକ୍ରିୟାକୁ ସହଜ କରିବା ଓ ଲୋକଙ୍କ ପାଖରେ ସେବାକୁ ଅଧିକ ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଆଲୋକା, ଅଭିଜିତ୍‌ଙ୍କୁ ‘ଗୁରୁ ଦୁର୍ଗା ଚରଣ ରଣବୀର’ ସମ୍ମାନ


‘ମୀରା ନୃତ୍ୟ ମହୋତ୍ସବ’ର ୪ର୍ଥ ସଂସ୍କରଣର ଉଦ୍‌ଘାଟନ ଅବସରରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ‘ମୀରା ନୃତ୍ୟ ମହୋତ୍ସବ’ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୩ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟାୟନ ପକ୍ଷରୁ ବାର୍ଷିକ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ‘ମୀରା ନୃତ୍ୟ ମହୋତ୍ସବ’ର ୪ର୍ଥ ସଂସ୍କରଣ ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରତିଷ୍ଠାତା ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ସମେତ ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଶିକ୍ଷାବିତ୍ ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ଓଡିଶା ଷ୍ଟିଲ ଓ ଖଣି ବିଭାଗ ଅତିରିକ୍ତ ସଚିବ ଅରୁଣ କୁମାର ବେହେରା, ପୂର୍ବତଟ ରେଳ ବିଭାଗର ମୁଖ୍ୟ ଟ୍ରାଫିକ ଯୋଜନା ପରିଚାଳକ ଦିବଞ୍ଜନ ରୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଆଲୋକା କାନୁନ୍‌ଗୋଙ୍କୁ ‘ଗୁରୁ ଦୁର୍ଗା ଚରଣ ରଣବୀର ଜୀବନବ୍ୟାପୀ ସାଧନା ପୁରସ୍କାର’ ଓ କୁଚିପୁଡି ନୃତ୍ୟଶିଳ୍ପୀ ଅଭିଜିତ ଦାସଙ୍କୁ ‘ଗୁରୁ ଦୁର୍ଗା ଚରଣ ରଣବୀର ଯୁବ ପୁରସ୍କାର’ ପ୍ରଦାନ କରାଯାଇଥିଲା। ପରେ ଆଲୋକା କାନୁନଗୋଙ୍କ ଏକକ ଓଡ଼ିଶୀ ନୃତ୍ୟରୁ ମହୋତ୍ସବ ଆରମ୍ଭ ହୋଇଥିଲା। ଏହାପରେ ନୃତ୍ୟାୟନ ଦ୍ୱାରା ଦଳଗତ ନୃତ୍ୟ ପ୍ରସ୍ତୁତି ପରିବେଷଣ ହୋଇଥିଲା। ଗୁରୁ ରଣବୀର ଏହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପରେ ବେଙ୍ଗାଲୁରୁର ପ୍ରସିଦ୍ଧ କୁଚିପୁଡ଼ି ନୃତ୍ୟ ଶିଳ୍ପୀ ଅଭିଜିତ ଦାସଙ୍କ ଦ୍ୱାରା ଏକକ କୁଚିପୁଡ଼ି ନୃତ୍ୟ ପରିବେଷଣ ହୋଇଥିଲା। ନୃତ୍ୟ ଦମ୍ପତି ବିଜନ ପଲେଇ ଏବଂ ସୌମ୍ୟା ସୁଚରିତା ପାଲଙ୍କ ଦ୍ୱାରା ଯୁଗଳବନ୍ଦୀ ଓଡ଼ିଶୀ ପରିବେଷଣ ହୋଇଥିଲା। ବିଶ୍ୱଜିତ ବଳିୟାରସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଂଗ୍ରେସ ପକ୍ଷରୁ ରନ୍ଧନ ଗ୍ୟାସ୍ ଅଭାବ ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର, ୧୩।୩
(ରବିନାରାୟଣ ଜେନା)

ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ଓ ଅଭାବକୁ ନେଇ କଂଗ୍ରେସ ପକ୍ଷରୁ ଜୋର୍‌ଦାର ପ୍ରତିବାଦ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ଏବଂ ଏହାର ସାଙ୍ଘାତିକ ଅଭାବ ପ୍ରତିବାଦରେ ବିକ୍ଷୋଭ କରାଯିବା ସହିତ ଏକ ସ୍ମାରକପତ୍ର ଭୁବନେଶ୍ୱର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ଜେନା କହିଲେ, ଆଜି ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ଓ ଅଭାବକୁ ନେଇ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଛାଦିନର ବାସ୍ତବ ଚିତ୍ର । ଗତ ୨୦୨୫ରେ ମୋଦି ସରକାର ସିଲିଣ୍ଡର ପିଛା ୫୦ ଟଙ୍କା ଦର ବୃଦ୍ଧି କରିଥିବା ବେଳେ ଏବେ ପୁଣି ୬୦ ଟଙ୍କା ବୃଦ୍ଧି କରିଛନ୍ତି। ବ୍ୟବସାୟିକ ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ାଇଛନ୍ତି। ୟୁପିଏ ସରକାର ସମୟ ୨୦୧୪ ମସିହା ସୁଦ୍ଧା ସିଲିଣ୍ଡର ପିଛା ୪୫୦ ଟଙ୍କା ଥିଲା। ଏବେ ସିଲିଣ୍ଡରର ମୂଲ୍ୟ ୧୦୦୦ ଟଙ୍କା ହେଲାଣି। ଏବେ ରନ୍ଧନ ଗ୍ୟାସ୍‌ର କଳାବଜାର ଆରମ୍ଭ ହୋଇଗଲାଣି। ସିଲିଣ୍ଡର ପିଛା ୨୦୦୦-୨୫୦୦ ଟଙ୍କାରେ କିଣିବା ପାଇଁ ଲୋକେ ବାଧ୍ୟ ହେଉଛନ୍ତି। ମୋଦିଙ୍କ ଭୁଲ୍ ନୀତି ଯୋଗୁ ଭାରତରେ ଦୟନୀୟ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଏପରିକି ସ୍କୁଲ୍, କଲେଜ, ହସ୍‌ପିଟାଲ ପ୍ରଭୃତିରେ ନାହିଁ ନ ଥିବା ଅବସ୍ଥା ଦେଖିବାକୁ ମିଳୁଛି। ଯଦି ସରକାର ଏନେଇ ଠୋସ୍ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, କିଶୋର ଜେନା, ମନୋରଞ୍ଜନ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବସ୍ ଚଢ଼ିଯିବାରୁ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୩।୩(ତ୍ରିନାଥ ମହାନ୍ତି)



ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ଚଢ଼ିଯିବାରୁ ଜଣେ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୟୁନିଟ୍-୮ରେ ରହୁଥିବା ବିଜୟାଲକ୍ଷ୍ମୀ କର(୬୮)। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ବସ୍‌କୁ ଜବତ କରିବା ସହ ଫେରାର ଡ୍ରାଇଭରଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ବିଜୟାଲକ୍ଷ୍ମୀ ପରିବାର ସହ ୟୁନିଟ୍-୮ରେ ରହୁଥିବା ବେଳେ ଗୁରୁବାର ଡୁମୁଡୁମାରେ ରହୁଥିବା ଭଉଣୀ ସରୋଜିନୀ କରଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ଘରକୁ ଫେରୁଥିଲେ। ସକାଳ ପ୍ରାୟ ୯ଟା ସମୟରେ ଆଇଗିଣିଆ ଛକ ନିକଟରେ ସେ ବସ୍‌କୁ ଅପେକ୍ଷା କରିଥିଲେ। ବସ୍ ଆସିଲେ ସେ ବରମୁଣ୍ଡା ଯାଇ ସେଠାରୁ ୟୁନିଟ୍-୮ ଘରକୁ ଯାଇଥାନ୍ତେ। ଏହି ସମୟରେ ନୟାଗଡ଼ରୁ ବରମୁଣ୍ଡା ଆସୁଥିବା ଏକ ଘରୋଇ ବସ୍‌ଟି ଆଇଗିଣିଆ ଛକରେ ଅଟକି ରହିଥିଲା। ଯାତ୍ରୀମାନେ ବସ୍‌କୁ ଚଢ଼ୁଥିବାବେଳେ ବିଜୟାଲକ୍ଷ୍ମୀ ଉକ୍ତ ବସ୍ ଆଗରେ ଯାଉଥିଲେ। ହେଲେ ଡ୍ରାଇଭର ହଠାତ୍ ଗାଡି ଛାଡିଦେବା ସହ ବିଜୟାଲକ୍ଷ୍ମୀଙ୍କୁ ସମ୍ମୁଖରୁ ଧକ୍କା ଦେଇ ଚଢ଼ିଯାଇଥିଲା।

# ‘ମହାକୁମ୍ଭପଦ୍ୟମ୍’, ‘ଚିତ୍ରା ଚତୁର୍ଦ୍ଦଶୀ’ ପୁସ୍ତକ ଲୋକାର୍ପିତ



କବି ଡା. କୃଷ୍ଣକେଶବ ଷଡଙ୍ଗୀଙ୍କ ଦୁଇଟି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର, ୧୩।୩ (ସୌମ୍ୟରଞ୍ଜନ ରାଉତ)

କବି ଡା. କୃଷ୍ଣକେଶବ ଷଡଙ୍ଗୀଙ୍କ ସଂସ୍କୃତ କାବ୍ୟ ‘ମହାକୁମ୍ଭପଦ୍ୟମ୍’ ଏବଂ ଓଡିଆ କବିତା ପୁସ୍ତକ ‘ଚିତ୍ରା ଚତୁର୍ଦ୍ଦଶୀ’ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ଡ. ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ପୁସ୍ତକ ଦୁଇଟିର ଉପାଦେୟତା ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ‘ନିତିଦିନ’ ଖବରକାଗଜର ସମ୍ପାଦକ ମନୋଜ କୁମାର ମହାପାତ୍ର, ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଭାରତଭୂଷଣ ରଥ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରାଧ୍ୟାପକ ଡ. ଦେବାଶିଷ ମହାପାତ୍ର ଓ କବି ଡା. ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂସ୍କୃତ କାବ୍ୟର ହିନ୍ଦୀ ଅନୁବାଦରେ ସହଯୋଗ କରିଥିବା ନାରାୟଣ ଦାସ ମାଓ୍ୱତୱାଲଙ୍କ ସହିତ ଉତ୍ସାହଦାତା ନୀଳାଦ୍ରିମୋହନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଅର ହାର୍ଟ ଅପରେଶନ ବାହାନାରେ ଠକେଇ

### ୪ ନମ୍ବର ମାଛ ମାର୍କେଟରୁ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ୧୩।୩(ତ୍ରିନାଥ ମହାନ୍ତି)

ପୁଅର ହାର୍ଟ ଅପରେଶନ ବାହାନାରେ ଟଙ୍କା ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ୪ନମ୍ବର ମାଛ ମାର୍କେଟରେ ରହୁଥିବା ଧନେଶ୍ୱର ସାହୁ। ଠକେଇର ଶିକାର ସସ୍ମିତା ଦାସ ଝାରପଡ଼ାର ନାହାକ ସାହିର ଫ୍ଲାଟ ନମ୍ବର-୮୪୫ରେ ରୁହନ୍ତି। ଅଭିଯୁକ୍ତ ଧନେଶ୍ୱରଙ୍କ ସ୍ତ୍ରୀ ରଞ୍ଜନା ତାଙ୍କ ଘରକୁ ନିୟମିତ ଭାବେ ଯିବାଆସିବା କରିବା ମଧ୍ୟରେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ପରେ ନିଜ ପୁଅର ହାର୍ଟ ଅପରେଶନ ହେବା କଥା କହି ସସ୍ମିତାଙ୍କ ନିକଟରେ ଦୁଃଖ ପ୍ରକାଶ କରିବା ସହ ଟଙ୍କା ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ଧନେଶ୍ୱର ଏବଂ ସ୍ତ୍ରୀ ସସ୍ମିତା ତାଙ୍କ କଥାକୁ ବିଶ୍ୱାସ କରି ରଞ୍ଜନାଙ୍କୁ ୨ଲକ୍ଷ ୨୫ ହଜାର ଟଙ୍କା ଧାର ସୂତ୍ରରେ ଫୋନ-ପେ ଜରିଆରେ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ରଞ୍ଜନା ଟଙ୍କା ଫେରାଇବା ବଦଳରେ ଘର ଛାଡି ଗାଁକୁ ପଳାଇଥିଲେ। ଏଥିସହ ରଞ୍ଜନାଙ୍କ ସ୍ୱାମୀ ଅଭିଯୋଗକାରିଣୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ।

## ଅପରାଧ ପୂର୍ବରୁ ୨ ଗିରଫ, ତେଲେଙ୍ଗା କଟୁରୀ ଜବତ

ଭୁବନେଶ୍ୱର, ୧୩।୩(ତ୍ରିନାଥ ମହାନ୍ତି): ଲୁଟ୍ କିମ୍ବା ଅନ୍ୟ କୌଣସି ଅପରାଧ ଘଟାଇବା ପୂର୍ବରୁ ପୋଲିସ ୨ଜଣଙ୍କୁ ଗିରଫ କର କରିଛି। ସେମାନେ ହେଲେ ଭରତପୁର ୪ନମ୍ବର ବସ୍ତିର ଶୁଭମ ଚନ୍ଦ୍ର ନାୟକ ଏବଂ ସମୀରଚନ୍ଦ୍ର ଦାସ। ସେମାନଙ୍କ ନିକଟରୁ ଗୋଟିଏ ତେଲେଙ୍ଗା କଟୁରୀ ଏବଂ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଗୁରୁବାର ରାତି ପ୍ରାୟ ୧୦ଟା ୪୦ରେ ଏସ୍‌ଆଇ ବିଭୁନାରାୟଣ ସାହୁ ପୋଲିସ କର୍ମଚାରୀଙ୍କ ସହିତ ଅନ୍ୟ ଏକ ମାମଲାର ଅଭିଯୁକ୍ତଙ୍କୁ ଖୋଜିବା ସମୟରେ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ। ଏହି ସମୟରେ ଶିଶୁପାଳଗଡ଼ ଗେଟ ନିକଟରେ ଥିବା ଏକ ପାନ ଦୋକାନ ପାଖରେ ସନ୍ଦେହଜନକ ଭାବରେ ଦୁଇଜଣ ବ୍ୟକ୍ତିଙ୍କୁ ଠିଆ ହୋଇଥିବା ଦେଖିଥିଲେ। ପୋଲିସକୁ ଦେଖି ସମ୍ପୃକ୍ତ ଦୁଇଜଣ ବ୍ୟକ୍ତି ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ସେମାନଙ୍କୁ ସନ୍ଦେହରେ ଧରିଥିଲା। ଏହି ସମୟରେ ଉଭୟ ପୋଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇ ସରକାରୀ କାର୍ଯ୍ୟରେ ବାଧା ଦେଇଥିଲେ। ଯାଞ୍ଚ ସମୟରେ ସେମାନଙ୍କ ପାଖରୁ ପୋଲିସ ମୁଣ୍ଡରେ ଆକ୍ରମଣ ପାଇଁ ବ୍ୟବହାର ପାଇଁ ଦୁଇଟି ଧାତୁର କଣ୍ଟା ଜବତ କରାଯାଇଥିଲା। ସେହିପରି ସେମାନଙ୍କ ମୋଟରସାଇକେଲ ଓ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଥିଲା। ମୋଟରସାଇକେଲ ଡିକି ଭିତରେ ଲୁଚାଇ ରଖାଯାଇଥିବା ଏକ ବଡ଼ ଧାରୁଆ ତେଲେଙ୍ଗା ଖଣ୍ଡା ମଧ୍ୟ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଉପରୋକ୍ତ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି ଏନ୍‌ଏଚ୍ ୩୧୬ ବାଇପାସ ରାସ୍ତାରେ ଜନସାଧାରଣଙ୍କ ଉପରେ ଆକ୍ରମଣ ଓ ଛିନ୍ତାଇ କରିବା ଉଦ୍ଦେଶ୍ୟରେ ବୁଲାବୁଲି କରୁଥିଲେ ବୋଲି ପୋଲିସ ସନ୍ଦେହ କରୁଛି।

# ୨୩ ଜିଲା ପାଇଁ ୯ କୋଟିର ୮୯୬ ପ୍ରକଳ୍ପ ମଞ୍ଜୁର

## ପଞ୍ଚସଖା ଶିକ୍ଷା ସେତୁର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

ଭୁବନେଶ୍ୱର, ୧୩।୩(ସୁଚିସ୍ମିତା ସାହୁ)

ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଚତୁର୍ଥ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୨୩ଟି ଜିଲାର ବିଭିନ୍ନ ସ୍କୁଲରେ ଭିତ୍ତିଭୂମିର ବିକାଶ ପାଇଁ ୯ କୋଟି ୪୮ ହଜାର ୬୭୮ ଟଙ୍କାର ୮୯୬ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଛି। ପ୍ରାୟ ୪ ହଜାରରୁ ଅଧିକ ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଅନୁଷ୍ଠାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଏହି ଅର୍ଥ ଅବଦାନ ରଖିଛନ୍ତି। ପରିଷଦ ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡା ଏନ. ତିରୁମାଲା ନାୟକ ବୈଠକରେ ଅଧ୍ୟକ୍ଷତା କରି ପୁରାତନ ଛାତ୍ରୀଛାତ୍ରଙ୍କ ସଂଯୋଗରେ ବିଦ୍ୟାଳୟରେ ଆସୁଥିବା ଶୈକ୍ଷିକ ଓ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ଅନେକ ନୂତନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ପାଣ୍ଠିରୁ ମିଳିଥିବା ଅବଦାନରେ ରାଜ୍ୟର ବିଭିନ୍ନ ଜିଲାରେ ୧୩୪ଟି ମଧ୍ୟାହ୍ନଭୋଜନ ହଲ ନିର୍ମାଣ ପାଇଁ ୫୪ କୋଟି ଟଙ୍କା ମଞ୍ଜୁରୀ ଦିଆଯାଇଛି। ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ସୁଜାତା ପଣ୍ଡା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶିକା ନିବେଦିତା ରାଏ, ବରିଷ୍ଠ ଟିସି (ଖୋର୍ଦ୍ଧା) ଦେବବ୍ରତ ମହାନ୍ତି, ବରିଷ୍ଠ ଟିସି (ଜଗତସିଂହପୁର) ଶୁଭେନ୍ଦୁ ବରାଳ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ଓ ବିତ୍ତ ଅଧିକାରୀ ଇତିଶ୍ରୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାନସଭାରେ ଉଠିଲା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ନିୟମିତ ଦାବି


ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଚଳାଇଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ।

- ଚତୁର୍ଥ ଦିନରେ ଆନ୍ଦୋଳନ
- ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଲେ ଆଇନମନ୍ତ୍ରୀ

ଭୁବନେଶ୍ୱର, ୧୩।୩(ସୁଚିସ୍ମିତା ସାହୁ)

ବର୍ଷ ବର୍ଷ ଧରି ନିଷ୍ଠାପର ଭାବେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସେବା ଯୋଗାଉଛନ୍ତି। ହେଲେ ଚାକିରିକୁ ସ୍ଥାୟୀ କରିବାକୁ ନିବେଦନ କରିଥିଲେ ସୁଦ୍ଧା ସରକାର ଶୁଣୁନାହାନ୍ତି। ଆଉଟସୋର୍ସିଂ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ସରକାର ବିଚାର କରୁନାହାନ୍ତି ବୋଲି ସଂଘ ଅଭିଯୋଗ ଆଣିଛି। ଚାକିରି ସ୍ଥାୟୀ କରିବା ସହ ୩ ଦଫା ଦାବି ନେଇ ଗାନ୍ଧୀ ମାର୍ଗରେ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ଏହି ପ୍ରସଙ୍ଗ ବିଧାନସଭାରେ ଉଠିଛି। କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମ, ତାରାପ୍ରସାଦ ବାହିନୀପତି, ସୋଫିଆ ଫିର୍ଦ୍ଦୋସ ଓ ବିଜୁ ଜନତା ଦଳର ବିଧାୟକ ଗଣେଶ୍ୱର ବେହେରା ପ୍ରମୁଖ ଶୂନ୍ୟ କାଳରେ ଆଉଟସୋର୍ସିଂ କର୍ମଚାରୀଙ୍କ ଦୁଃଖ ଦୁର୍ଦ୍ଦିନର ପରିସ୍ଥିତିକୁ ଆଲୋଚନା କରିବା ସହିତ ଚାକିରିରେ ନିରାପତ୍ତା, ଦରମା ବୃଦ୍ଧି ସର୍ବନିମ୍ନ ୨୦ହଜାର ଟଙ୍କା କରିବା ସହିତ ନିୟମିତ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ଉପଦେଷ୍ଟା ବିଜୟ ମଲ୍ଲ ବିଧାନସଭାରେ ଆଲୋଚନା କରିଥିଲେ। ଆସନ୍ତା ମଙ୍ଗଳବାର ଭିତରେ ମନ୍ତ୍ରୀ ସଂଘର ଏକ ଟିମ୍‌କୁ ନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଟଙ୍କଧର ତ୍ରିପାଠୀ, ବିଧାୟକ ଇରାଶିଷ ଆଚାର୍ଯ୍ୟ ଓ ବିଧାୟକ ଅଶୋକ ମହାନ୍ତିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ମେଡିକାଲରେ କାର୍ଯ୍ୟରତ ସମସ୍ତ ଆଉଟସୋର୍ସିଂ କର୍ମଚାରୀମାନେ ସୋମବାର ଭୁବନେଶ୍ୱର ଆନ୍ଦୋଳନକୁ ଆସିବେ। ଯଦି କେତେଜଣ କର୍ମଚାରୀ ଆନ୍ଦୋଳନକୁ ଆସି ନ ପାରିବେ, ସେମାନେ ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନ ସଭାକୁ ସଭାପତି ସଞ୍ଜୟ ପଟ୍ଟନାୟକ,ମହା ସଚିବ ହେମନ୍ତ ବହିଆ, ଦୁଇ ଉପସଭାପତି ଗୌତମ ମହାରଣ୍ୟ, ପୂର୍ଣ୍ଣ ମିଶ୍ର, ସାଧାରଣ ସମ୍ପାଦକ ମାନସ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କଣାସ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ପାଲଟିଛି ମରଣଯନ୍ତା

କଣାସ, ୧୩।୩(ବିଭୂତି ଭୂଷଣ ତ୍ରିପାଠୀ)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କଣାସ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ଚଟାଣରେ ଲାଗିଥିବା ଲୁହା ପାଇପ୍‌ଗୁଡ଼ିକ କଳଙ୍କ ଲାଗି ବଡ଼ ବଡ଼ ମେଲା ହୋଇଛି। ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଖାନା ଯିବା ସମୟରେ ପାଦ କଳଙ୍କି ପାଇପ ଭିତରେ ପଶି ଯାଇ ଅନେକ ଛୋଟପିଲା ଓ ବଡ଼ ଲୋକ ଆହତ ହେଉଛନ୍ତି। ଏ ସମ୍ପର୍କରେ କଣାସ ଗୋଷ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିବେକ ଅନୁରାଗ କହିଛନ୍ତି, ଖରାପ ହୋଇଯାଇଥିବା ପାଇପଗୁଡ଼ିକୁ ମରାମତି କରିବା ପାଇଁ ମୁଁ ବାରମ୍ବାର ଓଲ୍‌ଡିଂ ମିସ୍ତ୍ରୀଙ୍କୁ କହିଛନ୍ତି। ସେ କରୁନାହାନ୍ତି ମୁଁ ତୁରନ୍ତ ମରାମତି କରିବାର ବ୍ୟବସ୍ଥା କରୁଛି।

### ବସ୍ ଚଢ଼ିଯିବାରୁ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୩।୩(ତ୍ରିନାଥ ମହାନ୍ତି)

ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବସ୍ ଚଢ଼ିଯିବାରୁ ଜଣେ ଅବସରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୟୁନିଟ୍-୮ରେ ରହୁଥିବା ବିଜୟାଲକ୍ଷ୍ମୀ କର(୬୮)। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏଥିସହ ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ବସ୍‌କୁ ଜବତ କରିବା ସହ ଫେରାର ଡ୍ରାଇଭରଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ବିଜୟାଲକ୍ଷ୍ମୀ ପରିବାର ସହ ୟୁନିଟ୍-୮ରେ ରହୁଥିବା ବେଳେ ଗୁରୁବାର ଡୁମୁଡୁମାରେ ରହୁଥିବା ଭଉଣୀ ସରୋଜିନୀ କରଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ଘରକୁ ଫେରୁଥିଲେ। ସକାଳ ପ୍ରାୟ ୯ଟା ସମୟରେ ଆଇଗିଣିଆ ଛକ ନିକଟରେ ସେ ବସ୍‌କୁ ଅପେକ୍ଷା କରିଥିଲେ। ବସ୍ ଆସିଲେ ସେ ବରମୁଣ୍ଡା ଯାଇ ସେଠାରୁ ୟୁନିଟ୍-୮ ଘରକୁ ଯାଇଥାନ୍ତେ। ଏହି ସମୟରେ ନୟାଗଡ଼ରୁ ବରମୁଣ୍ଡା ଆସୁଥିବା ଏକ ଘରୋଇ ବସ୍‌ଟି ଆଇଗିଣିଆ ଛକରେ ଅଟକି ରହିଥିଲା। ଯାତ୍ରୀମାନେ ବସ୍‌କୁ ଚଢୁଥିବାବେଳେ ବିଜୟାଲକ୍ଷ୍ମୀ ଉକ୍ତ ବସ୍ ଆଗରେ ଯାଉଥିଲେ। ହେଲେ ଡ୍ରାଇଭର ହଠାତ୍ ଗାଡି ଛାଡିଦେବା ସହ ବିଜୟାଲକ୍ଷ୍ମୀଙ୍କୁ ସମ୍ମୁଖରୁ ଧକ୍କା ଦେଇ ଚଢ଼ିଯାଇଥିଲା। ବସ୍ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ।

# ଯୁଦ୍ଧ ନାଁରେ ଆର୍ଥିକ ଶୋଷଣ ହେଉଛନ୍ତି ଉପଭୋକ୍ତା

ସାକ୍ଷୀଗୋପାଳ, ୧୩।୩
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

## ବାସ୍ତବ ସ୍ଥିତିରେ ପ୍ରଭାବ ପଡୁନି ସରକାରଙ୍କ ପ୍ରତିଶ୍ରୁତି

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଉପୁଜିବା ସଙ୍କଟ ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ସ୍ଥିତିର ସୁଯୋଗ ନେଇ ପୁରୀ ଜିଲା ସମେତ ସତ୍ୟବାଦୀରେ କଳାବଜାରକାରୀଙ୍କ ପ୍ରାଦୁର୍ଭାବ ବଢ଼ିଗଲାଣି। ରୋଷେଇ ଘରଠାରୁ ରାସ୍ତାଘାଟ ଯାଏ ସବୁଠି ଏବେ ଗ୍ୟାସ୍ ଏବଂ ପେଟ୍ରୋଲ, ଡିଜେଲକୁ ନେଇ ଚର୍ଚ୍ଚା ଚାଲିବା ସହ ଖାଇବା ତେଲଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଗତ ୨/୪ ଦିନ ହେବ ଅହେତୁକ ମୂଲ୍ୟ ବୃଦ୍ଧି ହୋଇସାରିଲାଣି।

ନିକଟରେ ପେଟ୍ରୋଲିୟମ ଜାତ ସାମଗ୍ରୀକୁ ନେଇ କେନ୍ଦ୍ର ଶକ୍ତିମନ୍ତ୍ରୀ ହରଦୀପ୍ ସିଂ ପୁରୀ ଦେଇଥିବା ବୟାନ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଦେଶରେ ଘରୋଇ ଏଲ୍‌ପିଜି ଚାହିଦାକୁ ନେଇ କୌଣସି ସମସ୍ୟା ଦେଖାଯାଇ ନାହିଁ, ତେଣୁ ଘରୋଇ ଉପଭୋକ୍ତାଙ୍କ ପାଇଁ ଏବେ ବି ନିୟମିତ ଗ୍ୟାସ୍ ଯୋଗାଇ ଦିଆଯାଇଛି। ସମାନ କଥା ମଧ୍ୟ ପ୍ରତ୍ୟେକ ଦିନ ରାଜ୍ୟ ସରକାରରେ ଥିବା ମନ୍ତ୍ରୀ, ନେତାମାନେ ବିଭିନ୍ନ ଗଣମାଧ୍ୟମରେ କହୁଛନ୍ତି। ମାତ୍ର ଏହି ପ୍ରତିଶ୍ରୁତି ବାସ୍ତବ ଠାରୁ ବହୁତ ଦୂରରେ ଥିବା ଜଣାପଡୁଛି। ଏହି ସମୟରେ ସରକାରଙ୍କ ଯେଭଳି ରୋଡ୍ ମ୍ୟାପ ରହିବା କଥା ତାହା ରହୁ ନ ଥିବା ଯୋଗୁ ସହର ବଜାରରେ ଲୋକମାନେ ବିଭିନ୍ନ ସାମଗ୍ରୀ କିଣିବା ବେଳେ ଆର୍ଥିକ ଶୋଷଣର ଶିକାର ହେଉଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଯୁଦ୍ଧର ନାଁ ନେଇ ଅନେକ କଳାବଜାରୀ ବ୍ୟବସାୟୀ ଯେଭଳି ଉପଭୋକ୍ତାଙ୍କୁ ମନଇଚ୍ଛା ଠକିବା ଆରମ୍ଭ କଲେଣି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ସରକାର ସେମାନଙ୍କୁ ଏଭଳି କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ବୁଦ୍ଧିଜୀବୀ ବୀରେନ୍ଦ୍ର ଭୂଷଣ ହୋତା ପ୍ରକାଶ କରିଛନ୍ତି। ପ୍ରଶାସନ ଏହି ସମୟରେ ଜିଲା ସହ ଅଞ୍ଚଳରେ ଥିବା ପ୍ରତ୍ୟେକ ଡିଲର୍ ପଏଣ୍ଟକୁ ତଦାରଖ କରି ସେମାନଙ୍କ ଷ୍ଟକ ଓ ବ୍ୟବସାୟର ଏବେକାର ଷ୍ଟାଟସ ପରଖିବା ପାଇଁ ଦାବି କରିଛନ୍ତି ବରିଷ୍ଠ ଆଇନଜୀବୀ ଗୁଣ୍ଡିଚା ବରାଳ।



ଯୁଦ୍ଧ ପ୍ରଭାବ ଓ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଶୁକ୍ରବାର ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ପୁରୀ ଆକାଶବାଣୀ କେନ୍ଦ୍ରରେ ଅଗ୍ନିକାଣ୍ଡ



ଆକାଶବାଣୀ କେନ୍ଦ୍ର ଅଗ୍ନିକାଣ୍ଡରେ ଧୂଆଁମୟ ।

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଆକାଶବାଣୀ କେନ୍ଦ୍ରରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ତେବେ ଅଗ୍ନିକାଣ୍ଡରେ ବିଶେଷ ଧନଜୀବନ ନଷ୍ଟ ହୋଇ ନ ଥିବା ସୂଚନା ମିଳିଛି। ପୁରୀ ଅଗ୍ନିଶମ ବିଭାଗ ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୨ଟା ୨୦ ମିନିଟ ସମୟରେ ପୁରୀ ଆକାଶବାଣୀ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟିଥିବା ନେଇ ଖବର ମିଳିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହେଇଥିଲେ। ଘର ଭିତର ଧୂଆଁମୟ ହୋଇଯାଇଥିବା ହେତୁ ବିଭିନ୍ନ ଉପକରଣ ବ୍ୟବହାର କରାଯାଇ ନିଆଁକୁ ଆୟତ କରାଯାଇଥିଲା ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାସ୍ତାରେ ହାତୀ, ଲୋକେ ଭୟଭୀତ

ବେଗୁନିଆ, ୧୩।୩(ସନ୍ଧ୍ୟାରାଣୀ ମିଶ୍ର)

ସିକୋ ପଞ୍ଚାୟତ ଅନ୍ତର୍ଗତ ନାରଗୋଦା ଜଙ୍ଗଲରେ ରହୁଥିବା ଏକ ହାତୀ ଶୁକ୍ରବାର ନୂଆ ଜଗନ୍ନାଥ ସଡ଼କରେ ବୁଲୁଥିବା ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପରେ ହାତୀଟି ଜଙ୍ଗଲ ଅଭିମୁଖେ ପଳାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏବେ ହଜ୍‌ରେ ଦୋଳ ଉତ୍ସବ ଚାଲିଥିବା ବେଳେ ଟାଙ୍ଗୋଲ, ସିକୋ, ନରସିଂହପୁର, ଗଡଡିଆପଡା, ଖଡ଼ିପଦର, କମାଗୁରୁ ଏବଂ ବୋତଲମା ଆଦି ଗ୍ରାମର ଲୋକମାନେ ନାରଗୋଦା ଦେଇ ହଜ୍ ଯାଉଥିବାରୁ ସତର୍କତାର ସହ ଯାତାୟାତ କରିବା ପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଦୁଇଟି ହାତୀ ଖଡ଼ିପଦର-ବେତରଜଙ୍ଗ ରାସ୍ତାରେ ବୁଲୁଥିବାବେଳେ ଖବରଦାତା ସଞ୍ଜୟ କୁମାର ବାହୁବଳେନ୍ଦ୍ର ବନ ବିଭାଗକୁ ଏ ସଂକ୍ରାନ୍ତରେ ଜଣାଇବା ପାଇଁ ଫୋନ କରିଥିଲେ ମଧ୍ୟ କେହି ଉଠାଇ ନ ଥିଲେ ବୋଲି କହିଛନ୍ତି।

## 'ବିଦ୍ୟାର୍ଥୀଙ୍କ ପରିଚୟ ସୃଷ୍ଟି କରେ ଶିକ୍ଷା'

ବୋଲଗଡ଼, ୧୩।୩(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ବୋରିକ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଶୁକ୍ରବାର ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠାର ସହ ଶିକ୍ଷା ହାସଲ କରି ନିଜ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଭୁପ୍ରସାଦ ମହାପାତ୍ର ଓ ରବୀନ୍ଦ୍ର ନାୟକ, ସାମାଜିକ କର୍ମୀ ପ୍ରମୋଦ ବେହେରା, ସୁଶାନ୍ତ ବେହେରା, ସତ୍ୟବ୍ରତ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ବିଦ୍ୟାଳୟର ଅନୁଭୂତି କହିଥିବା ବେଳେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା।

## ଶୁକଳ ମେଳଣ ଉଦ୍‌ଯାପିତ

ସାକ୍ଷୀଗୋପାଳ, ୧୩।୩
(ଭରତ ରାଉତ)

ସତ୍ୟବାଦୀ ଅନ୍ତର୍ଗତ ଶୁକଳ ପଞ୍ଚାୟତରେ ୨୨୬ ତମ ପାରମ୍ପରିକ ଶୁକଳ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଇଷ୍ଟଦେବ ତଥା ମେଳଣର ଥାନପତି ତୃତୀୟାଦେବ ଜଗନ୍ନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇ ପଡୁଆରରେ ମେଳଣ ପଡ଼ିଆ ମଣ୍ଡପରେ ବିଜେ କରାଯାଇଥିଲା। ନାଗା ପରି ଆଦି ପାରମ୍ପରିକ ନୃତ୍ୟ ସାଙ୍ଗକୁ ଘଣ୍ଟ, ମର୍ଦ୍ଦଳ, ତୁରୀ ସହ ହରିବୋଲ, ହୁଳହୁଳିରେ ଗାଁ ପରିବେଶ କମ୍ପି ଉଠିଥିଲା। ଏହି ଅବସରରେ ଦିନତମାମ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅବିର ବୋଳାବୋଳି ନିଆରା ପରିବେଶ ସୃଷ୍ଟି କରିଥିଲା। ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଭୋଗ ଦୋକାନଠାରୁ ଆରମ୍ଭ କରି ଚଟପଟି ଖାଦ୍ୟ ସମେତ ମନୋହରୀ, ଘରକରଣା ଓ ବିଭିନ୍ନ ପ୍ରକାର ଖେଳନା, ପନିପରିବା ବିକ୍ରି ଜୋର୍ ଧରିଥିଲା। ପଡ଼ୋଶୀ ମାର୍କଣ୍ଡପଡ଼ା ହରଶିବ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ସମେତ ପୁରୀ ଜିଲାର ପ୍ରାୟ ୪ଟି ବ୍ଲକର ୨୦୦ ବିମାନ ଦେବଦେବୀ ଆସି ଉକ୍ତ ମେଳଣପଡ଼ିଆରେ ବିଜେ ହୋଇଥିଲେ।



ତୃତୀୟାଦେବ ଜଗନ୍ନାଥଙ୍କୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଉଛି ।

# ନାରୀଙ୍କ ବିନା ସମାଜର ପରିକଳ୍ପନା, ବିକାଶ ଅସମ୍ଭବ

ନିମାପଡ଼ା, ୧୩।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପକ୍ଷ ପାଳନ ଅବସରରେ ଏକ ସ୍ୱଚ୍ଛତା ଶୋଭାଯାତ୍ରା, ସଫେଇ ଅଭିଯାନ, ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏମ୍‌ପିଙ୍କ ପ୍ରତିନିଧି ମିନଲତା ମହାନ୍ତି, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ସିଡିପିଓ ମାଧବୀ ମହାପାତ୍ର, ସୁପରଭାଇଜର ସଂଯୁକ୍ତା ଗୋଚ୍ଛାୟତ, ଗୋଷ୍ଠୀ ସଂଗଠିକା ସିପ୍ରାରାଣୀ ସାହୁ, ପରିମଳ ଅଧିକାରୀ ରାକେଶ ରାଉତ ପ୍ରମୁଖ ଯୋଗଦେଇ ନାରୀଙ୍କ ବିନା ସମାଜର ପରିକଳ୍ପନା ଓ ବିକାଶ ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ସ୍ୱଚ୍ଛତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୫୦ଜଣ ମହିଳା ସଫେଇ କର୍ମଚାରୀ ଓ ସ୍ୱଚ୍ଛସାଥୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଟାଉନ୍ ହଲ୍‌ଠାରେ ସଫେଇ କର୍ମଚାରୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଡାକ୍ତର ବିଜୟିନୀ ସାହୁ, ନର୍ସିଂ ଅଫିସର ସୁଜାତା ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରାୟ ୬୦ଜଣ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସିର ବହୁ କର୍ମଚାରୀ, ସ୍ୱଚ୍ଛସାଥୀ, ସଫେଇ କର୍ମଚାରୀ ଯୋଗ ଦେଇଥିଲେ।



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବିବେକ ଅନୁଯାୟୀ ଭୋଟଦେବାକୁ ନିବେଦନ କଲେ ପୂର୍ବତନ ନଗରପାଳ

ପୁରୀ, ୧୩।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ ରାୟଙ୍କୁ ବିଧାୟକମାନେ ବିବେକ ଅନୁଯାୟୀ ଭୋଟଦେବାକୁ ପୁରୀର ପୂର୍ବତନ ନଗରପାଳ ତଥା ବିଜେଡିର ପ୍ରତିଷ୍ଠାତା ସଦସ୍ୟ ଗୌରହରି ପ୍ରଧାନ ନିବେଦନ କରିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ, ଦିଲ୍ଲୀପ ରାୟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମାନସ ପୁତ୍ର। ସେ ଜନତା ଦଳର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ସେ ରାଜ୍ୟସଭା ସଦସ୍ୟ ହୋଇଗଲେ ଦିଲ୍ଲୀରେ ଓଡ଼ିଶାର ସ୍ୱର ଆହୁରି ଶାଣିତ ହେବ। ଜନତା ଦଳର ପ୍ରତିଷ୍ଠାରେ ଦିଲ୍ଲୀପ ରାୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ କଂଗ୍ରେସ କିମ୍ବା ଭାଜପାରୁ ପ୍ରାର୍ଥୀ ହୋଇଥିଲେ ମୁଁ କେବେ ବି ତାଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିନଥାନ୍ତି ବୋଲି କହିଛନ୍ତି ଗୌରହରି। ଗୌରହରି ପ୍ରଧାନ ପୂର୍ବରୁ ବିଜେଡି ଦଳ ତରଫରୁ ନଗରପାଳ ଥିଲେ। ଜନତା ଦଳର ଶେଷ ନଗର ସଭାପତି ସହ ବିଜୁ ଜନତା ଦଳର ପ୍ରଥମ ନଗର ସଭାପତି ଥିଲେ ଗୌରହରି। ଦିଲ୍ଲୀପ ରାୟଙ୍କ ବ୍ୟକ୍ତିତ୍ୱ ପାଇଁ ରାଜ୍ୟର ସମସ୍ତ ବିଧାୟକ ବିବେକ ଅନୁଯାୟୀ ତାଙ୍କୁ ଭୋଟ ଦେବାକୁ ସେ ଏକ ଖବରଦାତା ସମ୍ମିଳନୀରେ ଅନୁରୋଧ କରିଛନ୍ତି। ଏହି ଅପିଲ୍ ପରେ ବିଜେଡି ପକ୍ଷରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ୨୩ ଜିଲା ପାଇଁ ୯ କୋଟିର ୮୯୬ ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର, ୧୩।୩(ସୁଚିସ୍ମିତା ସାହୁ): ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଚତୁର୍ଥ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୨୩ଟି ଜିଲାର ବିଭିନ୍ନ ସ୍କୁଲରେ ଭିତ୍ତିଭୂମିର ବିକାଶ ପାଇଁ ୯ କୋଟି ୪୮ ହଜାର ୬୭୮ ଟଙ୍କାର ୮୯୬ ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଛି। ପ୍ରାୟ ୪ ହଜାରରୁ ଅଧିକ ପୁରାତନ ଛାତ୍ରୀଛାତ୍ର, ବୁଦ୍ଧୀଜୀବୀ ଓ ଅନୁଷ୍ଠାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଏହି ଅର୍ଥ ଅବଦାନ ଦେଇଛନ୍ତି। ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡା ଏନ. ତିରୁମାଲା ନାୟକ ବୈଠକରେ ଅଧ୍ୟକ୍ଷତା କର ପୁରାତନ ଛାତ୍ରୀଛାତ୍ରଙ୍କ ସଂଯୋଗରେ ବିଦ୍ୟାଳୟରେ ଆସୁଥିବା ଶୈକ୍ଷିକ ଓ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ଅନେକ ନୂତନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ପାଣ୍ଠିରୁ ମିଳିଥିବା ଅବଦାନରେ ରାଜ୍ୟର ବିଭିନ୍ନ ଜିଲାରେ ୧୩୪ଟି ମଧ୍ୟାହ୍ନଭୋଜନ ହଲ ନିର୍ମାଣ ପାଇଁ ୫୪ କୋଟି ଟଙ୍କା ମଞ୍ଜୁରି ଦିଆଯାଇଛି। ବୈଠକରେ ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଢେମସା ନୃତ୍ୟମ୍‌ରେ ଶିବ ତାଣ୍ଡବ ଦେଖି ଦର୍ଶକ ବିଭୋର

କାକଟପୁର/ଅସ୍ତରଙ୍ଗ, ୧୩।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

### ୩ୟ ବାର୍ଷିକ ଦୋଳ ମହୋତ୍ସବ ଉଦ୍‌ଯାପିତ

କଳା, ସଂସ୍କୃତି ଓ ପରମ୍ପରାକୁ ପ୍ରଚାର ସହ ସ୍ଥାନୀୟ ଲୁକ୍କାୟିତ ପ୍ରତିଭାକୁ ପ୍ରସାର କରିବା ଦିଗରେ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୩ୟ ବାର୍ଷିକ ଦୋଳ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୋଳ ମହୋତ୍ସବରେ ଲଉଡ଼ି ଖେଳକୁ ଉପଭୋଗ କରିବା ସହ ମହୋତ୍ସବ ସମ୍ପର୍କରେ ସ୍ତୁତି ସାଉଁଟିଥିଲେ। କାକଟପୁର ତହସିଲ ନିକଟସ୍ଥ ମେଳଣ ପଡ଼ିଆରେ ଅନୁଷ୍ଠିତ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପୁରୀ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ ପରିଡ଼ା, ଭାଜପା ପୂର୍ବତନ ଉପସଭାପତି ଗୋଲେଖ ମହାପାତ୍ର, ଅଭ୍ୟର୍ଥନା କମିଟି ସମ୍ପାଦକ ତଥା ସମାଜସେବୀ ପ୍ରତାପ ପରିଡ଼ା, ସାମାଜିକ କର୍ମୀ ସୁବାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଯେଉଁ କଳା, ସଂସ୍କୃତି ଗର୍ବିତ କରିଛି ତାକୁ ଭୁଲିବା ଉଚିତ ନୁହେଁ ବୋଲି ଅତିଥିମାନେ ମତ ଦେଇଥିଲେ। ଅଭିନେତ୍ରୀ ଓ ଗାୟିକା ଅନୁରାଧା ପାଣିଗ୍ରାହୀ ଗ୍ରୁପର ସୁମଧୁର ଗୀତ ସହ ସମ୍ବଲପୁରୀ, ଢେମସା ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଶିବ ତାଣ୍ଡବ, ଘୁମୁରା ଓ ଜେମ୍ସ ଗ୍ରୁପର ନାଚ ଓ ଗୀତରେ ବିମୋହିତ ଦର୍ଶକ। କାର୍ଯ୍ୟକ୍ରମକୁ କାକଟପୁର ଦୋଳ ମହୋତ୍ସବ କମିଟିର ସଦସ୍ୟ ବୃନ୍ଦ ପରିଚାଳନା କରିଥିଲେ।



ଦୋଳ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଅନ୍ୟ ଅତିଥିମାନେ ।

# ପୁବେଇ ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟ ନିମ୍ନମାନର

କୋଣାର୍କ, ୧୩।୩(ଜ୍ୟୋତିରାଜ ମହାନ୍ତି)

## ଏଷ୍ଟିମେଟ୍ ଅନୁଯାୟୀ ହେଉନି ପ୍ରକଳ୍ପ କାର୍ଯ୍ୟ

କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତ ପୁବେଇ ଗ୍ରାମରେ ଓଡ଼ିଶା ଉଠାଜଳସେଚନ ନିଗମ ଲିମିଟେଡ୍ ପକ୍ଷରୁ ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହୋଇଛି। ଏଷ୍ଟିମେଟ୍ ଅନୁଯାୟୀ କରା ନ ଯାଇ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାର୍ଯ୍ୟ କରାଯାଉଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଦାବି କରିଛନ୍ତି।

ପ୍ରକାଶ ଯେ, କାଦୁଆନୂଆଗାଁ ପଞ୍ଚାୟତର ପୁବେଇ ଗ୍ରାମର ଜନସାଧାରଣଙ୍କ ଅଗୋଚରରେ ପାଣି ପଞ୍ଚାୟତ କମିଟି ଗଠନ କରି ଉଠାଜଳସେଚନ ପଏଣ୍ଟ ସମ୍ପର୍କିତ ସୂଚନା ଫଳକ ମରା ଯାଇ ନାହିଁ। ଏଷ୍ଟିମେଟ୍ ଅନୁଯାୟୀ ସାମଗ୍ରୀ ବ୍ୟବହାର କରା ନ ଯାଇ ଦାୟିତ୍ୱରେ ଥିବା ଉଠା ଜଳସେଚନ ନିଗମର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି ବୋଲି ପୁବେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟରେ ୮ ସିଡ୍ୱାଲ ପାଇପ ବିଛାଇବା ପରିବର୍ତ୍ତେ ୪୦ ସିଡ୍ୱାଲର ଲୋ ଗ୍ରେଡର ପାଇପ ବିଛା ଯାଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟରେ ପାଇପ ବିଛାଇବା ପାଇଁ ମାଟିର ଗଭୀରତା ସଠିକ ଭାବେ ଖୋଳା ନ ଯାଇ ଠିକ ପରିମାଣର ବାଲି ଓ କଂକ୍ରିଟ ଢଳେଇ କରାଯାଉ ନାହିଁ ବୋଲି ଗ୍ରାମବାସୀଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

ପ୍ରକାଶଥାଉକି, ଉକ୍ତ ଗ୍ରାମରେ ଥିବା ୨ଟି ପୁରୁଣା ଉଠା ଜଳସେଚନ ପଏଣ୍ଟ କାମ କରୁଥିବା ବେଳେ ସେଗୁଡ଼ିକ ଭାଙ୍ଗି ନୂତନ ପଏଣ୍ଟ ନିର୍ମାଣ କରିବା କେତେ ଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପୁବେଇ ଗ୍ରାମରେ ଓଡ଼ିଶା ଉଠା ଜଳସେଚନ ନିଗମ ପକ୍ଷରୁ ନିର୍ମାଣ କରାଯାଉଥିବା ନିମ୍ନମାନର ଉଠାଜଳସେଚନ ପଏଣ୍ଟରେ ବ୍ୟବହୃତ ସାମଗ୍ରୀର ମାନ ପରୀକ୍ଷା ସହ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ ହେଉଛି କି ନାହିଁ ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ପରିଚାଳନା ନିର୍ଦ୍ଦେଶକା ଓ ପୁରୀ ଜିଲାପାଳଙ୍କୁ ପୁବେଇ ଗ୍ରାମର ଅନିଲ ଭୂୟାଁ, କାଳନ୍ଦୀ ବେହେରା, ବିଶ୍ୱଜିତ ପଣ୍ଡା, ବଳରାମ ପଣ୍ଡା ଓ ସଦାଶିବ ପଣ୍ଡା ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ଉଠାଜଳସେଚନ ନିଗମ ଲିମିଟେଡ୍‌ର କନିଷ୍ଠ ଯନ୍ତ୍ରୀ ରମାନାଥ ଜେନାଙ୍କୁ ପଚାରିବାରେ ସେ କୁହନ୍ତି, ବିଭାଗୀୟ ଏଷ୍ଟିମେଟ ଅନୁଯାୟୀ ପୁବେଇ ଉଠାଜଳସେଚନ ପଏଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାମରେ କୌଣସି ଅନିୟମିତତା ହୋଇନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଏହାର ତଦନ୍ତ କରାଗଲେ ମୁଁ ସମସ୍ତ ସହଯୋଗ କରିବି ବୋଲି କହିଛନ୍ତି।

**ଲକ୍ଷେଶ୍ୱର ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ଫୁଲନଖରାସ୍ଥିତ ଲକ୍ଷେଶ୍ୱର ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପୁରୁଣା କାଚରାମାଳସ୍ଥିତ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣନିଧି ପଟ୍ଟନାୟକ, ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ଲୋକ ସଭା ସାଂସଦଙ୍କ ପ୍ରତିନିଧି ପ୍ରତାପ ରାଉତରାୟ, ସାଧନଚେତା ମହାନ୍ତି, କର୍ପୋରେଟର ମମତା ମହାନ୍ତି, ଠାକୁର ପ୍ରସାଦ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କାନନ ବିହାରୀ ନାୟକ ଓ ବଦ୍ରିନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ। କିଶୋର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରେଭିନ୍ୟୁ ବାର୍ ଆସୋସିଏଶନର ୨ କର୍ମକର୍ତ୍ତାଙ୍କୁ କାରଣଦର୍ଶାଅ ନୋଟିସ

**କଟକ,୧୩।୩(କୁମାରଶ୍ରୀ)**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନର ଦୁଇ କର୍ମକର୍ତ୍ତାଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ବୃତ୍ତିଗତ ଅସଦାଚରଣ ଅଭିଯୋଗରେ ଏହି ନୋଟିସ୍ ଜାରି କରାଯାଇଥିବା ପରିଷଦ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ୨ କର୍ମକର୍ତ୍ତା ଏକ ସିଭିଲ୍ ସୁଟରେ ପରିଷଦର ୨ଜଣ ବରିଷ୍ଠ ସଦସ୍ୟଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିବା ସହ ନିନ୍ଦନୀୟ ଓ ଆଧାରହୀନ ଆକ୍ଷେପ କରିଥିଲେ। ଯାହାକି ବୃତ୍ତିଗତ ଆଚରଣ ବିଧିର ଉଲ୍ଲଂଘନ କରିଛି। ପରିଷଦର ଅନୁଶାସନ କମିଟି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରା ନ ଯିବ ସେ ନେଇ ଜବାବ ମାଗିଛନ୍ତି।

### କମ୍ପାନୀରୁ ଯନ୍ତ୍ରାଂଶ ଚୋରି କରି ରାତିଜଗୁଆଳି ଗିରଫ

**ମଙ୍ଗୁଳି-ଜଗତପୁର,୧୩।୩(ମାନସ ସାମଲ)**

ଜଗତପୁରସ୍ଥିତ ଏକ କମ୍ପାନୀରୁ ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଜଣେ ରାତିଜଗୁଆଳିଙ୍କୁ ଜଗତପୁର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜଗୁଆଳି ଜଣଙ୍କ ହେଲେ ଜଗତ୍‌ସିଂପୁର ଥାନା ଅଧୀନ ସହସ ଗ୍ରାମର ତ୍ରିଲୋଚନ ମଲିକ (୩୮)। ତାଙ୍କ ନିକଟରୁ ପୋଲିସ ଗୋଟିଏ କଟର ଓ ମୋଲ୍ଡିଂ ମେଶିନ ଜବତ କରିଛି। ପୋଲିସ ସୂଚନା ମୁତାବକ, ତ୍ରିଲୋଚନ ୩ ମାସ ହେବ ରିଲନ କମ୍ପାନୀରେ ରାତି ଜଗଆଳି ଭାବେ କାର୍ଯ୍ୟ କରନ୍ତି। ପ୍ରତିଦିନ ପରି ସୋମବାର ରାତିରେ ଡ୍ୟୁଟିରେ ଆସି କମ୍ପାନୀରୁ ଯନ୍ତ୍ରାଂଶ ଚୋରି କରିଥିଲେ। ଗତ ୩ ମାସ ମଧ୍ୟରେ ବାରମ୍ବାର କମ୍ପାନୀରୁ ଚୋରି ହେବାରୁ କମ୍ପାନୀ ମାଲିକ ସିସିଟିଭି ଯାଞ୍ଚ କରିବାରୁ ତ୍ରିଲୋଚନ ଚୋରି କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏ ନେଇ କମ୍ପାନୀ ମାଲିକ କରିମ ରତନାନୀ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୭୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି ପୂର୍ବରୁ କମ୍ପାନୀରୁ ବହୁ ବାର ଚୋରି ହୋଇଛି କିନ୍ତୁ ପ୍ରମାଣ ନଷ୍ଟ ପାଇଁ ତ୍ରିଲୋଚନ ସିସିଟିଭି ଭାଙ୍ଗି ଦେଇଥାନ୍ତି।

### ଏସ୍‌ସିବିରେ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳିତ

**କଟକ,୧୩।୩(ଶିଲ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବିରେ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୋଷ୍ଟ ଗ୍ରାଜୁଏଟ ଆଖି ବିଭାଗ, ଏସସିବି ମେଡିକାଲ କଲେଜ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା। ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ ଏବଂ ପ୍ରଫେସର ଡା. ରମାମଣୀ ଦଳାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା ଡିନ ଅଫିସ ସମ୍ମୁଖରୁ ବାହାରି ମେଡିକାଲ ପରିସର ଅତିକ୍ରମ କରିଥିଲା। ଗ୍ଲୁକୋମା ଓ ଏହାର ପ୍ରତିରୋଧ ସଂକ୍ରାନ୍ତରେ ଏଥିରେ ସଚେତନ କରାଯାଇଥିଲା। ଏହାକୁ ପ୍ରଫେସର ଡା. ତରୁଣ କୁମାର ପଣ୍ଡା, ଡା. ସିବେନ୍ଦୁ ମହାରଣା ପରିଚାଳନା କରିଥିଲେ।

### ହଂସନାଥ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**କଟକ ସଦର,୧୩।୩(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ହଂସନାଥ ଉଚ୍ଚ ବିଦ୍ୟାଳୟ ୧୯୭୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଧାନକୁଦ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଇହଲୀଳା ସମ୍ବରଣ କରିଥିବା ସାଥୀ ଓ ଶିକ୍ଷକମାନଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଦ୍ୟାଳୟ ପରିତ୍ୟାଗ କରି ନିଜ ନିଜର କର୍ମ ସଂସ୍ଥାନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ରବି ନାରାୟଣ ଦାଶ, ପ୍ରସନ୍ନ କୁମାର ପଣ୍ଡା, ପ୍ରଭାତ କୁମାର ଜେନା, ଧୀରେନ୍ଦ୍ର କୁମାର ସାହୁ, ବିପିନ ବିହାରୀ ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ସୁରେନ୍ଦ୍ର ଭୋଇ, ବାଳକୃଷ୍ଣ ନାୟକ, ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରତିବର୍ଷ ଟେଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏହି ବିଦ୍ୟାଳୟର ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ଟେଷ୍ଟପେପର୍ ବଣ୍ଟନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ସରକାର ଏଲ୍‌ପିଜି ଯୋଗାଣ ସୁନିଶ୍ଚିତ କରିବା ଦାବି

## ଅଭିନବ ଢଙ୍ଗରେ ପ୍ରତିବାଦ କଲା ବାରବାଟୀ-କଟକ ବିଜୁ ମହିଳା ଜନତା ଦଳ



ବିଜୁ ମହିଳା ଜନତା ଦଳ ବାରବାଟୀ-କଟକ ପକ୍ଷରୁ ବକ୍ସିବଜାରଠାରେ ପ୍ରତିବାଦ।

**କଟକ,୧୩।୩(ଶିଲ୍ପା ପ୍ରିୟଦର୍ଶିନୀ)**

ବିଜୁ ମହିଳା ଜନତା ଦଳ ବାରବାଟୀ-କଟକ ପକ୍ଷରୁ ବକ୍ସିବଜାର ଗୋଲେଇ ଛକରେ ଶୁକ୍ରବାର ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ଏଲ୍‌ପିଜି ସିଲିଣ୍ଡର, ଖାଇବା ତେଲର ଅଭାବ ବିକ୍ରି ଆଦି ସମସ୍ୟା ନେଇ ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ବିରୋଧରେ ସ୍ଲୋଗାନ ଦେଇ କାଠ ଚୁଲାରେ ରୋଷେଇ କରି ପ୍ରତିବାଦ କରାଯାଇଛି। ଏହାସହ ଏଲପିଜି ଯୋଗାଣ ସ୍ୱାଭାବିକ ନ କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ବିଜୁ ଜନତା ଦଳର ରାଜ୍ୟ କୋଷାଧ୍ୟକ୍ଷ ସୁବାସ ସିଂ କହିଛନ୍ତି, ଗତ ମାର୍ଚ୍ଚ ୭ରୁ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ ଟଙ୍କା ଓ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବଢ଼ିଛି। ସରକାର ଏଲ୍‌ପିଜି ଯୋଗାଣ ସୁନିଶ୍ଚିତ କରନ୍ତୁ ନଚେତ୍ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଏଥିରେ ଜିଲା ସଭାପତି ପ୍ରଫୁଲ୍ଲ ସିଂ, ମହିଳା ବିଜେଡି ନେତ୍ରୀ ଏ. ଶ୍ରୀଦେବୀଙ୍କ ନେତୃତ୍ୱରେ ମହିଳା ଜିଲା ସଭାପତି ଅନିତା ବେହେରା, ଇତିଶ୍ରୀ ସିଂ, ରୀତାଞ୍ଜଳି ସିଂ, ନମିତା ବାରିକ, ପୁଷ୍ପିତା ମହାନ୍ତି, ବନଲତା ପ୍ରଧାନ, ଲକ୍ଷ୍ମୀପ୍ରୀୟା ବେହେରା, ଅରୁନ୍ଧତି କର, ଆରତୀ ସାହୁଙ୍କ ସମେତ ଶତାଧିକ ମହିଳା କର୍ମୀ ଉପସ୍ଥିତ ଥିଲେ।

## ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ଜିଲା କଂଗ୍ରେସର ବିରୋଧ

**କଟକ,୧୩।୩(ଶିଲ୍ପା ପ୍ରିୟଦର୍ଶିନୀ)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ କଟକ ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟରେ ରନ୍ଧନ ଗ୍ୟାସର ବୃଦ୍ଧି ଓ ଅନ୍ୟାନ୍ୟ ସାମଗ୍ରୀ ଦର ବୃଦ୍ଧିକୁ ବିରୋଧ କରି ଲିଙ୍କରୋଡ୍‌ଠାରେ ବିକ୍ଷୋଭ କରାଯାଇଥିଲା। ପରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରିକି ପୂର୍ବରୁ ବୁକ୍ କରିବାର ୧୫ ଦିନ ମଧ୍ୟରେ ନୂତନ ଗ୍ୟାସ୍ ସିଲିଣ୍ଡର ମିଳୁଥିବା ବେଳେ ଏବେ ୨୫ ଦିନକୁ ବୃଦ୍ଧି କରାଯାଇଛି। ଏଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବା ସହ ଦରଦାମ ଉପରେ ବିଚାର କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଅନ୍ୟପଟେ ଦାବିପତ୍ର ଗ୍ରହଣ କରି ଉକ୍ତ ଘଟଣା ନେଇ ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଜିଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ମହମ୍ମଦ ଆରିଫ ଉଦ୍ଦିନ ଖାଁନ, ରାମଚନ୍ଦ୍ର ଗୋଚ୍ଛାୟତ, ସୁଦର୍ଶନ ସାହୁ, ପ୍ରତାପ ମଲ୍ଲିକ, ଶିଶିରକାନ୍ତ ମିଶ୍ର, ନୀଳିମା ତ୍ରିପାଠୀ, ସତ୍ୟନାରାୟଣ ବିଟ୍, ମହମ୍ମଦ ସଦାମ୍, ନାରାୟଣ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।




କଟକ ଜିଲା କଂଗ୍ରେସ ପକ୍ଷରୁ ଲିଙ୍କରୋଡ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଏସ୍‌ସିବିରେ ଗୁରୁତର ରୋଗୀଙ୍କୁ ମିଳୁନି ବ୍ୟାଟେରିଚାଳିତ ଗାଡ଼ି

**ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ**

**କଟକ,୧୩।୩(ଶିଲ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲ ରୋଗୀ ବ୍ୟାଟେରି ଗାଡି ସୁବିଧା ନ ପାଇ ଛଟପଟ ହେଉଛନ୍ତି। ଏପରିକି ସମ୍ପର୍କୀୟମାନେ ଜଣେ ରୋଗୀଙ୍କୁ ନିଦାନ କେନ୍ଦ୍ରରୁ ଆଇସିୟୁକୁ ନେବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ରୋଗୀଙ୍କ ସମ୍ପର୍କୀୟ ମେଡିକାଲରେ ଥିବା ବ୍ୟାଟେରି ଗାଡ଼ି ସହାୟତା କେନ୍ଦ୍ରକୁ ଫୋନ କରିଥିଲେ, ହେଲେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ଗାଡ଼ି ଆସି ନ ଥିଲା। ଫଳରେ ରୋଗୀଙ୍କ ସମ୍ପର୍କୀୟ ଅକ୍ସିଜେନ ସିଲିଣ୍ଡର ସହ ଗୁରୁତର ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନେଇଥିଲେ। ଏସ୍‌ସିବି ମେଡିକାଲରେ ବ୍ୟାଟେରି ଗାଡ଼ି ଚାଳକ ଓ ସହାୟତା କେନ୍ଦ୍ରରେ କର୍ମଚାରୀଙ୍କ ଅବହେଳା ଯୋଗୁ ରୋଗୀ ଗାଡ଼ି ସୁବିଧା ପାଇବାରୁ ବଞ୍ଚିତ ହେଉଥିବା କୁହାଯାଉଛି। ତେବେ ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ସୁବିଧା ଯୋଗାଇବା ନିମନ୍ତେ ବ୍ୟାଟେରି ଗାଡ଼ିର ବ୍ୟବସ୍ଥା କରାଯାଇଥିଲା। ଏସ୍‌ସିବିରେ ଏବେ ପ୍ରାୟ ୧୦ଟି ଗାଡ଼ି କାର୍ଯ୍ୟ କରୁଛି। ହେଲେ ରୋଗୀ ସଂଖ୍ୟା ମୁତାବକ ଗାଡ଼ି ସଂଖ୍ୟା ବହୁ କମ୍ ଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଅନ୍ୟପଟେ ଏସ୍‌ସିବିରେ କୌଣସି ଘଟଣା ନେଇ କର୍ତ୍ତୃପକ୍ଷ ଅବଗତ ହେଉ ନ ଥିବାବେଳେ ଏହି ଭଳି ସମସ୍ୟା ବାରମ୍ବାର ଉପୁଜୁଛି। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଏସ୍‌ଆଇଆର୍ ନିମନ୍ତେ ପ୍ରସ୍ତୁତି ବୈଠକ



ଏସ୍‌ଆଇଆର୍ ନେଇ ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**କଟକ,୧୩।୩(କୁମାରଶ୍ରୀ)**

ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ କମଳଜିତ ଦାସଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟରେ ଜିଲାର ଏସ୍‌ଆଇଆର୍ ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ବୁଥସ୍ତରୀୟ ଅଧିକାରୀମାନଙ୍କ ସମସ୍ତ ସହଯୋଗ ନିମନ୍ତେ ବୁଥସ୍ତରୀୟ ଏଜେଣ୍ଟ ନିଯୋଜନ ଏବଂ ଏପ୍ରିଲରେ ହେବାକୁ ଥିବା ଏଥି ସମ୍ବନ୍ଧିତ ପ୍ରାରମ୍ଭିକ ପ୍ରସ୍ତୁତି ସମ୍ବନ୍ଧରେ ଅତିରିକ୍ତ ଜିଲାପାଳ ଦାସ ଆଲୋକପାତ କରିଥିଲେ। ବିଶେଷ କରି ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଅନୁପସ୍ଥିତ ଭୋଟରମାନଙ୍କ ଠିକ୍ ସର୍ଭେ କରି ଯଥାସମୟ ମଧ୍ୟରେ ତଥ୍ୟାବଳୀ ପ୍ରସ୍ତୁତ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। କଟକ ସଦର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ କମଳଜିତ ଦାସ ନିଯୋଜିତ ହୋଇଥିବା ବେଳେ ବୈଠକରେ ସାଲେପୁର ପାଇଁ ନିଯୋଜିତ ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଚୌଦ୍ୱାର-କଟକ ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜି ଦେଓ, ବାଙ୍କୀ ପାଇଁ ପ୍ରଣବ କୁମାର ବେହେରା, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂ ବଡ଼ମ୍ବା ପାଇଁ ନିଯୋଜିତ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ବି ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି କଟକ ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଜାତୀୟ କଂଗ୍ରେସ କଟକ ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ବିଏସ୍‌ପି, ସିପିଆଇ ତଥା ଅନ୍ୟ ଦଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୨ ତମ କିସ୍ତି ପ୍ରଦାନ

**କଟକ,୧୩।୩(କୁମାରଶ୍ରୀ)**

ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଶୁକ୍ରବାର ପ୍ରଦାନ କରାଯାଇଛି। କଟକ ଜିଲାର ସମୁଦାୟ ୧ ଲକ୍ଷ ୫୫ ହଜାର ୭୦୭ଜଣ ଚାଷୀଙ୍କୁ ଏହି କିସ୍ତି ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମର ରାଜଧାନୀ ଗୁଆହାଟୀରୁ ଆଭାସି ମାଧ୍ୟମରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଦେଶର ଭଉଣୀଭାଇମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଜଗତପୁରସ୍ଥିତ କୃଷି ଭବନ ସମ୍ମିଳନୀ କକ୍ଷରେ ପିଏମ୍ କିଷାନ ଉତ୍ସବ ଦିବସ ପାଳନ କରାଯିବା ସହ ଜାତୀୟ, ରାଜ୍ୟସ୍ତରୀୟ ସମାରୋହ ଓ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନର ସିଧା ପ୍ରସାରଣ କୃଷକଙ୍କ ପାଇଁ ଉପଲବ୍ଧ କରାଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀଙ୍କ ସମେତ ଜିଲାର ବିଭିନ୍ନ ବ୍ଲକରୁ ପିଏମ୍ କିଷାନ ଯୋଜନାର ହିତାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଟ୍ରାଫିକ୍ କର୍ମଚାରୀଙ୍କୁ କାନ ସୁରକ୍ଷା ଉପକରଣ ବଣ୍ଟନ

**କଟକ,୧୩।୩(ଶିଳ୍ପା ପ୍ରିୟଦର୍ଶିନୀ)**

ବିଶ୍ୱ ଶ୍ରବଣ ଦିବସ ଅବସରରେ ଏସ୍‌ଭି ନିରତାର ଏବଂ କଟକ ଓ ଟ୍ରାଫିକ୍ କମିଶନରେଟ ପୋଲିସ କଟକର ମିଳିତକ୍ରମେ ମଧୁପାଟଣା ଟ୍ରାଫିକ ଥାନାରେ ଟ୍ରାଫିକ କର୍ମଚାରୀମାନଙ୍କ ପାଇଁ ଶ୍ରବଣ ପରୀକ୍ଷା ଶିବିର ଓ ଇପିଡି (କାନ ସୁରକ୍ଷା ଉପକରଣ) ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଡୋରା, ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ କର୍ମଚାରୀମାନେ ଦିନତମାମ ଉଚ୍ଚ ମାତ୍ରାର ଯାନ ଚଳାଚଳ ଶବ୍ଦରେ କାମ କରୁଥିବାରୁ ତାଙ୍କର ଶ୍ରବଣ ସ୍ୱାସ୍ଥ୍ୟ ସୁରକ୍ଷା ବହୁତ ଆବଶ୍ୟକ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଭି ନିରତାର ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସାଇ ପବ୍ଲିକ ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ



ଅତିଥିମାନଙ୍କ ସହିତ କୃତୀ ଛାତ୍ରୀ।

**ଫୁଲନଖରା,୧୩।୩(ସତ୍ୟରଞ୍ଜନ ଦାସ ମହାପାତ୍ର)**

ଫୁଲନଖରା-ନିଆଳି ଓମଫେଡ ଛକ ନିକଟରେ ଥିବା ଶ୍ରୀସାଇ ପବ୍ଲିକ ସ୍କୁଲରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଟସିଓର ଅଲିମ୍ପିଆଡ ମାଷ୍ଟର ଆୱାର୍ଡ ୨୦୨୬ ପକ୍ଷରୁ ଆୟୋଜିତ ପରୀକ୍ଷାରେ କୃତକାର୍ଯ୍ୟ ୩୩ଜଣ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପକ୍ଷରୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ତଥା ସଇନ୍ଧା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଡ. ଶରତ କୁମାର ରଥ, ସମ୍ମାନିତ ଅତିଥି ଭାବେ ଆଦିତ୍ୟ ଛୋଟରାୟ, ବିଭୂତି ଭୂଷଣ ତରାଇ, ସ୍କୁଲର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ସାସମଲ, ପ୍ରିନ୍ସିପାଲ ସୁଚିସ୍ମିତା ସାସମଲ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୋନିତା ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଲୋପିତା ବେହେରା, ବନ୍ଦିତା ପ୍ରଧାନ, ସ୍ମୃତିରେଖା ପ୍ରଧାନ, ଶୁଭଶ୍ରୀ ପରିଡ଼ା, ଭାଗ୍ୟଶ୍ରୀ ମହାପାତ୍ର, ଦେବଦର୍ଶନୀ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଇଦ୍ ଉଲ ଫିତର ପାଳନ ପାଇଁ ପ୍ରସ୍ତୁତି

**କଟକ ସଦର,୧୩।୩ (ସୁଶାନ୍ତ କୁମାର ଜେନା)**

ଆସନ୍ତା ୨୧ ତାରିଖରେ ପବିତ୍ର ଇଦ ଉଲ ଫିତର୍ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଶୁକ୍ରବାର କିଶନନଗର ଥାନାରେ ଆରକ୍ଷୀ ନିରୀକ୍ଷକ ମାନେଶ୍ୱର ପ୍ରଧାନଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ମୁସଲିମ ଅଞ୍ଚଳର ମୁରବିମାନେ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ ପର୍ବ ପାଳନ କରିବା ଉପରେ ଆଲୋଚନା ହୋଇଥିଲା। ପ୍ରହରାଜପୁର ସରପଞ୍ଚ ଅବଦୁଲ ୱାହିଦ ଖାଁ, ସମିତି ସଭ୍ୟ ଲିୟାକତ ଅଲ୍ଲୀ ଖାଁ, ମହମ୍ମଦ ଅସଫାକ, ମହମ୍ମଦ ଆସିଫ, ମହମ୍ମଦ ଆଫସର୍, ଇଲିୟାସ ଅଲ୍ଲୀ, ସେକ ଖଲିଲ, ସୟେଦ ୟାକୁବ ଅଲ୍ଲୀ, ଅବଦୁଲ ସଲାମ, ରମଜାନ ଅଲ୍ଲୀ, ସେକ ଶିରାଜ ଅଲ୍ଲୀ, ସେକ ବୁରହାନ, ନୁର ଅଲ୍ଲୀ, ମହମ୍ମଦ ରୁସ୍ତୁମ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଭାଇଚାରାର ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ସମସ୍ତେ ପାଳନ କରିବା ପାଇଁ ଅଙ୍ଗୀକାରବଦ୍ଧ ହୋଇଥିଲେ।

## ଜ୍ଞାନ ଆହରଣ କର୍ମଶାଳା



**ଚୌଦ୍ୱାର,୧୩।୩(ଆଶୁତୋଷ ଦାସ)**

ଚୌଦ୍ୱାର ପୌର ପାଳିକା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜ୍ଞାନ ଆହରଣ କର୍ମଶାଳା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧିଛକସ୍ଥିତ ପୌର ଟାଉନହଲ ପରିସରରେ ପୌରପାଳିକାର ପରିମଳ ବିଶେଷଜ୍ଞ ପୀୟୁଷ କୁମାର ସାହୁଙ୍କ ପୌରୋହିତ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରପାଳିକା ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛକର୍ମୀ, ଏଫଏସ୍‌ଟିପି ଓ ଏମ୍‌ସିସିରେ କାର୍ଯ୍ୟରତ ମହିଳାମାନେ ଯୋଗଦେଇ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, କାଉନସିଲର ବିନୋଦିନୀ ରାଉତରାୟ, ବିଜୟ କୁମାର ମଲ୍ଲିକ, ଦିଲୀପ ସାହୁ, ବିଜୟ କୁମାର ସାହୁ, ଆଶୁତୋଷ ଦାସ ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ଉତ୍ସାହିତ କରିବା ସହିତ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚୌଦ୍ୱାର ସହରକୁ ସ୍ୱଚ୍ଛତା ଦିଗରେ ଆଗେଇ ନେବାକୁ ଗୁରୁତ୍ୱ ଦେଇ ନିର୍ବାହୀ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ମାମଲାର ଆପୋସ ସମାଧାନ, ୬ ନୂତନ ମାମଲା ପଞ୍ଜୀକୃତ

**ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣିରେ ୫୩ ଅଭିଯୋଗ ହସ୍ତଗତ**

**କଟକ,୧୩।୩(ଶିଳ୍ପା ପ୍ରିୟଦର୍ଶିନୀ)**



ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣିରେ ଶିବିରରେ ଉପସ୍ଥିତ ମହିଳା କମିଶନ ଅଧକ୍ଷାଙ୍କ ସହ ଅନ୍ୟମାନେ।

ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନେତାଜୀ ସଂସ୍କୃତି ଭବନରେ ସ୍ୱତନ୍ତ୍ର ଜନଶୁଣାଣି ଜଗତ୍‌ସିଂହପୁର ଓ କଟକ ଜିଲାକୁ ନେଇ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଯଥାଶୀଘ୍ର ସମାଧାନ ଉଦ୍ଦେଶ୍ୟରେ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ବୈବାହିକ ବିବାଦ, ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହ ଜଡିତ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ କମିଶନଙ୍କ ସଦସ୍ୟା ତଥା କଟକ ଓ ଜଗତ୍‌ସିଂହପୁର ଜିଲାର ଇନଚାର୍ଜ ପ୍ରତିଭା ଶତପଥୀ, ଓଡ଼ିଶା ମହିଳା ଆୟୋଗଙ୍କ ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ, ସଦସ୍ୟା ମୁକ୍ତା ସାହୁ, ଉର୍ମିଳା ମହାପାତ୍ର ଯୋଗଦେଇ ମାମଲାଗୁଡିକର ସମାଧାନ ନିମନ୍ତେ ପକ୍ଷଗୁଡିକ ସହ ଆଲୋଚନା କରିଥିଲେ। ଶିବିରରେ ଜଗତ୍‌ସିଂହପୁର ଓ କଟକ ଜିଲାରୁ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୪ଟି ମାମଲାର ସଫଳ ଆପୋସ ସମାଧାନ କରାଯାଇଥିବାବେଳେ ୩ଟି ମାମଲାର ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିସ କରାଯାଇଛି। ଏହାସହ ଗୋଟିଏ ମାମଲାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ହସ୍ତାନ୍ତର କରାଯାଇଥିବା ବେଳେ ପରବର୍ତ୍ତୀ ଶୁଣାଣି ନିମନ୍ତେ ୨୯ଜଣଙ୍କୁ ନୋଟିସ ଦିଆଯାଇଛି। ସେହିପରି କମିଶନଙ୍କ ନିକଟରେ ୬ଟି ନୂତନ ମାମଲା ପଞ୍ଜୀକୃତ ହୋଇଥିଲା। ମାମଲାଗୁଡିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଏହି ଶୁଣାଣି କରାଯାଉଥିବା ଅଧ୍ୟକ୍ଷା କହିଛନ୍ତି। ଏଥିରେ ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ଏବଂ ଜଗତ୍‌ସିଂହପୁର ଓ କଟକ ଜିଲାର ବରିଷ୍ଠ ଅଧିକାରୀମାନେ ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।

# ପ୍ରଥମ ପର୍ଯ୍ୟାୟରେ ସାମିଲ ହେଲେ ୨୫ ବରପୁତ୍ର

**ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା**

- ■ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ
- ■ବରପୁତ୍ରଙ୍କ ଗ୍ରାମ ବିକାଶରେ ଖର୍ଚ୍ଚ ହେବ ୧୫ କୋଟି

ଭୁବନେଶ୍ୱର,୧୩।୩ (ସୌମ୍ୟରଞ୍ଜନ ରାଉତ)

ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା। ଏନେଇ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିବାବେଳେ ଏନେଇ ଗଠିତ ରାଜ୍ୟସ୍ତରୀୟ ପ୍ରକଳ୍ପ ପରିଚାଳନା କମିଟିର ପ୍ରଥମ ବୈଠକ ଶୁକ୍ରବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ସୂରଜ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଜିଲାର ଜିଲାପାଳଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବରପୁତ୍ରଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ଏଥିସହ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ ହେବ। ବରପୁତ୍ରଙ୍କ ଆଦର୍ଶ ଓ ମୂଲ୍ୟବୋଧର ପ୍ରଚାର ପ୍ରସାର ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଯୋଜନାରେ ୨୫ଜଣ ବରପୁତ୍ରଙ୍କ ନାମ ବଛାଯାଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନ ଓ ଗ୍ରାମର ଉନ୍ନତୀକରଣ ପାଇଁ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ପ୍ରଥମ ପର୍ଯ୍ୟାୟରେ ସର୍ବାଧିକ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେବ। ବୈଠକରେ ସଂସ୍କୃତି ମନ୍ତ୍ରୀ ସୂରଜ ଜିଲାପାଳମାନଙ୍କୁ ବରପୁତ୍ରଙ୍କ ଗ୍ରାମ ବା ନିକଟବର୍ତ୍ତୀ ଅଞ୍ଚଳରେ ୨-୩ ଏକର ଜାଗା ଚିହ୍ନଟ କରି ସଂସ୍କୃତି ବିଭାଗକୁ ଯଥାଶୀଘ୍ର ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଆମ ବରପୁତ୍ରଙ୍କ ଜୀବନର ମୂଲ୍ୟବୋଧକୁ ଉଜ୍ଜୀବିତ କରି ରଖିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଆମ ଯୁବପିଢ଼ି ବରପୁତ୍ରଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇପାରିବେ। ଏହାସହ ଆମ ଲୋକକଳା ଓ ଲୋକସଂସ୍କୃତିର ବହୁଳ ପ୍ରଚାର ପ୍ରସାର ହୋଇପାରିବ ବୋଲି ମନ୍ତ୍ରୀ ସୂରଜ କହିଛନ୍ତି। ବୈଠକରେ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅଧିକାରୀମାନେ।

# ଆରମ୍ଭ ହେଲା ଅସୀମ ନାଟକ ଉତ୍ସବ

**ପ୍ରେମ, ସମ୍ପର୍କର କାହାଣୀ ‘ନୋ ଏକ୍ସପାୟରି’**

ଭୁବନେଶ୍ୱର,୧୩। ୩ (ସୌମ୍ୟରଞ୍ଜନ ରାଉତ)

ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ୯ମ ଅସୀମ ନାଟକ ଉତ୍ସବ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଆରମ୍ଭ ହୋଇଛି। ୩ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ଅତିଥି ଭାବେ ଫାଉଣ୍ଡେଶନର ସମ୍ପାଦକ ପବିତ୍ର ମୋହନ କର, ସଭାପତି ରାମହରି ଜେନା ଚିତ୍ରଶିଳ୍ପୀ ଅମର ଜେନା, କବି ମମତା ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ଉତ୍ତର ପୁରୁଷ ନାଟ୍ୟ ସଂସ୍ଥାର କଳାକାରଙ୍କ ପକ୍ଷରୁ ନାଟକ ‘ନୋ ଏକ୍ସପାୟରି’ ମଞ୍ଚସ୍ଥ ହୋଇଥିଲା। ସ୍ୱାମୀ ସ୍ତ୍ରୀର ମଧୁର ସମ୍ପର୍କରେ ହସ କାନ୍ଦ ଓ ସୁଖ ଦୁଃଖ ଲାଗି ରହିଥାଏ। କେବେକେବେ ପରିଣତ ବୟସରେ ସନ୍ତାନ ସନ୍ତତିମାନେ ମାଆ ବାପାଙ୍କୁ ଅଲଗା କରିବାର ଅପଚେଷ୍ଟା କରିଥାନ୍ତି। କେତେଜଣ ସେଥିରେ ସଫଳ ହୁଅନ୍ତି ତ କେତେଜଣ ଅସଫଳ। ଅପର ପାର୍ଶ୍ୱରେ ଯୁବ ଦମ୍ପତିଙ୍କ କ୍ଷେତ୍ରରେ ଧନ ଉପାର୍ଜନ, ସୁଖସ୍ୱାଚ୍ଛନ୍ଦ, ଭୋଗବିଳାସ ଦାମ୍ପତ୍ୟର ଯାନକୁ ଦିଗହରା କରିଦେଇଥାଏ। ସନ୍ତାନଟିଏ ପୁଣି ସେମାନଙ୍କୁ ଏକାଠି କରିଥାଏ। ସମ୍ପର୍କର ନୌକାରୁ ସ୍ୱାର୍ଥକୁ ଅଲଗା କରିପାରିଲେ ହିଁ ସମ୍ପର୍କରେ ପୁଣି ନୂତନତା ଭରିଯାଏ। ସମ୍ପର୍କରେ କଳଙ୍କି ଲାଗେନି କି ସମ୍ପର୍କ ଏକ୍ସପାୟରି ହୁଏନି। ପ୍ରେମ ଓ ସମ୍ପର୍କରେ ଏକ୍ସପାୟରି ନଥାଏ। ଏଭଳି ଏକ ସୁଖ ଦୁଃଖ ହସ କାନ୍ଦର ସମ୍ପର୍କକୁ ନେଇ ମଞ୍ଚସ୍ଥ ହୋଇଥିବା ଏହି ନାଟକକୁ ରଚନା କରିଛନ୍ତି ମନୋଜ ମିତ୍ର ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବଦତ୍ତ ପତି।



ଅସୀମ ନାଟକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ନାଟକ ‘ନୋ ଏକ୍ସପାୟରି’ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

# ପୁରୀକୁ ମହାନଗର ନିଗମ ନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ

ପୁରୀ,୧୩।୩(ଅଜିତ୍ କୁମାର ମହାନ୍ତି)

ପୁରୀକୁ ରାଜ୍ୟ ସରକାର ମହାନଗର ନିଗମ ମାନ୍ୟତା ଦେବାପରେ ଗୃହ ଉନ୍ନୟନ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ମହାନଗର ନିଗମ ପାଇଁ ପ୍ରକ୍ରିୟା ଜୋର୍‌ସୋରରେ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ପୁରୀ ମହାନଗର ନିଗମରେ ସାମିଲ୍ ହୋଇଥିବା ଗ୍ରାମାଞ୍ଚଳଗୁଡ଼ିକରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ପରିମଳ ବ୍ୟବସ୍ଥା କିଭଳି ପହଞ୍ଚିପାରିବ ସେ ଦିଗରେ ଏକ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବ। ସେହିପରି ମହାନଗର ନିଗମ ପାଇଁ ଗଠନ ହୋଇଥିବା ୱାର୍ଡଗୁଡ଼ିକର ସର୍ଭେ କରାଯାଇ ସୀମା ପୁନଃନିର୍ଦ୍ଧାରଣ କରାଯିବା ସହିତ କେଉଁ ୱାର୍ଡରେ କ'ଣ ସମସ୍ୟା ରହିଛି ତା'ର ସର୍ଭେ କରାଯାଇ କିଭଳି ୱାର୍ଡର ଉନ୍ନତିକରଣ ହୋଇପାରିବ ସେ ଦିଗରେ ଯୋଜନା ମଧ୍ୟ ପ୍ରସ୍ତୁତ କରାଯିବ। ନୂତନ ଭାବେ ଗଠନ ହେବାକୁ ଥିବା ପୁରୀ ମହାନଗର ନିଗମର କିଭଳି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ଏବଂ ଯଥାଶୀଘ୍ର ନିର୍ବାଚନ କରାଯାଇପାରିବ ସେ ଦିଗରେ ପ୍ରଶାସନ ପଦକ୍ଷେପ ନେଉ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ପୁରୀ ପୌରପାଳିକାର ୩୨ଟି ୱାର୍ଡ ଓ ପୁରୀ ଉପକଣ୍ଠରେ ଥିବା ସଦର ବ୍ଲକର ୯ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ନେଇ ପୁରୀ ମହାନଗର ନିଗମ ଗଠନ କରାଯାଇଛି। ମୋଟ ୩୯ଟି ୱାର୍ଡ ପୁରୀ ମହାନଗର ନିଗମ ପାଇଁ କରାଯାଇଛି। ପୁରୀ ମହାନଗର ନିଗମର ଉତ୍ତରରେ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ପୂର୍ବରେ ବେଲଦାର, ଉର, ଦୁହିତାଖଣ୍ଡ, ଦକ୍ଷିଣରେ ବଙ୍ଗୋପସାଗର ଏବଂ ପଶ୍ଚିମରେ ଗୋରୁଆଳ ପର୍ଯ୍ୟନ୍ତ ସୀମା ରହିଛି।

ଅପରପକ୍ଷରେ ଜିଲାପାଳ ପରିଡ଼ା କହିଛନ୍ତି, ଏବେ ସବୁ ୱାର୍ଡକୁ ସର୍ଭେ କରାଯାଇ ସୀମା ନିର୍ଦ୍ଧାରଣ ଚୂଡ଼ାନ୍ତ କରାଯିବା ସହ ବିଭିନ୍ନ ୱାର୍ଡରେ ଥିବା ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯିବ। ସେହିପରି ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ପୁରୀ ସହରର ବିକାଶ ସହିତ ପୁରୀ ମହାନଗର ନିଗମରେ ସାମିଲ୍ ହୋଇଥିବା ଗ୍ରାମାଞ୍ଚଳଗୁଡ଼ିକରେ କିଭଳି ମୌଳିକ ସୁବିଧା ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ପୁରୀ ମହାନଗର ନିଗମ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ୩୯ଟି ୱାର୍ଡ କରାଯାଇଛି। ୯ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ନେଇ ମହାନଗର ନିଗମ ଗଠନ କରାଯିବ। ମହାନଗର ପୁରୀ ହେଲେ ପୁରୀର ଅନେକ ସୁବିଧା ହେବ। ପୁରୀକୁ ରାଜସ୍ୱ ଆସିବ। ଲୋକମାନେ ଅନେକ ସୁବିଧା ସୁଯୋଗ ପାଇବା ସହ ପୁରୀର ଉନ୍ନତି ହୋଇପାରିବ ବୋଲି ମହାପାତ୍ର ମତବ୍ୟକ୍ତ କରି କହିଛନ୍ତି।

# ଗର୍ଭଗୃହରେ ରକ୍ତ ଛିଟା, ଶ୍ରୀଜୀଉଙ୍କ ବଡ଼ମହାସ୍ନାନ

**ଶ୍ରୀମନ୍ଦିରରେ ଅଘଟଣ**

**ଗର୍ଭଗୃହରେ ପଡ଼ି ବୋଝିଆ ଆହତ**

ପୁରୀ,୧୩।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶୁକ୍ରବାର ଏକ ଅଘଟଣ ଦେଖିବାକୁ ମିଳିଛି। ମହାପ୍ରସାଦ ଆଣୁଥିବା ବେଳେ ଗୋଡ଼ଖସି ଜଣେ ବୋଝିଆ ସେବାୟତ ପଡ଼ିଯିବା ଫଳରେ ରକ୍ତଛିଟା ପଡ଼ିଥିଲା। ପରେ ମହାପ୍ରଭୁଙ୍କ ବଡ଼ମହାସ୍ନାନ ହେବା ସହ ଆହତ ବୋଝିଆଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମଧ୍ୟାହ୍ନ ଧୂପରେ ଭୋଗ ଗର୍ଭଗୃହରୁ ବାହାରକୁ ଆଣିଲା ସମୟରେ ଏପରି ଅଘଟଣ ଘଟିଛି। ମୁଣ୍ଡରେ ଭୋଗବେତା ଥାଇ ଗୋଡ଼ ଖସିଯିବାରେ ବୋଝିଆ ଜଣଙ୍କ ଆହତ ହୋଇ ପୁରୀ ବଡ଼ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆହତ ବୋଝିଆ ଜଣଙ୍କ ସଦର ବ୍ଲକ ଅନ୍ତର୍ଗତ ଶାସନ ଦାମୋଦପୁରର ଅଶୋକ ପ୍ରଧାନ(୩୫)। ଗର୍ଭଗୃହରୁ ଭିତରକାଠ ପର୍ଯ୍ୟନ୍ତ ଚିକ୍କଣ ରହୁଥିବାରୁ ଏପରି ଅଘଟଣ ବାରମ୍ବାର ଘଟୁଛି। ଆହାତ ବୋଝିଆଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସହ ବେକ ଓ ମେରୁହାଡ଼ରେ ଆଘାତ ଲାଗିଛି। ତାଙ୍କୁ ସେଠାରୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି। ଆମ୍ବୁଲାନ୍ସ ନ ଥିବା ହେତୁ ଏକ ଟୋଟୋ ଯୋଗେ ତାଙ୍କୁ ପୁରୀ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଅପରପକ୍ଷରେ କଳାହାଟ ଦ୍ୱାର ନିକଟରେ ରକ୍ତ ପଡ଼ିବାରୁ ଠାକୁରଙ୍କ ବଡ଼ ମହାସ୍ନାନ ହୋଇଥିଲା। ଦର୍ଶନ ବନ୍ଦ ହୋଇ ଠାକୁରଙ୍କ ବଡ଼ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ଚୁନପାଣି ପଡ଼ି ମଇଲମ ହୋଇଥିଲା। ମହାସ୍ନାନ ପୂଜା ଶେଷ ହେବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।



ଆହତ ହୋଇଥିବା ବୋଝିଆ ସେବାୟତ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି।

# ୨ବର୍ଷରେ ନିଶାମୁକ୍ତ ହେଲେଣି ୧୯,୩୯୫ଜଣ

ଭୁବନେଶ୍ୱର, ୧୩।୩ (ବନ୍ଦନା ସେଠୀ)

ରାଜ୍ୟରେ ଗତ ୨ବର୍ଷରେ ୧୯ହଜାର ୩୯୫ଜଣ ବ୍ୟକ୍ତି ନିଶା ନିବାରଣ କେନ୍ଦ୍ର ଦ୍ୱାରା ନିଶାମୁକ୍ତ ହୋଇଛନ୍ତି। ସର୍ବାଧିକ ଗଞ୍ଜାମ ଜିଲାରୁ ୬୦୯୩ ବ୍ୟକ୍ତିଙ୍କୁ ନିଶାମୁକ୍ତ କରାଯାଇଛି। ଏନେଇ ଶୁକ୍ରବାର ବିଧାନସଭାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ରାଜ୍ୟରେ ମୋଟ୍ ୫୫ଟି ନିଶା ନିବାରଣ କେନ୍ଦ୍ର ରହିଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬ଟି ରହିଛି। ସେହିପରି ୨ବର୍ଷରେ ଖୋର୍ଦ୍ଧା ଜିଲାରେ ୧୪୪୦ଜଣ, କେନ୍ଦୁଝର ଜିଲାରେ ୧୧୨୫ଜଣ, କଟକରେ ୧୦୩୭ଜଣ, ସୁବର୍ଣ୍ଣପୁରରେ ୯୬୧ଜଣ, ବୌଦ୍ଧରେ ୮୬୬ଜଣ, ରାୟଗଡ଼ାରେ ୭୬୨ଜଣ, ଝାରସୁଗୁଡାରେ ୬୫୩ଜଣ, ଢେଙ୍କାନାଳରେ ୫୬୬ଜଣ, ବଲାଙ୍ଗୀର ୪୬୭ଜଣ, ମୟୂରଭଞ୍ଜରେ ୪୫୯ଜଣ, କନ୍ଧମାଳରେ ୪୪୩ଜଣ, କୋରାପୁଟରେ ୩୫୮ଜଣ, ନୂଆପଡା ଏବଂ ଦେବଗଡ଼ରେ ୩୬୩ଜଣ ଲେଖାଏ, ପୁରୀ ଏବଂ ବରଗଡ଼ରେ ୩୬୦ଜଣ ଲେଖାଏ, ଜଗତ୍‌ସିଂହପୁରରେ ୩୪୫ଜଣ, ସୁନ୍ଦରଗଡ଼ରେ ୩୪୦ଜଣ ଏବଂ ଅନ୍ୟ ଜିଲାରେ ମଧ୍ୟ ଏକାଧିକ ବ୍ୟକ୍ତିଙ୍କୁ ନିଶାରୁ ନିବୃତ୍ତ କରାଯାଇଥିବା ମନ୍ତ୍ରୀ ଗଣ୍ଡ ତଥ୍ୟ ରଖିଛନ୍ତି।

# ଶ୍ରୀମନ୍ଦିର ଉପରେ ଉଡ଼ିଲେ ଶତାଧିକ ଚିଲ

ପୁରୀ,୧୩।୩(ଅଜିତ୍ କୁମାର ମହାନ୍ତି)

ପୁରୀରେ ଶୁକ୍ରବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଉପରେ ଶହ ଶହ ଚିଲ ଉଡୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଆଗକୁ ବଡ଼ବିପଦ ଦେଖାଯାଇପାରେ ବୋଲି ଆଶଙ୍କା କରାଯାଉଛି। ଗତ କିଛିଦିନ ହେବ ବାରମ୍ବାର ନୀଳଚକ୍ରରେ ଲାଗିଥିବା ପତିତପାବନ ବାନା ଉପରେ ଚିଲ ବସିବା, ନୀଳଚକ୍ରରେ ସଂଯୋଗ ହୋଇଥିବା ମାନସିକ ବାନା ଛିଡ଼ିଯିବା ପରେ ଆଜି ଶହଶହ ଚିଲ ଉଡ଼ିବା ନଜରକୁ ଆସିଛି। ଏଭଳି ଘଟଣା ଶ୍ରୀମନ୍ଦିର ଉପରେ ଘଟୁଥିବାରୁ ନାନା ଆଶଙ୍କା ଲାଗି ରହିଛି। ତେଣୁ କେହି କେହି ଏହା ଅଶୁଭର ସଙ୍କେତ ବୋଲି ବିବେଚନା କରୁଥିବା ବେଳେ କେହି କେହି ଏହାକୁ ଗିରାଚରିତ ଘଟଣା ବୋଲି କହୁଛନ୍ତି।

# ନିର୍ମାଣ ହେବ ହସ୍ତଶିଳ୍ପ, ହସ୍ତତନ୍ତ ହବ୍

**ପୁରାତନ କଳାକୃତିରେ ଝଲସିବ ସମ୍ପୂର୍ଣ୍ଣ କୋଠା**

ଭୁବନେଶ୍ୱର,୧୩।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସିଦ୍ଧି ସାରା ବିଶ୍ୱରେ ରହିଛି। ରାଜ୍ୟ ତଥା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଓଡ଼ିଶାର ଏହି ସାମଗ୍ରୀ କିଣିବାକୁ ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାକୁ ଆହୁରି ବ୍ୟାପକ କରାଇବା ପାଇଁ ରାଜ୍ୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍ ପ୍ରତିଷ୍ଠା ହେବ। ଏନେଇ ଗୃହ ଓ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍‌ର ନିର୍ମାଣ ଡିଜାଇନ୍, ସାଜସଜ୍ଜା, ପାର୍କିଂ ସ୍ଥଳ, ଫୁଡ୍‌କୋର୍ଟ ସହ ସମ୍ପୂର୍ଣ୍ଣ କୋଠାକୁ ଯେପରି ପୁରାତନ କଳାକୃତିରେ ଆକର୍ଷଣୀୟ କରିହେବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଏହି କୋଠାରେ ବୟନିକା, ଉତ୍କଳିକା ଏବଂ ସମ୍ବଲପୁରୀ ବସ୍ତ୍ରାଳୟ ସହ ସରକାରୀ କାର୍ଯ୍ୟାଳୟ ରହିବା ନେଇ ନିଷ୍ପତ୍ତି ହୋଇଛି। ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଗୁହା ପୁନମ୍ ତାପସ କୁମାର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ, ଅଧୀକ୍ଷଣ ଯନ୍ତ୍ରୀ ସଚିନ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପ୍ରସ୍ତାବିତ ହସ୍ତଶିଳ୍ପ, ହସ୍ତତନ୍ତ ହବ୍‌ର ଡିଜାଇନ୍।

**ସେଲ୍‌ଫି କର୍ନର ଧରିତ୍ରୀ DHARITRI**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

**metroselfie@gmail.com**



@ ସନ୍ତୋଷୀ



@ ଲକ୍ଷ୍ମୀପ୍ରିୟା



@ ରଞ୍ଜନ



@ ସୌରଭ



@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓୟୁଏସ୍ଏସ୍ଏସ୍‌ସି ପ୍ରଥମ ଅଧ୍ୟକ୍ଷ ହେଲେ ରଶ୍ମିରଞ୍ଜନ ସ୍ୱାଇଁ

ଭୁବନେଶ୍ୱର,୧୩।୩(ତ୍ରିନାଥ ମହାନ୍ତି)



ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍ଏସ୍ଏସ୍‌ସି)ର ପ୍ରଥମ ଅଧ୍ୟକ୍ଷ ହେଲେ ଆଇପିଏସ୍ ଅଫିସର ରଶ୍ମିରଞ୍ଜନ ସ୍ୱାଇଁ। ରାଜ୍ୟ ସରକାର ଗୁରୁବାର ଜମ୍ମୁ ଓ କଶ୍ମୀରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସ୍ୱାଇଁଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଗତବର୍ଷ ନଭେମ୍ବରରେ ଓୟୁଏସ୍ଏସ୍ଏସ୍‌ସି ଗଠନ ପ୍ରସ୍ତାବକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ୟୁନିଫର୍ମ ସେବା ଯୋଗାଉଥିବା ଅଧିକାରୀଙ୍କ ନିଯୁକ୍ତି ଏହି ଆୟୋଗ କରିବ ଓ ଏଥିରେ ଜଣେ ଅଧ୍ୟକ୍ଷ ଏବଂ ଦୁଇଜଣ ସଦସ୍ୟ ରହିବା ନେଇ ନିର୍ଦ୍ଧାରିତ ହୋଇଥିଲା। ତେବେ ଏଣିକି ପୋଲିସ, ବନ ବିଭାଗ, ଅବକାରୀ ବିଭାଗରେ ଏହି ଆୟୋଗ ନିଯୁକ୍ତି କରିବ।

ରଶ୍ମିରଞ୍ଜନ ହେଉଛନ୍ତି ୧୯୯୧ ବ୍ୟାଚ ଏଜିଏମ୍‌ୟୁଟି କ୍ୟାଡର ଆଇପିଏସ୍ ଅଫିସର। ୨୦୨୩ ଅକ୍ଟୋବର ୩୧ରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀରର ପୋଲିସ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଏହାପୂର୍ବରୁ ସେ ୨୦୦୩ରୁ ୨୦୦୪ ପର୍ଯ୍ୟନ୍ତ ରାଜଧାନୀ ଜମ୍ମୁ ଏବଂ ଶ୍ରୀନଗରରେ ଏସ୍ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ଜମ୍ମୁ ଏବଂ କଶ୍ମୀର ଭିଜିଲାନ୍ସରେ ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଏବଂ ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ ଭାବେ ଦାୟିତ୍ୱ ତୁଲାଇଥିଲେ। ଜାତୀୟ ତଦନ୍ତ ସଂସ୍ଥା (ଏନ୍ଆଇଏ) ଭଳି ଜମ୍ମୁ-କଶ୍ମୀରର ଷ୍ଟେଟ୍ ତଦନ୍ତକାରୀ ସଂସ୍ଥା(ଏସ୍ଆଇଏ) ଗଠନର ଶ୍ରେୟ ନେଇଥିବା ରଶ୍ମିରଞ୍ଜନଙ୍କୁ ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ଡେପୁଟେଶନରେ ନିଆଯାଇଥିଲା। ପୁଣି ୨୦୨୦ ଜୁନ୍‌ରେ ଜମ୍ମୁ-କଶ୍ମୀରକୁ ପୁଣି ଫେରାଇ ଅଣାଯାଇ ଗୁପ୍ତଚର ସଂସ୍ଥାର ମୁଖ୍ୟ ଦାୟିତ୍ୱ ଦିଆଯାଇଥିଲା।



**ପ୍ରତିବର୍ଷ ମାର୍ଚ୍ଚ ୧୪ରେ ପାଳିତ ହୋଇଆସୁଛି 'ନଦୀ ସୁରକ୍ଷା ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦିବସ। ନଦୀ ଆମର ଜୀବନଧାରା, ଏହି ଭାବନାକୁ ଲୋକଙ୍କ ମଧ୍ୟରେ ସୃଷ୍ଟି କରାଇବା ଏହି ଦିବସ ପାଳନର ଅସଲ ଉଦ୍ଦେଶ୍ୟ। ତେବେ ଏହି ଦିବସ ଅବସରରେ ଆମ ରାଜ୍ୟର କେତେକ ନଦୀର ସାମ୍ପ୍ରତିକ ଅବସ୍ଥାକୁ ନେଇ ରିପୋର୍ଟ...**



# ବିପଦରେ ସୋନା ନଦୀ

**କେନ୍ଦୁଝରରୁ ନରେଶ ଚନ୍ଦ୍ର ପଟ୍ଟନାୟକ**

ଅନେକ ଜୀବଜନ୍ତୁଙ୍କ ପାଇଁ ଆଶୀର୍ବାଦ ସାଜିଥିବା ଯୋଡା ଅଞ୍ଚଳର ଅନ୍ୟତମ ପ୍ରମୁଖ ନଦୀ 'ସୋନା ନଦୀ' ଏବେ ଲୋପ ପାଇବାକୁ ବସିଛି। ଏହାର କାଚକେନ୍ଦୁ ଭଳି ବା ମଧୁର ପାଣି ଏବେ ଖଣି ଓ ଶିଳ୍ପ ଯୋଗୁଁ ପ୍ରଦୂଷିତ ହୋଇ ବିଷାକ୍ତ ପାଲଟିଥିବା ବେଳେ ଏହା ବହୁ ବର୍ଷ ହେଲା ଯୋଡା ବାସୀଙ୍କ ପାଇଁ ବିପଦର କାରଣ ହୋଇଛି।

ଖରା ଦିନରେ ଏହି ନଦୀ ଶୁଷ୍କ ହୋଇଯାଉଥିବା ବେଳେ ବର୍ଷା ଦିନରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଧନଜୀବନ ହାନୀ କରୁଛି। ଫଳରେ ଏହା ଉପରେ ନିର୍ଭରଶୀଳ ଅନେକ ଲୋକ ରୋଗ ବ୍ୟାଧିରେ ପଡୁଛନ୍ତି। ଏହି ଅଞ୍ଚଳରୁ ସରକାର ଅନେକ ହଜାର କୋଟିର ରାଜସ୍ୱ ପାଉଥିବା ବେଳେ ଏଠାକାର ଲୋକଙ୍କୁ ସୁରକ୍ଷା ମିଳୁନାହିଁ। ଏଣୁ ଏହି ନଦୀର ସୁରକ୍ଷା କରାଯାଉନଥିବା ଏବଂ ଏହାର ପ୍ରଦୂଷଣର କାରଣ ଖଣି ଓ ଶିଳ୍ପ ସଂସ୍ଥା ହୋଇଥିବାରୁ ଉକ୍ତ ନଦୀର ବନ୍ୟା ଓ ପ୍ରଦୂଷଣ ମନୁଷ୍ୟକୃତ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲାର ବଣେଇ ଅଞ୍ଚଳରୁ ବାହାରି କେନ୍ଦୁଝର ଜିଲା ଯୋଡା ବ୍ଲକର ଲହଣ୍ଡା ନିକଟରେ ବୈତରଣୀ ନଦୀରେ ମିଶିଥିବା ସୋନା ନଦୀ ଉଭୟ ଜିଲାର ଲକ୍ଷ ଲକ୍ଷ ମନୁଷ୍ୟ ତଥା ଜୀବସମୂହକୁ ପରିପୃଷ୍ଟ କରିଆସୁଥିବା ବେଳେ ଗତ କିଛି ବର୍ଷ ହେଲା ପ୍ରଦୂଷିତ ହୋଇ ଏହା ପୋତିଯାଉଥିବାରୁ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ବିଶେଷ କରି କେନ୍ଦୁଝର ଜିଲାର ଯୋଡା ବ୍ଲକ ଓ ପୌରାଞ୍ଚଳର ଲକ୍ଷାଧିକ ପରିବାର ଏହି ନଦୀରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହୋଇଥାନ୍ତି। ନଦୀର ଜଳକୁ ଲୋକେ ପାନୀୟ ଜଳ ସହ ଚାଷ କାର୍ଯ୍ୟ ପାଇଁ ବ୍ୟବହାର କରୁଛନ୍ତି। ବୈତରଣୀ ନଦୀର ଅନ୍ୟତମ ଶାଖା ନଦୀ ଭାବରେ ପରିଗଣିତ ସୋନା ନଦୀଟି ଏବେ ପ୍ରଦୂଷିତ ହେବା ସାଙ୍ଗକୁ ପୋତି ହୋଉଥିବା ଘଟଣା ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ନଦୀଟିର କ୍ୟାଚମେଣ୍ଟ ଏରିଆ ବା ଜଳଧାରଣ କ୍ଷମତା ବିଭିନ୍ନ କାରଣରୁ ସଂକୁଚିତ ହେବାକୁ ଲାଗିଛି। ବିଶେଷ କରି ଯୋଡା ଓ ରୋଇଡା ଖଣି ଅଞ୍ଚଳ ହୋଇଥିବାରୁ ଏବେ ଏହି ନଦୀଟି ପ୍ରତି ନାନା ବିପଦ ଦେଖାଦେଇଛି। ଖଣିଖାଦାନ ଓ ଶିଳ୍ପର ବର୍ଜ୍ୟବସ୍ତୁ ନଦୀରେ ମିଶୁଥିବା, ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁଁ ବହୁ ପରିମାଣରେ ହେଉଥିବା ମୃତ୍ତିକା କ୍ଷୟ ଆଦି ଯୋଗୁ ଏହା ପୋତିହୋଇଯାଉଥିବାର ପ୍ରମୁଖ କାରଣ ପାଲଟିଛି। ତେବେ ବୈଜ୍ଞାନିକ ପଦ୍ଧତିରେ ଏହାର ସୁରକ୍ଷା ପାଇଁ ଖଣି କଂପାନୀ କିମ୍ବା ସରକାରୀ ସ୍ତରରେ ସେଭଳି ବ୍ୟବସ୍ଥା କରାଯାଉନଥିବାରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଛି। ଏହା ବ୍ୟତୀତ ଏହି ନଦୀଟି ମଧ୍ୟ 'ବୃହତ୍ କାନପୁର ଜଳଭଣ୍ଡାର'ର ଉପର ଭାଗରେ ପ୍ରବାହିତ ହୋଇ ବୈତରଣୀରେ ମିଶୁଥିବାରୁ ଉଭୟ ନଦୀ ପାଇଁ 'ସିଲଟିଂ' (ନଦୀ ଗର୍ଭରେ ଆବର୍ଜନାର ଆସ୍ତରଣ) ସମସ୍ୟା ସୃଷ୍ଟି ହୋଇଛି। ପ୍ରତିବର୍ଷ 'ସିଲ୍‌ଟିଂ' ଯୋଗୁଁ ନଦୀଟି କ୍ରମେ ପୋତି ହେବାରେ ଲାଗିଛି। ସେହିପରି ବୈତରଣୀ ନଦୀ ଭଳି ସୋନା ନଦୀ କାନପୁର ଜଳସେଚନ ପ୍ରକଳ୍ପର ଏକ ପ୍ରମୁଖ କ୍ୟାଚମେଣ୍ଟ ଏରିଆ ହୋଇଥିବାରୁ ଏହା ଜଳଭଣ୍ଡାର ପାଇଁ ବିପଦ ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

କୃଷି ଓ କୃଷକର ସାଥୀ ସାଜିଥିବା ଏହି ନଦୀ ଏବେ ଖଣି କମ୍ପାନୀଙ୍କ ଦ୍ୱାରା ଜର୍ଜରିତ। ୧୫/୨୦ ବର୍ଷ ତଳେ ସୋନା ନଦୀ ଏକଦା ଉକ୍ତ ଅଞ୍ଚଳର କୃଷିକାର୍ଯ୍ୟରେ ପ୍ରମୁଖ ଭୂମିକା ତୁଲାଇ ଆସୁଥିଲା। ମାତ୍ର ଧୀରେ ଧୀରେ କେନ୍ଦୁଝର ଜିଲାର ଯୋଡ଼ା-ବଡ଼ବିଲ ଓ ସୁନ୍ଦରଗଡ଼ ଜିଲାର ରୋଇଡ଼ା ଖଣି ଅଞ୍ଚଳରେ ବ୍ୟାପକ ଖଣି ଖନନ, ଜଙ୍ଗଲ ନଷ୍ଟ ଯୋଗୁଁ ଏହି ନଦୀର ରୂପରେଖ ବଦଳିବାକୁ ଲାଗିଲା।

ଖଣି ଓ ଖାଦାନର ମଇଳା ଆବର୍ଜନା ବା ବର୍ଜ୍ୟବସ୍ତୁ ଯୋଗୁଁ ନଦୀଟି ପୋତି ହେବା ସହ ବିଷାକ୍ତ ହୋଇଯାଉଥିବାରୁ ଚିନ୍ତାର କାରଣ ପାଲଟିଛି। ବ୍ୟାପକ ଖଣି ଖନନ ଓ 'ସିଲଟିଂ' କାରଣରୁ ଧୀରେ ଧୀରେ ଏହାର ପ୍ରବାହ ସଂକୁଚିତ ହୋଇ ଚିରସ୍ରୋତା ସୋନା ନଦୀ 'ନାଳ' ପାଲଟିଛି। ଏହି ନଦୀର ପାଣି ବର୍ଷାଦିନରେ ଲାଲ ରଙ୍ଗ ପାଲଟେ। ଯାହାକି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ସାଧାରଣତଃ, ଏହି ନଦୀର ଉପରମୁଣ୍ଡରେ ଥିବା ଖଣିଖାଦାନରୁ ନିର୍ଗତ ଲୌହପଥର ଗୁଣ୍ଡ,ଅନ୍ୟାନ୍ୟ ଖାଦାନ ବର୍ଜ୍ୟବସ୍ତୁ ବର୍ଷା ଜଳରେ ଧୋଇ ହୋଇ ନଦୀରେ ପଡ଼ିଥାଏ। ଉପର ମୁଣ୍ଡରେ ଅବସ୍ଥିତ ଖଣିଖାଦାନରୁ ବର୍ଷାଦିନେ ଲୁହାଗୁଣ୍ଡ( ଆଇରନ୍ ଅକ୍ସାଇଡ୍ ପାର୍ଟିକିଲ୍) ଓ କଳକାରଖାନାର ବର୍ଜ୍ୟବସ୍ତୁ ଧୋଇ ହୋଇ ନଦୀଟିକୁ କ୍ରମଶଃ ପୋତି ପକାଉଛି।

ସେହିପରି ଯୋଡା ପୌରାଞ୍ଚଳରୁ ବାହାରୁ ଥିବା ମଇଳା ଆବର୍ଜନାକୁ ଠିକ ଭାବରେ ପରିଚାଳନା ନ କରି ଏଣେ ତେଣେ ଫିଙ୍ଗାଯାଉଥିବା ଏବଂ ମଇଳା ଆବର୍ଜନା ପାଣିକୁ ବିନା ଟ୍ରିଟମେଣ୍ଟରେ ନଦୀକୁ ଛାଡିଦିଆଯାଉଥିବାରୁ ଜଳ ପ୍ରଦୂଷିତ ହେଉଛି। ନଦୀଜଳ ପ୍ରଦୂଷଣ ଯୋଗୁଁ ସହରରେ ବିଭିନ୍ନ ବସ୍ତିରେ ରହୁଥିବା ଲୋକେ ନଦୀରେ ଗାଧୋଇ ବା ବ୍ୟବହାର କରି ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ଏହି ନଦୀର ଉପର ମୁଣ୍ଡରେ ଥିବା ଖଣି ଅଞ୍ଚଳରୁ ବ୍ୟାପକ ମାତ୍ରାରେ ଖଣି ଖନନ ପାଇଁ ଲିଜ୍ ଦିଆଯାଇଥିବାରୁ ପରିସ୍ଥିତି ଉତ୍କଟ ହୋଇପଡିଛି। ଏହି ନଦୀରୁ ଅନେକ ଛୋଟବଡ କାରଖାନା ନିଜସ୍ୱ ବ୍ୟବହାର ନିମନ୍ତେ ପାଣି ନେଉଥିବାରୁ ନଦୀଟି ଶୁଷ୍କ ହୋଇପଡୁଛି। କେନ୍ଦୁଝର ଜିଲାର ଯୋଡ଼ା-ବଡ଼ବିଲ ଅଞ୍ଚଳରେ ଗଢି ଉଠିଥିବା ଶିଳ୍ପକାରଖାନାଗୁଡିକ ଯୋଗୁଁ ସୋନା ନଦୀ ସମେତ କୁନ୍ଦୁରୁନାଳ,ବଳଦା ନାଳ,ଦଲକି ନାଳ,ଜରିବାର ନାଳ,ଖଣ୍ଡାନାଳ ଭଳି ଛୋଟବଡ ଜଳଉତ୍ସ ବିଶେଷ ଭାବେ ପ୍ରଭାବିତ ହେଉଛି। ଏବେ ନଦୀଟି ଏକ ପ୍ରକାର ମୃତହେବାକୁ ବସିଥିବାବେଳେ ଏହାର ପ୍ରଦୂଷଣ ସମସ୍ୟା ଯୋଡ଼ା-ବଡ଼ବିଲବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। କ୍ଷୁଦ୍ରନାଳ ପାଲିଟିଥିବାବେଳେ ଚିରସ୍ରୋତା ସୋନା ନଦୀର ପାଣି ବିଷାକ୍ତ ହୋଇଛି। ଏହି ନଦୀ କୂଳରେ ଗଢି ଉଠିଥିବା ଅନେକ କାରଖାନା ଓ ଖଣିଖାଦାନ ଏଥିପାଇଁ ଦାୟୀ ବୋଲି ସାଧାରଣରେ ଆଲୋଚନା ହେଉଛି। ଟ୍ରିଟମେଣ୍ଟ ପ୍ଲାଣ୍ଟ ନ ଥିବାରୁ ଯୋଡା ପୌରପାଳିକାର ମଇଳା ଆବର୍ଜନା ପାଣି ସିଧା ନଦୀକୁ ଛାଡି ଦିଆଯାଉଥିବାରୁ ଜଳ ପ୍ରଦୂଷଣ ହେଉଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି,ଏଠାରେ ଜଳ ପ୍ରଦୂଷଣ ରୋକିବା ପାଇଁ ପ୍ରତ୍ୟେକ ଖଣି ଏବଂ ଶିଳ୍ପ ସଂସ୍ଥା ଟ୍ରିଟମେଣ୍ଟ ପ୍ଲାଣ୍ଟ କରିଛନ୍ତି। ଯୋଡ଼ା ପୌରପାଳିକା ଅଦ୍ୟାବଧି ତାହା କରିନାହିଁ। ଜାତୀୟ ୱାଟର ମନିଟରିଂ ପ୍ରୋଗ୍ରାମରେ ନଦୀ ଜଳକୁ ପ୍ରତ୍ୟେକ ମାସ ଯାଞ୍ଚ ପାଇଁ ପଠାଯାଉଛି। ନଦୀ ଜଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଫିଟ୍ ଫର ବାଥ୍ କାର୍ଯ୍ୟକ୍ରମ ଆରମ୍ଭ ହେବ।

ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାକାନ୍ତ ନାୟକ କହିଛନ୍ତି, ଯୋଡ଼ା ଅଞ୍ଚଳର ସୋନା ନଦୀ ସମେତ ଅନ୍ୟାନ୍ୟ ନଦୀନାଳ ଖଣିଖାଦାନ ଓ ଶିଳ୍ପ ଯୋଗୁଁ ବ୍ୟାପକ ପ୍ରଦୂଷଣ ହେବାସହ ପୋତିହୋଇଯିବାକୁ ବସିଛି। ଏହା ଦ୍ୱାରା ଜଳସଂକଟ ସୃଷ୍ଟି ହେଉଛି। ଖଣିଖାଦାନ ଓ ଶିଳ୍ପର ବର୍ଜ୍ୟବସ୍ତୁକୁ ଠିକ୍ ଭାବରେ ଟ୍ରିଟମେଣ୍ଟ କରାଯାଉନଥିବାରୁ ତାହା ନଦୀରେ ପଶୁଛି। ଏ ନେଇ ଖଣି କଂପାନୀ କିମ୍ବା ପ୍ରଶାସନ ପଦକ୍ଷେପ ନେଉନାହାନ୍ତି। ଏଣୁ ଅନେକ ସମୟରେ ଲୋକେ ନଦୀନାଳ ସଫେଇ କରୁଥିବା ବେଳେ ଏନେଇ କୌଣସି ସହଯୋଗ କାହାରିଠାରୁ ମିଳୁନାହିଁ।

# ନଦୀକୁ ସୁରକ୍ଷା ଦିଅ, ଲୋକଙ୍କୁ ସୁରକ୍ଷା ଦିଅ

ଚଳିତ ବର୍ଷ ନଦୀ ସୁରକ୍ଷା ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନ ଦିବସ 'ନଦୀକୁ ସୁରକ୍ଷା ଦିଅ, ଲୋକଙ୍କୁ ସୁରକ୍ଷା ଦିଅ' ବିଷୟବସ୍ତୁ ଉପରେ କେନ୍ଦ୍ରିତ। ବିଶ୍ୱବ୍ୟାପୀ ସମ୍ପ୍ରଦାୟର ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା ସୁନିଶ୍ଚିତ କରିବା ପାଇଁ ନଦୀ ପରିସଂସ୍ଥାକୁ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏଥିଲାଗି ପରସ୍ପର ଯୋଡ଼ି ହେବା ସହ ଏହାର କାର୍ଯ୍ୟାନ୍ୱୟନ ଲାଗି ଶପଥ ନେବାକୁ ଏହା ଆହ୍ୱାନ ଦିଏ।

# ଖୋଲିଲା ମୃତ ଶୁକପାଇକା ନଦୀର ମୁହାଣ

**କଟକ ସଦରରୁ ସୁଶାନ୍ତ କୁମାର ଜେନା**

କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୁକ ପାଇକା ନଦୀର ମୁହାଣ ମହାନଦୀର ଆୟତପୁର ନିକଟରେ ୨୦୨୫ରେ ଖୋଲି ଦିଆଯାଇଛି। ଏହାକୁ ଅଦ୍ୟାବଧି ନଦୀ କୁହା ନ ଯାଇ କେନାଲ ବୋଲି କୁହାଯାଉଛି। ୩୪ କିମି ଲମ୍ବ ଏହି କେନାଲରେ ୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି କେନାଲ ଦ୍ୱାରା ଜଳସେଚନ ଅପେକ୍ଷା ମତ୍ସ୍ୟଚାଷକୁ ଅଧିକ ପ୍ରୋତ୍ସାହନ ମିଳିବ ବୋଲି ଲକ୍ଷ୍ୟ ରଖାଯାଇଛି। କଟକ ସଦର ତହସିଲର ଆୟତପୁର,କିଶନ ନଗର ତହସିଲର ବାରଦା, ଧରିଣା, ଯଶପଡ଼ା, ଅରିଲୋ, ସୋମପୁର, ବୋଧପୁର, ପ୍ରହରାଜପୁର, ମାଣପୁର, ଇସାଣୀ ବ୍ରହ୍ମପୁର,ସିର୍ଲୋ ଆଦି ପଞ୍ଚାୟତ ଦେଇ ବାଙ୍କଳ ନିକଟରେ ଏହି କେନାଲ ପୁଣି ମହାନଦୀରେ ମିଶିଯାଇଛି। ଆୟତପୁର ଓ ବାଙ୍କଳ ନିକଟରେ ୨ଟି ସ୍ଲୁଇସ ରହିଛି। ମହାନଦୀରୁ ଏହି କେନାଲ ବାଟେ ଜଳ ପ୍ରବାହିତ ହେବ। ମାତ୍ର ଏବେ ମହାନଦୀରେ କେବଳ ୩ ମାସ ପାଇଁ ନଦୀ ଜଳ ପ୍ରବାହିତ ହେଉଛି। ଅନ୍ୟ ସମୟରେ ଶୁଖିଲା ରହିଥିବାରୁ ତାଳଦଣ୍ଡା ମୁଖ୍ୟ କେନାଲର ୧ନଂ ଶାଖା କେନାଲରୁ ଏକ ଏସ୍କେପ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି। ବର୍ଷର ଅନ୍ୟ ସମୟରେ ଏହି ବାଟେ ପାଣି ଶୁକ ପାଇକାକୁ ଛଡାଯିବ। ଉପର ବର୍ଣ୍ଣିତ ଗ୍ରାମ ପଞ୍ଚାୟତଗୁଡ଼ିକରେ ଜଳ ସେଚନ ସୁବିଧା ପାଇଁ ୧୯୫୧ ମସିହାରେ ତତ୍କାଳୀନ ଜଳ ସେଚନ ମନ୍ତ୍ରୀ ସ୍ୱର୍ଗତ ରାଜ କୃଷ୍ଣ ବୋଷ ଶୁକପାଇକା ନଦୀକୁ ବନ୍ଦ କରି ଦେଇଥିଲେ। ତାପରେ ୧ ନଂ ଶାଖା କେନାଲ ତାଳଦଣ୍ଡାରୁ ବାହାର କରାଯାଇ ସାଉଥ୍ ଓ ନର୍ଥ ଚାନେଲ ମାଧ୍ୟମରେ ନଦୀ ଜଳକୁ ଚାଷ ଜମିକୁ ଯୋଗାଇ ଦିଆଯାଇଥିଲା।



ମୁହାଣ ଖୋଲାଯାଇଥିବା ଶୁକ ପାଇକା



ଦଳରେ ପରିପୂର୍ଣ୍ଣ ଗଙ୍ଗୁଆ ନାଳ

# ଅସ୍ତିତ୍ୱ ହରାଉଛି 'ଗଙ୍ଗୁଆ'

**ଭୁବନେଶ୍ୱରରୁ ବନ୍ଦନା ସେଠୀ**

ରାଜଧାନୀ ଭୁବନେଶ୍ୱରରେ ପ୍ରବାହିତ ଗନ୍ଧବତୀ ନଦୀ ଏବେ ପାଲଟିଛି ଗଙ୍ଗୁଆ ନାଳ। ଅବହେଳା ପାଇଁ ପ୍ରଥମେ ନାଳ ଏବଂ ଏବେ ଅଦୃଶ୍ୟ ପ୍ରାୟ ଅବସ୍ଥାରେ ରହିଛି। ଜବରଦଖଲକାରୀଙ୍କ କବ୍‌ଜାରେ ରହି ଏହା ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। କେଉଁଠି ଆବର୍ଜନାରେ ପୋତି ହୋଇଗଲାଣି ତ ଆଉ କେଉଁଠି ନାଳ ଉପରେ ଜବରଦଖଲକାରୀମାନେ ଦୋକାନ ବଜାର ନିର୍ମାଣ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷା ଦିନେ ଭୁବନେଶ୍ୱରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଗଙ୍ଗୁଆ ନାଳର ପୁନରୁଦ୍ଧାର ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ବିଏମ୍‌ସି କିମ୍ବା ରାଜ୍ୟ ସରକାର ଏଥିପ୍ରତି ଆବଶ୍ୟକ ଦୃଷ୍ଟି ଦେଉ ନାହାନ୍ତି। ପୌରାଣିକ କିମ୍ବଦନ୍ତୀର ଅନନ୍ୟ ପରିଚୟ ଏକାମ୍ରର ପୁଣ୍ୟତୋୟା ଗଙ୍ଗା ଭାବେ ପରିଚିତ ଥିବା ଗନ୍ଧବତୀ ନଦୀ, ଏବେ ଭୁବନେଶ୍ୱରର ଆବର୍ଜନା ଦ୍ୱାରା ଦୂଷିତ ହୋଇ ଗଙ୍ଗୁଆ ନାଳରେ ପରିଣତ ହୋଇଛି। କଳିଙ୍ଗର ଗୌରବମୟ ଇତିହାସର ଚୋଡ଼ଙ୍ଗଗଡ଼ରୁ ଶିଶୁପାଳଗଡ଼ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହିଗନ୍ଧବତୀ ନଦୀ କୋଡିଏ ପଚିଶ ବର୍ଷ ତଳେ ସାଧାରଣଲୋକଙ୍କ ପାଇଁ ଅମୃତ ପାନୀୟ ସଦୃଶ ଥିଲା। ସ୍ଥାନୀୟ ଲୋକମାନେ ଏହି ପାଣିକୁ ବ୍ୟବହାର ସହିତ ପାନୀୟ ଜଳ ଭାବେ ମଧ୍ୟ ଗ୍ରହଣ କରୁଥିଲେ। ମାତ୍ର ଭୁବନେଶ୍ୱର ସହର ମଧ୍ୟଦେଇ ବାହାରୁଥିବା ସମସ୍ତ ବର୍ଜ୍ୟ ପାଣିକୁ ବିଏମ୍‌ସି ଏହି ନଦୀରେ ଛାଡିଦେଇ ଗଙ୍ଗୁଆକୁ ଏବେ ମୃତ ନଦୀ ଭାବେ ସଜାଇ ଦେଇଛି। ଦିନେ ସହରବାସୀଙ୍କ ଜୀବନଧାରା ପାଲଟିଥିଲା ଗଙ୍ଗୁଆ ଏବେ ବିଷାକ୍ତ ଜଳରାଶିରେ ପରିଣତ ହୋଇଛି। ସେହିପରି ଏହି ନାଳର ଅପରିଷ୍କାର ଜଳ ଦୟାନଦୀରେ ମିଶି ସେହି ପାଣିକୁ ମଧ୍ୟ ବିଷାକ୍ତ କରୁଛି।

> ଗନ୍ଧବତୀ ନଦୀ ଭୁବନେଶ୍ୱରର ବର୍ଜ୍ୟ ବହନକରି ଗଙ୍ଗୁଆ ନାଳରେ ପରିଣତ ହୋଇଛି। ଏହି ବର୍ଜ୍ୟ ଯୋଗୁଁ ବିଷାକ୍ତ ହୋଇଥିବା ପାଣି ଦୟାନଦୀରେ ମିଶିବା ଦ୍ୱାରା ସେଠାକାର ଅଧିବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଗଙ୍ଗୁଆର ବିଷାକ୍ତ ପାଣି ବର୍ତ୍ତମାନ ଦୟାକୁ କବର ଦେବା ପାଇଁ କମାଣ କଷୁଛି। ଗଙ୍ଗୁଆ ପୁନରୁଦ୍ଧାର ପାଇଁ ଅନେକ ପ୍ରୟାସ ହୋଇଥିଲେ ହେଁ ଫଳ ଶୂନ୍। ଏଥିସହ ଏହା ଓଡିଶାର ଗର୍ବ ଚିଲିକାର ଜୈବ ବିବିଧତା ନଷ୍ଟ କରି ସାରିଲାଣି। ଗଙ୍ଗୁଆର ପୁନରୁଦ୍ଧାର ନ ହେଲେ ଆଗାମୀ ଦିନରେ ଦୟା ନଦୀ ଏବଂ ଚିଲିକା ମଧ୍ୟ ନଷ୍ଟ ହୋଇଯିବ।
>
> **- ପ୍ରସନ୍ନ ବିଷୋୟୀ, ମୁଖପାତ୍ର, ମହାନଦୀ ବଞ୍ଚାଅ ଆନ୍ଦୋଳନ**

> ଗଙ୍ଗୁଆ ନଦୀ ଚନ୍ଦକା ଡମପଡା ଜଙ୍ଗଲରୁ ବାହାରି ପିପିଲି କଣ୍ଟିର ଦୟା ନଦୀ ପାଖରେ ପଡିଛି। ଏହି ନଦୀର ଓସାର ପ୍ରାୟ ୨୦୦ଫୁଟ ଥିବାବେଳେ ଏବେ ଉଭୟ ପାର୍ଶ୍ୱରୁ ପ୍ରାୟ ୬୦ ଭାଗ ପୋତି ହୋଇ ନାଳରେ ପରିଣତ ହୋଇ ସାରିଲାଣି। ପ୍ରଶାସନିକ ଅବହେଳା ଏବଂ ସାଧାରଣଲୋକଙ୍କ ସଚେତନା ଅଭାବରୁ ଏଭଳି ସ୍ଥିତି ଉପୁଜିଛି। ଗତ ୧୫ ବର୍ଷ ତଳେ ଏହି ପାଣିକୁ ଆମେ ବ୍ୟବହାର କରୁଥିଲୁ। ମାତ୍ର ଏବେ ତାହା ସମ୍ପୂର୍ଣ୍ଣ ଭାବେ ନର୍ଦ୍ଦମାରେ ପରିଣତ ହୋଇଛି।
>
> **- ଭୀଷ୍ମ ନାରାୟଣ ନାୟକ, ସଭାପତି, ଏକାମ୍ର ଜନଜାଗରଣ ମଞ୍ଚ**

# ମୂଳ ଖରସ୍ରୋତା ୩୧ ବର୍ଷ ହେଲା ବୋହୁନି ପାଣି

**ଯାଜପୁରରୁ ହର୍ଷବର୍ଦ୍ଧନ ବେହେରା**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ାଠାରେ ମୂଳ ଖରସ୍ରୋତା ନଦୀ ଶୁଷ୍କ ହୋଇ ପଡିଛି। ଦୀର୍ଘ ୩୧ ବର୍ଷ ହେଲା ପୋତି ହୋଇ ଯାଇଛି ୧୨ କିଲୋମିଟର ବ୍ୟାପ୍ତ ଏହି ନଦୀ। ନଦୀ ଶଯ୍ୟାର ପୁନରୁଦ୍ଧାର ଓ ସ୍ୱାଭାବିକ ଜଳ ପ୍ରବାହ ବ୍ୟବସ୍ଥା କରାଇବା ଲାଗି ଗତ ଦୁଇ ଦଶନ୍ଧି ହେଲା ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଦାବିକୁ ନେଇ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ହଜାର ହଜାର ଅଞ୍ଚଳବାସୀ ମୂଳ ଖରସ୍ରୋତାର ଲାଭ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ସମସ୍ୟା ସମ୍ପର୍କରେ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ୨୪।୫।୨୦୨୩ରେ ଜଳ ସମ୍ପଦ ବିଭାଗର ଅନୁସଚିବ ଭାଗୀରଥି ପାତ୍ରୀ ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ସହ ଏକ ବାସ୍ତବ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ-ଚିଫଙ୍କୁ ପତ୍ର ଲେଖିଥିଲେ। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଇତିମଧ୍ୟରେ ଏଭଳି ଏକାଧିକ ପତ୍ର ଦେଇ ନିଜର ଦାୟିତ୍ୱ ମାତ୍ର ସମ୍ପାଦନ କରୁଛନ୍ତି ବୋଲି ଅଭିଯୋଗ ହେଉଛି।

ମୂଳ ଖରସ୍ରୋତା ଦିନେ ଯାଜପୁର ଜିଲା ରସୁଲପୁର ବ୍ଲକ ଟିକରପଡା, ନଠୁଆବର, ବଡକଇଁଚି, ଗନ୍ଧଣ, ରାହାମ୍ବା, ଭୋଟକା ଓ ରସୁଲପୁର ପଞ୍ଚାୟତବାସୀଙ୍କ ଜୀବନ ରେଖା ଭାବେ ପରିଚିତ ଥିଲା। ପ୍ରାୟ ୩୦ ହଜାର କୃଷକ, କୃଷି ଶ୍ରମିକ, ସାଧାରଣ ବାସିନ୍ଦା ଏହି ନଦୀ ଜଳ ଉପରେ ନିର୍ଭର କରୁଥିଲେ। ୧୯୯୨-୯୩ ଆର୍ଥିକ ବର୍ଷରେ ଶ୍ରୀବନ୍ତପୁର ଠାରୁ ୧୨.୫ କିଲୋମିଟର ଲମ୍ବ ବିଶିଷ୍ଟ ବନ୍ଧ ନିର୍ମାଣ କରାଗଲା। ଏଥିଯୋଗୁ ମୂଳ ଖରସ୍ରୋତା ଶୁଖି ଯାଇଥିଲା। ନିର୍ମାଣ ସମୟରେ ଯଦି ଏକ ସ୍ଲୁଇସ ଫାଟକ ତିଆରି ହୋଇଥାନ୍ତା ତେବେ ମୂଳ ଖରସ୍ରୋତାରେ ଏବେବି ଜଳ ପ୍ରବାହିତ ହେଉଥାନ୍ତା। ଏହାର ପୁନରୁଦ୍ଧାର ପାଇଁ ୨୭।୯।୨୦୨୨ରେ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଆଲୋଚନା ହୋଇଥିଲା। ଏହାପରେ ୨୦୨୨ ନଭେମ୍ବର ୨୦ ତାରିଖରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଦଳ କ୍ଷେତ୍ର ପରିଦର୍ଶନ କରି ଫେରିଥିଲେ। ଜଳ ପ୍ରବାହ ବନ୍ଦ ହେବାରୁ ଶୁଖିଲା ନଦୀପଠାରେ ତଣ୍ଡି, ଅମରି ଓ ଅନ୍ୟାନ୍ୟ ବଣୁଆବୁଦା ଭର୍ତ୍ତି ହୋଇଯାଇଥିବାରୁ ମଶା, ମାଛି, କୀଟ ଓ ସରୀସୃପ ବଂଶ ବୃଦ୍ଧି ପାଇଛି। ଫଳରେ ଏହାର ତଟବର୍ତ୍ତୀ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ଓ ଗୃହପାଳିତ ପ୍ରାଣୀ ବିଭିନ୍ନ ରୋଗରେ ପଡୁଛନ୍ତି। ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଗ୍ରୀଷ୍ମ ମାସରେ କୂଅ, ପୋଖରୀ ଓ ଗଡିଆ ଶୁଖି ଯାଉଛି। ନଦୀ ଶୁଷ୍କ ହେବାରୁ ଶତାଧିକ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ସମିତି ପକ୍ଷରୁ ଦୀର୍ଘଦିନ ହେଲା ଟିକରପଡା ବନ୍ଧକୁ ମଜଭୂତ କରି ଏକ ସ୍ଲୁଇସ ଗେଟ ନିର୍ମାଣ କରାଯାଇ ଶୁଷ୍କ ନଦୀଶଯ୍ୟାରେ ଜଳପ୍ରବାହ ସହ ଖଣ୍ଡିତର ଗ୍ରାମଠାରେ ଜଳ ନିଷ୍କାସନ ବ୍ୟବସ୍ଥା ପାଇ ଦାବି କରାଯାଉଛି। ଖଣ୍ଡିତର ଠାରେ ଏକ ସ୍ଲୁଇସ ଗେଟ୍ ନିର୍ମାଣ ହୋଇଛି। କିନ୍ତୁ ନଦୀର ଉପରମୁଣ୍ଡରେ ଜଳପ୍ରବାହକୁ ବନ୍ଦ କରାଯାଇଥିବାରୁ ଉକ୍ତ ସ୍ଲୁଇସ ଗେଟ୍ କୌଣସି କାର୍ଯ୍ୟରେ ଆସୁନାହିଁ। ଗତ ୧୩।୮।୨୦୧୯ରେ ଲୋୟର ମହାନଦୀ ବେସିନର ବନ୍ୟା ନିୟନ୍ତ୍ରଣ ତଥା ନଦୀଶଯ୍ୟା ସୁରକ୍ଷା ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଟିକରପଡ଼ାର ସ୍ଲୁଇସ ଗେଟ୍ ନକ୍ସା ପ୍ରସ୍ତୁତ ପାଇଁ ଜଳ ସମ୍ପଦ ବିଭାଗ ଡିଜାଇନ ମୁଖ୍ୟଯନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତା' ପରଠାରୁ ବିଭାଗୀୟ ତତ୍ପରତା ନୈରାଶ୍ୟଜନକ ରହିଛି।

୨୦୨୪ ଡିସେମ୍ବରରେ ମୂଳଖରସ୍ରୋତା ନଦୀ ଉପରମୁଣ୍ଡରେ ଏକ ସ୍ଲୁଇସ ଗେଟ ନିର୍ମାଣ ଓ ନଦୀ ପୁନଃରୁଦ୍ଧାର ପ୍ରକଳ୍ପକୁ ବୈଷୟିକ ମଞ୍ଜୁରୀ ମିଳିଥିବା ସୂଚନା ମିଳିଛି। ହେଲେ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ।



ମୂଳ ଖରସ୍ରୋତା

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାଇବର ଠକେଇ: ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୩(ତ୍ରିନାଥ ମହାନ୍ତି)

ସାଇବର ଠକଙ୍କ ଏଜେଣ୍ଟ ସାଜି ବ୍ୟାଙ୍କ୍ ଆକାଉଣ୍ଟ ଯୋଗାଉଥିବା ୩ଜଣ ଏଜେଣ୍ଟଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ। ଜଣେ ନିଶା ନିବାରଣ କେନ୍ଦ୍ରର ମାଲିକ ସହ ଅନ୍ୟ ଜଣଙ୍କୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଥିବା ବେଳେ ଇନ୍‌ଫୋଭ୍ୟାଲି ପୋଲିସ ମଧ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିଶା ନିବାରଣ କେନ୍ଦ୍ରର ମାଲିକ ପାରସ୍ କର ଏବଂ ସହଯୋଗୀ ନୂଆ ଫରେଷ୍ଟ ପାର୍କ ନିକଟରେ ରହୁଥିବା ଅସୀମ କୁମାର ସାହୁ।

ପୋଲିସ ସୂଚନା ଅନୁସାରେ, ପାରସ ଯାଆଁଳାରେ ଏକ ନିଶା ନିବାରଣ କେନ୍ଦ୍ର ଖୋଲିଥିବା ବେଳେ ସାଇବର ଠକେଇ ର୍‍ୟାକେଟରେ ସାମିଲ ହୋଇଥିଲେ। ଅସୀମଙ୍କ ପ୍ରରୋଚନାରେ ପାରସ୍ ଏକ ଟ୍ରଷ୍ଟ ଖୋଲି ତାହାରି ନାମରେ ଏକ ଆକାଉଣ୍ଟ ଖୋଲିଥିଲେ। ପରେ ସେ ଉକ୍ତ ଆକାଉଣ୍ଟକୁ ଅସୀମକୁ ଦେଇଥିଲେ। ଅସୀମ ଏହି ଆକାଉଣ୍ଟ ନେଇ ହ୍ୱାଟ୍ସଆପ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ଠକଙ୍କୁ ଶେୟାର କରିଥିଲେ। ଅସୀମ ଉକ୍ତ ଆକାଉଣ୍ଟ ପରିଚାଳନା ପାଇଁ ଚିଣ୍ଟୁ ନାମକ ଅନ୍ୟ ଜଣେ ସହଯୋଗୀଙ୍କୁ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ପାଇଁ ସମସ୍ତ ତଥ୍ୟ ଦେଇଥିଲେ। ଚିଣ୍ଟୁ ଆକାଉଣ୍ଟ ଦେବା ପରେ ସାଇବର ଠକ ଏହି ଆକାଉଣ୍ଟକୁ ଠକେଇ ପାଇଁ ବ୍ୟବହାର କରିଥିଲେ। ନିରୀହ ଲୋକଙ୍କଠାରୁ ଠକାଯାଇଥିବା ଟଙ୍କା ସ୍ଥାନାନ୍ତର ଓ ଉଠାଣ ପାଇଁ ପାରସ୍‌ଙ୍କ ଟ୍ରଷ୍ଟ ଆକାଉଣ୍ଟକୁ ବ୍ୟବହାର କରାଯାଇଥିଲା। ତେବେ ମ୍ୟୁଲ୍ ଆକାଉଣ୍ଟ ଯାଞ୍ଚ ବେଳେ ପାରସ୍‌ଙ୍କ ଏହି ଟ୍ରଷ୍ଟ ଆକାଉଣ୍ଟ ଧରାପଡ଼ିଥିଲା। ପାରସ୍‌ଙ୍କ ଆକାଉଣ୍ଟକୁ ଗୁଜରାଟ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, କେରଳ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲରେ ରିପୋର୍ଟ ହୋଇଛି। ବିଭିନ୍ନ ରାଜ୍ୟର ସାଇବର ଠକେଇରେ ଆକାଉଣ୍ଟ ବ୍ୟବହାର ହୋଇଥିବାରୁ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିଲା। ଉକ୍ତ ଆକାଉଣ୍ଟକୁ ମୋଟ ୨ କୋଟି ୩୫ଲକ୍ଷ ୩୧ ହଜାର ୯୩୬ ଟଙ୍କା ଟ୍ରାଞ୍ଜାକ୍‌ସନ ହୋଇଥିଲା। ଯେଉଁଥିରୁ ୨ କୋଟି ୧୩ଲକ୍ଷ ୯୮ ହଜାର ୭୧୮ ଟଙ୍କା ପୂର୍ବରୁ ଉଠାଯାଇଥିଲା ଏବଂ ଅବଶିଷ୍ଟ ପ୍ରାୟ ୨୧ଲକ୍ଷ ୫୨ହଜାର ୧୫୯ ଟଙ୍କା ରହିଥିଲା। ବିଭିନ୍ନ ରାଜ୍ୟର ଅନେକ ଥାନା ପୂର୍ବରୁ ଏହି ଆକାଉଣ୍ଟରେ ଫ୍ରିଜ୍ କରିଥିବା ଜଣାପଡ଼ିଛି।। ଏହି ଆକାଉଣ୍ଟ ଠକଙ୍କୁ ଦେଇ ପାରସ୍ ୭୦ ହଜାର ପାଇଥିବା ବେଳେ ଅସୀମ ୩୫ ହଜାର ପାଇଥିଲେ। ଅଭିଯୁକ୍ତ ଅସୀମ ନାମରେ ପୂର୍ବରୁ ସହିଦନଗର, ବଡ଼ଗଡ଼, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ଏୟାରଫିଲ୍ଡ, ଲିଙ୍ଗରାଜ, କ୍ୟାପିଟାଲ ଏବଂ ଏୟାରପୋର୍ଟ ଥାନାରେ ଡକାୟତି, ଚୋରି ଏବଂ ଏନଡିପିଏସ୍ ମାମଲା ରହିଛି।



ଠକେଇରେ ସମ୍ପୃକ୍ତ ଗିରଫ ଅଭିଯୁକ୍ତମାନେ।

ସେହିପରି ଠକଙ୍କୁ ଆକାଉଣ୍ଟ ଦେଇଥିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଦେଉଳିପାଟଣାର ରତିରଞ୍ଜନ ସାହୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ରତିରଞ୍ଜନ ସଂଗଠିତ ସାଇବର ଠକେଇ ସିଣ୍ଡିକେଟ ସହିତ ଜଡିତ ଥିଲେ। ଯେଉଁମାନେ ଅନ୍‌ଲାଇନ ଠକେଇ ମାଧ୍ୟମରେ ପ୍ରାପ୍ତ ଟଙ୍କା ଗ୍ରହଣ ଏବଂ ସ୍ଥାନାନ୍ତର ପାଇଁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ ଓ ପରିଚାଳନା କରୁଥିଲେ। ରତିରଞ୍ଜନ ରଣପେ ନାମକ ଏକ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବେଆଇନ ଭାବରେ ପ୍ରାପ୍ତ ଟଙ୍କା ପଠାଇବା ଓ ଗ୍ରହଣ କରିବାରେ ସମ୍ପୃକ୍ତ ଥିଲେ। ଯାହା କ୍ରିପ୍ଟୋ କରେନ୍ସି ଆଧାରିତ ପେମେଣ୍ଟ ସିଷ୍ଟମ ପରି କାମ କରେ। ଯେଉଁଠାରେ ବ୍ୟବହାରକାରୀମାନେ ରାଇସ ପୁଲର କଏନ କିଣିବା ଓ ବିକ୍ରୟ କରିଥାନ୍ତି। ତଦନ୍ତରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ରଣପେ ଲିଙ୍କ ସହିତ କାର୍ଯ୍ୟ କରୁଥିବା ଏକ ହ୍ୱାଟସଆପ ଗ୍ରୁପର ସଦସ୍ୟ ଥିଲେ। ଯାହା ମାଧ୍ୟମରେ କମିଶନ ଆଦାୟ ପାଇଁ ବ୍ୟାଙ୍କ ଆକାଉଣ୍ଟରୁ ରଣପେ ପ୍ଲାଟଫର୍ମକୁ ଠକେଇ ଟଙ୍କା ସ୍ଥାନାନ୍ତର କରାଯାଉଥିଲା। ଅଭିଯୁକ୍ତ ଗତ କିଛି ମାସ ମଧ୍ୟରେ ଏପରି କାର୍ଯ୍ୟକଳାପ ମାଧ୍ୟମରେ ପ୍ରାୟ ୪୦ହଜାର ଟଙ୍କା ରୋଜଗାର କରିଥିବା ଜଣାପଡ଼ିଛି।

# ଠକଙ୍କୁ ବାନ୍ଧିଲା ପୋଲିସ

## ବିଦେଶରେ ଚାକିରି କରାଇଦେବାକୁ କହି ଏକାଧିକ ଲୋକଙ୍କୁ ଠକେଇ

ଭୁବନେଶ୍ୱର,୧୩।୩(ତ୍ରିନାଥ ମହାନ୍ତି)

ବିଦେଶରେ ଚାକିରି କରାଇ ଦେବାକୁ କହି ଠକେଇ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଶୈଳଶ୍ରୀବିହାରର ଅଶୋକ କୁମାର ପରିଡ଼ା। ଠକେଇ ସମ୍ପର୍କିତ ଏକାଧିକ ଦସ୍ତାବିଜ୍ ଏବଂ ନିଯୁକ୍ତିପତ୍ର ମଧ୍ୟ ପୋଲିସ ଜବତ କରିଛି । ଠକେଇର ଶିକାର ହୋଇଥିବା ଜଗନ୍ନାଥପୁରର ଭଗବାନ ପ୍ରଧାନଙ୍କ ଲିଖିତ ରିପୋର୍ଟ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସୂଚନାଯୋଗ୍ୟ, ଅଭିଯୁକ୍ତ ଅଶୋକ କୁମାର ପରିଡ଼ା ତାଙ୍କ ସହଯୋଗୀ ରତିକାନ୍ତଙ୍କ ସହିତ ମିଶି ଭଗବାନଙ୍କ ପୁଅ ବିଭୂତି ଭୂଷଣ ପ୍ରଧାନଙ୍କୁ ଅଷ୍ଟ୍ରେଲିଆରେ ଏକ ଯାନ୍ତ୍ରିକ ଚାକିରି ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିଥିଲେ। ସେହି ପ୍ରତିଶ୍ରୁତି ଉପରେ ବିଶ୍ୱାସ କରି ଭଗବାନ ଅଭିଯୁକ୍ତ ଅଶୋକଙ୍କ ଆଇଡିବିଆଇ ବ୍ୟାଙ୍କ ଆକାଉଣ୍ଟକୁ ଦେଢ଼ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଛଅ ମାସ ମଧ୍ୟରେ ଚାକିରି ବ୍ୟବସ୍ଥା କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଏକ ଜାଲ ଅଫର ଲେଟର ମଧ୍ୟ ପ୍ରଦାନ କରିଥିଲେ। ପରେ ଅଭିଯୋଗକାରୀଙ୍କ ଫୋନ କଲ୍‌ର ଉତ୍ତର ଦେବା ବନ୍ଦ କରିଦେଇଥିଲେ ଅଭିଯୁକ୍ତ। ଅଭିଯୋଗକାରୀ ଟଙ୍କା ଫେରସ୍ତ ପାଇଁ ଦାବି କରିବା ସତ୍ତ୍ୱେ ଅଶୋକ ଟଙ୍କା ଫେରସ୍ତ କରିନଥିଲେ ଓ କୌଣସି ଯୋଗାଯୋଗ ରଖିନଥିଲେ। ଅଭିଯୁକ୍ତ ବିଦେଶରେ ଚାକିରି ଦେବା ବାହାନାରେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଏକ ର୍‍ୟାକେଟରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି । ଚନ୍ଦ୍ରଶେଖରପୁର ଥାନାର ଆଉ ଦୁଇଟି ମାମଲାରେ ମଧ୍ୟ ଅଭିଯୁକ୍ତ ଜଡ଼ିତ ଥିବା ପୋଲିସ କହିଛି।


ଅଭିଯୁକ୍ତ ଅଶୋକ କୁମାର ପରିଡ଼ା।

# କୁଆଖାଇ ନଦୀରୁ ଜବତ ହେଲା ମୃତଦେହ

ଭୁବନେଶ୍ୱର,୧୩।୩(ତ୍ରିନାଥ ମହାନ୍ତି)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ବାଲିଯାତ୍ରା ପଡିଆ ନିକଟ କୁଆଖାଇ ନଦୀରେ ଭାସୁଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରିଛି। ମୃତକ ଗୋଟିଏ ଗାମୁଛା ପିନ୍ଧିଥିବା ବେଳେ ଆଉ ଏକ ଗାମୁଛା କାନ୍ଧରେ ପକାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମର କେତେଜଣ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ମୃତଦେହଟି ୪ଦିନ ହେବ ଭାସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ମୃତଦେହଟି ପଚିଯିବା ସହ ଚମଡ଼ା ବାହାରିଯାଇଥିବାରୁ ଚିହ୍ନଟ କଷ୍ଟକର ହୋଇପଡିଛି। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପରିଚୟ ପାଇପାରି ନାହିଁ। ମୃତକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ସେ ଭଡ଼ାରେ ରହିଥାଇ ପାରନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିଚୟ ପାଇଁ ବିଭିନ୍ନ ଥାନାକୁ ମୃତକଙ୍କ ଫଟୋ ପଠାଇ ତଦନ୍ତ କରୁଛି।

**ଜନ୍ମଦିନ ଶୁଭେଚ୍ଛା**



ପ୍ରନିଲ ଦାଶ (ଜୟ)
ମିଶ୍ରପଡ଼ା, ଅନୁଗୁଳ
ଜନ୍ମଦିନର ଶୁଭ ଅବସରରେ ଆମେ ପ୍ରାର୍ଥନା କରୁଛୁ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ତତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ– ଜେଜେବାପା, ଜେଜେମା, ଆଈ, ବାପା, ମାମା, ଭାଇନା, ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ।
ଧ–୩୬୩୭

# ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ମୋହନା,୧୩।୩(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ପୋଲିସ ଗୁଲୁବା ପଞ୍ଚାୟତ ଚନ୍ଦନପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଚୋରାଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ଏକ୍‌ଜୁକେଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଏହା ୨୫୨ କିଲୋ ୨୦୯ ଗ୍ରାମ ହୋଇଥିଲା। ଏହି ଗଞ୍ଜେଇ ବ୍ରହ୍ମପୁରକୁ ଚୋରା ଚାଲାଣ ପାଇଁ ଜଙ୍ଗଲରେ ଲୁଚାଇ ଗଚ୍ଛିତ ରଖାଯାଇଥିଲା। ଏହାର ଆନୁମାନିକ ବଜାର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ।

# ସ୍ୱାମୀ କୋର୍ଟ ଚାଲାଣ

## ପରକୀୟା ପ୍ରୀତି ସନ୍ଦେହରେ ଯୁବକଙ୍କୁ ଛୁରାମାଡ଼ ଘଟଣା

ମଙ୍ଗୁଳି–ଜଗତପୁର,୧୩।୩(ମାନସ ସାମଲ)

ଜଗତପୁର ପୋଲିସ ସ୍ତ୍ରୀଙ୍କ ପରକୀୟା ପ୍ରୀତି ସନ୍ଦେହରେ ଯୁବକଙ୍କୁ ଛୁରାମାଡ଼ ଘଟଣାରେ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ଫକୀରପୁରର ବିବେକାନନ୍ଦ ବସ୍ତିଆ (୪୨)। ସୂଚନା ମୁତାବକ, ବିବେକାନନ୍ଦଙ୍କ ଘର ଜଗତ୍‌ସିଂହପୁରରେ ହୋଇଥିବା ବେଳେ ସେ ଜଗତପୁର ନାନକାରେ ଦୀର୍ଘବର୍ଷ ଧରି ଘର ଭଡାରେ ରହି ଆସୁଥିଲେ। ଜଗତପୁର ଥାନା ଅଧୀନ ଫକୀରପୁର ବଉଳ ସାହିର ରାଜେଶ ଓରଫ କାଳିଆ ଓ ବିବେକାନନ୍ଦ ଉଭୟ ସ୍ଥାନୀୟ ଏକ ଟାୟାର ଗୋଦାମରେ କାମ କରନ୍ତି। ପ୍ରତିଦିନ ଭଳି ରାଜେଶ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଗୋଦାମରେ ୱେଲ୍ଡର କାର୍ଯ୍ୟ କରୁଥିଲେ। ବିବେକାନନ୍ଦ ଯୋଜନା କରି ଫୋନ ଯୋଗେ ରାଜେଶଙ୍କୁ ଗୋଦାମ ବାହାରକୁ ଡାକିଥିଲେ। ରାଜେଶ ଫାଟକ ବାହାରକୁ ଆସିବା କ୍ଷଣି ବିବେକାନନ୍ଦ ଏକ ଛୁରିରେ ଶରୀରର ୭ରୁ ଅଧିକ ସ୍ଥାନରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ଉଦ୍ୟମକ୍ରମେ ଗୁରୁତର ଅବସ୍ଥାରେ ରାଜେଶଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଛୁରାମାଡ ଘଟଣା ଘଟାଇ ବିବେକାନନ୍ଦ ହାତରେ ଛୁରି ଧରି ଆତଙ୍କ ସୃଷ୍ଟି କରୁଥିବା ବେଳେ ପୋଲିସ କାବୁ କରିଥିଲା। ଥାନାରେ ପଚରାଉଚରା ବେଳେ ରାଜେଶଙ୍କ ସହ ତାଙ୍କ ସ୍ତ୍ରୀଙ୍କ ଅନୈତିକ ସମ୍ପର୍କ ରହିଥିଲା। ଉଭୟଙ୍କୁ ବାରମ୍ବାର ବୁଝାଶୁଝା ପରେ ମଧ୍ୟ ଏମାନେ ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଆହୁରି ନିକଟତର ହୋଇ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ହେଉଥିଲେ। ତେଣୁ ବିବେକାନନ୍ଦ ରାଜେଶଙ୍କୁ ଜୀବନରୁ ମାରିଦେବା ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିଲେ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ରାଜେଶଙ୍କ ମା' ସଂଯୁକ୍ତା ଶୁକ୍ଳା ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୭୧/୨୬) ରୁଜୁ କରିଛି।


ବିବେକାନନ୍ଦ ବସ୍ତିଆ

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଦୁଲତା ମିଶ୍ର
ଶୋଭା ନିବାସ, ଟିକରପଡା, ମହାନ୍ତି ସାହି, ପୁରୀ
ଆବିର୍ଭାବ : ୦୧.୦୧.୧୯୩୬
ତିରୋଧାନ : ୦୩.୦୩.୨୦୨୬
ବୋଉ, ମା, ବଡ଼ ମା, ..............
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ରବି - ଉଷା, ଗନି - ଅର୍ଚ୍ଚନା, କୁନା - ସୁଧାଶ୍ରୀ, ବିଷ୍ଣୁ - ରମେଶ, ଝିନି - ନିର୍ମଳ, ଇତିନା - ଲଡୁ, ସିନୁ - ଅନିମା, ସିଫନ, ବୁଲବୁଲ - ଅଙ୍କିତ, କୁନମୁନ, ବିଶାଲ, ସୋନୁ, ରାୟାନ, ରିଶି, ରାୟା, ଟିକ୍, ସାୟା
ଧ–୭୬୦୯

**Classified Everyday**
0674-2580101, 9692975378


**REAL ESTATE**

**SALE**

**Plotsale AIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ–୩୫୭୪

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544




All types of physiotherapy and massage contact 9556924059 / 7656969134. D-3591

**AFFIDAVIT**

I, Vikas Kumar Gupta, R/o.- Ward No.18, Bijupattnayak Chowk, P.O.- Khariar Road, P.S.- Jonk, Dist.- Nuapada, Odisha declare by this affidavit No. 51, Dtd.-17.01.26 that now onwards I shall be known as Vikash Kumar Gupta for all future purposes. D-3633

By virtue of an affidavit dtd.- 27.02.2026 sworn before Executive Magistrate, Tihidi, I, Sanghamitra Mahalik, W/o.- Balaram Mahalik, Vill.- Orada, P.O.- Kolha, P.S.- Tihidi, Dist.- Bhadrak, Odisha, PIN-756130 declare that I have changed my name from Sumati Mahalik to Sanghamitra Mahalik. Henceforth, I shall be known as Sanghamitra Mahalik for all future purposes. D-3638

By virtue of an affidavit sworn before Executive Magistrate, Dhamnagar, dated- 11.03.26, I, Dinabandhu Jena, S/o.- Bhagabat Jena Vill.- Jayanagar, P.O.- Palikiri, P.S.- Dhamnagar, Dist.- Bhadrak, Odisha, PIN-756117 declare that I have changed my name from Babaji Parida to Dinabandhu Jena. Henceforth, I shall be known as Dinabandhu Jena for all purposes.
Dinabandhu Jena
D-3630

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bargarh, I, Sumit @ Sujit Bhue, S/o.- Santosh Bhue, R/o. Vill.- Jada, P.S.- Bhatli, Dist.- Bargarh do hereby declared that in my Aadhaar card bearing No. xxxx xxxx 7562 my name is mentioned as Sumit Bhue but in my ATM card bearing No. 4029855087172376 my name is wrongly mentioned as Sujit Bhue. Sujit Bhue and Sumit Bhue is the one and Same person for all purposes. D-3632

I, Bishal Gupta and my wife is Anamika, R/o.- Ward No.18, Bijupattnaik Chowk, P.O.- Khariar Road, P.S.- Jonk, Dist.- Nuapada, Odisha declare by this affidavit No. 50, Dtd.- 16.01.26 that now onwards I shall be known as Bishal Kumar Gupta and my wife is known as Anamika Gupta for all future purposes. D-3631

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LEGAL NOTICE**

Letter No. 292, Date- 18.02.2026

ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା ହେଡ୍ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ, ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍ ନ୧୨୩୫/୨୦୨୩ର

ମନୋରମା ମହାନ୍ତି ........ବାଦୀ/ଦରଖାସ୍ତକାରୀ

ବନାମ

ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ ........ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ:

୧. ରାଜ ବେୱା ଓରଫ ମାଣ୍ଡୋଇ, ବୟସ ବର୍ଷ, ସ୍ୱାମୀ– ସ୍ୱର୍ଗତ ନନ୍ଦ ମାଣ୍ଡୋଇ .......ପ୍ରତିବାଦୀ ନ୬ମ୍ବର

୨. ନାରଣ ମାଣ୍ଡୋଇ, ବୟସ ୮୫ ବର୍ଷ, ପିତା– ସ୍ୱର୍ଗତ ନନ୍ଦ ମାଣ୍ଡୋଇ, ଉଭୟଙ୍କ ଠିକଣା: ସା– ପରକରଣ ସାହି, ପୋଷ୍ଟ– ଓଲ୍ଡ ଟାଉନ, ଥାନା– ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର– ୭୫୧୦୦୨, ଜିଲ୍ଲା– ଖୋର୍ଦ୍ଧା .......ପ୍ରତିବାଦୀ ନ୭ମ୍ବର

ନୋଟିସ

ସି.ପି.ସି. ଅର୍ଡର–୫, ରୁଲ୍–୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ–୧୯୫୮ ଧାରା–୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନ୪ମ୍ବର, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ମନୋରମା ମହାନ୍ତି ଖରିଦ୍ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୬ ଓ ୭ଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୬ ଓ ୭ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନ୪ମ୍ବର, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୩।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ଥାନା– ନିୟୁ କ୍ୟାପିଟାଲ, ଥାନା ନ୩୮ମ୍ବର, ତହସିଲ– ଭୁବନେଶ୍ୱର, ମୌଜା– ଭୁବନେଶ୍ୱର ସହର, ୟୁନିଟ୍– ୨୦, ଜାଗମରା, ସବ୍–ରେଜିଷ୍ଟ୍ରାର ଅଫିସ– ଖଣ୍ଡଗିରି, ସାବିକ ଖାତା ନ୫୬ମ୍ବର, ସାବିକ ପ୍ଲଟ୍ ନ୧୬୩ମ୍ବରରେ ଥିବା ସମୁଦାୟ ଏରିଆ ଏ୧.୩୦୫ ଡେସିମିଲ, ଯାହାର ହାଲ୍ ଖାତା ନ୮୪୩ମ୍ବର, ପ୍ଲଟ୍ ନ୧୮୪୩ମ୍ବର, ପଟ୍ଟା ଏରିଆ ଏ୦.୧୦୭ ଡେସିମିଲ ସ୍ୱଧରୁ ଏରିଆ ଏ୦.୦୩୦ ଡେସିମିଲ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.୬ ଓ ୭ ମୃତ କିମ୍ବା ଠିକଣା ବଦଳାଇ ଥିଲେ, ସେମାନଙ୍କର ଔରସ/ଉତ୍ତରାଧିକାରୀମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ଆଡିସନାଲ ରିଭିଜନ କୋର୍ଟ ନ୪ମ୍ବର, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା./– କୋର୍ଟ ଅଫିସର
ଧ–୩୬୨୮

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰କମଳାମଣି ଦେବୀ
ଚଣାଗୋରଡ଼ା
ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମସମସ୍ତଙ୍କ ଗହଣରେ ଅଛ । ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
–:ଶୋକସନ୍ତପ୍ତ:–
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ–୭୪୪୦୬

**ଏକାଦଶାହ ଉପଲକ୍ଷେ**



୰ନକୁଳ ଚନ୍ଦ୍ର ସାହୁ
ପିତା: ୰କୃଷ୍ଣଚନ୍ଦ୍ର
ବାଛୁରୀପଡ଼ା, ଥା- ବିଶିଙ୍ଗା, ମୟୂରଭଞ୍ଜ
ଆବିର୍ଭାବ: ୦୭।୦୬।୧୯୫୩
ତିରୋଧାନ: ୦୪।୦୩।୨୦୨୬
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ପ୍ରଦୀପ, ଦିଲ୍ଲୀପ, ମଧୁସୂଦନ, ଦେବାଶିଷ, ପୁତ୍ରବଧୂ: ରୁନି, ମାମା, ସୁମି, ନାତି: ରୋହିତ, ସୁମିତ, କ୍ରିଷ୍ଟୁ, ଦେବୁ, ରାକେଶ, ତେଜେଶ, ଅନ୍ତୁ, ପୁତ୍ତ, ନାତୁଣୀ: ଖୁସି, ଲୁସି, ଲରି, ଜଗା, ବଳିଆ
ଧ–୩୬୩୬

# ରାବଣପୋଡ଼ି

## ଗଳ୍ପ

**ପ୍ରଫୁଲ୍ଲ ବାରିକ**

ରିାତକାୟ କୃତ୍ରିମ ଷଣ୍ଢ ଦିଇଟା ବିଚ୍ ରାସ୍ତା ଉପରେ ଲାଗିଛନ୍ତି ଲଢ଼େଇ। ସେମାନଙ୍କ ତୁହାକୁ ତୁହା ଆକ୍ରମଣରେ ମୁଣ୍ଡପିଟାର ଶବ୍ଦ ଶୁଭୁଚି ଢାଏ ଢାଏ। ତାଙ୍କଠୁ ସାମାନ୍ୟ ଦୂରରେ ମୁଖାପିନ୍ଧା ବାଘ ଦିଇଟା ଭୂଇଁରେ ଲାଞ୍ଜ ପିଟୁଛନ୍ତି ଲଢ଼େଇ ପାଇଁ ପରସ୍ପରକୁ ହକାରି। ତାଙ୍କ ପଛକୁ କିନ୍ନର ଦି'ଜଣ ପଣତ ଉଡ଼େଇ ନାଚୁଛନ୍ତି ଗୀତର ତାଳେତାଳେ। ଦେଖଣାହାରିଙ୍କ ସଂଖ୍ୟା କଳିବା କଷ୍ଟ। ସୋରିଷ ଫିଙ୍ଗିଲେ ପଡ଼ିବନି ତଳେ। ଝିଅପୁଅ, ନାରୀ ପୁରୁଷ, ବୃଦ୍ଧାବୃଦ୍ଧ ନିର୍ବିଶେଷରେ ସମସ୍ତଙ୍କ ମନରେ ସରସତା। ଅନୁଭବର ଉଚ୍ଛୁଳା ଆବେଗ। ରାବଣପୋଡ଼ିର ପଚାଶ ବର୍ଷ ପୂର୍ତ୍ତି ଏବର୍ଷ। ଅଧିକ ଖର୍ଚ୍ଚ କରି କରାଯାଇଛି ଜାକଜମକ।

ସନ୍ଧ୍ୟା ହେଉହେଉ ଆଲୋକରେ ଉଦ୍ଭାସିତ ହେଲା ସ୍ଥାନଟି। ମାଇକ୍‌ରେ ପ୍ରଚାର ଶୁଭିଲା, "ରାତି ନଅକୁ ହେବ ରାବଣପୋଡ଼ି। ଆଠଟାରୁ ନଅ ଆତସବାଜି। ଧୈର୍ଯ୍ୟ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ନିବେଦନ ସମସ୍ତଙ୍କୁ।" ସାରାଦିନ ବର୍ଷା ତୁହାକୁ ତୁହା। ସୌଭାଗ୍ୟକୁ ସନ୍ଧ୍ୟାରେ ବର୍ଷା ନାହିଁ। ତେବେ ବି ଭୟର ବାଦଲ ହଟିନି ମନରୁ। ମଝିରେ ମଝିରେ ବୁଲିଆସୁଛି ଆଖି ଗୋଟା ଆକାଶରୁ। ଫାଳି ଜହ୍ନ ଲୁଚକାଳି ଖେଳୁଛି ବାଦଲ ସହ।

ପଡ଼ିଆ ମଝିରେ ପଚିଶ ଫୁଟର ରାବଣ। ହାତ ମେଲେଇ ଠିଆ ହେଇଚି ସଦର୍ପେ। ଜରିଢଙ୍କା ଶରୀରରେ ଫୁଟି ଦିଶୁଚି ମୁହଁ। ଜୁଆଳିଆ ନିଶରେ ଆକର୍ଣ୍ଣ ହସ। ଗହ୍ୱର ସଦୃଶ ପାଟି। ଚାହିଁଦେଲେ ଟାଙ୍କୁରି ଉଠୁଚି ଲୋମ। ସ୍ୱର୍ଚ୍‌ଲାଇଟ ରାବଣ ଉପରେ।

ଠିକ୍ ଆଠଟାକୁ ଆରମ୍ଭ ହେଲା ଆତସବାଜି। ଲିଭେଇ ଦିଆଗଲା ପଡ଼ିଆ ଲାଇଟ୍। ଅନ୍ଧାରରେ ମନଭରି ଦୃଶ୍ୟ ଉପଭୋଗ ପାଇଁ। ଆପଣା ଆପଣା ଜାଗାରେ ଯିଏ ଯୋଉଠି ରହିଲେ ନିରାପଦ ଦୂରତା ନେଇ। ଆତସବାଜିର କରିସ୍ମା ଦିଶୁଥିଲା ଆକାଶରେ। ଶବ୍ଦ ପରେ ପରେ ଝରିପଡୁଚି ଆକାଶରୁ ଆଲୋକର ରଙ୍ଗିନ୍ ରଶ୍ମି। ଆଞ୍ଜୁଳା ଆଞ୍ଜୁଳା ହେଇ ବିଛେଇ ପଡୁଚି ପଡ଼ିଆରେ। ରକେଟ୍ ପରି ଗର୍ଜନରେ କିଏ ଭେଦିଯାଉଛି ଆକାଶର ବୁକୁ ଚିରି। ଶବ୍ଦ ସହ ମିଳେଇଯାଉଛି ଅନ୍ଧାର ଆକାଶରେ। ଲାଗଲାଗ ବାରବାର ଫୁଟି ଆଲୁଅ ବିଞ୍ଚୁଥିବା ବାଣରେ ଦୋହଲିଯାଉଛି ଛାତି। ତାବ୍‌ଦା ହେଉଛି କାନ। ଘଣ୍ଟାଏ କାଳ ଚାଲିବା ପରେ ଆତସବାଜି ପୁନଃ ଘୋଷଣା ହେଲା, "ଆଉ ଦଶ ମିନିଟ୍‌ରେ ପହଞ୍ଚିବେ ଏମ୍‌ଏଲ୍‌ଏ। ଆସି ବଟନ୍ ଟିପିଲେ ଜଳିବ ରାବଣ। ବାସ୍, ଆଉ ସାମାନ୍ୟ ଅପେକ୍ଷା।"

ଦଶ ମିନିଟ୍ ସ୍ଥଳେ କୋଡ଼ିଏ ମିନିଟ୍‌ରେ ପହଞ୍ଚିଲେ ଏମ୍‌ଏଲ୍‌ଏ ତାଙ୍କ ସାଥୀ ସମର୍ଥକଙ୍କୁ ଧରି। ଯାଇ ପହଞ୍ଚିଲେ ଗେଟ୍‌ରେ। ଗଳାରେ ଗଜରା, ହାତରେ ଫୁଲତୋଡ଼ା ଧରେଇ ସ୍ୱାଗତ ପୂର୍ବକ ପାଛୋଟି ନିଆଗଲା ତାଙ୍କୁ ବଟନ୍‌ସ୍ୱିଚ୍ ଥିବା ସ୍ଥାନକୁ। ଏମ୍‌ଏଲ୍‌ଏ ମଥାରେ ହାତଛୁଇଁ ସ୍ୱିଚ୍ ଟିପିଲେ। ଆଲୋକର ଏକ କ୍ଷୀଣରେଖା ତତ୍‌କ୍ଷଣାତ୍ ବାହାରି ବିଜୁଳି ବେଗରେ ଯାଇ ବିଦ୍ଧକଲା ରାବଣର ନାଭି। ଦୁଇ ମିନିଟ୍ ଜ୍ୱଳନରେ ଆରମ୍ଭ ହେଲା ଫାଟିବା, ଖଞ୍ଜା ଯାଇଥିବା ଶରୀରଗୋଟା ବାଣ। ଢୋ ଢା ଶବ୍ଦରେ ପ୍ରକମ୍ପିତ ହେଉଥାଏ ପଡ଼ିଆ। ଉଡ଼ିଯାଉଥାଏ ରାବଣ ଶରୀରରୁ ଖଣ୍ଡ ପରେ ଖଣ୍ଡ। ଉତ୍ସୁକତାରେ ଅନୁଭବ କରୁଥାଆନ୍ତି ଦେଖଣାହାରି।

ଭିଡ଼ରୁ ସାମାନ୍ୟ ଦୂରେଇ କ୍ଷୀଣ ଆଲୁଅରେ ଠିଆ ହେଇଥାନ୍ତି ବାପ ଝିଅ। ସପନା, ଆଉ ତା' ପ୍ଲସ୍ ଟୁ ପଢୁଥିବା ଝିଅ ଶୋଭା। ରାବଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ବାପାଙ୍କୁ ଏକ କରି ଆସୁଚି କହି ଶୋଭା ଗଲା ଅଦୂରରେ ଏକ ଅନ୍ଧାରୁଆ ସ୍ଥାନକୁ।

ଯାଇଛି ଯେ ଯାଇଛି। ବିଳମ୍ୱ ଦେଖି ବ୍ୟସ୍ତ ହେଲେ ବାପା। ଚାରିଆଡ଼େ ଦରାଣ୍ଡି ଶୋଭା ଶୋଭା ବୋଲି ଡାକିଲେ ପାଟିକରି। ଡାକ ତାଙ୍କର ହଜିଯାଉଥାଏ ଭିଡ଼ ଓ ଶବ୍ଦ ଭିତରେ। ମନୋରଞ୍ଜନକୁ ଭେଦି ସପନାର ଶୋକ ଛୁଁ ନଥାଏ କାହାରିକୁ। ରାବଣପୋଡ଼ା ସରିବା ବେଳକୁ ଲୋକ ଦେଖିଲେ ସପନା ମୁଣ୍ଡ କୋଡ଼ି, କଣ୍ଠ ଫଟେଇ କାନ୍ଦୁଥିବାର। ପଚାରି ବୁଝି ଟୋକାଦଳେ ଖେଦିଗଲେ ଅନ୍ଧାରରେ ଯିଏପାଇଲେ ଯୁଆଡ଼େ। ଲୋକଟିଏ କହିଲା, "ଏଇ ଦଶ ମିନିଟ୍ ପୂର୍ବରୁ ଆସୁଥିଲି ମୁଁ। ରାସ୍ତାରେ ଭେଟିଲି ଝିଅଟିଏକୁ ବାଇକ୍‌ରେ ବସେଇ ଟୋକା ଦି'ଜଣ ଗାଡ଼ି ଛୁଟେଇ ଥିବାର। ଝିଅ ପାଟିରେ କପଡ଼ା। ଛାଟିପିଟିରୁ ଅନୁମାନ କଲି ପାଗଳୀ ଫାଗଳୀ ହେଇଥିବ। ନିଜ ଲୋକଧରି ନେଇଯାଉଛନ୍ତି ଘରକୁ। ଭାବି ଧ୍ୟାନ ଦେଲିନି। ଅଧଘଣ୍ଟା ହେଇଯିବ ସେମାନେ ଯିବାର ଏଠୁ। ଖୋଜିଲେ ମିଳିବେ ଏବେ? କୋଉଠି ଯାଇ ପହଞ୍ଚି ସାରିଥିବେ। ଦେଖ..."

ଖବର ଖେଳିଗଲା ପଲକେ ଗୋଟା ପଡ଼ିଆ। ଏମ୍‌ଏଲ୍‌ଏ ଶୁଣିଲେ। ଶୁଣିଲେ ତାଙ୍କ ସାଙ୍ଗରେ ଆସିଥିବା ନେତା, ଉପନେତାମାନେ। ଅଧିକ ସମୟ ନ ଦେଇ ବସିଲେ ଯାଇ ତରବରରେ ନିଜ ନିଜ ଗାଡ଼ିରେ। ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରି ଝପଟେଇଲା। ନିଜ ନିଜ ଝିଅମାନଙ୍କର ହାତକୁ ଧରି ବାପାମାନେ ଅତରଛା ଧାଇଁଲେ ଘରକୁ। ଯୁବକ କେଇଜଣଙ୍କୁ ଛାଡ଼ି ମୁହୂର୍ତ୍ତେ ହେଇଗଲା କୋଳାହଳପୂର୍ଣ୍ଣ ପଡ଼ିଆଟା ଜନମାନବ ଶୂନ୍ୟ। ଶ୍ମଶାନର ନିରବତା ରାବଣର ଚିତା ନିକଟରେ। ତଳେ ଗଦାଗଦା ପାଉଁଶରେ ମିଞ୍ଜିମିଞ୍ଜି ନିଆଁ।

ଯୁବକ କେଇଜଣ ବୁଝେଇଲେ ସପନାକୁ "ତମେ ଘରକୁ ଯାଅ ମଉସା। ଆମେ ଯାଉଚୁ ଥାନାକୁ ଏତଲା ଦେବାକୁ। ସାରାରାତି ଖୋଜି ପୋଲିସ ଯୋଉଠୁ ହେଲେ ବି ବାହାର କରିବ। କେତେବାଟ ଯିବେ ସିଏ?" ବାଇକ୍‌ରେ ଆଣି ସପନାକୁ ଘରେ ପହଞ୍ଚେଇଦେଲେ।

ରାତି ପାହୁପାହୁ ମିଡିଆରେ ଖେଳିଗଲା ଖବର- "ରାବଣପୋଡ଼ି ସ୍ଥଳରୁ ଯୁବତୀକୁ ଉଠେଇନେଲେ ଦୁର୍ବୃତ୍ତ। ଖୋଦ୍ ଏମ୍‌ଏଲ୍‌ଏଙ୍କ ଉପସ୍ଥିତିରେ।" ଖବର ଖଇ ଫୁଟିଲା। ସଞ୍ଚରିଗଲା ଗୋଟାଦେଶ। ମୁଖ୍ୟ ସମ୍ବାଦ ହେଇ ମୁହଁରୁ ମୁହଁକୁ ଡେଇଁଲା ଅଞ୍ଚଳ ସାରା। ପୋଲିସ୍ ପାଖରୁ ମିଳିନଥାଏ ପାଲଟା ଖବର। ସମସ୍ତେ ଥାଆନ୍ତି ଅପେକ୍ଷାରେ। ଲୋକେ ଅନେଇ ବସିଥିବାବେଳେ ଉପରଓଳିକୁ ମିଡିଆରୁ ଆସିଲା ଭିନ୍ନ ଖବର- "ନିଜର ପ୍ରେମିକ ସହ ଯୁବତୀ ଫେରାର ରାବଣପୋଡ଼ିରୁ।"

ବିଶ୍ୱାସକୁ ନେଲେନି ଉପସ୍ଥିତ ଥିବା ଲୋକ। ବିଶେଷକରି ଆଶ୍ଚର୍ଯ୍ୟ ହେଲା ସେଇ ମଣିଷଟି, ଯିଏ ଦେଖିଥିଲା ନିଜ ଆଖିରେ ଦୃଶ୍ୟ। କେଡ଼େ ଡାହା ମିଛ। ଧର୍ମ ସହିବ! ଲୋକେ କୁହାକୁହି ହେଲେ, ନିଜକୁ ଘଟଣାରୁ ଦୂରେଇ ରଖିବାକୁ ଘଟଣାରୁ ଏମ୍‌ଏଲ୍‌ଏଙ୍କର ଇଏ ପ୍ରାୟୋଜିତ କର୍ମ। ବିରୋଧୀ ଅଛନ୍ତିନା...!

– ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫



## ପୁସ୍ତକ ପରିଚୟ

### ଉର୍ବଶୀ




**ମୂଳହିନ୍ଦୀ:** ରାମଧାରୀସିଂହ ଦିନକର
**ଭାଷାନ୍ତର:** ଡ. ରବୀନ୍ଦ୍ର ନାଥ ମିଶ୍ର
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/-

ହିନ୍ଦୀ କବି ରାମଧାରୀସିଂହ ଦିନକରଙ୍କର ଏକ ଚର୍ଚ୍ଚିତ ଓ ବହୁପଠିତ କାବ୍ୟନାଟିକା ହେଉଛି 'ଉର୍ବଶୀ', ଯାହା ପାଞ୍ଚଟି ଅଙ୍କରେ ବିଭକ୍ତ। ଏହି ଗ୍ରନ୍ଥ ପାଇଁ ୧୯୭୧ରେ କବି ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ। ଦେବନାରୀ ଉର୍ବଶୀ ଓ ମର୍ତ୍ତ୍ୟ ନୃପତି ପୁରୁରବାଙ୍କ ଅପୂର୍ବ ପ୍ରେମ କାହାଣୀ ହେଉଛି 'ଉର୍ବଶୀ'ର ପ୍ରସଙ୍ଗ, ଯାହାକୁ ଆଧାରକରି ଦିନକର ଏକ ପୌରାଣିକ କଥାବସ୍ତୁକୁ ସମକାଳୀନ ବାସ୍ତବତା ମଧ୍ୟରେ ପୁନରୁଜ୍ଜୀବିତ କରିଛନ୍ତି। କବି, ସମାଲୋଚକ ଓ ଅନୁବାଦକ ଡ. ମିଶ୍ର ଯତ୍‌ପରୋନାସ୍ତି ଉଦ୍ୟମ କରିଛନ୍ତି ମୂଳଗ୍ରନ୍ଥର ଆବେଦନକୁ ଅନୂଦିତ ଭାଷା ଓଡ଼ିଆରେ ପ୍ରତିଫଳିତ କରିବାକୁ। ଦ୍ୱିତୀୟ ଅଙ୍କରେ ପୁରୁରବାଙ୍କ ମହାରାଣୀ ଔଶିନାରୀ ତାଙ୍କ ଦୁଇ ସଖୀ ନିପୁଣିକା ଓ ମଦନିକାଙ୍କ ସହ ଆଳାପରତା। ନିପୁଣିକା ମହାରାଣୀଙ୍କୁ ଉର୍ବଶୀଙ୍କ ଆବିର୍ଭାବ ସମ୍ପର୍କରେ କହୁଛନ୍ତି, ଯାହା ଅନୁବାଦରେ ଏପରି ରୂପ ନେଇଛି: "ଆବିର୍ଭୂତା ହେଲେ ଉର୍ବଶୀ ଯେବେ ଚାନ୍ଦିନୀରେ ଦ୍ରୁମର ଛାୟାରୁ,/ ଲାଗିଲା, ସର୍ପର ମୁହଁରୁ ଯେପରି ମଣିଟିଏ ବାହାରିଛି,/ ଅବା ସ୍ୱୟଂ ଚାନ୍ଦିନୀ ସ୍ୱର୍ଣ୍ଣପ୍ରତିମାରେ ରୂପ ନେଇଛି xx"। ପ୍ରେମ ଓ ପ୍ରକୃତି ଦିନକରଙ୍କ କଳ୍ପନାରେ ଯେପରି ମୂର୍ତ୍ତ, ତାହାକୁ ଅନୁବାଦରେ ଉଜାଗର କରିବାକୁ ଚାହିଁଛନ୍ତି ଡ. ମିଶ୍ର। ଅନୁବାଦ ପ୍ରକ୍ରିୟାରେ ଠାଏଠାଏ ହିନ୍ଦୀ ଶବ୍ଦର ଉପଯୁକ୍ତ ଓଡ଼ିଆ ସ୍ମରଣକୁ ଆଣି ନ ପାରି ଯଦିଓ ଅନୁବାଦକ ହିନ୍ଦୀକୁ କାଏମ ରଖିଛନ୍ତି, ତଥାପି ମୂଳ ରଚନାର ଅର୍ଥଦ୍ୟୋତନା ଏତଦ୍ୱାରା ଖଣ୍ଡିତ ହୋଇନାହିଁ। ଆଶା, ଅନୂଦିତ ପୁସ୍ତକଟି ଓଡ଼ିଆ ବାଣୀଭଣ୍ଡାରକୁ ମୂଳଲେଖାର ସମସ୍ତ ଗରିମା ନେଇ ସମୃଦ୍ଧ କରିବ।

### ଲୋକକଥାରେ ଶ୍ରୀଜଗନ୍ନାଥ ଭକ୍ତ (ଦ୍ୱିତୀୟ ଭାଗ)




**ଲେଖକ:** ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍‌ରୋଡ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ପୁସ୍ତକରେ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କିତ ବିବିଧ ଲୋକକଥାକୁ ଏକାଠି କରାଯାଇଛି। ଯେଉଁ ଭକ୍ତଗଣ ପ୍ରଭୁଙ୍କ ସଂସର୍ଗ ଲାଭକରି ତଥା ପ୍ରଭୁଙ୍କ ମହିମା ଗାନକରି ଅମରତ୍ୱ ଲାଭ କରିଛନ୍ତି, ସେଇମାନଙ୍କ କଥା ଏଥିରେ ବର୍ଣ୍ଣିତ। ପୁସ୍ତକଟିରେ ମୋଟ ୭୨ଟି ଉପାଖ୍ୟାନ ରହିଛି। ଭଦ୍ରତନୁ, ସନ୍ଥ ମାଧବ ଦାସ, ନିତେଇ ଧୋବଣୀ, ରାଘବ ଦାସ, ରଘୁବର ଦାସ, ଗୋପାଳ ଭଟ୍ଟ, ଲକ୍ଷ୍ମୀ ଭଦ୍ରସ୍ୱାମୀ, ଇନ୍ଦ୍ରସ୍ୱାମୀ, ଲାଣ୍ଡିମାତା, କରମା ବାଈ, ସୁନା ଗୋସାଇଁ, ଚନ୍ଦ୍ରଚୋର ଗଦାଧର ରାଜଗୁରୁ, ରାଈ ବଡ଼ପଣ୍ଡା, ପାଟପୁରର ମାଳତୀ, ଭକ୍ତ କଳାପାହାଡ଼, ରସିକାନନ୍ଦ ସ୍ୱାମୀ, ପାତିଆଲା ବ୍ରାହ୍ମଣ, ମାଣିକ ଗଉଡୁଣୀ, ମାତା ଜିଜାବାଈ ଓ ରାମଦାସ, ରାଜା ଇନ୍ଦ୍ରଦ୍ୟୁମ୍ନ, ଗଜପତି ପୁରୁଷୋତ୍ତମ ଦେବ, ଚୋଳଗଙ୍ଗ ଦେବ, ପ୍ରତାପରୁଦ୍ର ଦେବ, ରାମଚନ୍ଦ୍ର ଦେବ, ଦିବ୍ୟସିଂହ ଦେବ, ମାର୍କଣ୍ଡେୟ ଋଷି, ବାଳକ ରାମଦାସ, ନନ୍ଦ ମହାନ୍ତି, ରଘୁ ଅରକ୍ଷିତ ଓ ବନ୍ଧୁ ମହାନ୍ତି ପ୍ରମୁଖ ଭକ୍ତମାନଙ୍କର କାହାଣୀ ମଧ୍ୟରୁ କେତେକ ଜନସ୍ମୃତିରେ ଜାଗ୍ରତ ଥିଲେ ବି ପରିବେଷଣ କଳାର ସୌକର୍ଯ୍ୟ ଯୋଗୁଁ ଜଣା କାହାଣୀଗୁଡ଼ିକ ଯେପରି ପାଠିକାପାଠକଙ୍କ ପାଇଁ ରସଦାୟୀ ହୋଇପାରିବ, ଅଜଣା କାହାଣୀଗୁଡ଼ିକ ସେହିପରି ଜନମନୋମୁଗ୍ଧକର ସାବ୍ୟସ୍ତ ହେବ ବୋଲି ଆଶା। ନାନା ଗ୍ରନ୍ଥ ଓ ନାନା ସୂତ୍ରରୁ ବହୁ ଶ୍ରମ ସ୍ୱୀକାର କରି ତଥ୍ୟ ସଂଗ୍ରହ ପୂର୍ବକ ଲେଖକ ଏହି ଗ୍ରନ୍ଥଟି ପ୍ରସ୍ତୁତ କରିଥିବାରୁ ତାଙ୍କ ଉଦ୍ୟମ ଅବଶ୍ୟ ପ୍ରଶଂସାର୍ହ।

## କବିତା

### ଜଙ୍ଗଲ

**ଅକ୍ଷୟ ପାତ୍ର**

ଜଙ୍ଗଲ:
ଅପସୃୟମାଣ ଶ୍ୟାମଳ ରୋମାଞ୍ଚ
ଉଚ୍ଛ୍ୱାସ ନିଘଞ୍ଚ
ବିତାନ ଆରଣ୍ୟକ।

ଅବକ୍ଷୟମୁଖୀ ପ୍ରାଣସତ୍ତା ଶୋକାର୍ତ୍ତ
ମାତୃସତ୍ତା ଅଭିହତ
ଗୁଣବତ୍ତା ଲୁଣ୍ଠିତ।

ଜଙ୍ଗଲ:
ମୃତ୍ତିକା ବୁକୁରୁ ଅବିରତ ନିଃସରଣରତ
ଘନଶ୍ୟାମ ଆଗତ
ଜୀବନ୍ମୟ ଉଚ୍ଚାଟ
ଅଙ୍କୁରଣକାମୀ କାଂକ୍ଷା ପାବକ।

ଅଗମ୍ୟ ଅଗମ୍ୟ ପ୍ରତେହେଉଥିବା
ଥିତି ଅରକ୍ଷ
ପାଦପହୀନ ଭୂଧର ଓ କ୍ଷୀଣସ୍ରୋତା ଝର୍ଣ୍ଣାର
ଗାଥା ବ୍ୟାହତ
ଶିଳ୍ପ ଓ ନଗର ସଂକ୍ରମିତ
ଉର୍ଦ୍ଧ୍ୱଶ୍ୱାସ ଶ୍ୟାମଳିମାର ପାଣ୍ଡୁର ଦୃଷ୍ଟାନ୍ତ।

ମୋ: ୭୦୭୭୯୮୪୯୬୦

### ଫଗୁଣ

**ଲକ୍ଷ୍ମୀପ୍ରିୟା ମାଇତି**

ଫଗୁଣ ବୋଧେ ସେବେ ଆସିଥିଲା
ଯେବେ ଆମ ଆମ୍ବଗଛରୁ ବଉଳ ଝଡ଼ି
ମାଟି କୋଳେ ଶୋଉଥିଲା...
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଆମ ଘର ପଛପଟ ଶାହାଡ଼ା ଡାଳେ ବସି
ହଳଦୀବସନ୍ତ ନାଲିନାଲି ଥଣ୍ଟେ
ଯେବେ କୋଳି ଖୁମ୍ପି ଖୁମ୍ପି ଖାଉଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଆମ ଅଗଣା ନାଲି, ନେଳି, ଧଳା
ହଳଦୀ ଫୁଲରେ ଯେବେ ରଙ୍ଗାୟିତ ହେଉଥିଲା
ପ୍ରଜାପତି, ଭ୍ରମର ଦୁହେଁ ମିଶି
ଏ ଫୁଲୁ ସେ ଫୁଲ ଉଡୁଥିଲେ
ଫୁଲ ତୋଳୁ ତୋଳୁ...
ମାଳିଆଣୀ କାନି ଯେବେ ମହମହ ହୋଇ ବାସୁଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

କୃଷ୍ଣଚୂଡ଼ା ଡାଳେ କୋଇଲିଟେ ବସି
ଯେବେ କୁହୁକୁହୁ ରାବୁଥିଲା
ମୋ' ସାଇର ଷୋଡ଼ଶୀ ମୁଚୁକୁନ୍ଦା ହସି
ତାକୁ ଖେଳେଇ ଖେଳେଇ କ'ଣ କହୁଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ହୋଲିରେ ହୋଲିରେ ରଙ୍ଗରଙ୍ଗୋଲିରେ
ଯେବେ ମୁହଁ ଛପି ଯାଉଥିଲା
ଅବିର ମାଡ଼ରେ ଗୋପୀର ଓଗାଳେ
ରାଧାକୃଷ୍ଣ ଲୀଳା ହେଉଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଷଠିପୁରର କରଦା ଛକରେ
ଯେବେ କେତେକେତେ ବିମାନ ଆସୁଥିଲା
ମେଳଣ ଭିଡ଼ରେ ନାଚ ଗୀତରେ
ଦେହ ମନ ନାଚୁଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ସୁଲୁସୁଲିଆ ପବନରେ
ମୋ' ଗାଁ ଯୁବତୀର କେଶ ଯେବେ
ଫୁରୁଫୁରୁ ହୋଇ ଉଡୁଥିଲା
ମୋ' ଗାଁ ଭେଣ୍ଡାଟିଏ ଲୁଚିଲୁଚି ଦେଖି
ମୋ'ରି ହାତରେ ଚକ୍ଲେଟ ଗୁଞ୍ଜି
ଚିଠିଟିଏ ପଠେଉଥିଲା
ବୋଧହୁଏ ଫଗୁଣଟା ସେଇଦିନ ଆସିଥିଲା !

ଏବେ ତ ଫଗୁଣ ଆସେ, କିଛି ବାସେ ନାହିଁ
ଚାରିଆଡ଼େ ଟାଣ ଖରା ଶୀତ କାହିଁ ?
କବିର ଶବ୍ଦରେ ଯାଣ ଫଗୁଣ ଆସେ ଧାଇଁ...

ମୋ: ୯୪୩୯୫୩୭୫୯୨

## ବ୍ୟଙ୍ଗ କବିତା

### ଗଞ୍ଜାକୁ ପଦେ

**ପ୍ରଶାନ୍ତ କୁମାର ସାହୁ**

କାହିଁକି ଉଠାଉ କହ ସକାଳୁ ସକାଳୁ
କି ଲାଭ ପାଇବୁ ତୁହି ଏମାନଙ୍କଠାରୁ।

ଉଠିଲେ ମାରିବେ ତୋତେ ଭୋଜିଭାତ ପାଇଁ
ଖୁସି ମନାଇବେ କେତେ ତୋ ମାଉଁସ ଖାଇ।

ମଦ ସାଥେ ତୋର ମାଂସ ହୋଇବ ଗର୍ଭସ୍ଥ
ଅନ୍ୟାୟ, ଅନୀତି ପାଇଁ କରିବେ ମନସ୍ଥ।

କେତେ କେତେ କୁଆଁରୀଏ ହେବେ ବଳାତ୍କାର
ନିରୀହ ଜନତା ପୁଣି ହୋଇବେ ଶିକାର।

ଉଠାନା ଉଠାନା ତାଙ୍କୁ ଶୋଇବାକୁ ଦେ
କିଛିକ୍ଷଣ ଆୟୁ ତୋର ବଢ଼ିବାକୁ ଦେ।

ଉପକାର ବୁଝେ ନାହିଁ ଏ ମଣିଷ ଜାତି
ଓଲଟା ଯୁଗ ଯେ ଏହି ଓଲଟା ଏ ନୀତି।

– ଇନ୍ଦିପୁର, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## କାଳକାଳକୁ

"ଗୀତଟିଏ ସବୁଠୁଁ ସୁନ୍ଦର,
ଯେତେବେଳେ ଏହା ସିଧା କବିର
ହୃଦୟରୁ ଝରିଆସେ।"
– ବ୍ଲିଶ୍ କାର୍‌ମେନ୍



ବ୍ଲିଶ୍ କାର୍‌ମେନ୍‌ଙ୍କ ଜନ୍ମ ୧୫ ଏପ୍ରିଲ ୧୮୬୧ରେ ଓ ପରଲୋକ ୮ ଜୁନ୍ ୧୯୨୯ରେ, କାନାଡ଼ାରେ। ଏହି ପ୍ରସିଦ୍ଧ କାନାଡ଼ୀୟ କବିଙ୍କ ଜୀବନର ବହୁ ସମୟ ଆମେରିକାରେ ଅତିବାହିତ, ଯାହା ତାଙ୍କୁ ଆନ୍ତର୍ଜାତିକ ଖ୍ୟାତି ଆଣିଦେଇଛି। ତାଙ୍କର ଚର୍ଚ୍ଚିତ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଲୋଟାଇଡ୍ ଅନ୍ ଗ୍ରାଣ୍ଡ ପ୍ରେ', 'ସଙ୍ଗ୍‌ସ ଅଫ୍ ଭାଗାବଣ୍ଡିଆ', 'ସାଫୋ: ହଣ୍ଡ୍ରେଡ୍ ସଙ୍ଗ୍‌ସ'। ଇଂଲିଶ୍ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ୧୯୨୮ରେ 'ଲୋର୍ନେ ପିୟର୍ସ ମେଡାଲ' ଓ ୧୯୩୦ରେ 'ରବର୍ଟ ଫ୍ରଷ୍ଟ ମେଡାଲ'ରେ ସେ ସମ୍ମାନିତ। କାରମେନ୍ କହନ୍ତି: "ପ୍ରକୃତିର ସବୁଠୁଁ ବଡ଼ ଆନନ୍ଦ ମନୁଷ୍ୟର ଅନୁପସ୍ଥିତି।"

# ଆହୁଲା

## ଲଘୁଗଳ୍ପ

**ସୁନନ୍ଦା ମହାନ୍ତି**

ବାରିପଟେ ସବୁଦିନ ଘାସ ବାଛିବା ଅଭ୍ୟାସ ନିତେଇର। ଘାସ ବାଛି ମାଟି ହାଣି ପରିବା ଚାଷ ତା'ର ଏବେ ଜୀବନ, ଜୀବିକା ଓ ବେଉଷା। ଘାସ ବାଛୁବାଛୁ ଆକାଶକୁ ଚାହେଁ ନିତେଇ ଓ ଭାବେ ଏ ଆକାଶ, ମାଟି ଓ ମାଟି ଉପରେ ଥିବା ନଈ ନାଳ ଏବଂ ହ୍ରଦ ମଧ କ'ଣ କାହାର ନା କାହାରି ନାଁରେ କେହି କରିଦେଇଛି ନା କ'ଣ! ପରିବା ଚାଷ କରି ତାହା ବଜାରରେ ଯୋଉ ଜାଗାରେ ଗଦେଇ ବିକ୍ରିକରି ଚଳିଯାଉଥିଲା, ସେଠି ପୋଲିସ୍ ବାବୁ ପହଞ୍ଚି କହିଲେ- ଏ ଜାଗାରେ ବେପାର କରିବା ସୂତ୍ର ତତେ ଜଣାନାହିଁ, ଯା ଯା ଭାଗ୍ ଏଠୁ। କହିଲା ତ କହିଲା ଜିପ୍ ପଛପଟେ ପରିବା ବସ୍ତା ଲଦି ଗଲାବେଳେ ସେ ଭରସି ପଚାରି ପାରିଲା ନାହିଁ କି ଆଉ ଯୋଉ ସବୁ ବେପାରୀ ଭଳି ଭଳି ଚିଜ ଧରି ଏଠି ବେପାର କରୁଛନ୍ତି, ସେମାନେ କ'ଣ ଏ ଜାଗା କିଣିନେଇଛନ୍ତି?

ସେତେବେଳେ ନିତେଇ ତା' ବାପା କଥା ମନେପକେଇ ପଚାରିପାରିଲାନି ସେକଥା, କାରଣ ବାପା ମରିବା ପୂର୍ବରୁ କହିଯାଇଛି ପୁଅରେ ବୋକା ବୋଲି କାହା ଆଗରେ ନିଜକୁ ପ୍ରମାଣ କରିବୁନି ବରଂ ବୁଝି ନ ପାରିଲେ ଦୂରେଇଯିବୁ। ବାପାଙ୍କର ପୁରୁଣା ମାଛମରା ଜାଲ କାଢ଼ି ସେ ମାଛ ଧରିଲା ନାଳରୁ। କିନ୍ତୁ ଏଯାଏଁ ଜାଣିଥିବା ସେ ସର୍ବସାଧାରଣ ନାଳଟା ମଧ କେବେଠୁ ସେ ମୋଟା ଲୋକ କବ୍‌ଜାକୁ ଆସିଥିଲା ସେ ବୁଝି ନ ପାରିବା ବେଳେ ଦେଖିଥିଲା ତା' ପରି ଅନେକେ ସେଠାରେ ମାଛ ମାରି ସାରି ମୋଟା ପେଟୁଆ ଲୋକଟାକୁ ମାରିଥିବା ମାଛର ଏକ ତୃତୀୟାଂଶ ଦେଇ ଚାଲିଯାଉଛନ୍ତି। ସେଇଟା କ'ଣ ଲାଞ୍ଚ ବୋଲି ସେ ପଚାରି ପାରୁ ନ ଥିଲା କାହାକୁ, କାରଣ ବାପା କୁହେ ପୁଅରେ ଲାଞ୍ଚ ଦେବା ଓ ନେବା ଏକ ଅପରାଧ। ତେଣୁ ସେପରି ଅପରାଧବୋଧକ କଥାଟା ସେ କେମିତି ପାଟିରେ ଧରନ୍ତା!

ଖାଲି କ'ଣ ସେତିକି! ହିଡ଼ତଳୁ ପିତା ଶାଗ, ମଦରଙ୍ଗା ଶାଗ ଇତ୍ୟାଦି ଜାତି ଜାତି ଶାଗ ତୋଳି ବିକିବାକୁ ବସିଲା ବେଳେ ତାଙ୍କ ସାହିର ହରିଆ କଳି ଲଗେଇ କହିଲା- ଏଠି ମୁଁ କେବେଠୁ ଶାଗ ତୋଳୁଛି, ତୋର ଏଠି ଅଧିକାର ନାହିଁ। ନିତେଇ କିଛି ବୁଝିପାରୁନଥିଲେ ବି ଏତିକି ବୁଝିଯାଇଥିଲା ଯେ ବାପା କହୁଥିଲେ ଜୋର୍ ଯା'ର ମୁଲକ ତା'ର। ସେ ଏବେ ରୋଜଗାରର ଭିନ୍ନ ଭିନ୍ନ ପନ୍ଥା ଆପଣେଇବାକୁ ଯାଇ ବଡ଼ ଅସୁବିଧାର ସମ୍ମୁଖୀନ ହେଇ କଷ୍ଟ ପାଉଥିଲା। ହେଲେ ବୁଝିପାରୁନଥିଲା ତା' ଚାରିପ୍ରାଣୀ କୁଟୁମ୍ବ ଚଳିବେ କେମିତି!

ପୁଅ କହୁଥିଲା ବହି କି ଖାତା କିଣି ନଦେଲେ ସେ ଆଉ ସ୍କୁଲ ଯିବନି, ନିତେଇ ଛାନିଆଁ ହୋଇଯାଉଥିଲା। ତା' ପରି ପୁଅଟା ପାଠ ଦି' ଅକ୍ଷର ନ ପଢ଼ିଲେ କେମିତି ଜାଣିବ କୋଉଠି କ'ଣ କହିବାକୁ କି କରିବାକୁ ହୁଏ! ପୁଣି ଝିଅ କହୁଛି ତାଙ୍କର ୟୁନିଫର୍ମ ଭାବେ ଶୀତଦିନିଆ ନାଲି ସୋଏଟର କିଣି ନ ଦେଲେ ସେ ଆଉ ସ୍କୁଲ ଯିବନି। ଝିଅ ଘିଅ ତାକୁ ବେଶୀଦିନ ଘରେ ରଖିହେବନି ସତ, କିନ୍ତୁ ପିଲାଦିନୁ ପାଠ ଦି' ଅକ୍ଷର ନ ପଢ଼ିଥିଲେ ରାମାୟଣ କି ଗୀତା ଭାଗବତ ପଢ଼ିବ କେମିତି! ସ୍ତ୍ରୀ କହୁଛି ଯେତେ ସୁନା ରୁପା ମୋ' ବୋଉ ମତେ ଦେଇଥିଲା ସେସବୁ ନେଇ ତମେ ତମ ଦି'ଭଉଣୀଙ୍କ ବାହା କଲ। ଏବେ ଅନ୍ତତଃ ନାକକୁ ଫୁଲଟିଏ କରିଦିଅ ନଚେତ୍ ମୋ' ହାତରୁ ତୁମ ପିତୃପୁରୁଷ ପାଣି ପାଇବେ ନି।

ଦେହରେ ଚିନାଏ ସୁନା ନଥିଲେ ପିତୃପୁରୁଷ କାଳେ ପାଣିପାଇବେନି। ଏକଥା ସତ କି ମିଛ ବୁଝିବାକୁ ସେ ଗାଁ ଅବଧାନଙ୍କୁ ଅଟକେଇ ପଚାରିବାରୁ ସେ କହିଲେ ଆରେ ନାଶ ଟିକେ ନାହିଁ, ଦେଲୁ ଆଗ କୋଡ଼ିଏଟା ଟଙ୍କା। ଗୁରୁଜନ, ପୁଣି ବୟସ୍କ ଲୋକଙ୍କୁ ଦେଲେ ସେଇଟା ଲାଞ୍ଚ କୁହାଯାଏନି ବୁଝିଥିବା ନିତେଇ ଅଣ୍ଟାରୁ କୋଡ଼ିଏ ଟଙ୍କା କାଢ଼ି ଅବଧାନଙ୍କ ହାତକୁ ବଢ଼େଇ ଦେବା ପରେ ସେ କହିଲେ ହୁଣ୍ଡାଟା। ଟଙ୍କା କ'ଣ ଏମିତି ରଖାଯାଏ! ମୁଁ ବୋଲି ନଉଛି, ଆଉ କେହି ହୋଇଥିଲେ ଭାଙ୍ଗପଡ଼ି ଅଳ୍ପକେ ଚିରିବାକୁ ବସିଥିବା ଏ ଟଙ୍କାକୁ କିଏ ନିଅନ୍ତା ତୋ ହାତରୁ!



ସେଦିନ କାହିଁକି କେଜାଣି ସବୁଠୁ ବିଶ୍ୱସ୍ତ ଲାଗୁଥିବା ଅବଧାନଙ୍କ କଥା ନିତେଇକୁ କେମିତି କେମିତି ଲାଗୁଥିଲାବେଳେ ପୁଅ କହୁଥିଲା ବାପା ମୋ' ବହି ଆଣିଲ? ଝିଅ କହୁଥିଲା ମୋ' ପାଇଁ ନାଲି ସୋଏଟର କେବେ ଆଣିବ ବାପା! ତ ସେତିକି ବେଳେ ସ୍ତ୍ରୀ କହୁଥିଲା ମୋର ନାକଫୁଲ ଆଣିବା ଦରକାର ନାହିଁ। ପିଲାଙ୍କ ଆବଶ୍ୟକତା ପୂରଣ କରିବାକୁ ନିଅ ଏଇ ଟଙ୍କା। ଏକକାଳୀନ ଦୁଇହଜାର ଟଙ୍କା ଦେଖି ନିତେଇର ଅପାଠୁଆ ମନରେ ବିବେକ, ବୁଦ୍ଧି ଓ ଜ୍ଞାନ ଉଦୟ ହୋଇଥିଲା। ନିତେଇ ଭାବୁଥିଲା ଏଇ ସ୍ତ୍ରୀ ହାତ ଧରି ଚାଲିବାକୁ ବେଦିରେ ବସିବାଦିନୁ କଥା ଦେଇ ତା' କଥା ରଖିଆସିଛି ସେ ଆଜିଯାଏଁ ବିନା ଭେଜାଲରେ। ଆମ ନିଜ ବାଡ଼ିରେ ତୁମ ପରିବା ଚାଷ ସାଙ୍ଗକୁ ମାଟି ମାଆ ସାହାଯ୍ୟରେ କଣ୍ଢେଇ ଗଢ଼ି ଅଳ୍ପ ରଙ୍ଗ ଦେଇ ବିକ୍ରି କରି ହାତଧରି ସାଥୀ ଜାନକୀ ସ୍ୱାମୀ ନିତେଇ ପଛେ ପଛେ ତାଙ୍କ ନିଜ ଘର ପଛପଟକୁ ଦୁହେଁ ଚାଲୁଥିଲେ ସଂସାର ନାଆ ଆଗକୁ ବାହିନେବାକୁ। ଅପାଠୁଆ ନିତେଇ ବୁଝିଯାଇଥିଲା ସ୍ତ୍ରୀଟା ତା'ର ନଈ ପରି ସଂସାର ନାଆରେ ଆହୁଲାଟିଏ।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଭାରତ-ଇଂଲଣ୍ଡ ଫାଇନାଲ

## ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ କ୍ୱାଲିଫାୟର୍ସ




ଇଟାଲୀ ବିପକ୍ଷରେ ଗୋଲ୍ ସ୍କୋର ପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

ହାଇଦ୍ରାବାଦ, ୧୩।୩

ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ କ୍ୱାଲିଫାୟର୍ସର ଫାଇନାଲରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତ ୧-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଇଟାଲୀ। ତେବେ ୪୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରରୁ ମନିଷା ଚୌହାନ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପୂର୍ବରୁ ହକି ବିଶ୍ୱକପପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ଭାରତ ଶନିବାର ଫାଇନାଲରେ ଇଂଲଣ୍ଡକୁ ଭେଟିବ। ସେହିଦିନ ସ୍କଟଲାଣ୍ଡ ଓ ଇଟାଲୀ ମଧ୍ୟରେ ତୃତୀୟ ସ୍ଥାନଲାଗି ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ୨-୦ ଗୋଲରେ ସ୍କଟଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ୨୫ତମ ମିନିଟରେ ଲୋଟେ ବିଙ୍ଗହାମ ଏବଂ ୨୯ତମ ମିନିଟରେ ଡାର୍ସି ବର୍ନ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ବେଳକୁ ଇଂଲଣ୍ଡକୁ ୨-୦ରେ ଅଗ୍ରଣୀ କରିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ।

# ଟପ୍ସରେ ପ୍ରମୋଦ

ନୂଆଦିଲ୍ଲୀ, ୧୩।୩(ପି.ଟି.)

ବର୍ତ୍ତମାନ ପ୍ରଦର୍ଶନର ମୂଲ୍ୟାଙ୍କନ ପରେ ଉଦୀୟମାନ ପିସ୍ତଲ ଶୁଟର ସମ୍ରାଟ ରାଣା, ସୁରୁଚି ସିଂ, ଏସିଆନ ସ୍ୱର୍ଣ୍ଣପଦକ ବିଜୟୀ ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂ ଏବଂ ଓଡ଼ିଶାର ୱାର୍ଲ୍ଡ ଚାମ୍ପିୟନ ପାରା ଶଟଲର ପ୍ରମୋଦ ଭଗତଙ୍କୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍(ଟପ୍ସ)ର କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ପ୍ରଦର୍ଶନର ଧାର୍ଯ୍ୟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିବା ବ୍ୟାଡ୍‌ମିଣ୍ଟନ ଷ୍ଟାର ଏଚ୍ .ଏସ୍ ପ୍ରଣୟ, ପୂର୍ବତନ ଏସିଆନ ସ୍ୱର୍ଣ୍ଣପଦକ ବିଜୟୀ ରାଇଫଲ ଶୁଟର ଦିବ୍ୟାଂଶ ସିଂ ପାନୱର ଓ ରେସ୍‌ଲର ଦୀପକ ପୁନିଆଙ୍କ ଭଳି ପ୍ରମୁଖ ଆଥ୍‌ଲେଟ୍‌ଙ୍କୁ କୋର୍ ଗ୍ରୁପ୍‌ରୁ ବାଦ୍ ଦିଆଯାଇଛି।

ଟପ୍ସ ସିଇଓ ଏନ୍.ଏସ୍ ଜୋହାଲଙ୍କ ନେତୃତ୍ୱରେ ବସିଥିବା ମିଶନ ଅଲିମ୍ପିକ୍ ସେଲ୍ (ଏମ୍ଓସି)ର ୧୬୯ତମ ବୈଠକରେ ନୂଆ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ୫୬ ଆଥ୍‌ଲେଟ ସ୍ଥାନ ପାଇଛନ୍ତି। ପ୍ରମୋଦ ଚଳିତବର୍ଷ କ୍ୟାରିୟରର ୬ଷ୍ଠ ବିଶ୍ୱ ଟାଇଟଲ ଜିତିଛନ୍ତି। ୩୭ ବର୍ଷୀୟ ପ୍ରମୋଦ ଜଣେ ପୂର୍ବତନ ପାରାଲିମ୍ପିକ ସ୍ୱର୍ଣ୍ଣପଦକଧାରୀ। ଲଗାତର ୩ଥର ଟେଷ୍ଟ ମିସ୍ କରିବା କାରଣରୁ ଆଣ୍ଟି-ଡୋପିଂ ନିୟମ ଉଲ୍ଲଂଘନ କରିବା ପାଇଁ ୩ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶ ଶେଷହେବା ପରେ ସେ ଗତବର୍ଷ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ଫେରିଥିଲେ।

# ଦିଲ୍ଲୀ ହରିକେନ୍ସକୁ ହାଟ୍ରିକ ଟାଇଟଲ




କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଜାତୀୟ ରଗ୍‌ବୀ ୧୫ଏସ୍ ପ୍ରତିଯୋଗିତାର ପୁରୁଷ ବର୍ଗ ଚାମ୍ପିୟନ ଦିଲ୍ଲୀ ହରିକେନ୍ସ ଦଳ।

## ଜାତୀୟ ରଗ୍‌ବୀ ୧୫ଏସ୍

ଭୁବନେଶ୍ୱର, ୧୩।୩(ଅନାଦି କର)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଡିଭିଜନ-୧ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବିଭାଗ ଫାଇନାଲରେ ଦିଲ୍ଲୀ ହରିକେନ୍ସ ୪୫-୧୨ ବ୍ୟବଧାନରେ ବମ୍ବେ ଜିମଖାନାକୁ ହରାଇ ତା'ର ଟାଇଟଲ ଡିଫେଣ୍ଡ କରିଛି। ଏହା ଦିଲ୍ଲୀ ଦଳର କ୍ରମାଗତ ତୃତୀୟ ଟାଇଟଲ। ବିଜୟୀ ଦଳ ପାଇଁ ନୀରଜ, ପ୍ରଦୀପ କୁମାର ତାନୱର, ମନୁ ତାନୱାର, ଅନିକେତ, ଅଭିଷେକ ଶୁକ୍ଲା ଓ ପ୍ରିନ୍ସ ଖତ୍ରି ଟ୍ରାଏ ସ୍କୋର କରିଥିଲେ। ଏଥିପୂର୍ବରୁ ତୃତୀୟ ସ୍ଥାନ ଲାଗି ଖେଳାଯାଇଥିବା ପ୍ଲେଅଫ୍ ମ୍ୟାଚ୍‌ରେ ଫ୍ୟୁଚର ହୋପ ହାର୍ଲିକୁଇନ୍ସ ୩୧-୧୨ ବ୍ୟବଧାନରେ କିସ୍‌କୁ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର-କମ-ସଚିବ ଭୁପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ସମ୍ପାଦକ ଜେରାଲ୍ଡ ପ୍ରଭୁ, ଓଏସ୍‌ଡି ସାଶ୍ୱତ କୁମାର ରାଉତ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ଉପ ସଭାପତି ଉପେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ।

## ସନରାଇଜର୍ସ ପାକିସ୍ତାନୀ ଖେଳାଳିଙ୍କୁ କିଣିବା ଘଟଣା

# ମୁହଁ ଖୋଲିଲା ବିସିସିଆଇ

ମୁମ୍ବାଇ, ୧୩।୩(ପି.ଟି.)

ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆରଏଚ୍)ର ସହ ଫ୍ରାଞ୍ଚାଇଜ ସନରାଇଜର୍ସ ଲିଡ୍ସ ଦି ହଣ୍ଡ୍ରେଡ୍ ଅକ୍ସନରେ ପାକିସ୍ତାନୀ ସ୍ପିନର ଆବ୍ରାର ଅହମଦଙ୍କୁ କିଣିବାକୁ ନେଇ ଦେଖାଦେଇଥିବା ବିବାଦ ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ମୁହଁ ଖୋଲିଛି।

ଏହା ଆମ ଅଧୀନରେ ନାହିଁ। ସେମାନେ ବିଦେଶୀ ଲିଗ୍‌ରେ କୌଣସି ପାକିସ୍ତାନୀ ଖେଳାଳିଙ୍କୁ କିଣିଛନ୍ତି। ବିଦେଶୀ ଲିଗ୍‌ରେ କେଉଁ ଫ୍ରାଞ୍ଚାଇଜ କାହାକୁ କିଣୁଛନ୍ତି, ସେଥିରେ ବିସିସିଆଇ ହସ୍ତକ୍ଷେପ କରିପାରିବ ନାହିଁ। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ଫ୍ରାଞ୍ଚାଇଜ ଉପରେ ନିର୍ଭର କରେ ବୋଲି ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଲା କହିଛନ୍ତି। ସନରାଇଜର୍ସ ଲିଡ୍ସ ପାକିସ୍ତାନୀ ଲେଗ ସ୍ପିନର ଅହମଦଙ୍କୁ ପ୍ରାୟ ୨.୩୪ କୋଟି ଟଙ୍କାରେ ଦଳରେ ସାମିଲ କରିଛି। ଏଥିଯୋଗୁ ସେ ପ୍ରଥମ ପାକିସ୍ତାନୀ ଖେଳାଳି ଭାବେ କୌଣସି ଭାରତୀୟ ଫ୍ରାଞ୍ଚାଇଜ ସହ ଚୁକ୍ତି କରିଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆରେ ଏସ୍ଆର୍ଏଚ୍‌କୁ ଖୁବ ସମାଲୋଚନା କରାଯାଉଛି।

# ପୂର୍ବାଞ୍ଚଳ ଦଳରେ ୪ ଓଡ଼ିଆ

## ସିନିୟର ମହିଳା ଆନ୍ତଃଜୋନାଲ ଟ୍ରଫି

କଟକ, ୧୩।୩(କୁମାରଶ୍ରୀ)

ସିନିୟର ମହିଳା ଆନ୍ତଃଜୋନାଲ ଏକାଧିକ ଦିବସବିଶିଷ୍ଟ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ଏପ୍ରିଲ ୩ରୁ ଆରମ୍ଭ ହେବ। ଏଥିନିମନ୍ତେ ଘୋଷିତ ପୂର୍ବାଞ୍ଚଳ ଦଳରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ବ୍ୟାଟର ସରିତା ମେହେର, ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ, ବ୍ୟାଟର ମାଧୁରୀ ମେହେଟା ଏବଂ ମିଡିୟମ ପେସ୍ ବୋଲର ରିମାଲକ୍ଷ୍ମୀ ଏକ୍କା। ମାଧୁରୀଙ୍କୁ ପୂର୍ବାଞ୍ଚଳ ଦଳର ଉପଅଧିନାୟିକା ଦାୟିତ୍ୱ ମିଳିଛି। ବେଙ୍ଗଲର ସାଇକା ଇଶାକ୍ ଅଧିନାୟିକା ରହିଛନ୍ତି। ନିକଟ ଅତୀତରେ ଶେଷ ହୋଇଥିବା ସିନିୟର ମହିଳା ଏକଦିବସୀୟ ଟ୍ରଫିରେ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହି ୪ ଓଡ଼ିଆ ଖେଳାଳିଙ୍କୁ ପୂର୍ବାଞ୍ଚଳ ଦଳରେ ସ୍ଥାନ ମିଳିଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଉପରୋକ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଏସ୍‌ଜେଏଫ୍ଆଇ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୧୩।୩




ଉଦ୍‌ଘାଟନୀ ଅବସରରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖାଡ୍‌ସେ।

ସ୍ପୋର୍ଟ୍ସ ଜର୍ନାଲିଷ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍ଆଇ)ର ୫୦ତମ ବାର୍ଷିକ ସମ୍ମିଳନୀ ଶୁକ୍ରବାର ନୂଆଦିଲ୍ଲୀର ମେଜର ଧ୍ୟାନ ଚାନ୍ଦ ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖାଡ୍‌ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ୪ ଦିନ ଧରି ଚାଲିବାକୁଥିବା ଏହି ସମ୍ମିଳନୀରେ ପ୍ରତିଦିନ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସାଙ୍ଗକୁ ସୁନାମଧନ୍ୟ କ୍ରୀଡ଼ାବିତ୍‌ଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଚଳିତ ବର୍ଷ ଏସ୍‌ଜେଏଫ୍ଆଇ ତା'ର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରୁଛି। ଅତିଥିମାନେ ନ୍ୟୁଜ୍ ଲେଟର 'ଦିଲ୍ଲୀ ରନ୍ସ', ଜେକେ ବୋଷ୍ ଟି୨୦ ଟ୍ରଫି ଓ ଏସି ବାଲି ଟିଟି ଟ୍ରଫି ଉନ୍ମୋଚନ କରିଛନ୍ତି। ସମ୍ମିଳନୀରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ୍ ଆସୋସିଏଶନ (ଓସ୍‌ଜା)ର ୫ ସଦସ୍ୟ ସଭାପତି ସନ୍ଦୀପ ମିଶ୍ର, ସମ୍ପାଦକ ସୁରେଶ ସ୍ୱାଇଁ, ସଦସ୍ୟ ବିମଳ କୁମାର ରାଉଳ, ଦୀପ୍ତିରଞ୍ଜନ ସାମଲ ଓ ତୁଷାର ସେନାପତି ଯୋଗଦେଇଛନ୍ତି। ଶନିବାର ଟି୨୦ କ୍ରିକେଟ୍‌ର ପ୍ରଥମ ମ୍ୟାଚ୍ ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଖେଳାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ଜେଏଫ୍ଆଇର ସଭାପତି, ସମ୍ପାଦକ, ଆୟୋଜକ ଦିଲ୍ଲୀ ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ ଓ ୧୮ଟି ରାଜ୍ୟ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଫାଇନାଲରେ ନିମପୁର ଓଡ଼ିଶା

ବନ୍ତ, ୧୩।୩ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଗିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଗିଲୋ କପ୍‌ର ୮ମ ଦିନ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ନିମପୁର ଓଡ଼ିଶା ଏବଂ ନେସ୍କେଜ୍ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିମପୁର ୨୦ ଓଭରରେ ୯ ଉଇକେଟ୍ ହରାଇ ୧୭୧ ରନ୍ କରିଥିଲା। ଦଳ ପକ୍ଷରୁ ରାଜେଶ ଧୁପେର ୪୭, ସୌମ୍ୟ ଲେଙ୍କା ୩୬ ଓ ରାମଚନ୍ଦ୍ର ବେହେରା ୨୧ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ନୋମାନ ମଞ୍ଜୁର ୩, କମଲ ଶର୍ମା ୨ ଓ ବିବେକ ସିଂହ ୨ ଉଇକେଟ ନେଇଥିଲେ। ନେସ୍କେଜ୍ ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ଫଳରେ ନିମପୁର ଓଡ଼ିଶା ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ନେସ୍କେଜ୍ ହାଇଦ୍ରାବାଦର ବିବେକ ସିଂହ ୪୫ ଓ ସୁବାସ ସିଂହ ୪୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ରାମଚନ୍ଦ୍ର ୩, ତାରିଣୀ ସା ଓ ରାକେଶ ପଟ୍ଟନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରାମଚନ୍ଦ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ବିଭୁପ୍ରସାଦ ମିଶ୍ର, ଅଶୋକ କୁମାର ରାଉତ ଓ ସ୍କୋରର ସୌରଜିତ୍ ସାହୁ ଦାୟିତ୍ୱ ତୁଲାଇଥିଲେ। ଶନିବାର ସିଏଜି ଦିଲ୍ଲୀ ଓ ଏ ଆଣ୍ଡ ଏସ୍ କୋଲକାତା ମଧ୍ୟରେ ୨ୟ ସେମିଫାଇନାଲ ଅନୁଷ୍ଠିତ ହେବ।

# 'ବିଶ୍ୱକପ୍‌ରୁ ଆମକୁ କେହି ବାଦ୍ ଦେଇପାରିବେ ନାହିଁ'

## ଟ୍ରମ୍ପଙ୍କୁ ଇରାନ ଫୁଟ୍‌ବଲ ଦଳର ଜବାବ

ଜେନେଭା, ୧୩।୩(ଏପି)

ଚଳିତ ବର୍ଷ ଆମେରିକାରେ ହେବାକୁଥିବା ଫିଫା ପୁରୁଷ ବିଶ୍ୱକପ୍‌ରେ ଖେଳିବା ପାଇଁ ଆମକୁ କେହି ରୋକିପାରିବେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଫୁଟ୍‌ବଲ ଦଳ ପକ୍ଷରୁ ଏଭଳି ଜବାବ ଦିଆଯାଇଛି। ଏଥିସହିତ ଦଳର ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ କରାଯାଇଥିବା ଏକ ପୋଷ୍ଟରେ ଇରାନିଆନ୍ ଖେଳାଳିଙ୍କ ସୁରକ୍ଷା ଗ୍ୟାରେଣ୍ଟି ଦେଇପାରୁ ନ ଥିବାରୁ ଆୟୋଜକ ଦେଶକୁ ଟୁର୍ନାମେଣ୍ଟରୁ ବାଦ୍ ଦେବାକୁ ପରାମର୍ଶ ଦିଆଯାଇଛି। ଗତ ଗୁରୁବାର ଟ୍ରମ୍ପ୍ ସୋସିଆଲ ମିଡିଆରେ ଇରାନ୍ ଫୁଟବଲ ଦଳ ପାଇଁ ଏକ ଚେତାବନୀପୂର୍ଣ୍ଣ ପୋଷ୍ଟ କରିଥିଲେ। ଇରାନ ସହ ଯୁଦ୍ଧ ଚାଲିଥିବା ସତ୍ତ୍ୱେ ଇରାନ ଦଳକୁ ବିଶ୍ୱକପ୍‌ରେ ସ୍ୱାଗତ କରାଯିବ। କିନ୍ତୁ ମୋ ମତରେ ସେମାନେ ଖେଳିବାକୁ ଆସିବା ଉଚିତ୍ ନୁହେଁ। କାରଣ ସେମାନଙ୍କ ଜୀବନ ଓ ସୁରକ୍ଷା ପ୍ରତି ଆମେରିକାରେ ବିପଦ ରହିଛି। ବିଶ୍ୱକପ୍ ଲାଗି ଘୋଷିତ କାର୍ଯ୍ୟସୂଚୀ ମୁତାବକ, ଇରାନ ଆମେରିକାରେ ତା'ର ୩ଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ।

'ଫିଫା ବିଶ୍ୱକପ୍ ଏକ ଐତିହାସିକ ଅନ୍ତର୍ଜାତୀୟ ଇଭେଣ୍ଟ। ଏହାକୁ ଫିଫା ପରିଚାଳନା କରେ। କୌଣସି ଦେଶ କିମ୍ବା ବ୍ୟକ୍ତି ଏହାକୁ ପରିଚାଳନା କରନ୍ତି ନାହିଁ। ଇରାନ ଜାତୀୟ ଦଳକୁ ବିଶ୍ୱକପ୍‌ରେ ଖେଳିବାରୁ କେହି ରୋକିପାରିବେ ନାହିଁ। ବୋଲି ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି।

# 'ଧୋନୀଙ୍କ ବିନା ସିଏସ୍‌କେ ଅସମ୍ପୂର୍ଣ୍ଣ'

ନୂଆଦିଲ୍ଲୀ, ୧୩।୩

ଭାରତର ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନଙ୍କ ମତରେ ଆଗାମୀ ଆଇପିଏଲ୍‌ରେ କିମ୍ବଦନ୍ତୀ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ସମ୍ଭବତଃ ଅନ୍ତିମ ଥର ପାଇଁ ହଳଦିଆ ଜର୍ସିରେ ନଜର ଆସିବେ। ଏପରିକି ଧୋନୀଙ୍କ ବିନା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅସମ୍ପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି। ''ଧୋନୀଙ୍କ ବିନା ସିଏସ୍‌କେ ଅସମ୍ପୂର୍ଣ୍ଣ। ଏହି ସିଜନରେ ଆମେ ସମ୍ଭବତଃ ତାଙ୍କୁ ଅନ୍ତିମ ଥର ହଳଦିଆ ଜର୍ସିରେ ଦେଖିବା। ତାଙ୍କ ବିନା ସିଏସ୍‌କେ ଓ ଆଇପିଏଲ୍ କଥା ଚିନ୍ତା କରିବା କଷ୍ଟକର। ଚଳିତ ସିଜନରେ ଧୋନୀ ସଭିଙ୍କୁ ଏକତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମାତ୍ର ସେ କେତେ ମ୍ୟାଚ୍ ଖେଳିବେ, ତାହାକୁ ନେଇ ମୁଁ ନିଶ୍ଚିତ ନୁହେଁ। କିନ୍ତୁ ତାଙ୍କ ଉପସ୍ଥିତି ଡ୍ରେସିଂ ରୁମ୍‌ରେ ସାହାଯ୍ୟ କରିବ ବୋଲି ପଠାନ ଜିଓ ହଟଷ୍ଟାରରେ କହିଛନ୍ତି।

# ଡୁପ୍ଲାଣ୍ଟିସ ୧୫ ଥର ବିଶ୍ୱ ରେକର୍ଡ ଭାଙ୍ଗିଲେ

ଉପସାଲା, ୧୩।୩ (ପି.ଟି.)




ନିଜ ବିଶ୍ୱ ରେକର୍ଡ ଭାଙ୍ଗିବାପରେ ଆର୍ମଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ।

ସ୍ୱିଡିଶ୍ ପୋଲ୍ ଭଲ୍ଟର ଆର୍ମଣ୍ଡ ମୋଣ୍ଡୋ ଡୁପ୍ଲାଣ୍ଟିସ ୧୫ତମ ଥର ପାଇଁ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ଏଥର ସେ ୬.୩୧ ମିଟର(୨୦ ଫିଟ୍) ଉଚ୍ଚତା କ୍ଲିଅର କରିଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ତାଙ୍କ ନାମରେ ରଖାଯାଇଥିବା ପ୍ରତିଯୋଗିତା 'ମୋଣ୍ଡୋ କ୍ଲାସିକ୍'ରେ ସେ ଏହି ସଫଳତା ପାଇଛନ୍ତି। ଏହା ତାଙ୍କର କ୍ରମାଗତ ୩୮ତମ ପୋଲ ଭଲ୍ଟ ବିଜୟ ଏବଂ ଏହି ଧାରା ୨୦୨୩ ଅଗଷ୍ଟରୁ ଜାରି ରହିଛି। ଗତବର୍ଷ ସେ ବିଶ୍ୱ ଚାମ୍ପିୟନ ଓ ୨୦୨୪ରେ ପ୍ୟାରିସ୍ ଅଲିମ୍ପିକ୍ସରେ ରେକର୍ଡ ଭାଙ୍ଗିଥିଲେ। ତେବେ ୨୦୨୦ଠାରୁ ସେ ପ୍ରତ୍ୟେକଥର ନିଜ ରେକର୍ଡକୁ ୧ ସେଣ୍ଟିମିଟର ବ୍ୟବଧାନରେ ଭଙ୍ଗ କରିଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ୟୁକ୍ରେନ୍‌ର ସେର୍ଗି ବୁବକାଙ୍କ ନାମରେ ସର୍ବାଧିକ ଥର ରେକର୍ଡ ଭଙ୍ଗ କରିବାର ଉପଲବ୍ଧି ରହିଛି। ସେ ୧୯୮୦ ଓ ୯୦ ଦଶକରେ ଆଉଟ୍‌ଡୋରରେ ୧୭ଥର ଓ ଇନ୍‌ଡୋର ପ୍ରତିଯୋଗିତାରେ ୧୮ଥର ରେକର୍ଡ ଭଙ୍ଗ କରିଥିଲେ। ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟର ପରିଚାଳନା ସଂସ୍ଥା ୨୦୦୦ରେ ନିୟମ ବଦଳାଇବା ପରେ କେବଳ ଗୋଟିଏ ରେକର୍ଡକୁ ମାନ୍ୟତା ଦିଆଯାଉଛି।

# କ୍ୱାର୍ଟର ଫାଇନାଲରେ କିଶୋର ସ୍ପୋର୍ଟିଂ

ଭୁବନେଶ୍ୱର, ୧୩।୩(ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ 'ଖିମ୍‌ଜୀ କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିସିସିଆଇ ମ୍ୟାଚ୍ ରେଫରି ତଥା ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର ଏବଂ ପୂର୍ବତନ ରଣଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲରେ ନିମପୁର ସ୍ପୋର୍ଟିଂକୁ ୪୮ ରନ୍‌ରେ ହରାଇ କିଶୋର ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କିଶୋର ସ୍ପୋର୍ଟିଂ ବିଶ୍ୱଭୂଷଣ ବିହାରୀଙ୍କ ଶତକ ସହାୟତାରେ ୩୯.୩ ଓଭରରେ ୨୮୧ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ବିଶ୍ୱଭୂଷଣ ୭୫ ବଲ୍‌ରୁ ୧୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୧୦୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକ୍ରମ ୪୪ ଓ ନରସିଂହ ତ୍ରିପାଠୀ ୩୩ ରନ୍ କରିଥିଲେ। ବିପକ୍ଷ ଦଳର ଅଙ୍କିତ ବେହେରା ୪ଟି ଏବଂ ଆନନ୍ଦ କୁମାର ଓ ପ୍ରବୀଣ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ।

## ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ ଉଦ୍‌ଘାଟିତ

ଜବାବରେ ନିମପୁର ସ୍ପୋର୍ଟିଂ ୩୫.୧ ଓଭରରେ ୨୩୩ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ମିଡଲ ଅର୍ଡରରେ ଆନନ୍ଦ କୁମାର ୬୨ ଓ ପ୍ରବୀଣ ଯାଦବ ୫୪ ରନ୍ କରିଥିଲେ। ବିଜୟୀ ଦଳର ଆର୍. ଦେବା ୩ଟି ଏବଂ ବି. ଶିବା ଓ ବିଶ୍ୱଭୂଷଣ ବିହାରୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ବିଶ୍ୱଭୂଷଣ ବିହାରୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପସଭାପତି ସଞ୍ଜୀବ ହଂସ ପୁରସ୍କାର ପ୍ରଦାନ କରିଥିଲେ। ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଅମରେଶ ଜେନା, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌମ୍ୟରଞ୍ଜନ ପରିଜା, ପ୍ରତାପ ଜେନା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ମୁକ୍ତେଶ୍ୱର କ୍ରିକେଟ କ୍ଲବ ସଭାପତି ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରୁଜିତ ସିଂ ଚୌହାନ, ସମ୍ପାଦକ ଗୌରପ୍ରସାଦ ନନ୍ଦ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

# କେକେଆର୍‌ରେ ମୁଜାରବାନି

କୋଲକାତା, ୧୩।୩

ଆସନ୍ତା ଆଇପିଏଲ୍ ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର) ଫ୍ରାଞ୍ଚାଇଜ୍ ଜିମ୍ବାୱେ ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କ ସହ ଚୁକ୍ତି କରିଛି। ଏହି ଚୁକ୍ତିପରେ ସେ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ରୁ ଓହରି ଯାଇଛନ୍ତି। ଏ ସମ୍ପର୍କରେ ସେ ନିଜ ପିଏସ୍ଏଲ୍ ଫ୍ରାଞ୍ଚାଇଜ୍ ଇସଲାମାବାଦ ୟୁନାଇଟେଡକୁ ଜଣାଇ ଦେଇଛନ୍ତି। କେକେଆର ଖେଳାଳି ନିଲାମରେ ବାଂଲାଦେଶ ବାମହାତୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା। ମାତ୍ର ଏକ ବିବାଦୀୟ ଘଟଣା କ୍ରମରେ ମୁସ୍ତାଫିଜୁରଙ୍କୁ କୋକେଆର ଦଳରୁ ବାଦ୍ ଦିଆଯାଇଥିଲା। ଏହାପରେ ମୁସ୍ତାଫିଜୁର ପିଏସଏଲ୍‌ରେ ଲାହୋର କ୍ୱାଲାଣ୍ଡର୍ସ ଦଳ ସହ ଚୁକ୍ତି କରିଥିଲେ। ଏବେ ମୁସ୍ତାଫିଜୁରଙ୍କ ସ୍ଥାନରେ କୋଲକାତା ଦଳରେ ମୁଜାରବାନିଙ୍କୁ ନିଆଯାଇଛି। ମୁଜାରବାନୀ ପୂର୍ବରୁ ମୁଲତାନ ସୁଲତାନ୍ସ ଦଳରେ ରହି ପିଏସ୍ଏଲ୍ ଟାଇଟଲ ଜିତି ସାରିଛନ୍ତି। ଏଥର ତାଙ୍କୁ ଅକ୍ସନ ସମୟରେ କୌଣସି ଫ୍ରାଞ୍ଚାଇଜ୍ କିଣି ନ ଥିଲେ। ପରେ ଇସଲାମାଦ ଦଳ ସହିତ ସିଧାସଳଖ ଚୁକ୍ତିବଦ୍ଧ ହୋଇଥିଲେ। ଆଇପିଏଲ୍‌ର ୨ ଦିନ ପୂର୍ବରୁ ଆସନ୍ତା ୨୬ ତାରିଖରୁ ପିଏସଏଲ୍ ଆରମ୍ଭ ହେବ।

# ପ୍ରଥମଥର ୬ ଇନ୍‌ଡୋର କୋର୍ଟରେ ହେବ ଜାତୀୟ ଭଲିବଲ

ଭୁବନେଶ୍ୱର, ୧୩।୩ (ତପନ ସ୍ୱାଇଁ)




ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଫ୍ଆଇଭିବି) ଅନୁମୋଦନକ୍ରମେ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଚଳିତ ମାସ ୧୫ରୁ ୨୦ ପର୍ଯ୍ୟନ୍ତ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତୀୟ ଭଲିବଲ ଇତିହାସରେ ପ୍ରଥମଥର ପାଇଁ କୌଣସି ଏକ ଜାତୀୟ ପ୍ରତିଯୋଗିତା ଗୋଟିଏ ଇନ୍‌ଡୋର ଷ୍ଟାଡିୟମର ୬ଟି କୋର୍ଟରେ ଖେଳାଯିବ। ଏଫ୍ଆଇଭିବି ଭଲିବଲ ବିଚ୍ ପ୍ରୋ ଟୁର୍ ଚ୍ୟାଲେଞ୍ଜ-୨୦୨୬କୁ ସଫଳତାର ସହ ସମ୍ପନ୍ନ କରିବାପରେ କିଟ୍ ବିଶ୍ୱବିଦ୍ୟାଳୟ ଏହି ସମ୍ମାନଜନକ ଜାତୀୟ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ଆଗାମୀ ପ୍ରତିଯୋଗିତାରେ ପାଖାପାଖି ୩୦ ରାଜ୍ୟ ଓ ୨ ଅନୁଷ୍ଠାନରୁ ଦଳଗୁଡ଼ିକ ଅଂଶଗ୍ରହଣ କରିବା ଆଶା କରାଯାଉଛି। ଫଳରେ ଅନ୍ୟୁନ ୧୨୦୦ ଖେଳାଳି, ଅଫିସିଆଲ ଓ ବୈଷୟିକ ପ୍ରତିନିଧି ଏଠାରେ ଏକତ୍ରିତ ହେବେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଏବଂ ସର୍ଭିସେସ୍ ପରି ଅଗ୍ରଣୀ ଅନୁଷ୍ଠାନର ଦଳ ଏଥିରେ ଭାଗନେବାକୁ ଥିବାରୁ ପ୍ରତିଯୋଗିତାର ଗୁରୁତ୍ୱ ବଢ଼ିଯାଇଛି। 'ନିରନ୍ତର ପ୍ରୟାସ ସହ ଆମେ ବହୁବର୍ଷ ଧରି ଭଲିବଲ୍‌କୁ ଓଡ଼ିଶାରେ ପ୍ରୋତ୍ସାହିତ କରିଆସୁଛୁ। ଭବିଷ୍ୟତରେ ମଧ୍ୟ ଏହି କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ ଜାରି ରହିବ'' ବୋଲି ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ମୁଖ୍ୟ ପୃଷ୍ଠପୋଷକ ତଥା ଓଭିଏ ସଭାପତି ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଗତ କିଛିବର୍ଷ ମଧ୍ୟରେ ଅନେକ ବଡ଼ ଜାତୀୟ ଭଲିବଲ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜନ ହୋଇଛି। ଏହା ମଧ୍ୟରେ ୬୮, ୬୯ ଓ ୭୦ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଏବଂ ୩୪ତମ ଫେଡେରେଶନ କପ୍ ଅନ୍ତର୍ଭୁକ୍ତ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ